
୬୨ତମ ବର୍ଷ | ୨୪ ଏପ୍ରିଲ ୨୦୧୯ | ଦ୍ୱିତୀୟ ସଂଖ୍ୟା

# ନବଜ୍ୟୋତି

ନବଜ୍ୟୋତି କାର୍ଯ୍ୟାଳୟ, ପବ୍‌ଲିକେସନ୍ ଡିପାର୍ଟମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨



Let us work as we pray, for indeed work is the body's best prayer to the Divine.

Let us work as we pray, for indeed work is the body's best prayer to the Divine.

The Mother

11 December 1945
(CWM-14, p. 299)

ପ୍ରାର୍ଥନା କରିବା ସଙ୍ଗେ ସଙ୍ଗେ ଆମେ କର୍ମ ବି କରି ଯାଉଥିବା; କାରଣ ସେହି କର୍ମହିଁ ବସ୍ତୁତଃ ଦିବ୍ୟ ପରମଙ୍କ ଉଦ୍ଦେଶ୍ୟରେ ଶରୀରର ସର୍ବୋତ୍ତମ ପ୍ରାର୍ଥନା ।

ଶ୍ରୀମା

୬୨ତମ ବର୍ଷ ୨୪ ଏପ୍ରିଲ ୨୦୧୯ ଦ୍ୱିତୀୟ ସଂଖ୍ୟା

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି
ସଂପାଦକ : ଶ୍ରୀ ବିଶ୍ୱମ୍ଭର ସାମନ୍ତ

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

# ସୂଚୀପତ୍ର

[ନବଜ୍ୟୋତି • ଏପ୍ରିଲ, ୨୦୧୯]


**ଯୋଗ-ଦର୍ଶନ**

| | | | |
|---|---|---|---|
| ଶ୍ରୀଅରବିନ୍ଦଙ୍କ ବାଣୀ | ... | ... | ... ୫ |
| ମାତୃବାଣୀ | ... | ... | ... ୬ |
| କର୍ମଯୋଗ | ... | ଶ୍ରୀଅରବିନ୍ଦ | ... ୯ |
| କର୍ମରେ ଏକାଗ୍ରତା | ... | ଶ୍ରୀମା | ... ୧୦ |
| କର୍ମ, ଧ୍ୟାନ ଓ ଭକ୍ତି | ... | ଶ୍ରୀଅରବିନ୍ଦ | ... ୧୨ |
| ଯେଉଁ କର୍ମ-ପ୍ରେରଣା ପଛରେ ମା'ଙ୍କର ଶକ୍ତି ଥାଏ | ... | ... | ... ୧୩ |
| କର୍ମର ଆନନ୍ଦ | ... | ଶ୍ରୀଅରବିନ୍ଦ | ... ୧୬ |
| ନିଃସ୍ୱାର୍ଥ କର୍ମ ଓ ଆରୋଗ୍ୟ | ... | ଶ୍ରୀମା | ... ୧୯ |
| କର୍ମ ସମ୍ପର୍କରେ ଶ୍ରୀମାଙ୍କ ସହ ପ୍ରଶ୍ନୋତ୍ତର | ... | ... | ... ୨୨ |
| କର୍ମହିଁ ଅନୁଭୂତିର ପାଠଶାଳା | ... | ଶ୍ରୀମା | ... ୨୫ |

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

| | | | |
|---|---|---|---|
| ବନ୍ଦେ ମାତରମ୍ | ... | ଶ୍ରୀଅରବିନ୍ଦ | ... ୨୮ |
| ଚେତନାର ଅବତରଣ (୩) | ... | ଶ୍ରୀ ନଳିନୀକାନ୍ତ ଗୁପ୍ତ | ... ୩୧ |
| ବୃହସ୍ପତି, ଆତ୍ମାର ଶକ୍ତି (ଋଗ୍‌ବେଦ : ମଣ୍ଡଳ - ୪, ସୂକ୍ତ : ୫୦, ଋଷି : ବାମଦେବ) | ... | ଶ୍ରୀଅରବିନ୍ଦ | ... ୩୪ |
| ଭଗବତ୍ ଯନ୍ତ୍ର ହେବାର ଉପାୟ : କର୍ମ | ... | ଶ୍ରୀ ରାମକୃଷ୍ଣ ଦାସ | ... ୩୭ |
| କେତୋଟି ପ୍ରଶ୍ନ ଓ ଉତ୍ତର (ଶ୍ରୀ ମନୋଜ ଦାସଙ୍କ ସହ) | ... | ... | ... ୪୧ |
| ଶ୍ରୀଅରବିନ୍ଦ ଓ ଦିଲୀପକୁମାର (୧୦) | ... | ... | ... ୪୬ |
| ୪ ଏପ୍ରିଲ ୧୯୧୦ ସ୍ମୃତି ଓ ପ୍ରତିଶ୍ରୁତି | ... | ଶ୍ରୀ ବିମଳ ପ୍ରସନ୍ନ ଦାସ | ... ୪୯ |

**ସାଧନା-ପରମ୍ପରା**

| | | | |
|---|---|---|---|
| ଅଷ୍ଟାବକ୍ର ସଂହିତା | ... | ... | ... ୫୧ |

**ଅନ୍ତରାଳ ଜଗତ୍**

| | | | |
|---|---|---|---|
| ଯାଦୁବିଦ୍ୟା | ... | ଶ୍ରୀମା | ... ୫୫ |

**ଶେଷ ପୃଷ୍ଠା**

| | | | |
|---|---|---|---|
| ହୃଦୟ ଗୁହା | ... | ଶ୍ରୀ ବିଶ୍ୱମ୍ଭର ସାମନ୍ତ | ... ୫୭ |


❖

# ଶ୍ରୀଅରବିନ୍ଦଙ୍କ ବାଣୀ

If you want to be a true doer of divine works, your first aim must be to be totally free from all desire and self-regarding ego. All your life must be an offering and a sacrifice to the Supreme; your only object in action shall be to serve, to receive, to fulfil, to become a manifesting instrument of the Divine Shakti in her works. You must grow in the divine consciousness till there is no difference between your will and hers, no motive except her impulsion in you, no action that is not her conscious action in you and through you.

(The Mother, Ch. V) – Sri Aurobindo

ଯଦି ତୁମେ ଦିବ୍ୟକର୍ମର ଯଥାର୍ଥ କର୍ମୀ ହେବାକୁ ଚାହଁ, ତେବେ ତୁମର ଲକ୍ଷ୍ୟ ପ୍ରଥମେ ହେବ ସମସ୍ତ ବାସନାରୁ, ଆତ୍ମସର୍ବସ୍ୱ ଅହଂକାରରୁ ନିଜକୁ ପୂର୍ଣ୍ଣରୂପେ ମୁକ୍ତ କରିବା । ତୁମର ସମସ୍ତ ଜୀବନ ହେବ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ଏକ ନିବେଦନ ଓ ଆତ୍ମଦାନ; କର୍ମରେ ତୁମର ଏକମାତ୍ର ଲକ୍ଷ୍ୟ ହେବ ଭାଗବତୀ ଶକ୍ତିଙ୍କ ଲୀଳାରେ ତାଙ୍କର ସେବକ ହେବା, ତାଙ୍କୁ ଧାରଣ କରିବା, ସାର୍ଥକ କରିବା, ତାଙ୍କ ପ୍ରକାଶର ଯନ୍ତ୍ର ହେବା । ଭାଗବତ ଚେତନାରେ ତୁମକୁ ପୂର୍ଣ୍ଣତର ହୋଇ ଉଠିବାକୁ ହେବ, ଯେପରି ଶେଷରେ ତୁମର ଇଚ୍ଛା ଏବଂ ତାଙ୍କର ଇଚ୍ଛା ମଧ୍ୟରେ କୌଣସି ପାର୍ଥକ୍ୟ ନ ରହେ, ତାଙ୍କର ପ୍ରେରଣା ବ୍ୟତୀତ ଆଉ କୌଣସି ସଂକଳ୍ପ ତୁମ ମନ ମଧ୍ୟରେ ସ୍ଥାନ ନ ପାଏ, ତାଙ୍କର ସଜ୍ଞାନ କର୍ମ ବ୍ୟତୀତ ତୁମ ମଧ୍ୟରେ ଏବଂ ତୁମକୁ ଆଶ୍ରୟ କରି ଆଉ କୌଣସି କର୍ମ ଯେପରି ନ ହୁଏ ।

— ଶ୍ରୀଅରବିନ୍ଦ



# ମାତୃବାଣୀ

Here, for each work given, the full strength and Grace are always given at the same time to do the work as it has to be done. If you do not feel the strength and the Grace it proves that there is some mistake in your attitude. The faith is lacking or you have fallen back on old tracks and old creeds and thus you lose all receptivity.

1 October 1952

(MCW, Vol. 17, P. 207) – The Mother

ଏଠାରେ, ପ୍ରତ୍ୟେକ କାର୍ଯ୍ୟ ଦିଆଗଲା ବେଳେ, କାର୍ଯ୍ୟଟିକୁ ସମୁଚିତ ଭାବରେ କରିବା ନିମନ୍ତେ ଯୁଗପତ୍ ଭାବରେ ଆବଶ୍ୟକ ପୂର୍ଣ୍ଣ ଶକ୍ତି ତଥା କରୁଣା ମଧ୍ୟ ପ୍ରଦତ୍ତ ହୋଇଥାଏ । ଯଦି ତୁମେ ସେହି ଶକ୍ତି ଏବଂ କରୁଣାକୁ ଅନୁଭବ କରି ପାରୁ ନାହଁ, ତେବେ ସେଥିରୁ ପ୍ରମାଣିତ ହେଉଛି ଯେ ତୁମର ଦୃଷ୍ଟିକୋଣରେ କିଛି ଭୁଲ୍ ରହିଯାଇଛି । ହୁଏତ ବିଶ୍ୱାସର ଅଭାବ ରହିଛି ଅଥବା ତୁମେ ପୁନର୍ବାର ସେହି ପୂର୍ବ ପଥ ତଥା ପୂର୍ବ ବିଶ୍ୱାସଗୁଡ଼ିକ ଉପରେ ଯାଇ ନିପତିତ ହୋଇଛ ଏବଂ ତେଣୁ ସମସ୍ତ ଗ୍ରହଣଶୀଳତାକୁ ହରାଇ ବସିଛ ।

*୧ ଅକ୍ଟୋବର ୧୯୫୨* – ଶ୍ରୀମା



# କର୍ମଯୋଗ

## ଶ୍ରୀଅରବିନ୍ଦ

ଆମ ଭିତରେ ଥିବା ଭଗବାନଙ୍କ ସହ, ଆମ ଚତୁଃପାର୍ଶ୍ୱରେ ରହିଥିବା ବିଶ୍ୱମୟଙ୍କ ସହ ଓ ଆମର ଊର୍ଦ୍ଧ୍ୱରେ ରହିଥିବା ବିଶ୍ୱାତୀତଙ୍କ ସହ ଏକ ନିବିଡ଼ ଐକ୍ୟ ଓ ଗଭୀର ସଂଯୋଗ ସ୍ଥାପନ କରି କର୍ମ କରିବା ଏବଂ ପୃଥକତାର ଭାବ ଆଣି ଦେଉଥିବା ମାନୁଷୀ ମନର ବନ୍ଦିଗୃହରେ ଆଉ ଆବଦ୍ଧ ହୋଇ ନରହିବା ଏବଂ ସେହି ମନର ଅଜ୍ଞାନ ଆଦେଶ ଓ ସଂକୀର୍ଣ୍ଣ ପ୍ରସ୍ତାବନାସବୁର ଆଜ୍ଞାବହ କ୍ରୀତଦାସ ହୋଇ ନରହିବା – ଏହାହିଁ କର୍ମଯୋଗ ।

ଏକ ଭାଗବତ ଆଦେଶ, ଏକ ଶାଶ୍ୱତ ସଂକଳ୍ପ, ବିଶ୍ୱାତୀତ ପ୍ରେରଣାରେ ଦୀକ୍ଷିତ ଏକ ବିଶ୍ୱଗତ ପ୍ରବୃତ୍ତିର ଏକାନ୍ତ ଅନୁଗତ ହୋଇ କର୍ମ କରିବା, ନିଜର ଅହଂ, ଚାହିଦା, ଆବେଗ ଓ କାମନା-ବାସନାର ଚାବୁକ ଆଘାତରେ ଇତସ୍ତତଃ ଧାବିତ ନ ହେବା, ମାନସିକ, ପ୍ରାଣିକ ଓ ଦୈହିକ ନାନା ପସନ୍ଦ ଅପସନ୍ଦର ଅଙ୍କୁଶ ତାଡ଼ନାରେ ଶାସିତ ନ ହୋଇ କେବଳ ଭଗବାନଙ୍କ ଦ୍ୱାରା ଓ କେବଳ ସର୍ବୋଚ୍ଚ ସତ୍ୟ ଦ୍ୱାରାହିଁ ଚାଳିତ ହେବା – ଏହାହିଁ କର୍ମଯୋଗ ।

ମାନୁଷୀ ଅଜ୍ଞାନତା ଭିତରେ ଆଉ ନୁହେଁ, ଭଗବତ୍ ଦିବ୍ୟଜ୍ଞାନ ଭିତରେହିଁ ବାସ କରିବା ଓ କର୍ମ କରିବା, ବ୍ୟକ୍ତି-ପ୍ରକୃତି ଓ ବିଶ୍ୱ ଶକ୍ତି ସଂପର୍କରେ ଜ୍ଞାନଲାଭ ପୂର୍ବକ ସଚେତ ରହି ବିଶ୍ୱାତୀତଙ୍କ ଶାସନ ଓ ଚାଳନା ପ୍ରତି ଗ୍ରହଣଶୀଳ ଓ ଉତ୍ତରକ୍ଷମ ହେବା – ଏହାହିଁ କର୍ମଯୋଗ ।

ଏକ ଦିବ୍ୟ, ଅନନ୍ତ ଓ ଜ୍ୟୋତିର୍ମୟ ବିଶ୍ୱଚେତନାରେ ବାସ କରିବା ଓ କର୍ମ କରିବା ଏବଂ ଯାହା ବିଶ୍ୱଗତ ସତ୍ୟଠାରୁ ଆହୁରି ଅଧିକ, ସେଥିପ୍ରତି ନିଜକୁ ଖୋଲି ଦେବା ଏବଂ ପୁରୁଣା ସଂକୀର୍ଣ୍ଣତା ଓ ଅନ୍ଧକାର ମଧ୍ୟରେ ଆଉ ଅଣ୍ଡାଳି ହୋଇ ଝୁଣ୍ଟି ନ ପଡ଼ିବା – ଏହାହିଁ କର୍ମଯୋଗ ।

ତିଷ୍ଠି ରହିଥିବା କ୍ଷୁଦ୍ର ସଂକୀର୍ଣ୍ଣତାକୁ ଦେଖି ଯେ ବିଚଳିତ ଓ କ୍ଳାନ୍ତ ହୋଇପଡ଼ନ୍ତି, ଭବିଷ୍ୟତର ବିପୁଳ ସମ୍ଭାବନା ଦେଖି ଯେ ମୁଗ୍ଧ-ଚକିତ ହୋଇ ଉଠନ୍ତି, ଯେ ମୁହୂର୍ତ୍ତକ ପାଇଁ ମଧ୍ୟ ନିଜ ଭିତରେ ବା ଚତୁଃପାର୍ଶ୍ୱରେ ବା ଊର୍ଦ୍ଧ୍ୱରେ ବିରାଜମାନ ଦିବ୍ୟପରମଙ୍କ ଦର୍ଶନ ଲାଭ କରିଛନ୍ତି, ସେ ଏହି ଆହ୍ୱାନ ଶୁଣନ୍ତୁ, ସେ ଏହି ପଥର ଅନୁସରଣ କରନ୍ତୁ । ଏହି ପଥ ନିଶ୍ଚୟ ଦୁର୍ଗମ, ଆୟାସସାଧ୍ୟ ଓ ଶ୍ରମସାପେକ୍ଷ, ଦୁରୂହ ଓ ଦୀର୍ଘ, କିନ୍ତୁ ଏହାର ପୁରସ୍କାର ହେଉଛି ଏକ ଅକଳ୍ପନୀୟ ଗୌରବରେ, ଏକ ଅତଳ ଆନନ୍ଦ, ପରମ ତୃପ୍ତି ଓ ଅନ୍ତହୀନ ବ୍ୟାପ୍ତିରେ ବାସ କରିବା ।

ସନ୍ଧାନ କର ତୁମ ନିଜ ଭିତରେ ଗୋପନ ହୋଇ ରହିଥିବା ବା ଏକ ପାର୍ଥିବ ଶରୀର ଗ୍ରହଣ କରିଥିବା ସେହି ଦିବ୍ୟଗୁରୁ ଓ ପଥପ୍ରଦର୍ଶକଙ୍କର, ତାଙ୍କର କଣ୍ଠ-ନିଃସୃତ ବାଣୀ ଶ୍ରବଣ କର, ଏବଂ ନିତ୍ୟ-ନିରନ୍ତର ସେ ନିର୍ଦ୍ଦେଶ କରୁଥିବା ପଥର ଅନୁସରଣ କର । ପଥ ଶେଷରେ ରହିଛି ସେହି ଦିବ୍ୟ-ଆଲୋକ ଯାହା କେବେ ବି ବ୍ୟର୍ଥ ହୁଏ ନାହିଁ, ସେହି ଦିବ୍ୟ-ସତ୍ୟ ଯାହା କେବେ ବି ବଞ୍ଚନା କରେ ନାହିଁ, ସେହି ଦିବ୍ୟ-ଶକ୍ତି ଯାହା କେବେ ବି ଇତସ୍ତତଃ ହୁଏ ନାହିଁ ବା ଝୁଣ୍ଟି ପଡ଼େ ନାହିଁ, ପଥ ଶେଷରେ ରହିଛି ମୁକ୍ତିର ସେହି ବିପୁଳ ପ୍ରସାର ଓ ଅନିର୍ବଚନୀୟ ଅପରୂପ ପରମ ସୌନ୍ଦର୍ଯ୍ୟ, ପରମ ଆନନ୍ଦ ।

ଊର୍ଦ୍ଧ୍ୱରେ ରହିଥିବା ଦିବ୍ୟ-ଆଲୋକସବୁ ଅତୀବ ମହାନ୍ ଓ ବିସ୍ମୟକର କିନ୍ତୁ ତୁମ ଭିତରେ ରହିଥିବା ଦିବ୍ୟ-ଆଲୋକଗୁଡ଼ିକ ଆହୁରି ଅଧିକ ମହାନ୍ ଏବଂ ଆହୁରି ଅଧିକ ବିସ୍ମୟକର । ଦିବ୍ୟକର୍ମୀ ପାଇଁ ଏହି ନନ୍ଦନକାନନହିଁ ଅପେକ୍ଷା କରି ରହିଛି ।

(Bulletin, April. 2007, p. 38) ❖

# କର୍ମରେ ଏକାଗ୍ରତା

## (ଆଶ୍ରମର ପିଲାମାନଙ୍କ ସହ କଥୋପକଥନ)

## ଶ୍ରୀମା

... ତୁମେ ଯେତେବେଳେ କୌଣସି କାମ କରୁଥାଅ, ତୁମେ ଯଦି ତହିଁରେ ଏକାଗ୍ର ହୁଅ, ତା'ହେଲେ ଘଣ୍ଟାକର କାମ ଦଶ ମିନିଟ୍ ଭିତରେ କରିଦେଇ ପାରିବ । ସମୟ ବଞ୍ଚାଇବାକୁ ଚାହିଁଲେ ଏକାଗ୍ରତା ଶିଖ । ମନୋଯୋଗ ଓ ଏକାଗ୍ରତା ଦ୍ୱାରା କାମସବୁକୁ ତୁମେ ଅଧିକ ଶୀଘ୍ର ଓ ଅଧିକ ଉତ୍ତମଭାବରେ କରିପାରିବ । ଯଦି ତୁମକୁ ଅଧଘଣ୍ଟାର କିଛି କାମ ଦିଆଯାଇଛି – ଅବଶ୍ୟ ଅଧଘଣ୍ଟା ପାଇଁ ତୁମକୁ ଯଦି କିଛି ଲେଖିବାର କାମ ଦିଆଯାଇଥାଏ, ମୁଁ ସେ ବିଷୟରେ କହୁ ନାହିଁ – କିନ୍ତୁ ଯଦି ତୁମକୁ କିଛି ବିଷୟରେ ଚିନ୍ତା କରିବାକୁ ପଡ଼େ ଅଥଚ ତୁମ ମନ ଚାରିଆଡ଼େ ଭାସି ବୁଲୁଛି, ଯଦି ତୁମେ କ'ଣ କରୁଛ ଖାଲି ସେ ବିଷୟରେ ନୁହେଁ, ତୁମେ କେତେ କାମ କରିସାରିଛ ଓ ଆଉ କେତେ କାମ କରିବାକୁ ବାକି ଅଛି – ସେସବୁ ବିଷୟରେ ଓ ଅନ୍ୟାନ୍ୟ ବିଷୟଗୁଡ଼ିକ ସମ୍ପର୍କରେ ଯଦି ଚିନ୍ତା କରୁଥାଅ ତା'ହେଲେ ତୁମକୁ କାମଟି କରିବା ପାଇଁ ଯେତେ ସମୟ ଲାଗିଥାଆନ୍ତା, ତା'ର ତିନିଗୁଣ ଅଧିକ ସମୟ ଲାଗିବ । ଯେତେବେଳେ ତୁମର ଅନେକ ଗୁଡ଼ିଏ କାମ କରିବାକୁ ଥାଏ, ତା'ହେଲେ କରୁଥିବା ନିର୍ଦ୍ଦିଷ୍ଟ କାମଟି ଉପରେହିଁ କିପରି ସମସ୍ତ ଏକାଗ୍ରତା ଓ ମନୋଯୋଗ ଦେଇପାରିବ, ତାହା ଶିଖିବା ଉଚିତ । ତା'ହେଲେ ଘଣ୍ଟାକର କାମଟିକୁ ତୁମେ ଦଶ ମିନିଟ ଭିତରେ କରି ଦେଇ ପାରିବ ।...

*ପ୍ରଶ୍ନ : ଗୋଟିଏ ଗାଣିତିକ ସମସ୍ୟାର ସମାଧାନ ଥରେ ଥରେ ଖୁମ୍ କମ୍ ସମୟରେ ଆସେ, ଅନ୍ୟ ସମୟରେ ଏଥିପାଇଁ ଖୁବ୍ ବେଶୀ ସମୟ ଲାଗେ ।*

ଶ୍ରୀମା : ହଁ, ଠିକ୍ ଏହାହିଁ, ଏହା ନିର୍ଭର କରେ ତୁମେ କେତେମାତ୍ରାରେ ଏକାଗ୍ର ହେଉଛ ତା' ଉପରେ । ତୁମେ ଯଦି ନିଜକୁ ପର୍ଯ୍ୟବେକ୍ଷଣ କରିବ ତେବେ ଏହା ବେଶ୍ ଦେଖିପାରିବ । ଯେତେବେଳେ ସମାଧାନଟି ଆସେ ନାହିଁ, ତା'ର କାରଣ ହେଉଛି ମସ୍ତିଷ୍କରେ ଏକ ପ୍ରକାର ଆଳସ୍ୟ, ମେଘୁଆ ପାଗ ପରି କିଛି, କେଉଁଠି ଅବା କୁହୁଡ଼ି ପରି କିଛି ରହିଥାଏ ଏବଂ ତୁମେ ସ୍ୱପ୍ନ ଦେଖିଲା ଭଳି ଏକ ଅବସ୍ଥାରେ ଥାଅ । ତୁମେ ନିଜକୁ ଆଗକୁ ଠେଲୁଥାଅ ଏହି ସମାଧାନଟି ପାଇବାର ଚେଷ୍ଟାରେ, କିନ୍ତୁ ଯେପରି ତୁଳା ବା ପଶମ ପରି କିଛି ଭିତରେ ନିଜକୁ ଠେଲୁଛ, ସେଠାରେ ସ୍ପଷ୍ଟଭାବରେ କିଛି ଦେଖିପାରୁ ନାହଁ, ତେଣୁ ମୁଣ୍ଡକୁ କିଛି ଆସୁ ନାହିଁ । ଏହି ଅବସ୍ଥାରେ ତୁମେ ଘଣ୍ଟା ଘଣ୍ଟା ଧରି ରହିପାର ।

ଏକାଗ୍ରତାର ଅର୍ଥ ହେଉଛି ସେହି ମେଘ ବା କୁହୁଡ଼ିକୁ ଦୂର କରିବା । ତୁମ ବୁଦ୍ଧିର ସମସ୍ତ ଉପାଦାନକୁ ଏକାଗ୍ର କରି ଗୋଟିଏ ବିନ୍ଦୁରେ ତାହାକୁ ଠୁଳ କର, ଏବଂ ତା'ପରେ ଦେଖ ତୁମକୁ ଏପରି ସକ୍ରିୟ ଭାବରେ ସମାଧାନଟି ପାଇବାକୁ ଚେଷ୍ଟା କରିବାକୁ ହେବ ନାହିଁ । ତୁମକୁ ଯାହା କରିବାକୁ ହେବ, ତା'ହେଉଛି ଏପରିଭାବେ ଏକାଗ୍ର ରହିବ, ଯେପରିକି କେବଳ ସମସ୍ୟାଟିକୁ ଦେଖିପାରୁଛ – କିନ୍ତୁ କେବଳ ସମସ୍ୟାଟିର ଉପରି ଭାଗକୁ ନୁହେଁ, ତା'ର ଗଭୀରକୁ ଯିବାକୁ ହେବ ଏବଂ ତାହା କ'ଣ ଲୁଚାଇ ରଖିଛି ତାହା ଦେଖିବାକୁ ହେବ । ତୁମେ ଯଦି ତୁମର ସମସ୍ତ ମାନସିକ ଶକ୍ତିକୁ ଏକତ୍ର ଗୋଟାଇ ଠୁଳକରି ଏପରି ଏକ ବିନ୍ଦୁରେ ତାହାକୁ ଏକାଗ୍ର କରି ରଖିବ ଯାହାକି ସମସ୍ୟାଟି ଉପରେହିଁ ସ୍ଥିର ହୋଇ ରହିବ । ତୁମେ ସେଇଠାରେହିଁ ସ୍ଥିର ହୋଇ ରୁହ ଯେପରିକି ଗୋଟିଏ କାନ୍ଥରେ ଗର୍ତ୍ତପରି କିଛି କରି ତାହାକୁ ଭେଦ କରିବାକୁ ଯାଉଛ, ଦେଖିବ ହଠାତ୍ ତୁମ ମୁଣ୍ଡରେ ସମାଧାନଟି ଆସିଯାଉଛି । ଏବଂ ଏହାହିଁ ଏକମାତ୍ର ବାଟ । ତୁମେ ଯଦି ଏପରି ଚେଷ୍ଟା କର ଯେ ଏଇଟି କ'ଣ ସମାଧାନ, ସେଇଟି କ'ଣ ସମାଧାନ, ଏଇଟି ନା ସେଇଟି ?... ତା'ହେଲେ ତୁମେ କିଛି ପାଇବ ନାହିଁ, କିଂବା ତୁମକୁ ଘଣ୍ଟା ଘଣ୍ଟା ସମୟ ଲାଗିଯିବ । ତୁମର ମାନସିକ ଶକ୍ତିକୁ ଗୋଟିଏ ବିନ୍ଦୁରେ ଏପରି ସାମର୍ଥ୍ୟର ସହ ଏକାଗ୍ର କର ଯାହାଫଳରେ ତାହା ଶବ୍ଦଗୁଡ଼ିକୁ ଭେଦ କରି ତା' ପଛରେ ରହିଥିବା ସତ୍ୟଟିକୁ ଧରିପାରିବ । ତୁମକୁ ଗୋଟିଏ ସମାଧାନ ପାଇବାକୁ ହେଲେ ସମସ୍ୟାଟି ଉପରେ ସମସ୍ତ ଶକ୍ତି ନେଇ ଝାମ୍ପିପଡ଼ ।

ଏବଂ ବରାବର ତୁମେ ଯେଉଁ ଦିନଗୁଡ଼ିକରେ ଟିକିଏ ଅଳସୁଆ ହୋଇ ରହିଥାଅ, ସେତେବେଳେ ଏହା କଷ୍ଟସାଧ

ହୋଇଉଠେ । ତୁମେ ଆଳସ୍ୟପରାୟଣ ହୋଇ ରହିଥାଅ : ମନେହେବ ଯେପରିକି ତୁମେ ସମାଧାନଟିକୁ ଛୁଇଁ ଧରିବାକୁ ଯାଉଛ, କିନ୍ତୁ ତାହା ପୁଣି କେଉଁଆଡ଼େ ହାତରୁ ଖସି ଚାଲିଯାଉଛି ।

ଏହା ସ୍ୱାଭାବିକ ଯେ ଯଦି ଏହା ବାସ୍ତବତଃ ଅସମ୍ଭବ, ତୁମକୁ ତ ରାକ୍ଷସମାନଙ୍କ ସହିତ କାରବାର କରିବାକୁ ପଡ଼ୁ ନାହିଁ ! ତୁମର ବିଶ୍ୱାସ ତୁମ ଶିକ୍ଷକମାନଙ୍କର ଯଥେଷ୍ଟ ବିଚାରବୁଦ୍ଧି ଅଛି; ଏବଂ ଯଦି ତୁମେ ସେମାନଙ୍କୁ ଯାଇ କୁହ ଯେ, ''ଦେଖନ୍ତୁ, ମୁଁ ଏହା କରିପାରିଲି ନାହିଁ, ସମୟ ପାଇଲି ନାହିଁ, ମୁଁ ଯେତିକିଟା ସମ୍ଭବ ତାହା କରିଛି, ମୋର ଆଉ ଅଧିକ ସମୟ ନଥିଲା ।''– ତା'ହେଲେ ସେମାନେ ତୁମକୁ ଗାଳି ଦେବେ ନାହିଁ, ମୁଁ ସେପରି ଭାବୁ ନାହିଁ । କିନ୍ତୁ ଏଠାରେ ଶତକଡ଼ା ଅନେଶତ ଭାଗ କ୍ଷେତ୍ରରେ ମନର ଅର୍ଦ୍ଧଜଡ଼ତା ଓ ତାମସିକ ଆଳସ୍ୟ ଯାହା ତୁମକୁ ଏହା ଭାବିବାକୁ ପ୍ରବର୍ତ୍ତାଏ ଯେ ତୁମର ଅତି ବେଶୀଗୁଡ଼ିଏ କାମ ରହିଛି । ତୁମେ ଯଦି ନିଜକୁ ନିରୀକ୍ଷଣ କରିବ, ତା'ହେଲେ ଦେଖିବ ବରାବର ଏପରି କିଛି ରହିଛି, ଯାହା ତୁମକୁ ଏ ଦିଗରେ ଟାଣେ, ପୁଣି ସେଦିଗରେ ଟାଣେ ଏବଂ ତା'ପରେ ଏହି ଆଳସ୍ୟ, ଯେପରିକି ତୁମେ ତୁଳା ଗଦାଟିଏ ଭିତରେ, ମେଘୁଆ କିଛି ଭିତରେ ବାସ କରୁଛ ।

କର୍ମର ଉପଯୋଗିତା ଏହା ଛଡ଼ା ଆଉ କିଛି ନୁହେଁ : ଏହି ମାନସିକ ଶକ୍ତିକୁ ଏକାଗ୍ର କରି ସ୍ଫଟିକ ଭଳି ଗଠନ କରିବା । କାରଣ, ତୁମେ ଯାହା ଶିଖିଥାଅ (ତାହାକୁ ଯଦି କୌଣସି କର୍ମ ଭିତରେ ବା ଗଭୀର ଅଧ୍ୟୟନ ଭିତରେ ଅଭ୍ୟାସ ନକର) ତା'ହେଲେ ତୁମେ ଶିଖିଥିବା ଜିନିଷରୁ ଅନ୍ତତଃ ଅର୍ଦ୍ଧେକ ଭାଗ ସମୟକ୍ରମେ କୁଆଡ଼େ ତିରୋହିତ ହୋଇଯିବ, ଉଭାଇ ଅନ୍ତର୍ଦ୍ଧାନ ହୋଇଯିବ । କିନ୍ତୁ ଏହା ଗୋଟିଏ ଜିନିଷ ଛାଡ଼ିଯିବ, ତା' ହେଉଛି ତୁମ ଚିନ୍ତାକୁ ସ୍ଫଟିକ ପରି ରୂପ ଦେଇ ଗଠନ କରିବାର କ୍ଷମତା । ତା' ଭିତରୁ ସ୍ପଷ୍ଟ ଓ ସୁନିର୍ଦ୍ଦିଷ୍ଟ କିଛିକୁ, ସମ୍ପୂର୍ଣ୍ଣ ଠିକ୍ ଓ ସଂଗଠିତ କିଛିକୁ ରୂପ ଦେବାର କ୍ଷମତା । ଏବଂ ଏହାହିଁ ହେଉଛି କର୍ମର ଉପଯୋଗିତା : ତୁମ ମସ୍ତିଷ୍କର କ୍ଷମତାକୁ ସଂଗଠିତ କରିବା । କିନ୍ତୁ ତୁମେ ଯଦି ତୁମର ଆଳସ୍ୟ ଭିତରେ ମଜ୍ଜି ରୁହ, ସେହିସବୁ ମେଘୁଆ ଓ ଧୂଆଁଳିଆ କିଛି ଭିତରେ ରୁହ, ତା'ହେଲେ ବର୍ଷ ବର୍ଷ ଧରି ଚେଷ୍ଟାକଲେ ମଧ୍ୟ ତା'ର କିଛି ଫଳ ହେବ ନାହିଁ, ତୁମେ କୌଣସି କର୍ମ ଭିତରେ ପ୍ରବେଶ କଲାବେଳେ ତୁମର ଯେତିକି ବୁଦ୍ଧି ଥିଲା, ତା' ଅପେକ୍ଷା ତହିଁରୁ ଅଧିକ ବୁଦ୍ଧିମାନ୍ ହୋଇ ବାହାରିବ ନାହିଁ । କିନ୍ତୁ ତୁମେ ଯଦି ସମର୍ଥ ହୋଇଥାଅ, ଏପରିକି ଅଧଘଣ୍ଟା ପାଇଁ, ତୁମର ବିଶେଷ ଆଗ୍ରହ ନଥିବା, କୌଣସି ବିଷୟରେ ଏକାଗ୍ର ହୁଅ, ଉଦାହରଣ ସ୍ୱରୂପ ବ୍ୟାକରଣର ଏକ ନିୟମ ଉପରେ (ବ୍ୟାକରଣର ନିୟମଗୁଡ଼ିକ ଖୁବ୍ ନୀରସ ଲାଗେ, କିନ୍ତୁ ତା' ଅପେକ୍ଷା ଅଧିକ ଶୁଷ୍କ ଓ ନୀରସ ଜିନିଷ ମଧ୍ୟ ଅଛି), ତୁମେ ଯଦି ତହିଁରୁ ଗୋଟିଏ ନିୟମ ନେଇ ତାହାକୁ ବୁଝିବାକୁ ଚେଷ୍ଟା କର – ଘୋଷି, ମୁଖସ୍ଥ କରି ତାହାକୁ ଯାନ୍ତ୍ରିକ ଭାବରେ ପ୍ରୟୋଗ କରିବା ନୁହେଁ, ସେଥିରେ କିଛି ଲାଭ ନାହିଁ କିନ୍ତୁ ସେହି ଶବ୍ଦଗୁଡ଼ିକ ପଛରେ କ'ଣ ରହିଛି ତାହା ବୁଝିବାକୁ ଚେଷ୍ଟା କରିବା : ''ଏହି ନିୟମଟି କାହିଁକି ଏହିପରି ଭାବରେ ଗଠିତ ହୋଇଛି ?'' ଏବଂ ସେଥିପାଇଁ ତୁମର ନିଜର ଏକ ସୂତ୍ର ବାହାର କରିବା, ତାହା ଖୁବ୍ ଆଗ୍ରହଜନକ ହେବ,'' ଯେଉଁ ଭଦ୍ରବ୍ୟକ୍ତି ଜଣକ ଏହି ନିୟମଟି ଲେଖିଛନ୍ତି ତାହା କାହିଁକି ଏହି ରୀତିରେ ଲେଖିଛନ୍ତି ? ମୁଁ ତାହା ଅଧ୍ୟୟନ କରୁଛି ଓ ବୁଝିବାକୁ ଚେଷ୍ଟା କରୁଛି କାହିଁକି ସେ ଏହି ଶବ୍ଦଟିକୁ ସେହି ଶବ୍ଦଟିର ପରେ ରଖିଲେ ଓ ସେହି ଶବ୍ଦଟିକୁ ଅନ୍ୟ ଶବ୍ଦଟିର ପରେ ରଖିଲେ, ଏବଂ ନିୟମଟିକୁ ଏହିପରି ଭାବରେ ରଖିଲେ କାହିଁକି ? କାରଣ, ସେ ଭାବିଲେ ଜିନିଷଟିକୁ ବ୍ୟକ୍ତ କରିବାକୁ ଏହାହିଁ ସବୁଠୁ ନିର୍ଭୁଲ, ପୂର୍ଣ୍ଣ ଓ ସ୍ପଷ୍ଟ ରୀତି ।'' ଏହିପରି ଭାବରେହିଁ ତୁମକୁ ତାହା ଆବିଷ୍କାର କରିବାକୁ ହେବ, ଏବଂ ଯେତେବେଳେ ତୁମେ ତାହା ଆବିଷ୍କାର କରିବ, ତୁମେ ହଠାତ୍ ଖୁସି ହୋଇ କହିବ, ''ଓଃ ଏହାର ଅର୍ଥ ଏହିପରି ! ଏହିଭାବରେହିଁ ଏହାକୁ ଦେଖିବା ଉଚିତ, ତା'ହେଲେ ବିଷୟଟି ପୂରା ପରିଷ୍କାର ହୋଇଯାଉଛି ।''

ମୁଁ ତୁମକୁ ଏହା ବୁଝାଇବାକୁ ଚାହୁଁଛି ଯେ : ଯେତେବେଳେ ତୁମେ ଜିନିଷଟିକୁ ବୁଝିପାର, ସେତେବେଳେ ଏହା ତୁମ ଭିତରେ ଏକ ସ୍ଫଟିକ ପରି କିଛିର, ଏକ ଛୋଟ ଉଜ୍ଜ୍ୱଳ ଚକ୍ ଚକ୍ ବିନ୍ଦୁ ପରି କିଛିକୁ ଗଠନ କରେ । ଏବଂ ଯଦି ଏହିପରି ବହୁ, ବହୁ ସଂଖ୍ୟାରେ ଏଗୁଡ଼ିକୁ ନିଜ ଭିତରେ ଗଠନ କର ତା'ହେଲେ ତୁମେ ଏକ ବୁଦ୍ଧିମାନ୍ ବ୍ୟକ୍ତି ହେବାକୁ ଆରମ୍ଭ କରିବ । ଏହାହିଁ ହେଉଛି କର୍ମର ଉପଯୋଗିତା, ଖାଲି ଗୁଡ଼ାଏ ଗଦା ଗଦା ଜିନିଷକୁ ମୁଣ୍ଡ ଭିତରେ ଭର୍ତ୍ତି କରିବା ନୁହେଁ, ତାହା ତୁମକୁ କୌଣସି ଦିଗରେ ଆଗେଇ ନେବ ନାହିଁ ।

(M.C.W. Vol. 5, pp.124 - 127) ✥

# କର୍ମ, ଧ୍ୟାନ ଓ ଭକ୍ତି

## ଶ୍ରୀଅରବିନ୍ଦ

କେଉଁ ବ୍ୟକ୍ତି ବା କେଉଁ ଶ୍ରେଣୀ ପ୍ରଥମେ ବା ଶେଷରେ ଲକ୍ଷ୍ୟରେ ପହଞ୍ଚିବେ, ଏହା ପଚାରିବାରେ ଆଦୌ କୌଣସି ଲାଭ ନାହିଁ । ଯୋଗର ପଥ ପ୍ରତିଯୋଗିତାର ପଥ ନୁହେଁ ବା ଏଥିରେ କୌଣସି ଦୌଡ଼ ପ୍ରତିଯୋଗିତା ହେଉ ନାହିଁ ଯେଉଁଥିରେ ଏହି କଥାର କିଛି ଅର୍ଥ ଅଛି । ଯେଉଁ କଥାର ପ୍ରକୃତ ଗୁରୁତ୍ୱ ଅଛି ତା' ହେଉଛି ଭଗବାନଙ୍କ ପାଇଁ ନିଜର ଅଭୀପ୍ସା, ନିଜର ବିଶ୍ୱାସ, ସମର୍ପଣ, ନିଃସ୍ୱାର୍ଥ ଆତ୍ମଦାନ । ଅନ୍ୟ ସବୁକିଛିକୁ ଭଗବାନଙ୍କ ହାତରେ ଛାଡ଼ିଦେବା ଉଚିତ, ସେ ପ୍ରତ୍ୟେକ ବ୍ୟକ୍ତିକୁ ତା'ର ନିଜ ସ୍ୱଭାବ ଅନୁଯାୟୀ ଆଗେଇ ନେବେ । ଧ୍ୟାନ, କର୍ମ ଓ ଭକ୍ତି ପ୍ରତ୍ୟେକଟି ହେଉଛି ସିଦ୍ଧି ବା ପୂର୍ଣ୍ଣତାଲାଭ ଦିଗରେ ପ୍ରସ୍ତୁତିମୂଳକ ସହାୟତାର ଅବଲମ୍ବନ । ଆମର ଏହି ପଥରେ ସବୁଗୁଡ଼ିକୁ ଗ୍ରହଣ ଓ ଅନ୍ତର୍ଭୁକ୍ତ କରାଯାଇଛି । ଯଦି ଜଣେ କର୍ମ ଭିତର ଦେଇ ନିଜକୁ ଉତ୍ସର୍ଗ କରେ ତେବେ ଆତ୍ମଦାନ ଦିଗରେ ତାହା ସବୁଠୁ ଶକ୍ତିଶାଳୀ ସାଧନ, ଏବଂ ସ୍ୱୟଂ ଆତ୍ମଦାନ ହେଉଛି ସାଧନାର ସବୁଠୁ ଶକ୍ତିଶାଳୀ ଓ ଅପରିହାର୍ଯ୍ୟ ଉପାଦାନ ।

ପଥକୁ ଜାବୁଡ଼ି ଧରି ଲାଗି ରହିବାର ଅର୍ଥ ହେଉଛି ଏହାକୁ ଛାଡ଼ି ନଦେବା ବା ଅନ୍ୟ ଦିଗରେ ମୋଡ଼ ନ ଫେରାଇବା । ଏହି ପଥ ହେଉଛି ନିଜର ସମସ୍ତ ଅଂଶକୁ ନେଇ ସମଗ୍ର ସତ୍ତାର ପୂର୍ଣ୍ଣ ଆତ୍ମଦାନ, ଯାହାଫଳରେ ଜଣେ ଭଗବାନଙ୍କ ଅନୁଭୂତି, ଅନ୍ତରରେ ତାଙ୍କ ଦିବ୍ୟ-ଉପସ୍ଥିତି ପାଇପାରିବ ଓ ଚୈତ୍ୟ ତଥା ଆଧ୍ୟାତ୍ମିକ ରୂପାନ୍ତରରେ ପହଞ୍ଚି ପାରିବ । ସର୍ବତୋଭାବେ ଜଣେ ନିଜକୁ ଯେତେ ଅଧିକ ଦେଇପାରିବ, ସାଧନା ପାଇଁ ତାହା ସେତିକି ଅଧିକ ଉତ୍ତମ ହେବ । କିନ୍ତୁ ସମସ୍ତେ ସମାନ ପରିମାଣରେ ବା ସମାନ ଦ୍ରୁତଗତିରେ ବା ସମାନ ବାଟରେ ଏହା କରିପାରିବେ ନାହିଁ । ଅନ୍ୟମାନେ କ'ଣ କରୁଛନ୍ତି, କିପରି କରୁଛନ୍ତି ବା କରିବାରେ ଅକୃତକାର୍ଯ୍ୟ ହେଉଛନ୍ତି ତାହାକୁ ନେଇ ତୁମର କୌଣସି ଚିନ୍ତାଭାବନା ରହିବା ଉଚିତ ନୁହେଁ – ତୁମେ ନିଜେ କେତେ ନିଷ୍ଠା ଓ ବିଶ୍ୱାସର ସହିତ ଏହା କରିପାରୁଛ, ତାହାହିଁ ଗୁରୁତ୍ୱପୂର୍ଣ୍ଣ ।

ସାଧନାର କେଉଁ ଧାରା ଉପରେ ସବୁଠୁ ଅଧିକ ଜୋର୍ ଦିଆଯିବ ତାହା ନିର୍ଭର କରୁଛି ବ୍ୟକ୍ତିର ସ୍ୱଭାବ ଉପରେ । ଏପରି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନଙ୍କର ପଥ ଧ୍ୟାନ ନୁହେଁ, କେବଳ କର୍ମ ଦ୍ୱାରାହିଁ ସେମାନେ ନିଜକୁ ପ୍ରସ୍ତୁତ କରିପାରିବେ, ଏପରି ଅନେକ ବ୍ୟକ୍ତି ମଧ୍ୟ ଅଛନ୍ତି ଯେଉଁମାନଙ୍କ ସ୍ୱଭାବ ଏହାର ପୂରା ବିପରୀତ । ଅହଂର ପ୍ରବଳ ଆକାର ଧାରଣ କରିବା ବିଷୟରେ କୁହାଯାଇପାରେ ଯେ ଯିଏ ଯେଉଁ ପଥ ଅନୁସରଣ କରୁନା କାହିଁକି, ତହିଁରେ ଏହା ଆସି ଦେଖାଦେଇପାରେ – ମୁଁ ଧ୍ୟାନୀ ଭିତରେ ଏହାର ପ୍ରସ୍ଫୁଟନ ଯେପରି ଦେଖିଛି, କର୍ମୀ ଭିତରେ ମଧ୍ୟ ସେହିପରି ଦେଖିଛି; 'କ' କହନ୍ତି ଭକ୍ତମାନଙ୍କ ଭିତରେ ମଧ୍ୟ ଏହାର ଏହିପରି ଆବିର୍ଭାବ ହୋଇଥାଏ । ତେଣୁ ଏହା ସ୍ପଷ୍ଟ ଯେ ନାର୍ସିସସ୍ (ଆତ୍ମରତି)ର ଏହି ଫୁଲ ଫୁଟିବା ପାଇଁ ଉର୍ବର ଭୂମି ସବୁଠାରେ ରହିଛି । ''ସାଧନାର ଆବଶ୍ୟକତା ନାହିଁ'' କଥାଟି ସମ୍ପର୍କରେ କୁହାଯାଇପାରେ ଯେ ଯେଉଁ ବ୍ୟକ୍ତି କୌଣସି ସାଧନା କରେ ନାହିଁ, ତାହାର କୌଣସି ପରିବର୍ତ୍ତନ ହେବ ନାହିଁ ବା ସେ ଅଗ୍ରଗତି କରିବ ନାହିଁ – ଏହା ନିଃସନ୍ଦେହ । କର୍ମ, ଧ୍ୟାନ, ଭକ୍ତି ଏ ସମସ୍ତହିଁ ସାଧନା ରୂପେ କରିବାକୁ ହେବ ।

(Bulletin, August. 2002, p. 32) ✤

# ଯେଉଁ କର୍ମ-ପ୍ରେରଣା ପଛରେ ମା'ଙ୍କର ଶକ୍ତି ଥାଏ

## (ଶ୍ରୀମା'ଙ୍କ ସଙ୍ଗେ ପ୍ରଶ୍ନୋତ୍ତର)

*ପ୍ରଶ୍ନ : କାମଟିଏ ହାତକୁ ନେବା ପୂର୍ବରୁ ଆମେ ଜାଣିବାକୁ ଚେଷ୍ଟା କରୁ ସେହି କାମ ପାଇଁ ପ୍ରେରଣାଟି ମା'ଙ୍କଠାରୁ ଆସିଛି କି ନାହିଁ, କିନ୍ତୁ ସାଧାରଣତଃ ଆମର ଯଥେଷ୍ଟ ନିର୍ଣ୍ଣୟାତ୍ମକ ଜ୍ଞାନ ନଥାଏ ଯାହାଫଳରେ ଆମେ ଏହା ଜାଣିପାରନ୍ତୁ, ତଥାପି ଆମେ କାମଟି କରିବା ପାଇଁ ଆଗେଇଯାଉ । କାମର ଫଳାଫଳରୁ କ'ଣ ଜାଣିହେବ ଏହାର ପ୍ରେରଣାଟି ମା'ଙ୍କଠାରୁ ଆସିଥିଲା କି ନାହିଁ ?*

ଶ୍ରୀମା : ଜଣକର ଏହି ନିର୍ଣ୍ଣୟାତ୍ମକ ଜ୍ଞାନ ନଥାଏ, କାରଣ ସେ ଏହା ପାଇବା ପାଇଁ ଯତ୍ନ କରି ନାହିଁ । ଶୁଣ, ମୁଁ ଭାବୁ ନାହିଁ ଯେ ଏପରି ଗୋଟିଏ ବି ଦୃଷ୍ଟାନ୍ତ ଅଛି ଯେତେବେଳେ ଆମ ଭିତରେ ସେହି ଜିନିଷଟି ଆଦୌ ରହି ନଥାଏ ଯାହା ଅତି ସ୍ପଷ୍ଟ ଭାବରେ ଏ ସମ୍ପର୍କରେ ସୂଚାଇ ଦେବ । କିନ୍ତୁ ତୁମେ ତାହା ଜାଣିବା ପାଇଁ ଆନ୍ତରିକ ଭାବରେ ଚେଷ୍ଟା କରିବା ଉଚିତ – ସେହି ବିଷୟଟିକୁ ଆମକୁ ବାରଂବାର ଫେରି ଆସିବାକୁ ହେଉଛି – ତୁମେ ଆନ୍ତରିକ ଭାବରେ ଏହା ଚାହିଁବା ଉଚିତ । ଏଥିପାଇଁ ପ୍ରଥମ ସର୍ତ୍ତ ହେଲା କାମଟି ସମ୍ପର୍କରେ ଏଣୁ ତେଣୁ ଚିନ୍ତା କରିବାକୁ ଆରମ୍ଭ କରିବ ନାହିଁ, ସେ ସମ୍ପର୍କରେ ନାନା ପ୍ରକାର ଧାରଣାକୁ ମନରେ ସ୍ଥାନ ଦେବ ନାହିଁ, ପରସ୍ପର ବିରୋଧୀ ନାନା ଧାରଣା, ନାନା ସମ୍ଭାବନା ବିଷୟରେ ଚିନ୍ତା କରି ମାନସିକ କ୍ରିୟାକଳାପର ଏକ ରାଜ୍ୟ ଭିତରକୁ ପ୍ରବେଶ କରିବ ନାହିଁ ।

ସର୍ବପ୍ରଥମେ ସମସ୍ୟାଟିକୁ ଉପସ୍ଥାପିତ କରିବ ଯେପରି ଆଉ କାହା ଆଗରେ ସମସ୍ୟାଟିକୁ ଉପସ୍ଥାପିତ କରୁଛ, ତା'ପରେ ନୀରବ ରହିବ, ସେଇପରି ଚୁପ୍‌ଚାପ, ନିଶ୍ଚଳ, ସ୍ଥିର ହୋଇ ରହିବ । ଏବଂ ତା'ପରେ, କିଛି ସମୟ ବିତିଗଲା ପରେ ଦେଖିବ ଅତି କମ୍‌ରେ ତିନୋଟି ଭିନ୍ନ ଭିନ୍ନ ଜିନିଷ ଘଟିପାରେ, କେତେକ ସମୟରେ ଅଧିକ ସଂଖ୍ୟାରେ ମଧ୍ୟ ଏହା ଆସିପାରେ । ଜଣେ ବୁଦ୍ଧିଜୀବୀଙ୍କର କଥା ନିଅ, ଯେକି ନିଜ ମସ୍ତିଷ୍କ ଖଟାଇ ସେହି ମସ୍ତିଷ୍କର ନିର୍ଦ୍ଦେଶରେ କାମ କରନ୍ତି । ସେ ସମସ୍ୟାଟିକୁ ନିଜ ଆଗରେ ରଖିଛନ୍ତି ଓ ଅପେକ୍ଷା କରୁଛନ୍ତି ଯଦି ସେ ପ୍ରକୃତରେ ମନୋଯୋଗୀ ଥାଆନ୍ତି ତେବେ ସେ ଲକ୍ଷ୍ୟ କରିବେ ଯେ (ହୁଏତ ଏହା ଠିକ୍ କ୍ରମାନ୍ୱୟ ଭାବରେ ନଆସି ଭିନ୍ନ କ୍ରମରେ ଆସିପାରେ) ପ୍ରଥମେ ଗୋଟିଏ ପ୍ରକାର ଧାରଣା ଆସିବ, ଯାହାକି ବୁଦ୍ଧିଜୀବୀମାନଙ୍କ କ୍ଷେତ୍ରରେ ପ୍ରାଧାନ୍ୟ ଲାଭ କରିଥାଏ, ''ମୁଁ ଯଦି କାମଟି ଏହି ଭାବରେ କରେ ତେବେ ତାହା ଠିକ୍ ହେବ, ଏହା ଏହିପରି ଭାବରେହିଁ ହେବା ଉଚିତ'' – ଏହା ଏକ ମାନସିକ ଗଠନ । ଏହି ମାନସିକ ଧାରଣା ପରେ ଦ୍ୱିତୀୟରେ ଆସିଥାଏ ଏକ ପ୍ରକାର ପ୍ରାଣିକ ପ୍ରବୃତ୍ତି, ''ଏହି କାମଟି ନିଶ୍ଚୟ କରିବାକୁ ହେବ । ଏହା ଉତ୍ତମ ଏବଂ ଏହାକୁ ନିଶ୍ଚୟ ଯେମିତି ହେଲେ କରିବାକୁ ପଡ଼ିବ ।'' ଏହାପରେ ଆସିଥାଏ ତୃତୀୟ ଜିନିଷଟି, ଏହା ଆଦୌ କୌଣସି କୋଳାହଳ କରେ ନାହିଁ, ଏହା ଅନ୍ୟ ଉପରେ ନିଜକୁ ଲଦି ଦେବାକୁ ଚେଷ୍ଟା କରେ ନାହିଁ, କିନ୍ତୁ ଏହା ଭିତରେ ନିଶ୍ଚିତତାର ଏକ ସ୍ୱଚ୍ଛ ଭାବ ରହିଥାଏ – ଏହା ଅତ୍ୟନ୍ତ ସକ୍ରିୟ ବୋଲି ଲାଗେ ନାହିଁ, ଏହା ତୁମକୁ ଚମକାଇ ଦିଏ ନାହିଁ ବା ଜୋର୍ କରି କାମ ଭିତରକୁ ଠେଲି ଦିଏ ନାହିଁ, କିନ୍ତୁ ମନେହୁଏ ଏହାର ପ୍ରକୃତ ଜ୍ଞାନ ରହିଛି, ଏହା ସବୁକିଛି ଜାଣିଛି, କିନ୍ତୁ ଖୁବ୍ ନୀରବ, ନିଶ୍ଚଳ ଓ ଧୀର ସ୍ଥିର ହୋଇ ରହିଛି । ଏହା ଅନ୍ୟମାନଙ୍କୁ ବିରୋଧ କରିବ ନାହିଁ ବା ଆସି ଏପରି କହିବ ନାହିଁ ଯେ, ''ନା, ସେଇଟା ଭୁଲ୍ ।'' ଏହା କେବଳ ସରଳ ଭାବରେ କହିବ, ''ଦେଖ, ଘଟଣାଟି ଏହିପରି'' ବାସ୍ ସେତିକି, ଏବଂ ତା'ପରେ ଏହା ନିଜ କଥା ଉପରେ ଜିଗର କରି ଜିଦ୍ ଧରି ବସିବ ନାହିଁ । ଏହି ତୃତୀୟ ଜିନିଷଟି ବିଷୟରେ ଅଧିକାଂଶ ଲୋକ ଆଦୌ ସଚେତ ନୁହନ୍ତି, ଅଧିକାଂଶ ଲୋକଙ୍କ ଭିତରେ ସେତିକିଟା ନୀରବତା ନାହିଁ ବା ମନୋଯୋଗିତା ନାହିଁ ଯାହାଫଳରେ ସେମାନେ ଏହାର କଥା ଶୁଣିପାରନ୍ତେ, କାରଣ ଏହା ନିଜର କଥାକୁ ଉଚ୍ଚ ସ୍ୱରରେ ଜାହିର କରେ ନାହିଁ । କିନ୍ତୁ ମୁଁ ତୁମକୁ ନିଶ୍ଚିତ ନିର୍ଭରତା ଦେଇ କହିପାରେ ଯେ ଏହି ଜିନିଷଟି ସମସ୍ତଙ୍କ ଭିତରେ ବିଦ୍ୟମାନ ରହିଛି ଏବଂ ଯଦି ଜଣେ ଯଥାର୍ଥରେ ଆନ୍ତରିକ ହୁଏ ଏବଂ ଯଥାର୍ଥ ଭାବରେ ନୀରବ ରହିବାକୁ ସକ୍ଷମ ହୁଏ ତା'ହେଲେ ସେ ଏ ସମ୍ପର୍କରେ ସଚେତ ହୋଇପାରିବ ।

ସେତେବେଳେ ମନର ଅଂଶଟି ଆସି ଯୁକ୍ତି କରିବାକୁ ଆରମ୍ଭ କରିଦେବ ଓ ଆସି କହିବ, ''କିନ୍ତୁ ସେ ଯାହା ବି ହେଉ ଶେଷରେ ଅମୁକ ବିଷୟଟିର ପରିଣତି ଅମୁକ ପ୍ରକାରେହିଁ ହେବ, ସମୁକ ବିଷୟଟିର ପରିଣତି ସମୁକ ପ୍ରକାରେହିଁ ହେବ ଏବଂ ଯଦି ଏହି କାମଟି କରାଯାଏ, ତେବେ...'' ଏଇୟା ହେବ, ସେଇୟା ହେବ, ଏବଂ ପୁଣି ଆରମ୍ଭ ହୋଇଯିବ ମନର କୋଳାହଳ । ତା'ପରେ ପ୍ରାଣ ଆସି କହିବ, ''ହଁ, ଏହା ନିଶ୍ଚିତ ଭାବରେ ଏପରି କରିବା ଉଚିତ, ତୁମେ ବୁଝିପାରୁ ନାହଁ, ଏହା ଏପରି ହେବାକୁ ବାଧ୍ୟ, ଅନ୍ୟ କୌଣସି ବାଟ ନାହିଁ, ଏହା ଅପରିହାର୍ଯ୍ୟ ।'' ବର୍ତ୍ତମାନ ବୁଝୁଛ ତ ! ସେତେବେଳେ ଯାଇ ତୁମେ ଜାଣି ପାରିବ ପ୍ରକୃତ ରହସ୍ୟଟି । ତୁମ ନିଜର ପ୍ରକୃତି ଅନୁଯାୟୀ ତୁମେ ବାଛି ନେଇଥାଅ ହୁଏତ ପ୍ରାଣିକ ପ୍ରବୃତ୍ତି ବା ପ୍ରେରଣାଟିକୁ କିଂବା ମନର ଧାରଣା ଓ ନେତୃତ୍ୱଟିକୁ କ୍ୱଚିତ୍ କ୍ଷେତ୍ରରେ ତୁମେ ଧୀର, ସ୍ଥିର ଓ ଶାନ୍ତ ଭାବରେ କୁହ, ''ଠିକ୍ ଅଛି, ଯାହା ବି ହେଉ ମୁଁ ଏହି କାମଟି କରିବାକୁ ଯାଉଛି ।'' ଏପରିକି ଯଦି ବି ତୁମକୁ କାମଟି ବେଶୀ ଭଲ ଲାଗେ ନାହିଁ । କିନ୍ତୁ ଏହି ଭାବଟି ତୁମ ଭିତରେ ବରାବର ରହିଥାଏ । ମୁଁ ନିଶ୍ଚିତ ଯେ ଏହି ଭାବଟି ବରାବର ରହିଥାଏ, ଏପରିକି ହତ୍ୟା କରିବା ପୂର୍ବରୁ ଆତତାୟୀ ଭିତରେ ବି ଏହା ରହିଥାଏ, ବୁଝିପାରୁଛ ତ, କିନ୍ତୁ ତା'ର ବାହ୍ୟ ସତ୍ତା ଏତେ ବେଶୀ ପାଟିତୁଣ୍ଡ, କୋଳାହଳ କରେ ଯେ ଏହି ଆନ୍ତର ବସ୍ତୁଟିର କଥା ଶୁଣିବାର ଆବଶ୍ୟକତା ପ୍ରତି ସେ ମନ ଦିଏ ନାହିଁ, ଏପରିକି ଏହା ମଧ୍ୟ ତା' ମଥାକୁ ଜୁଟେ ନୁହେଁ । କିନ୍ତୁ ଏହା ସର୍ବଦା ରହିଥାଏ, ସର୍ବଦା ରହିଥାଏ ।

ପ୍ରତ୍ୟେକ ପରିସ୍ଥିତିରେ, ପ୍ରତ୍ୟେକ ସତ୍ତାର ଅନ୍ତରର ଗଭୀରରେ ଏହି ଛୋଟିଆ ସୂଚନାଟି, ଦିବ୍ୟକୃପାର ଏହି କ୍ଷୁଦ୍ର ଇଙ୍ଗିତଟି ରହିଥାଏ । (ଏହାକୁ କଣ୍ଠସ୍ୱରର ନାମ ଦିଆଯାଇ ପାରିବ ନାହିଁ, କାରଣ ଏହା କୌଣସି ଶବ୍ଦ କରେ ନାହିଁ) କିନ୍ତୁ ଏକ ସୂକ୍ଷ୍ମ ଇଙ୍ଗିତ ବା ସୂଚନା ରୂପେ ଏହା ରହିଥାଏ । ଅନେକ ସମୟରେ କିନ୍ତୁ ଏହାର କଥା ଶୁଣିବା ପାଇଁ, ଏହାକୁ ମାନି ଚଳିବା ପାଇଁ ଅତ୍ୟନ୍ତ ଅଧିକ ଚେଷ୍ଟା ବା ପ୍ରୟାସ ଦରକାର ହୋଇଥାଏ, କାରଣ ସତ୍ତାର ଅନ୍ୟ ସମସ୍ତ ଅଂଶ ଏହାର ତୀବ୍ର ବିରୁଦ୍ଧାଚରଣ କରୁଥାଏ, ଗୋଟିଏ ଅଂଶ ତା'ର ଦୃଢ଼ ମାନସିକ ଧାରଣା ନେଇ ରହିଥାଏ ଯେ ସେ ଯାହା ଭାବୁଛି ତାହାହିଁ ଠିକ୍, ଅନ୍ୟ ଏକ ଅଂଶ ତା'ର ପ୍ରାଣିକ ଶକ୍ତି ନେଇ ଜାହିର କରୁଥାଏ ଯେ ତା'ର କଥାଟିହିଁ ଠିକ୍; ତା' ପଛରେ ରହିଥାଏ କାମନାର ସମସ୍ତ ଶକ୍ତି । କିନ୍ତୁ ତୁମେ ମୋତେ ଏପରି କୁହ ନାହିଁ ଯେ ପ୍ରକୃତ କେଉଁ କାମଟି କରିବା ଉଚିତ ଯାହା ଜାଣି ହୁଏ ନାହିଁ । କାରଣ ତାହା ସତ୍ୟ ନୁହେଁ । ଜଣେ ଏହା ନିଶ୍ଚୟ ଜାଣିପାରିବ । କିନ୍ତୁ କେଉଁଟା କରିବା ଆବଶ୍ୟକ ତାହା ହୁଏତ ସବୁବେଳେ ଜାଣି ହୁଏ ନାହିଁ, ଏବଂ ଏପରିକି ସମୟ ସମୟରେ ତାହା ଜାଣି ପାରିଲେ ମଧ୍ୟ ତାହା ନକରିବା ପାଇଁ ଆମେ ନାନା ଆଳର ଆଶ୍ରୟ ନେଇଥାଉ, କିଛି ନା କିଛି କାରଣ ଦେଖାଇଥାଉ । ଆମେ ନିଜକୁ କହୁ, ''ମୁଁ ଏ ବିଷୟରେ ଏତେଟା ନିଃସନ୍ଦେହ ନୁହେଁ, ଏହି ଆନ୍ତର ଇଙ୍ଗିତ ସମ୍ପର୍କରେ ଏତେଟା ନିଶ୍ଚିତ ନୁହେଁ, ଏହା ତ ପର୍ଯ୍ୟାପ୍ତ ପରିମାଣର ଶକ୍ତି ନେଇ ନିଜକୁ ଜାହିର କରୁ ନାହିଁ, ଯାହାଫଳରେ ମୁଁ ଏହାକୁ ପୂରା ବିଶ୍ୱାସ କରନ୍ତି ।'' କିନ୍ତୁ ପ୍ରକୃତରେ ତୁମେ ଯଦି ନିରାସକ୍ତ ହୋଇଥାଆନ୍ତ ଅର୍ଥାତ୍ ତୁମ ଭିତରେ ଯଦି କୌଣସି କାମନା-ବାସନା ନ ଥା'ନ୍ତା, ତାହା ମାନସିକ, ପ୍ରାଣିକ ବା ଦୈହିକ ଯାହା ବି ହେଉ, ତା'ହେଲେ ତୁମେ ଅତି ନିଶ୍ଚିତ ଭାବରେ ବୁଝିପାରନ୍ତ ଯେ କେଉଁ କାମଟି କରିବା ଉଚିତ, ଅନ୍ୟ କୌଣସି କାମ ନୁହେଁ, ସେହି ନିର୍ଦ୍ଦିଷ୍ଟ କାମଟିହିଁ ତୁମର ନିଶ୍ଚୟ କରଣୀୟ । ଏହା ମଝିରେ ଯାହାକିଛି ଆସିଥାଏ ତା' ହେଉଛି କେବଳ ପସନ୍ଦ, ଅପସନ୍ଦ ବା କାମନାର ଜିନିଷ । ପ୍ରତ୍ୟେକ ଦିନ ତୁମ ପାଇଁ ଏହିପରି ଶତ ଶତ ଦୃଷ୍ଟାନ୍ତ ଆସିପାରେ । ଯେତେବେଳେ ଲୋକମାନେ କହିବାକୁ ଆରମ୍ଭ କରନ୍ତି ଯେ, ''ମୁଁ ସତରେ ଜାଣିପାରୁ ନାହିଁ ମୋତେ କ'ଣ କରିବାକୁ ହେବ'', ସେତେବେଳେ ବରାବର ଏହାର ଅର୍ଥ ହେଉଛି ସେମାନଙ୍କର ଏକ ପସନ୍ଦ ରହିଛି । କିନ୍ତୁ ଏଠାରେ ଆଶ୍ରମରେ ଯେପରି, ସେହିପରି ସେମାନେ ଜାଣନ୍ତି ଯେ ଆଉ କିଛି ଜିନିଷ ରହିଛି, ଏବଂ ସମୟ ସମୟରେ ସେମାନେ ଯଦି ଟିକେ ମନୋଯୋଗୀ ହେବେ ତେବେ ସେମାନଙ୍କର ଏକ ଝାପସା ଅନୁଭବ ହେବ ଯେ ପ୍ରକୃତ କାମଟି ଠିକ୍ ଏପରି ନୁହେଁ, ''ଏହା ଠିକ୍ ମୋର କରଣୀୟ କାମ ନୁହେଁ, ମୁଁ ଭିତରେ ଠିକ୍ ସହଜ ହୋଇପାରୁ ନାହିଁ, କେଉଁଠି କିଛି ଅସ୍ୱସ୍ତିର ଭାବ ରହିଯାଉଛି ।'' ତା'ଛଡ଼ା ତୁମେ ଟିକେ ଆଗରୁ ଯେଉଁ ବିଷୟ କହୁଥିଲ ଯେ ଫଳାଫଳରୁହିଁ କାମଟିର ସୂଚନା ମିଳିଥାଏ; ଏପରିକି ଏହା ମଧ୍ୟ କୁହାଯାଇଛି (ବହିରେ ବି ଲେଖାଯାଇଛି) ଯେ ଫଳାଫଳରୁହିଁ ଭଗବତ୍ ଇଚ୍ଛାର ସୂଚନା ମିଳିପାରିବ, ଅର୍ଥାତ୍ ଯାହାକିଛି ସାଫଲ୍ୟ

ଆଣିଦେବ ତାହାହିଁ ଭଗବାନଙ୍କ ଇଚ୍ଛା ଏବଂ ଯାହା ବିଫଳ ହେବ ତାହା ଭଗବାନଙ୍କ ଇଚ୍ଛା ନୁହେଁ ! ଏହା ପୂରାପୂରି ପର୍ବତ ପ୍ରମାଣ ନିର୍ବୋଧତାଗୁଡ଼ିକ ଭିତରୁ ଅନ୍ୟତମ । ଏହା ହେଉଛି ସମସ୍ୟାଟିର ଏକ ମାନସିକ ସରଳୀକରଣ ଯାହାକି ଅନେକଟା ହାସ୍ୟାସ୍ପଦ ଓ କୌତୁକପ୍ରଦ । ଏହା ପ୍ରକୃତରେ ଆଦୌ ସତ୍ୟ ନୁହେଁ । ଯଦି ଆମକୁ କିଛି ସୂଚନା ବା ଇଙ୍ଗିତ ମିଳେ, (ତାହା ମିଳିଥାଏ ଆମ ଆନ୍ତରିକତା ଅନୁପାତରେ) ତେବେ ତା' ହେଉଛି ଭିତରେ ଏକ ଅସ୍ୱସ୍ତିବୋଧ, ଏକ ଛୋଟ ଅସ୍ୱସ୍ତିବୋଧ – କିଛି ବଡ଼ ଗୋଟାଏ ଅସ୍ୱସ୍ତି ନୁହେଁ, ଟିକେ ସାମାନ୍ୟ ଅସ୍ୱସ୍ତି ।

ଏଠାରେ, ତୁମେ ଜାଣିବ ଯେ ତୁମର ଆଉ ଏକ ଉପାୟ ଅଛି, ସେ ଉପାୟଟି ଅତି ସରଳ । ମୁଁ ଜାଣେ ନା ତୁମେ କାହିଁକି ଏହି ଉପାୟଟିର ପ୍ରୟୋଗ କରୁ ନାହଁ, ଯାହାକି ଅତି ସହଜ ଓ ପ୍ରାଥମିକ । ତୁମେ କଳ୍ପନା କର ଯେ ମୁଁ ତୁମ ସମ୍ମୁଖରେ ରହିଛି ଏବଂ ତୁମେ ନିଜକୁ ପଚାର, ''ମା'ଙ୍କ ଆଗରେ ଏହି କାମଟି କ'ଣ ମୁଁ କୌଣସି ଅସୁବିଧା ଅନୁଭବ ନକରି, ବିନା ଆୟାସରେ, କେହି ବାରଣ କରି ଟାଣି ଧରୁଥିବାର ଅନୁଭବ ନକରି ଅବାଧରେ କରିପାରିବି ?'' ଏହି ଭାବଟି ରଖିଲେ ଏହା ତୁମକୁ କେବେହେଲେ ଠକାଇବ ନାହିଁ । ତୁମେ ଯଦି ନିଷ୍ଠାପର ହୋଇଥାଅ, ତେବେ ସଙ୍ଗେ ସଙ୍ଗେ ଜାଣିପାରିବ କାମଟି କେତେଦୂର ଠିକ୍ ବା ଭୁଲ୍ । ଅନେକ ଲୋକଙ୍କୁ ଏହା କୌଣସି ଭୁଲ୍ କାମ କରିବାର ଆସନ୍ନ ଅବସ୍ଥାରୁ ରକ୍ଷା କରିଥାଏ ।

(Bulletin, Aug. 1998, pp.55 - 59)

## କର୍ମ ସମ୍ପର୍କରେ କେତେକ ମନ୍ତବ୍ୟ

ଯେତେବେଳେ କାମଟି କରାଯାଉଥାଏ କେବଳ ସେତିକି ବେଳେ ସେ ବିଷୟରେ ଚିନ୍ତାକର ।

କାମଟି ଶେଷ ହୋଇଗଲା ପରେ ତୁମ ମନକୁ ଆଉ ସେଥିପ୍ରତି ଫେରାଅ ନାହିଁ । ଏହା ଅତୀତର ବିଷୟ ହୋଇ ସାରିଛି, ଏବଂ ପୁଣି ଥରେ ତାହାକୁ ନିଜ ବିଚାର ବା ଆଚରଣର ବିଷୟ କରିବା ହେଉଛି ଶକ୍ତିର ଅପଚୟ ।

ଆଗକୁ କରିବାକୁ ଥିବା କୌଣସି କାମ ବିଷୟରେ ମଧ୍ୟ ତୁମ ମନକୁ ବ୍ୟସ୍ତ, ଶ୍ରାନ୍ତ କର ନାହିଁ । ତୁମ ଭିତରେ ଯେଉଁ ଶକ୍ତି କାମ କରୁଛି ତାହାହିଁ ଯଥା ସମୟରେ ସେ ବିଷୟ ପ୍ରତି ଦୃଷ୍ଟି ଦେବ ।

ମନର ଏହି ଦୁଇ ଧରଣର ଅଭ୍ୟାସ ହେଉଛି ଏକ ଅତୀତର ଜିନିଷ ଯାହାକୁ ଦୂର କରି ଦେବା ପାଇଁ ରୂପାନ୍ତରକାରୀ ଶକ୍ତି ଚାପ ଦେଉଛି ଏବଂ ଦୈହିକ ମନ ସେହି ଅତୀତ ଜିନିଷରେ ଲାଗି ରହିବାହିଁ ହେଉଛି ତୁମ ଶ୍ରାନ୍ତି ଓ କ୍ଳାନ୍ତିର କାରଣ । ତୁମେ ଯଦି ଏହା ମନେ ରଖିପାରିବ ଯେ ତୁମ ମନକୁ କେବଳ ସେତିକି ବେଳେ କାମ କରିବା ପାଇଁ ଛାଡ଼ିଦେବ ଯେତେବେଳେ ଏହାର କ୍ରିୟାର ଆବଶ୍ୟକତା ରହିଥାଏ, ସେତେବେଳେ ଏହି ଚାପଜନିତ କ୍ଳାନ୍ତି କମିଯିବ ଓ ଦୂର ହୋଇଯିବ । ଅବଶ୍ୟ ଏହା ହେଉଛି ଏକ ମଧ୍ୟବର୍ତ୍ତିକାଳୀନ ଗତିବୃତ୍ତି ଏବଂ ଦୈହିକ ମନକୁ ଅତିମାନସ ଅଧିକାର କରି ତା' ଭିତରକୁ ଦିବ୍ୟ-ଆଲୋକର ସ୍ୱତଃସ୍ଫୂର୍ତ୍ତ କ୍ରିୟା ଆଣିବା ପୂର୍ବରୁ ଏହିପରି ଘଟିଥାଏ ।

(ବୁଲେଟିନ୍, ନଭେମ୍ବର - ୨୦୦୮, ପୃ. ୪୯) — ଶ୍ରୀଅରବିନ୍ଦ

# କର୍ମର ଆନନ୍ଦ

## ଶ୍ରୀଅରବିନ୍ଦ

ତୁମ କର୍ମରେ ସବୁବେଳେ ଏହି ତିନୋଟି ବିଷୟ ରହିଥାଏ : ପ୍ରଭୁ, କର୍ମୀ ଓ ଯନ୍ତ୍ର । ନିଜ ଭିତରେ ଏଗୁଡ଼ିକର ଯଥାର୍ଥ ସଂଜ୍ଞା ନିର୍ଣ୍ଣୟ କରିବା ଏବଂ ସେଗୁଡ଼ିକୁ ଠିକ୍ ଭାବରେ ଅଧିଗତ କରିବା ହେଉଛି କର୍ମ ତଥା କର୍ମର ଆନନ୍ଦର ଗୋପନ ରହସ୍ୟ ।

ପ୍ରଥମେ ତୁମକୁ ଶିଖିବାକୁ ହେବ ଭଗବାନଙ୍କର ଯନ୍ତ୍ର ହେବା ପାଇଁ ଏବଂ ତୁମ ପ୍ରଭୁଙ୍କୁ ଗ୍ରହଣ କରିନେବା ପାଇଁ । ତୁମେ ଯାହାକୁ ତୁମେ ନିଜେ ବୋଲି କୁହ ସେହି ବାହ୍ୟ ଜିନିଷଟି ହେଉଛି ଯନ୍ତ୍ର, ଏହା ହେଉଛି ମନର ଏକ ଢାଞ୍ଚା, ପ୍ରାଣମୟ ଏକ ଶକ୍ତି-ପ୍ରବେଗ, ଆକାର ଥିବା ଏକ ଯନ୍ତ୍ରପାତି, ସ୍ପ୍ରିଙ୍ଗ୍, ପେଚ, ଚକଦାନ୍ତୀ ଆଦି ନାନା କଳକବ୍‌ଜା ଓ କାରିଗରୀ କୌଶଳରେ ପୂର୍ଣ୍ଣ ଏକ ବସ୍ତୁ । ଏହାକୁ ଦିବ୍ୟକର୍ମୀ ବା ପ୍ରଭୁ ବୋଲି କୁହ ନାହିଁ, ଏହା କେବେହେଲେ ଦିବ୍ୟକର୍ମୀ ବା ପ୍ରଭୁ ହୋଇପାରିବ ନାହିଁ । ନିଜକୁ ବିନୀତ ଭାବରେ ଭଗବାନଙ୍କର ଏକ ଯନ୍ତ୍ର ବୋଲି ମାନିନିଅ, ବିନୀତ ଭାବରେ ତଥାପି ସ୍ୱାଭିମାନ ସହ, ଉତ୍ସର୍ଗ ଓ ଆନୁଗତ୍ୟର ଭାବ ସହ ଏବଂ ଆନନ୍ଦ ମନରେ ନିଜକୁ ତାଙ୍କର ଏକ ଯନ୍ତ୍ର ବୋଲି ଗ୍ରହଣ କର ।

ପ୍ରଭୁଙ୍କର ଏକ ନିଖୁଣ ଯନ୍ତ୍ର ହୋଇ ଉଠିବାଠାରୁ ଆଉ ଅଧିକ ଗର୍ବ ଓ ଗୌରବର କଥା କିଛି ନାହିଁ ।

ପ୍ରଥମେ ଶିଖିବାକୁ ହେବ କିପରି ସର୍ବଦା ପୂରାପୂରି ଆଜ୍ଞାପାଳନ କରିବାକୁ ହୁଏ । ତରବାରି ବାଛେ ନାହିଁ ତାହା କେଉଁଠି ଆଘାତ କରିବ, ତୀର ପଚାରେ ନାହିଁ ତାହା କେଉଁ ଲକ୍ଷ୍ୟ ଦିଗରେ ଚାଳିତ ହେବ, ଯନ୍ତ୍ରର ସ୍ପ୍ରିଙ୍ଗଗୁଡ଼ିକ ଜିଦ୍ କରନ୍ତି ନାହିଁ ସେମାନଙ୍କ କ୍ରିୟା ଫଳରେ କେଉଁ ଧରଣର ବସ୍ତୁର ଉତ୍ପାଦନ ହେବ । ବିଶ୍ୱପ୍ରକୃତିର ଅଭିପ୍ରାୟ ଓ କ୍ରିୟା ଦ୍ୱାରାହିଁ ତାହା ସ୍ଥିରୀକୃତ ହୋଇଥାଏ । ସଚେତ ଯନ୍ତ୍ରଟି ନିଜ ପ୍ରକୃତିର ଶୁଦ୍ଧ ଓ ମୂଳ ସ୍ୱଧର୍ମକୁ ଯେତେ ଅଧିକ ଅନୁଭବ କରିବା ପାଇଁ ଓ ମାନି ଚଳିବା ପାଇଁ ଶିଖିବ, ସେତେ ଅଧିକ ଶୀଘ୍ରହିଁ ତା ଦ୍ୱାରା ସଂପନ୍ନ ହେଉଥିବା କର୍ମ ଆହୁରି ପୂର୍ଣ୍ଣ, ନିଖୁଣ ଓ ତ୍ରୁଟିହୀନ ହୋଇ ଉଠିବ । ସ୍ନାୟବିକ ପ୍ରବୃତ୍ତି-ପ୍ରଣୋଦିତ ପ୍ରାଣଶକ୍ତି ଯଦି ନିଜ ପସନ୍ଦ ଓ ଖିଆଲ ଖୁସି ଅନୁଯାୟୀ କର୍ମ ନିର୍ବାଚନ କରେ, ଯଦି ଶାରୀରିକ ଓ ମାନସିକ ଯନ୍ତ୍ର ବିଦ୍ରୋହ କରେ ତେବେ ତାହା ଦ୍ୱାରା ସମସ୍ତ କର୍ମ ନଷ୍ଟଭ୍ରଷ୍ଟ ହୋଇଯିବାହିଁ ସାର ହେବ ।

ତୁମେ ନିଜକୁ ଭଗବାନଙ୍କ ଶ୍ୱାସ-ପ୍ରଶ୍ୱାସରେ ବହିଯିବାକୁ ଛାଡ଼ିଦିଅ ଏବଂ ଝଡ଼ରେ ଉଡୁଥିବା ଏକ ପତ୍ର ପରି ହୋଇଯାଅ, ତାଙ୍କ ହାତରେ ନିଜକୁ ଛାଡ଼ିଦିଅ ଏବଂ ଆଘାତ କରିବା ପାଇଁ ଉଦ୍ୟତ ଏକ ଖଡ୍‌ଗ ପରି ଓ ନିଜ ଲକ୍ଷ୍ୟଭେଦ ପାଇଁ ଛୁଟି ଚାଲୁଥିବା ଏକ ତୀର ପରି ହୋଇଉଠ । ତୁମର ମନ ଯନ୍ତ୍ରପାତିର ଏକ ସ୍ପ୍ରିଂ ପରି ହେଉ ଏବଂ ତୁମର ଶକ୍ତି ଏକ ପିଷ୍ଟନ୍ ପରି କ୍ରିୟା କରୁ; ତୁମର କର୍ମ ହୋଇଉଠୁ ସେହିପରି ଇସ୍ପାତଦୃଢ଼ ଯାହା କୌଣସି ଜିନିଷକୁ ଚୂରିପେଷି ନୂତନ ଆକୃତି ଦେବା ପାଇଁ ତାହା ଉପରେ ବାରବାର କ୍ରିୟା କରିଥାଏ । ତୁମର ବାଣୀ ହୋଇଉଠୁ ନେହି ଉପରେ ହାତୁଡ଼ି-ଆଘାତର ଶବ୍ଦ ପରି ଏବଂ ଇଞ୍ଜିନର ଶ୍ରମାର୍ତ୍ତ କ୍ରନ୍ଦନ ପରି ଓ ରଣଭେରୀର ସେହି ତୂର୍ଯ୍ୟ-ନିନାଦ ପରି ଯାହା ସମଗ୍ର ଅଞ୍ଚଳରେ ଭାଗବତ ଶକ୍ତିର ବିଜୟ ଘୋଷଣା କରୁଥାଏ । ଯେକୌଣସି ବାଟରେ ହେଉ ନା କାହିଁକି ଏକ ଯନ୍ତ୍ର ଭଳି ସେହି କର୍ମ କରିଚାଲ ଯାହା ତୁମ ପାଇଁ ସ୍ୱାଭାବିକ ଓ ଯେଉଁ କର୍ମ ପାଇଁ ତୁମେ ନିଯୁକ୍ତ ହୋଇଛ ।

ରଣଭୂମିର ଲୀଳାରେ ହିଁ ତରବାରିର ଆନନ୍ଦ, ତୀରର ଉଲ୍ଲାସ ସାଇଁ ସାଇଁ ଶବ୍ଦ କରି ଛୁଟି ଚାଲିବାରେ, ମହାଶୂନ୍ୟରେ ଚକାଭଉଁରି କାଟି ଘୂରି ବୁଲିବାରେହିଁ ପୃଥିବୀର ଆନନ୍ଦ, ନିଜର ଜ୍ୟୋତିର୍ମୟ ଐଶ୍ୱର୍ଯ୍ୟ, ଦୀପ୍ତି ଓ ଚିରନ୍ତନ ଗତିରୁହିଁ ସୂର୍ଯ୍ୟ ତା'ର ସମ୍ରାଟସୁଲଭ ଆନନ୍ଦର ଉପଭୋଗ କରିଥାଏ । ହେ ଭଗବାନଙ୍କର ଆତ୍ମସଚେତନ ଯନ୍ତ୍ର ! ତୁମେ ନିଜେ ମଧ୍ୟ ନିୟୋଜିତ ହୋଇଥିବା କର୍ମରୁ ଆନନ୍ଦର ରସ ଆସ୍ୱାଦନ କର ।

ତରବାରି ନିଜେ ଗଢ଼ାହେବା ପାଇଁ ଆବେଦନ ଜଣାଇ ନ ଥିଲା କିଂବା ନିଜ ପ୍ରୟୋଗକାରୀକୁ ଏହା ପ୍ରତିରୋଧ କରେ ନାହିଁ ଅଥବା ଯେତେବେଳେ ଏହା ଭାଙ୍ଗି ତୁଟିଯାଏ ସେଥିପାଇଁ ଏହା ବିଳାପ କରେ ନାହିଁ । ଗଢ଼ିହେବାରେ ଏକ ଆନନ୍ଦ ଅଛି, ବ୍ୟବହୃତ ହେବାରେ ଏକ ଆନନ୍ଦ ଅଛି, ଆଡ଼େଇ ରଖା

ହେବାରେ ଏକ ଆନନ୍ଦ ଅଛି ଏବଂ ଭାଙ୍ଗି ଯିବାରେ ମଧ୍ୟ ଏକ ଆନନ୍ଦ ଅଛି । ସମତାର ସେହି ଆନନ୍ଦକୁ ଆବିଷ୍କାର କର ।

ଯେହେତୁ ତୁମେ ଯନ୍ତ୍ରଟିକୁ କର୍ମୀ ଓ ପ୍ରଭୁ ବୋଲି ଭୁଲ୍ କରିଛ ଏବଂ ଯେହେତୁ ନିଜ କାମନାବାସନାର ଅଜ୍ଞାନତାର ବଶବର୍ତ୍ତୀ ହୋଇ, ତୁମ ନିଜର ପସନ୍ଦ ଅନୁଯାୟୀ ଅବସ୍ଥା, ନିଜର ଲାଭାଲାଭ ଓ ଉପଯୋଗିତାକୁ ବାଛି ସ୍ଥିର କରିବାକୁ ବାହାରି ପଡ଼ିଛ, ତେଣୁ ତୁମକୁ ନାନା ଦୁଃଖ, କ୍ଲେଶ ଓ ଯାତନା ଭୋଗ କରିବାକୁ ପଡ଼ୁଛି ଏବଂ ବାରବାର ତୁମକୁ ରକ୍ତବର୍ଣ୍ଣ ଉତ୍ତପ୍ତ ନରକର ଅଗ୍ନିକୁଣ୍ଡ ଭିତରେ ପଡ଼ିବାକୁ ହେଉଛି, ବାରବାର ତୁମକୁ ନୂତନ ଜନ୍ମ ନେଇ ନୂତନ ଆକାର ଓ ସ୍ୱଭାବ ଗ୍ରହଣ କରିବାକୁ ପଡ଼ୁଛି ଯେପର୍ଯ୍ୟନ୍ତ ତୁମେ ତୁମର ମାନୁଷୀ ଶିକ୍ଷାଲାଭକୁ ପୂରା କରି ନାହଁ । ଏବଂ ଏହା ଏହିପରି ହୋଇ-ଚାଲିଛି କାରଣ ଏହା ତୁମର ଅପରିପକ୍ୱ, ଅସଂପୂର୍ଣ୍ଣ ପ୍ରକୃତି ଭିତରେହିଁ ବିଦ୍ୟମାନ ରହିଛି । ଯେହେତୁ ବିଶ୍ୱ-ପ୍ରକୃତିହିଁ କର୍ମକର୍ତ୍ତ୍ରୀ, ସେ କେଉଁ ଲକ୍ଷ୍ୟ ନେଇ ଏହିପରି କରିଚାଲିଛି ? ତାହାର ସ୍ଥୂଳ ମନ, ପ୍ରାଣ ଓ ଜଡ଼ ଭିତରୁ ଏକ ପୂର୍ଣ୍ଣ ସଚେତ ସତ୍ତାର ଗଠନ ଓ ବିକାଶକୁ ରୂପାୟିତ କରିବାହିଁ ତାହାର ଉଦ୍ଦେଶ୍ୟ ।

*

ପରବର୍ତ୍ତୀ ପଦକ୍ଷେପ ହେଉଛି ନିଜକୁ ଦିବ୍ୟକର୍ମୀ ବୋଲି ଜାଣ । ତୁମର ପ୍ରକୃତିକୁ କର୍ମୀ ବୋଲି ବୁଝ ଏବଂ ନିଜର ପ୍ରକୃତିକୁ ତଥା ସମଗ୍ର ବିଶ୍ୱପ୍ରକୃତିକୁ ନିଜର ସ୍ୱରୂପ ବୋଲି ଜାଣ ।

ଏହି ପ୍ରକୃତି-ସ୍ୱରୂପ(nature-self) କିଛି ବିଶେଷ ଭାବରେ ତୁମର ନୁହଁ ବା ତାହା ଆଦୌ ସୀମିତ ନୁହେଁ । ତୁମରି ପ୍ରକୃତିହିଁ ଏହି ସୂର୍ଯ୍ୟକୁ, ସମସ୍ତ ସୌର ଜଗତକୁ, ପୃଥିବୀକୁ, ତା'ର ପ୍ରାଣୀମାନଙ୍କୁ, ତୁମକୁ, ତୁମର ସବୁକିଛିକୁ, ତୁମେ ଯାହା ହୋଇଛ ଓ ଯାହାସବୁକୁ ପ୍ରତ୍ୟକ୍ଷ କରୁଛ — ସେସମସ୍ତ କିଛିକୁ ରୂପଦେଇ ଗଢ଼ିଛି । ଏହି ପ୍ରକୃତିହିଁ ତୁମର ମିତ୍ର, ତୁମର ଶତ୍ରୁ, ତୁମର ଜନନୀ ଓ ତୁମର ଭକ୍ଷଣକାରୀ, ତୁମର ପ୍ରେମାସ୍ପଦ ଓ ତୁମର ଉତ୍ପୀଡ଼ନକାରୀ, ତୁମ ଆତ୍ମାର ଭଗିନୀ ଓ ସମ୍ପୂର୍ଣ୍ଣ ପର, ଅପରିଚିତ, ବିଦେଶୀ; ଏହାହିଁ ତୁମର ଆନନ୍ଦ ଓ ତୁମର ଦୁଃଖ-ବେଦନା, ତୁମର ପାପ ଓ ତୁମର ପୁଣ୍ୟ, ତୁମର ସାମର୍ଥ୍ୟ ଓ ତୁମର ଦୁର୍ବଳତା, ତୁମର ଜ୍ଞାନ ଓ ତୁମର ଅଜ୍ଞାନ । ଏବଂ ତଥାପି ଏଥିଭିତରୁ କିଛି ବି ନୁହେଁ; ଏହା ଏପରି କିଛି ଯାହାର ଏଗୁଡ଼ିକ ହେଉଛି ପ୍ରଚେଷ୍ଟା ଓ ଅପୂର୍ଣ୍ଣ ଭାବମୂର୍ତ୍ତି । କାରଣ ଏସବୁର ଊର୍ଦ୍ଧ୍ୱରେ, ଏଗୁଡ଼ିକୁ ଅତିକ୍ରମ କରି ଏକ ମୂଳ ଆତ୍ମଜ୍ଞାନ ରହିଛି ଏବଂ ରହିଛି ଏକ ଅନନ୍ତ ଶକ୍ତି ଏବଂ ଅସଂଖ୍ୟ ଅଗଣିତ ଗୁଣରୂପ ।

କିନ୍ତୁ ତୁମ ଭିତରେ ରୂପାୟିତ ହୋଇଛି ତାହାର ଏକ ବିଶେଷ ଗତିବୃତ୍ତି, ଏକ ଯଥୋପଯୋଗୀ ପ୍ରକୃତି ଏବଂ ବ୍ୟକ୍ତିଗତ ଶକ୍ତି । ଏକ ପ୍ରସାରମୟୀ ନଦୀ ପରି ତାହାର ଅନୁସରଣ କର ଯେତେବେଳେ କି ଏହା ଶେଷରେ ତୁମକୁ ପହୁଞ୍ଚାଇ ଦେବ ତାହାର ଅନନ୍ତ ଆଦିସ୍ରୋତ ଓ ମୂଳ ସ୍ୱରୂପରେ ।

ତେଣୁ ତୁମ ନିଜ ଶରୀରକୁ ଜଡ଼ର ଏକ ଗ୍ରନ୍ଥି ବୋଲି ଓ ତୁମର ମନକୁ ବିଶ୍ୱମନର ଏକ ଘୂର୍ଣ୍ଣି ବୋଲି ଏବଂ ତୁମ ଜୀବନକୁ ଚିରନ୍ତନ ପ୍ରାଣ-ସମୁଦ୍ରର ଏକ ଆବର୍ତ୍ତ ବୋଲି ଜାଣ । ତୁମର ଶକ୍ତିକୁ ଅନ୍ୟ ସମସ୍ତ ସତ୍ତାଙ୍କ ଶକ୍ତି ବୋଲି ଜାଣ, ଏବଂ ତୁମର ଜ୍ଞାନକୁ ସେହି ଆଲୋକର ଏକ ଦ୍ୟୁତି ଓ ଝଲକ ବୋଲି ଜାଣ ଯାହା କୌଣସି ମନୁଷ୍ୟର ଅଧିକାରଭୁକ୍ତ ନୁହେଁ, ଏବଂ ତୁମର କର୍ମକୁ ତୁମ ନିଜ ପାଇଁ ଉଦ୍ଦିଷ୍ଟ ହୋଇଥିବା କର୍ମ ବୋଲି ଜାଣ ତେବେ ନିଜକୁ ଏକ ସ୍ୱତନ୍ତ୍ର ପୃଥକ୍ ବ୍ୟକ୍ତିସତ୍ତା ବୋଲି ମନେ କରିବାର ଭ୍ରାନ୍ତିରୁ ମୁକ୍ତ ହୁଅ ।

ଯେତେବେଳେ ତାହା ସଂପନ୍ନ ହୋଇଯିବ ସେତେବେଳେ ତୁମେ ତୁମ ବ୍ୟକ୍ତିସତ୍ତାର ସତ୍ୟରେ, ତୁମର ସାମର୍ଥ୍ୟରେ, ତୁମର ମହିମାରେ, ତୁମର ସୌନ୍ଦର୍ଯ୍ୟରେ ଓ ତୁମର ଜ୍ଞାନରେ ଏକ ମୁକ୍ତ ଆନନ୍ଦ ଅନୁଭବ କରିବ ଏବଂ ଯଦି ଏଗୁଡ଼ିକରୁ ତୁମେ ବଞ୍ଚିତ ହୁଅ, ତେବେ ମଧ୍ୟ ତହିଁରେ ଆନନ୍ଦ ଅନୁଭବ କରିବ । କାରଣ ଏସବୁଗୁଡ଼ିକ ହେଉଛି ସେହି ଦିବ୍ୟପୁରୁଷଙ୍କର ନାଟକୀୟ ମୁଖା ଓ ବେଶଭୂଷା ଏବଂ ସେହି ଆତ୍ମଶିଳ୍ପୀଙ୍କର ଆତ୍ମ ଭାବମୂର୍ତ୍ତି ।

ତୁମେ ନିଜକୁ କାହିଁକି ସୀମିତ କରିବ ? ତୁମକୁ ଆଘାତ କରୁଥିବା ଖଡ୍‌ଗ ଭିତରେ ତଥା ଆଲିଙ୍ଗନ କରୁଥିବା ବାହୁ ଭିତରେ ନିଜକୁ ଅନୁଭବ କର, ସୂର୍ଯ୍ୟଙ୍କର ଜାଜ୍ୱଲ୍ୟମାନ ଦୀପ୍ତି ଭିତରେ ଓ ପୃଥିବୀର ଲାସ୍ୟ ଭିତରେ, ଈଗଲର ଉଡ଼ିବା ଭିତରେ ଓ ନାଇଟିଙ୍ଗେଲ୍‌ର ଗାନ ଭିତରେ ନିଜକୁ ଅନୁଭବ କର । ଯାହାକିଛି ଅତୀତ ହୋଇଯାଇଛି ଓ ଯାହାକିଛି ବର୍ତ୍ତମାନ ବିଦ୍ୟମାନ ହୋଇ ରହିଛି ଓ ଯାହାକିଛି ଭବିଷ୍ୟତରେ ରୂପ

ନେବାକୁ ଯାଉଛି ସେସବୁ ଭିତରେ ନିଜକୁ ଅନୁଭବ କର । କାରଣ ତୁମେ ହେଉଛ ଅସୀମ ଏବଂ ଏ ସମସ୍ତ ଆନନ୍ଦ ତୁମ ପାଇଁ ସମ୍ଭବପର ।

ଦିବ୍ୟକର୍ମକର୍ତ୍ତ୍ରୀଙ୍କର ନିଜ କର୍ମର ଆନନ୍ଦ ଥାଏ ଏବଂ ଯାହାଙ୍କ ପାଇଁ ସେ କର୍ମ କରୁ ଥାଆନ୍ତି ତାଙ୍କର ସେହି ପରମ ପ୍ରେମିକଙ୍କ ଆନନ୍ଦ ହୋଇଉଠେ ତାଙ୍କ ନିଜର ଆନନ୍ଦ । ସେହି ଦେବୀ ନିଜକୁ ଜାଣନ୍ତି ସେହି ପରମ ପୁରୁଷଙ୍କ ଚେତନା ଓ ଶକ୍ତି ରୂପେ, ତାଙ୍କର ଜ୍ଞାନ ଓ ଜ୍ଞାନର ସଂଯମ ରୂପେ, ତାଙ୍କର ଐକ୍ୟ ଓ ତାଙ୍କର ଆତ୍ମ-ବିଭାଜନ ରୂପେ, ତାଙ୍କ ସତ୍ତାର ଅସୀମତା ଓ ସସୀମତା ରୂପେ । ତୁମେ ନିଜକୁ ଏ ସମସ୍ତ କିଛି ବୋଲି ଜାଣ; ତୁମେ ମଧ୍ୟ ତୁମ ଦିବ୍ୟପ୍ରେମିକଙ୍କ ଆନନ୍ଦକୁ ଉପଭୋଗ କର ।

ଅନେକେ ଅଛନ୍ତି ଯେଉଁମାନେ ନିଜକୁ ଏକ କର୍ମଶାଳା ବୋଲି ବା ଏକ ଯନ୍ତ୍ର ବୋଲି ବା ତହିଁରେ ତିଆରି ହୋଇଥିବା ଏକ ବସ୍ତୁ ବୋଲି ଜାଣନ୍ତି । କିନ୍ତୁ ସେମାନେ କର୍ମକର୍ତ୍ତାଙ୍କୁ ଭୁଲ୍ କରନ୍ତି ପ୍ରଭୁ ବୋଲି, ଏହା ମଧ୍ୟ ଏକ ଭୁଲ୍ । ଯେଉଁମାନେ ଏହି ଭୁଲ୍‌ରେ ପଡ଼ନ୍ତି ସେମାନେ ପ୍ରକୃତିର ସେହି ସମୁଚ, ଶୁଦ୍ଧ ଓ ନିଖୁଣ କର୍ମଧାରାକୁ କ୍ୱଚିତ୍ ବୁଝିଥାଆନ୍ତି ।

ଯନ୍ତ୍ର ହେଉଛି ବ୍ୟକ୍ତିରୂପ ନେଇଥିବା ଏକ ସୀମିତ ବସ୍ତୁ, କର୍ମୀ ହେଉଛି ବ୍ୟକ୍ତିଭାବସଂପନ୍ନ ଏକ ବିଶ୍ୱଗତ ସତ୍ୟ, କିନ୍ତୁ ଏଥିଭିତରୁ କେହି ମଧ୍ୟ ପ୍ରଭୁ ନୁହନ୍ତି, କାରଣ କେହି ମଧ୍ୟ ସେହି ଯଥାର୍ଥ ଦିବ୍ୟପୁରୁଷ ନୁହନ୍ତି ।

*

ଶେଷରେ ନିଜକୁ ଜାଣ ସେହି ପ୍ରଭୁଙ୍କ ସ୍ୱରୂପ ବୋଲି, କିନ୍ତୁ ନିଜର ସେହି ଦିବ୍ୟ-ଆତ୍ମାକୁ କୌଣସି ଆକୃତି ପ୍ରଦାନ କର ନାହିଁ ଏବଂ ତାହା ପାଇଁ ଗୁଣର କୌଣସି ସଂଜ୍ଞାର ସଂଧାନ କର ନାହିଁ । ସେହି ଦିବ୍ୟତତ୍ତ୍ୱଙ୍କ ସଙ୍ଗେ ତୁମ ନିଜ ସତ୍ତାରେ ଏକ ହୋଇଯାଅ, ତୁମ ନିଜ ଚେତନାରେ ତାଙ୍କ ସଙ୍ଗେ ସଂପର୍କଯୁକ୍ତ ହୋଇଯାଅ, ତୁମ ନିଜର ସମସ୍ତ ଶକ୍ତି ଦେଇ ତାଙ୍କର ଆଜ୍ଞା ପାଳନ କର, ତୁମ ନିଜର ଆନନ୍ଦରେ ତାଙ୍କର ଅଧୀନ ଓ ବଶୀଭୂତ ହୋଇଯାଅ ଏବଂ ତାଙ୍କର ଆଲିଙ୍ଗନରେ ଆବଦ୍ଧ ହୁଅ– ନିଜ ଜୀବନରେ, ଶରୀରରେ ଓ ମନରେ ତାଙ୍କୁହିଁ ସାର୍ଥକ ଓ ପରିପୂର୍ଣ୍ଣ କର । ସେତେବେଳେ ଯାଇ ତୁମ ଅନ୍ତରର ଏକ ଉନ୍ମୀଳିତ ଦୃଷ୍ଟି ଆଗରେ ସେହି ଏକମାତ୍ର ଯଥାର୍ଥ ଦିବ୍ୟପୁରୁଷ ଆବିର୍ଭୂତ ହେବେ, ଯେକି ସ୍ୱୟଂ ତୁମେ, ପୁଣି ତୁମେ ନୁହଁ, ଯେକି ବାକି ଅନ୍ୟ ସମସ୍ତ ପୁଣି ଅନ୍ୟ ସମସ୍ତଙ୍କଠାରୁ ଅଧିକ, ଯେକି ତୁମ ସମସ୍ତ କର୍ମର ନିୟନ୍ତା, ନିର୍ଦ୍ଦେଶକ ଓ ତା'ର ଉପଭୋକ୍ତା, ସମସ୍ତ କର୍ମୀ ଓ ଯନ୍ତ୍ରମାନଙ୍କର ପ୍ରଭୁ; ଏହି ବିଶ୍ୱଲୀଳାର ତାଣ୍ଡବ ନୃତ୍ୟରେ କ୍ଷିପ୍ର ପଦସଞ୍ଚାଳନ କରି ତା'ର ଆନନ୍ଦ-ଉଚ୍ଛ୍ୱାସରେ ସେ ମତ୍ତ ରହିଥିଲେ ମଧ୍ୟ ତଥାପି ତୁମ ଆତ୍ମାର ନିଭୃତ ଆନ୍ତର ପ୍ରକୋଷ୍ଠରେ ତୁମ ସଙ୍ଗେ ନୀରବ, ନିଶ୍ଚୁପ ଓ ଏକଲା ହୋଇ ରହିଛନ୍ତି ।

ସେହି ଦିବ୍ୟପ୍ରଭୁଙ୍କ ଆନନ୍ଦର ଅଧିକାର ଲାଭ କରିବା ପରେ ତୁମ ପାଇଁ ଆଉ ଜୟ କରିବାର କିଛି ନାହିଁ । କାରଣ ସେ ତୁମ ହାତରେ ଦେଇଦେବେ ସ୍ୱୟଂ ନିଜକୁ ତଥା ବସ୍ତୁସକଳକୁ ଏବଂ ସମସ୍ତ ପ୍ରାଣିକୁଳର ଯାହା କିଛି ପାଇବାର, ରଖିବାର, କାର୍ଯ୍ୟକରିବାର ବା ଭୋଗ କରିବାର ରହିଛି; ତହିଁରେ ତୁମର ନିଜର ଯେତିକି ଯଥାର୍ଥ ଅଂଶ ଓ ଭାଗ ରହିଛି ତାହା ସେ ତୁମକୁ ଦେଇଦେବା ସଙ୍ଗେ ସଙ୍ଗେ ଯାହାକୁ ଭାଗ କରାଯାଇ ପାରିବ ନାହିଁ ତାହା ମଧ୍ୟ ତୁମକୁ ଦେଇଦେବେ । ତୁମେ ତୁମ ସତ୍ତାରେ ଧାରଣ ଓ ଅନ୍ତର୍ଗତ କରି ରଖିବ ନିଜକୁ ଓ ବାକି ଅନ୍ୟ ସକଳଙ୍କୁ ଏବଂ ତୁମେ ଯାହା ହୋଇଉଠିବ ତାହା କେବଳ ତୁମେ ନୁହଁ ବା ଅନ୍ୟ ସକଳ ନୁହନ୍ତି । କର୍ମର ଏହାହିଁ ହେଉଛି ପରମ ପୂର୍ଣ୍ଣତାଲାଭ ଓ ଚୂଡ଼ାନ୍ତ ପରାକାଷ୍ଠା ।

(*Essays in Philosophy and Yoga,*
The Delight of Works, pp. 163-166)

In the Ashram, negligence in work is treachery.

(MCW. Vol. 13, p. 163) – The Mother

ଆଶ୍ରମରେ କର୍ମର ଅବହେଳାକୁ ବିଶ୍ୱାସଘାତକତା କୁହାଯିବ ।

୧୫ ମାର୍ଚ୍ଚ, ୧୯୬୯ – ଶ୍ରୀମା

# ନିଃସ୍ୱାର୍ଥ କର୍ମ ଓ ଆରୋଗ୍ୟ

## ଶ୍ରୀମା

*ପ୍ରଶ୍ନ : ଆମେ ଖୁବ୍ ଆଳସ୍ୟ ବା ଅନିଚ୍ଛୁକତା ଅନୁଭବ କରୁଥିଲେ ମଧ୍ୟ କାମଟିକୁ କରିଚାଲିବା ଅଧିକ ଶ୍ରେୟସ୍କର ନୁହେଁ କି ?*

ଶ୍ରୀମା : ଏହା କାମଟି ଉପରେ ନିର୍ଭର କରେ; ଆମେ ଏଠାରେ ଆଉ ଏକ ପ୍ରସଙ୍ଗର ଜଗତରେ ପ୍ରବେଶ କରୁଛେ । ଯଦି ବ୍ୟକ୍ତିଗତଭାବେ ନିଜ ପାଇଁ ନୁହେଁ ସମଷ୍ଟି ପାଇଁ ତୁମେ କାମଟି କରୁଥାଅ, ତା'ହେଲେ ତୁମେ ତାହା ନିଶ୍ଚୟ କରି ଚାଲିବା ଉଚିତ ଯାହାବି ହେଉନା କାହିଁକି । ଏହା ଏକ ପ୍ରାଥମିକ ଶୃଙ୍ଖଳା । ତୁମେ ଏହି କାମଟି କରିବା ପାଇଁ ଦାୟିତ୍ୱ ଗ୍ରହଣ କରିଛ ବା ତୁମକୁ କାମଟି ଦିଆଯାଇଛି ଏବଂ ତୁମେ ତାହା ଗ୍ରହଣ କରିଛ, ସେ କ୍ଷେତ୍ରରେ ତୁମେ ତାହା କରିଚାଲିବା ଉଚିତ । ସବୁ ସମୟରେ, ଯଦି ତୁମେ ପୂରାପୂରି ରୋଗାକ୍ରାନ୍ତ ନ ହୁଅ, ଯଦି ଦେହ ଖରାପର ଅବସ୍ଥା ଚରମକୁ ନ ଯାଏ, ଯେତେବେଳେ କି ତୁମେ ଆଉ ବିଛଣାରୁ ଉଠିପାରୁ ନାହଁ, ସେପର୍ଯ୍ୟନ୍ତ କାମଟି କରିଚାଲିବା ଉଚିତ । ଦେହ ଖରାପ ଯେତେ ଯାହା ହେଉନା କାହିଁକି ତୁମେ କାମଟି କରିବା ଉଚିତ । ତୁମର ଛୋଟ ଛୋଟ ବ୍ୟକ୍ତିଗତ ରୋଗବ୍ୟାଧିକୁ ଏକ ନିଃସ୍ୱାର୍ଥ କର୍ମ ସବୁସମୟରେ ଆରୋଗ୍ୟ କରିଦେଇଥାଏ । ଏହା ଅବଶ୍ୟ ସ୍ୱାଭାବିକ ଯେ ତୁମେ ଯଦି ପ୍ରକୃତରେ ବାଧ୍ୟ ହୁଅ ବିଛଣାରେ ପଡ଼ି ରହିବାକୁ, ଏକ ସାଂଘାତିକ ଜ୍ୱର ବା ସେହି ଧରଣର କିଛି ଭୟାନକ ରୋଗବ୍ୟାଧି ଦ୍ୱାରା ଆକ୍ରାନ୍ତ ହୁଅ, ତା'ହେଲେ ତାହା ଭିନ୍ନ କଥା । କିନ୍ତୁ ତା' ନ ହେଲେ ତୁମର ଯଦି ସାମାନ୍ୟ କିଛି ଦେହ ଖରାପ ହୋଇଥାଏ : ''ମୋର ଦେହ ଭଲ ନାହିଁ, ମୋତେ ଭଲ ଲାଗୁ ନାହିଁ, ଟିକେ ମୁଣ୍ଡ ବ୍ୟଥା ହେଉଛି ବା ଅଜୀର୍ଣ୍ଣ ହୋଇଛି ବା ଖୁବ୍ ସର୍ଦ୍ଦି ହୋଇଛି, କାଶ ହେଉଛି'' ଏହି ଧରଣର କିଛି, ତା'ହେଲେ ତୁମ ନିଜ କଥା ନ ଭାବି, କାମଟି କରିଯିବା, କାମଟିର କଥା ଭାବି, ଯେତେଦୂର ପାର ତାହାକୁ ଭଲଭାବରେ କରିବା – ଏହାହିଁ ତୁମକୁ ସଙ୍ଗେ ସଙ୍ଗେ ଆରୋଗ୍ୟ କରିଦେବ ।

ବାସ୍ତବରେ ରୋଗ ହେଉଛି ଏକ ଭାରସାମ୍ୟହୀନତା, ତୁମେ ଯଦି ଆଉ ଏକ ଭାରସାମ୍ୟ ପ୍ରତିଷ୍ଠା କରିଦିଅ, ସେହି ଭାରସାମ୍ୟହୀନତାଟି ଅନ୍ତର୍ହିତ ହୋଇଯିବ । କୌଣସି ଦେହ-ଖରାପ ସର୍ବଦା, ସବୁ କ୍ଷେତ୍ରରେ, ଏପରିକି ଯେତେବେଳେ ଡାକ୍ତର କୁହନ୍ତି ଯେ ଏହା ଜୀବାଣୁଜନିତ; – ପ୍ରତ୍ୟେକଟି କ୍ଷେତ୍ରରେ ଏହା ସତ୍ତାରେ ଏକ ଭାରସାମ୍ୟହୀନତା, ବିଭିନ୍ନ କ୍ରିୟା ଭିତରେ, ବିଭିନ୍ନ ଶକ୍ତି ଭିତରେ ଏକ ଭାରସାମ୍ୟହୀନତା ।

ଏପରି କହିବାର ଅର୍ଥ ଏହା ନୁହେଁ ଯେ ଜୀବାଣୁ ବୋଲି କିଛି ନାହିଁ; ବର୍ତ୍ତମାନ ପର୍ଯ୍ୟନ୍ତ ଯେତେ ସଂଖ୍ୟକ ଜୀବାଣୁ ଜଣା ପଡ଼ିଛନ୍ତି ତା' ଅପେକ୍ଷା ଅନେକ ଅଧିକ ସଂଖ୍ୟାରେ ଜୀବାଣୁ ଅଛନ୍ତି । କିନ୍ତୁ ସେଇଥିଯୋଗୁଁ ଯେ ତୁମେ ରୋଗାକ୍ରାନ୍ତ ହୁଅ, ତାହା ନୁହେଁ, କାରଣ ସେମାନେ ତ ସବୁବେଳେ ଅଛନ୍ତି । ସେମାନେ ସବୁ ସମୟରେ ଅଛନ୍ତି ଏବଂ ଦିନ ଦିନ ଧରି ତୁମର କିଛି କରନ୍ତି ନାହିଁ, ହଠାତ୍ ଦିନେ ଗୋଟିଏ ଧରଣର ଜୀବାଣୁ ଦ୍ୱାରା ଆକ୍ରାନ୍ତ ହୋଇ ତୁମେ ରୋଗଗ୍ରସ୍ତ ହେଲ – କାହିଁକି ? ସହଜ କାରଣଟି ହେଉଛି ଅଭ୍ୟାସଗତ ଭାବରେ ତୁମର ଯେଉଁ ପ୍ରତିରୋଧ ଶକ୍ତି ଥିଲା ତାହା ଆଉ ସେପରି ହୋଇ ରହି ନାହିଁ, କାରଣ କୌଣସି ଅଂଶରେ ଏକ ଭାରସାମ୍ୟହୀନତା ଦେଖା ଦେଇଛି, ଏବଂ ସେଗୁଡ଼ିକର କ୍ରିୟାପ୍ରକ୍ରିୟା ଆଉ ସ୍ୱାଭାବିକ ଭାବେ ଚାଲୁ ନାହିଁ । କିନ୍ତୁ ଯଦି ତୁମେ ତୁମର ଅନ୍ତର୍ଶକ୍ତି ଦ୍ୱାରା ଭାରସାମ୍ୟକୁ ପୁନଃ ପ୍ରତିଷ୍ଠା କରିଦେଇ ପାରିବ ତେବେ ସେହି ଭାରସାମ୍ୟହୀନତା ଅନ୍ତର୍ହିତ ହୋଇଯିବ ।

ଆରୋଗ୍ୟ ପାଇଁ ଲୋକମାନଙ୍କର ଅନ୍ୟ କୌଣସି ବାଟ ନାହିଁ । ସହଜଭାବରେ ଜଣେ ଯେତେବେଳେ ସେହି ଭାରସାମ୍ୟହୀନତାଟିକୁ ଦେଖିପାରେ ଏବଂ ଭାରସାମ୍ୟଟିକୁ ପୁନଃପ୍ରତିଷ୍ଠିତ କରିବା ପାଇଁ ସମର୍ଥ ହୁଏ, ସେତେବେଳେ ତା'ର ଆରୋଗ୍ୟ ହୋଇଯାଏ । ତେବେ ଏ ସମ୍ପର୍କରେ ଦୁଇଧରଣର ଦୃଷ୍ଟାନ୍ତ ଦେଖୁ ... କେତେକ ଲୋକ ସେମାନଙ୍କର ଭାରସାମ୍ୟ-ହୀନତାକୁ ଧରି ରହି ଥାଆନ୍ତି, ଜାବୁଡ଼ି ଧରି ଥାଆନ୍ତି, ତାହାକୁ ଛାଡ଼ି ଦେବାକୁ ଚାହାନ୍ତି ନାହିଁ । ତା'ହେଲେ ତୁମେ ଯେତେ କଠିନ ପ୍ରଚେଷ୍ଟା କଲେ ମଧ୍ୟ, ଏପରିକି ତୁମେ ସେହି ଭାରସାମ୍ୟକୁ ପୁଣି ଥରେ ପ୍ରତିଷ୍ଠିତ କରିଦେଲେ ମଧ୍ୟ, ପର ମୁହୂର୍ତ୍ତରେ ସେମାନେ ପୁଣି ସେହି ଭାରସାମ୍ୟହୀନତା ଭିତରକୁ ଫେରିଯିବେ । କାରଣ ସେମାନେ ତାହାକୁ ଭଲପାଇ ପୋଷଣ କରିଚାଲନ୍ତି । ସେମାନେ କୁହନ୍ତି, ''ନା, ମୁଁ ରୋଗଗ୍ରସ୍ତ ହେବାକୁ

ଚାହେଁ ନାହିଁ'' । କିନ୍ତୁ ସେମାନଙ୍କ ଭିତରେ ଏପରି କିଛି ରହିଥାଏ ଯାହାକି ସେହି ଭାରସାମ୍ୟହୀନତାକୁ ଦୃଢ଼ଭାବରେ ଧରି ରହିଥାଏ, ତାହାକୁ ଚାଲିଯିବା ପାଇଁ ଛାଡ଼ିଦିଏ ନାହିଁ । ବିପରୀତ ପକ୍ଷେ ଏପରି ଲୋକମାନେ ଅଛନ୍ତି ଯେଉଁମାନେ ଆନ୍ତରିକଭାବରେ ଭାରସାମ୍ୟକୁ ଭଲ ପାଆନ୍ତି, ଏବଂ ସେମାନଙ୍କ ଭାରସାମ୍ୟ ଫେରି ପାଇବା ପାଇଁ ସିଧାସଳଖ ଶକ୍ତି ତୁମେ ସେମାନଙ୍କୁ ଦେଇପାର, ଭାରସାମ୍ୟ ପୁନଃପ୍ରତିଷ୍ଠିତ ହୁଏ ଓ କେଇ ମିନିଟ୍ ଭିତରେ ସେମାନେ ସୁସ୍ଥ ହୋଇଉଠିବେ । ସେମାନଙ୍କର ନିଜର ଯଥେଷ୍ଟ ଜ୍ଞାନ ନଥାଏ ବା ଶୃଙ୍ଖଳାର ପୁନଃ-ପ୍ରତିଷ୍ଠା ପାଇଁ ସେମାନଙ୍କର ଯଥେଷ୍ଟ ଶକ୍ତି ନଥାଏ – ଭାରସାମ୍ୟହୀନତା ଏକ ବିଶୃଙ୍ଖଳା । କିନ୍ତୁ ତୁମେ ଯଦି ହସ୍ତକ୍ଷେପ କର, ତୁମର ଯଦି ସେହି ଜ୍ଞାନ ଥାଏ ଏବଂ ଭାରସାମ୍ୟଟିକୁ ପୁନଃପ୍ରତିଷ୍ଠିତ କରିଦେଇପାର ତେବେ ସ୍ୱାଭାବିକଭାବରେ ରୋଗଟି ଦୂର ହୋଇଯିବ, ଏବଂ ସେହି ଲୋକମାନେହିଁ ଯେଉଁମାନେ ତୁମର କ୍ରିୟା ପାଇଁ ସମ୍ମତି ଦିଅନ୍ତି, ସେହିମାନେହିଁ ରୋଗମୁକ୍ତ ହୁଅନ୍ତି । କେବଳ ଯେଉଁମାନେ ତାହା କରିବା ପାଇଁ ତୁମକୁ ଛାଡ଼ି ଦିଅନ୍ତି ନାହିଁ ସେମାନେ ରୋଗ ଭୋଗୁଥାଆନ୍ତି । ଏହା ବେଶ୍ ଦେଖିହେବ, ସେମାନେ ତୁମକୁ କ୍ରିୟା କରିବାକୁ ଛାଡ଼ିଦିଅନ୍ତି ନାହିଁ, ସେମାନେ ନିଜ ରୋଗଟିକୁ ଜାବୁଡ଼ି ଧରି ରହିଥାଆନ୍ତି । ମୁଁ ସେମାନଙ୍କୁ କୁହେ, ''ଓଃ ! ତୁମ ଦେହ ଭଲ ହେଲା ନାହିଁ ? ତାହେଲେ ଡାକ୍ତରଙ୍କ ପାଖକୁ ଯାଅ ।'' ଏବଂ ସବୁଠୁ କୌତୁକପ୍ରଦ ବିଷୟ ହେଲା ଯେ ଅଧିକାଂଶ ସମୟରେ ଡାକ୍ତରଙ୍କ ଉପରେ ସେମାନଙ୍କର ବିଶ୍ୱାସ ଥାଏ, ଯଦିଓ କ୍ରିୟାଟି ସେଇ ସମାନ ହୋଇ ରହିଥାଏ ! ପ୍ରତ୍ୟେକ ଡାକ୍ତର ଯାହାର ଏକ ପ୍ରକାର ଦାର୍ଶନିକସୁଲଭ ମନୋଭାବ ଥିବ ସେ ତୁମକୁ କହିବ, ''ଏହା ଏହିପରି ଭାବରେ ହୁଏ, ଆମେ ଡାକ୍ତରମାନେ ତୁମ ପାଇଁ କେବଳ ଏକ ଆନୁଷଙ୍ଗିକ ଅବସ୍ଥା ଆଣିଦେଉ, କିନ୍ତୁ ପ୍ରକୃତରେ ଶରୀରହିଁ ନିଜକୁ ଆରୋଗ୍ୟ କରେ । ଯେତେବେଳେ ଶରୀର ଚାହେଁ ଆରୋଗ୍ୟ ହେବାକୁ, ସେ ଆରୋଗ୍ୟ ହୋଇଯାଏ ।'' ଏପରିସବୁ ଶରୀର ଅଛି ଯଦି ସେମାନଙ୍କୁ କିଛି ଔଷଧ ଖୁଆଇ ଦେବାକୁ ହେବ ନାହିଁ ବା ନିର୍ଦ୍ଦିଷ୍ଟଭାବରେ ସ୍ଥୂଳ ପ୍ରକ୍ରିୟା କିଛି କରାଯିବ ନାହିଁ ଯାହାକି ସେମାନଙ୍କ ଭିତରେ ଏହି ପ୍ରବୋଧନା ଆଣିଦେବ ଯେ ଯଥାର୍ଥରେ ସେମାନଙ୍କର ଯତ୍ନ ନିଆଯାଉଛି, ସେମାନେ କେବେହେଲେ ଭାରସାମ୍ୟର ପୁନଃପ୍ରତିଷ୍ଠା ପାଇଁ ବାଟ ଛାଡ଼ିଦେବେ ନାହିଁ । କିନ୍ତୁ ଯଦି ତୁମେ ସେମାନଙ୍କୁ ଏକ ଅତି ସୁନିର୍ଦ୍ଦିଷ୍ଟ ଚିକିତ୍ସା ବତାଇଦେବ, ଯାହାକି କେତେକ ସମୟରେ ଅନୁସରଣ କରିବା ଖୁବ୍ କଷ୍ଟକର ମଧ୍ୟ ହୋଇଥାଏ, ସେମାନଙ୍କ ଭିତରେ ଏହି ହୃଦ୍‌ବୋଧ ଆସିଥାଏ ଯେ ଭାରସାମ୍ୟର ପୁନଃପ୍ରତିଷ୍ଠା ଛଡ଼ା ଆଉ ଅଧିକ ଉତ୍ତମ କିଛି କରିବାର ନାହିଁ, ଏବଂ ସେମାନେ ଭାରସାମ୍ୟଟିକୁ ଫେରି ପାଆନ୍ତି ।

ମୁଁ ଜଣେ ଡାକ୍ତରଙ୍କୁ ଜାଣେ ଯେ ସ୍ନାୟୁ-ଚିକିତ୍ସକ ଥିଲେ ଏବଂ ପାକସ୍ଥଳୀରେ ହେଉଥିବା ରୋଗର ଚିକିତ୍ସା କରୁଥିଲେ । ସେ ବରାବର କହୁଥିଲେ ଯେ ପାକସ୍ଥଳୀର ସମସ୍ତ ରୋଗ ଊଣାଧିକେ ତ୍ରୁଟିଜନକ ସ୍ନାୟବିକ ଅବସ୍ଥାରୁ ଆସିଥାଏ । ସେ ଥିଲେ ଧନୀମାନଙ୍କର ଡାକ୍ତର, ଏବଂ ଧନୀ ଓ କିଛି କାମ ନ ଥିବା ଲୋକମାନେ ତାଙ୍କ ପାଖକୁ ଯାଉଥିଲେ । ସେମାନେ ତାଙ୍କ ପାଖକୁ ଯାଇ କହୁଥିଲେ, ''ପାକସ୍ଥଳୀରେ ମୋର ଯନ୍ତ୍ରଣା ହେଉଛି, ମୁଁ ହଜମ କରିପାରୁ ନାହିଁ,'' ଇତ୍ୟାଦି । ସେମାନେ ଖୁବ୍ ଯନ୍ତ୍ରଣା ଭୋଗୁଥିଲେ, ସେମାନଙ୍କର ମୁଣ୍ଡବ୍ୟଥା ହେଉଥିଲା ଓ ନାନାପ୍ରକାର ରୋଗର କଥା କହୁଥିଲେ । ସେ ସେମାନଙ୍କ କଥାଗୁଡ଼ିକୁ ବେଶ୍ ଗୁରୁତ୍ୱ ଦେଇ ଶୁଣୁଥିଲେ । ମୁଁ ଜଣେ ମହିଳାଙ୍କୁ ଜାଣେ ଯେ ତାଙ୍କ ନିକଟକୁ ଯାଇଥିଲେ ଏବଂ ଉକ୍ତ ଡାକ୍ତର ତାଙ୍କୁ କହିଲେ, ''ଓଃ, ଆପଣଙ୍କ ରୋଗର ଆରୋଗ୍ୟ ଖୁବ୍ ଦୁଃସାଧ୍ୟ । କିନ୍ତୁ କେଉଁ ମହଲାରେ ଆପଣ ରୁହନ୍ତି ? ସବାତଳ ମହଲାରେ ? ବେଶ୍, ଆପଣଙ୍କ ପାକସ୍ଥଳୀ ରୋଗର ଆରୋଗ୍ୟ ପାଇଁ ଆପଣଙ୍କୁ ଏହାହିଁ କରିବାକୁ ହେବ । ପୂରାପୂରି ପାଚିଥିବା ପେନ୍ଥାଏ ଅଙ୍ଗୁର ନିଅନ୍ତୁ (ପ୍ରାତଃଭୋଜନ କରନ୍ତୁ ନାହିଁ, କାରଣ ତାହା ଆପଣଙ୍କ ପାକସ୍ଥଳୀରେ ଗୋଳମାଳ ସୃଷ୍ଟି କରେ), ପେନ୍ଥାଏ ଅଙ୍ଗୁର ନିଅନ୍ତୁ ଏବଂ ଏହିପରି ଭାବରେ ତାକୁ ଧରନ୍ତୁ, ଖୁବ୍ ଯତ୍ନର ସହିତ । ତା'ପରେ ବାହାରକୁ ଯିବାକୁ ପ୍ରସ୍ତୁତ ହୁଅନ୍ତୁ – ଦରଜା ବାଟ ଦେଇ ନୁହେଁ, କେବେହେଲେ ଦରଜା ବାଟ ଦେଇ ଯିବେ ନାହିଁ । ଝରକା ବାଟଦେଇହିଁ ଆପଣଙ୍କୁ ଯିବାକୁ ହେବ । ଗୋଟିଏ ଷ୍ଟୁଲ୍ ନେଇ ତା' ଉପରେ ଚଢ଼ି ଝରକା ବାଟଦେଇ ବାହାରକୁ ଯାଆନ୍ତୁ । ରାସ୍ତାକୁ ଯାଇ ଚାଲନ୍ତୁ ଓ ପ୍ରତ୍ୟେକ ଦୁଇ ପଦକ୍ଷେପ ବ୍ୟବଧାନରେ ଗୋଟିଏ କରି ଅଙ୍ଗୁର ଖାଆନ୍ତୁ – ଅଧିକ ନୁହେଁ, ଆଦୌ ଅଧିକ ନୁହେଁ ! ତା'ହେଲେ ପୁଣି ପାକସ୍ଥଳୀ ଯନ୍ତ୍ରଣା ହେବ ! ଦୁଇ ପଦକ୍ଷେପ ବ୍ୟବଧାନରେ ଗୋଟିଏ ଅଙ୍ଗୁର । ଦୁଇଟି ପଦକ୍ଷେପ ନେବେ, ତା'ପରେ ଗୋଟିଏ ମାତ୍ର ଅଙ୍ଗୁର ଖାଇବେ, ଏବଂ ଅଙ୍ଗୁର ପେନ୍ଥାଟି ଶେଷ ହେବା ପର୍ଯ୍ୟନ୍ତ ଏହିପରି କରିଚାଲିବେ । ପଛକୁ

ଫେରିବେ ନାହିଁ, ସିଧା ଆଗେଇ ଚାଲିଥିବେ ଯେପର୍ଯ୍ୟନ୍ତ ଅଙ୍ଗୁର ପେଛାଟି ଶେଷ ହୋଇ ନାହିଁ । ଗୋଟିଏ ବଡ଼ ଅଙ୍ଗୁର ପେଛା ନେବେ, ଏବଂ ଯେତେବେଳେ ଏହା ଶେଷ ହୋଇଯିବ ଚୁପ୍‌ଚାପ୍ ଘରକୁ ଫେରି ଆସିବେ । କିନ୍ତୁ କୌଣସି ଯାନବାହନ ନେବେ ନାହିଁ ! ପାଦରେ ଚାଲି ଚାଲି ଘରକୁ ଫେରିବେ, ତା' ନ ହେଲେ ପୁନର୍ବାର ସମସ୍ତ ଯନ୍ତ୍ରଣାଟି ଫେରିଆସିବ । ଚୁପ୍‌ଚାପ୍ ଫେରିବେ, ଏବଂ ମୁଁ ଆପଣଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇପାରେ ଯେ ଯଦି ଆପଣ ପ୍ରତ୍ୟେକ ଦିନ ଏହିପରି କରିବେ ତିନିଦିନ ସରିବା ବେଳକୁ ଆପଣ ପୂରାପୂରି ଆରୋଗ୍ୟ ହୋଇ ଯାଇଥିବେ ।'' ପ୍ରକୃତରେ ମହିଳା ଜଣକ ପୂରାପୂରି ଆରୋଗ୍ୟ ହୋଇଗଲେ ।

(CWM, Vol. V, pp. 120 - 123)

ନିଜର ମାନସମ୍ମାନ ବା ସୁବିଧା-ଅସୁବିଧାକୁ ଆଦୌ ଭ୍ରୂକ୍ଷେପ ନକରି, କର୍ମ ପାଇଁ ଯାହା ସର୍ବୋତ୍କୃଷ୍ଟ ତାହାକୁ ନେଇ କର୍ମ କରିବା ଉଚିତ । – କର୍ମକୁ ନିଜର ବୋଲି ନ ଭାବି ଶ୍ରୀମା'ଙ୍କ କର୍ମ ବୋଲି ଭାବିବ – ଏହି କର୍ମକୁ ନିୟମ, ଶୃଙ୍ଖଳା ଓ ନିଃସ୍ୱାର୍ଥପର ମନୋଭାବ ନେଇ କରିବ ଏପରିକି ଯଦିଓ ସର୍ବୋତ୍ତମ କର୍ମ ପାଇଁ ବ୍ୟବସ୍ଥା ଅନୁକୂଳ ହୋଇ ନଥିବ, ଇତ୍ୟାଦି ଇତ୍ୟାଦି ।

*

ସାଧକ ଯଦି ଯଥାର୍ଥ ମନୋଭାବ ସହିତ କର୍ମ କରେ, ତେବେ କର୍ମରେ ଯେତେ ଅଧିକ ବାଧା ଆସିବ ସେ ତଦ୍ୱାରା ସେତେ ଅଧିକ ଲାଭବାନ୍ ହେବ ଏବଂ ସମତା ଅଧିକ ଗଭୀର ହେବ । ସେଥିଲାଗି ସାହାଯ୍ୟ ପାଇବା ନିମନ୍ତେ ତୁମକୁ ମଧ୍ୟ ନିଜକୁ ଖୋଲି ଧରିବାକୁ ହେବ; କାରଣ ପ୍ରକୃତିର ପରିବର୍ତ୍ତନ ପାଇଁ ଶ୍ରୀମା'ଙ୍କ ନିକଟରୁ ସହାୟତା ସର୍ବଦା ଆସିଥାଏ ।

*

ଯଦି ମନ ଓ ପ୍ରାଣ ଶ୍ରୀମା'ଙ୍କର ଶକ୍ତି ପ୍ରତି ନିଜକୁ ଖୋଲି ରଖିବାରେ ଅଭ୍ୟସ୍ତ ହୋଇଥା'ନ୍ତି, ତେବେ ସେମାନେ ସର୍ବଦା ଦିବ୍ୟଶକ୍ତି ଦ୍ୱାରା ସହାୟତା ପ୍ରାପ୍ତ ହେବେ ଓ ତଦ୍ୱାରା ପୂର୍ଣ୍ଣ ହେବେ । ସେତେବେଳେ ଦିବ୍ୟଶକ୍ତିହିଁ କର୍ମ କରିଥାଏ; କର୍ମ ପୂର୍ବରୁ ବା ପରେ ଶରୀରରେ କୌଣସି କଷ୍ଟ ବା ଅବସାଦ ନଥାଏ । କିନ୍ତୁ ତଥାପି ମଧ୍ୟ ଶରୀର ନିଜେ ଉନ୍ମୀଳିତ ନହେଲେ ବା ଦିବ୍ୟଶକ୍ତିକୁ ନିଜ ମଧ୍ୟରେ ଅନ୍ତର୍ଭୁକ୍ତ ନକଲେ, କର୍ମସବୁ ମଧ୍ୟରେ ଯଥେଷ୍ଟ ବିଶ୍ରାମ ନିତାନ୍ତ ଆବଶ୍ୟକ । ନଚେତ୍ ଶରୀର ଦୀର୍ଘ ସମୟ ଧରି କର୍ମ କରିପାରେ, କିନ୍ତୁ ଶେଷରେ ହଠାତ୍ ତାହା ଭାଙ୍ଗି ପଡ଼ିବାର ବିପଦ ରହିଥାଏ ।

ସାଧକ କ୍ଲାନ୍ତିରୁ ସଂପୂର୍ଣ୍ଣ ମୁକ୍ତ ହୋଇ ପାରିବ କିନ୍ତୁ ତାହା ସମ୍ଭବ, କେବଳ ଯେତେବେଳେ ପାର୍ଥିବ ପ୍ରକୃତି ମଧ୍ୟକୁ ଅତିମାନସ ଶକ୍ତିର ପୂର୍ଣ୍ଣ ଅବତରଣ ଫଳରେ ଶରୀରର କ୍ରିୟା କରିବାର ନିୟମ ଓ ପ୍ରକୃତି ସଂପୂର୍ଣ୍ଣ ଭାବରେ ରୂପାନ୍ତରିତ ହୋଇଥିବ ।

*

ଶାନ୍ତ ଓ ସଦାପ୍ରସାରିତ ଚେତନା ମଧ୍ୟରେ କର୍ମ କରିବା ହେଉଛି ଏକ ସଙ୍ଗରେ ଉଭୟ ସାଧନା ଓ ସିଦ୍ଧି ।

(ପୂର୍ଣ୍ଣଯୋଗ : ବାସ୍ତବ ଦିଗ୍‌ଦର୍ଶନ, ପୃଷ୍ଠା ୧୬୨-୬୩) – ଶ୍ରୀଅରବିନ୍ଦ

# କର୍ମ ସମ୍ପର୍କରେ ଶ୍ରୀମାଙ୍କ ସହ ପ୍ରଶ୍ନୋତ୍ତର

*ପ୍ରଶ୍ନ : ମଧୁମୟି ମା, ସେବକ ଓ କର୍ମୀ ଭିତରେ କ'ଣ ପାର୍ଥକ୍ୟ ?*

**ଶ୍ରୀମା** : ବିଶେଷ କିଛି ପାର୍ଥକ୍ୟ ଅଛି ବୋଲି ମୁଁ ଭାବୁ ନାହିଁ । ଏହା ପ୍ରାୟ ସମାନ ଜିନିଷ । ବୋଧହୁଏ ମନୋଭାବଟି ଠିକ୍ ଏକାପ୍ରକାର ନୁହେଁ, କିନ୍ତୁ ବିଶେଷ କିଛି ପ୍ରଭେଦ ନାହିଁ । 'ସେବକ' ଶବ୍ଦଟିରେ କିଛି ଅଧିକ କଥା ଥିବା ପରି ମନେହୁଏ । ଏହା ହେଉଛି ସେବାର ଆନନ୍ଦ । କର୍ମୀ – ତାହାର କେବଳ କର୍ମର ଆନନ୍ଦ ରହିଛି । କିନ୍ତୁ ସେବା ରୂପରେ ଯେଉଁ କର୍ମ କରାଯାଏ ତାହା ଆହୁରି ଅଧିକ ଆନନ୍ଦ ଆଣିଦିଏ ।

*ପ୍ରଶ୍ନ : ''ଆତ୍ମପ୍ରୀତି''ର ଅର୍ଥ କ'ଣ ?*

**ଶ୍ରୀମା** : ମୁଁ ଭାବୁଛି ଆତ୍ମପ୍ରୀତି ହେଉଛି ଆତ୍ମସର୍ବସ୍ୱ ଅହଂ ବା ବଡ଼ିମାକୁ ସୂଚାଉଥିବା ଏକ ଅଧିକ ମନୋରମ ଶବ୍ଦ । ଆତ୍ମପ୍ରୀତିର ଅର୍ଥ ହେଲା ନିଜକୁ ଅନ୍ୟସବୁ କିଛି ଅପେକ୍ଷା ଅଧିକ ଭଲ ପାଇବା । ଏବଂ ଶ୍ରୀଅରବିନ୍ଦ ଏଠାରେ ଆତ୍ମସର୍ବସ୍ୱ ଅହଂର ଠିକ୍ ସେହି ପ୍ରତିକ୍ରିୟାଗୁଡ଼ିକୁହିଁ ସୂଚାଇଛନ୍ତି, ଯେତେବେଳେ ଜଣେ ଅନୁଭବ କରେ ଯେ ତା'ର ଯଥାର୍ଥ ମୂଲ୍ୟକୁ କେହି ବୁଝୁ ନାହାନ୍ତି, ଯେତିକି ପ୍ରଶଂସା ତା'ର ପ୍ରାପ୍ୟ ବୋଲି ସେ ମନେ କରେ ତାହା କେହି ଦେଉ ନାହାନ୍ତି ବା ଯେଉଁ ପୁରସ୍କାର ପାଇବା ପାଇଁ ସେ ଯୋଗ୍ୟ ବୋଲି ତା'ର ବିଶ୍ୱାସ ତାହା ତାକୁ ମିଳୁ ନାହିଁ ଏବଂ ସେ ସଂପନ୍ନ କରୁଥିବା ପ୍ରତ୍ୟେକଟି କାମ ପାଇଁ ତାକୁ କେହି ଅଭିନନ୍ଦନ ଜଣାଉ ନାହାନ୍ତି, ସେତେବେଳେ ତା'ର ଏହି ଆତ୍ମସର୍ବସ୍ୱ ଅହଂଭାବ ଭୀଷଣ ଭାବେ କ୍ଷୁଣ୍ଣ ଓ ଆହତ ହୁଏ । ବାସ୍ତବରେ ଏହି ସମସ୍ତ ଗତିଗୁଡ଼ିକ ଆସିଥାଏ ଅସନ୍ତୋଷ ଭିତରୁ, କାରଣ ସେ ଯାହା ଆଶା କରିଥିଲା ତାହା ପାଉ ନାହିଁ, ଯାହା ପାଇବା ପାଇଁ ସେ ନିଜକୁ ଯୋଗ୍ୟ ବୋଲି ଭାବେ, ତାହା ପାଉ ନାହିଁ ।

*ପ୍ରଶ୍ନ : ମା, ଏକ ସକ୍ରିୟ ଗତିଶୀଳ ଧ୍ୟାନର ଅର୍ଥ କ'ଣ ?*

**ଶ୍ରୀମା** : ଏହା ହେଉଛି ଏକ ନିଷ୍କ୍ରିୟ ଜଡ଼ସୁଲଭ ଏକାତ୍ମତାର ବିପରୀତ । ଏହା ଏପରି ଏକ ଏକାତ୍ମତା ଯାହା ଶକ୍ତି, ସଂକଳ୍ପ, କର୍ମ ଓ ଉତ୍ସାହରେ ପରିପୂର୍ଣ୍ଣ; କିନ୍ତୁ ଅପର ପକ୍ଷେ ଜଣେ ଏକ ଧରଣର ନିଷ୍କ୍ରିୟତା ଭିତରେ ମଧ୍ୟ ଏକାତ୍ମତା ଲାଭ କରିପାରେ ।

*ପ୍ରଶ୍ନ : ମା, ଏଠାରେ ଶ୍ରୀଅରବିନ୍ଦ ଲେଖିଛନ୍ତି, ''ତୁମେ ଜାଣିବ, ଦେଖିବ, ଅନୁଭବ କରିବ ଯେ ଜଗନ୍ମାତା ତୁମକୁ ଏକ ବିଶେଷ ବ୍ୟକ୍ତି ଓ ଶକ୍ତିରୂପେ ତାଙ୍କ ନିଜ ସତ୍ତାରୁ ନିଜେହିଁ ଗଢ଼ିଛନ୍ତି, ଲୀଳା ନିମିତ୍ତ ବାହାରକୁ ପ୍ରକଟ କରି ଧରିଛନ୍ତି ।...'' କ'ଣ ଏହି ଲୀଳା ?*

**ଶ୍ରୀମା** : ଏହି ବିଶ୍ୱକୁ ଭଗବାନଙ୍କ ଲୀଳା ବୋଲି କୁହାଯାଏ ।

*ପ୍ରଶ୍ନ : କାହିଁକି ?*

**ଶ୍ରୀମା** : କାହିଁକି ? ଏହା କହିବାର ଏକ ରୀତି ବା ଢଙ୍ଗ । ତୁମେ କ'ଣ ଅନୁଭବ କର ଏହା ଏକ ଆମୋଦଦାୟକ ଖେଳା ନୁହେଁ ? ଅନେକେ ଅଛନ୍ତି ଯେଉଁମାନେ ଏହିପରି ଅନୁଭବ କରିଥାଆନ୍ତି ! (*ହାସ୍ୟ*) ସେମାନେ ଅନୁଭବ କରନ୍ତି ଲୀଳାଟି ଆଦୌ ଆମୋଦଦାୟକ ନୁହେଁ । କିନ୍ତୁ ତଥାପି କହିବାର ଏହା ଏକ ଧରଣ... । ଏହାକୁ ଆନନ୍ଦମୟ ବୋଲି ନଭାବି ନାନା ଗତିବୃତ୍ତି ଓ କ୍ରିୟାପ୍ରତିକ୍ରିୟା ନେଇ ଏହାକୁ ଶକ୍ତିରାଜିର ଏକ ଖେଳା ବୋଲି କୁହାଯାଇଥାଏ । ସମସ୍ତ କ୍ରିୟା କର୍ମ ହେଉଛି ଶକ୍ତିରାଜିର ଖେଳା । ସୁତରାଂ ଜଣେ ଏହାକୁ ଠିକ୍ ସେଇ ଭାବରେହିଁ ଗ୍ରହଣ କରିପାରେ । କିନ୍ତୁ ପ୍ରକୃତରେ ଏହାର ଅର୍ଥ ହେଲା ଯେ ଦିବ୍ୟ-ଭାଗବତ ଶକ୍ତି, ଭଗବତ୍ ଚେତନା ବିଶ୍ୱସୃଷ୍ଟି ପାଇଁ ଓ ତା' ଭିତରେ ରହିଥିବା ସମସ୍ତ ଶକ୍ତିର ସହ ନିଜକୁ ବାହ୍ୟ ବହିରଙ୍ଗରେ ଅଭିବ୍ୟକ୍ତ କରିଛନ୍ତି । ତାହାହିଁ ହେଉଛି ଏହାର ଅର୍ଥ, ଅନ୍ୟ କିଛି ନୁହେଁ । ମୁଁ ନିଶ୍ଚୟ ଏହି ଅର୍ଥରେ କହୁ ନାହିଁ ଯେ ଏହା ହେଉଛି ଏକ ଖେଳପଡ଼ିଆରେ ଖେଳ ଖେଳିବା ପରି କିଛି ! ଏହା ଆହୁରି ଅନ୍ୟାନ୍ୟ ଅନେକ କିଛିକୁ ବୁଝାଇପାରେ !

(*ପ୍ରଶ୍ନ ପଚାରିବା ପାଇଁ ଉତ୍ସାହିତ କରିବାକୁ ମା ଅନ୍ୟ*

*ପିଲାମାନଙ୍କ ଆଡ଼କୁ ବୁଲି ପଡ଼ିଲେ)* ଆଉ କିଛି ପ୍ରଶ୍ନ ନାହିଁ ? ତୁମର ଆଉ କିଛି ପଚାରିବାର ନାହିଁ ?

*ପ୍ରଶ୍ନ : ''ତୁମେ ଅହଂର ସମସ୍ତ ବିକୃତି-ଦୋଷରୁ ନିଜକୁ ମୁକ୍ତ ରଖ'' ଏହି ବାକ୍ୟଟିର ଅର୍ଥ କ'ଣ ?*

ଶ୍ରୀମା : ଅହଂର ବିକୃତି ?

(*କିଛି ସମୟ ନୀରବତା ପରେ*) ବିକୃତି ହେଉଛି ଏପରି ଏକ ଜିନିଷ ଯାହା ଭଗବତ୍ ସତ୍ୟ ଓ ଶୁଦ୍ଧତାଠାରୁ ବିପଥଗାମୀ ହୋଇ ଦୂରେଇ ଯାଏ । ଯେଉଁ ମୁହୂର୍ତ୍ତରେ ତୁମେ ଅଜ୍ଞାନ ଓ ମିଥ୍ୟାଚାର ଭିତରେ ବାସ କରିବାକୁ ଆରମ୍ଭ କର ତୁମେ ସେତେବେଳେ ବିକୃତିରେହିଁ ବାସ କର ଏବଂ ବର୍ତ୍ତମାନ ସମଗ୍ର ପୃଥିବୀଟାହିଁ ଅଜ୍ଞାନ ଓ ମିଥ୍ୟାଚାରରେ ଗଠିତ । ତେଣୁ ଏହାର ଅର୍ଥ ହେଉଛି ତୁମେ ଯଦି ସାଧାରଣ ଇତର ଚେତନାରେ ରହିବ ତେବେ ନିଶ୍ଚିତ ଭାବରେ ଅହଂର ବିକୃତି ଭିତରେହିଁ ରହିଛ ।

*ପ୍ରଶ୍ନ : ମା, ଏଠାରେ କୁହାଯାଇଛି ''ଏପରିକି ଯଦି ପୃଥକ୍ କର୍ତ୍ତୃତ୍ୱବୋଧ ତୁମ ମଧ୍ୟରେ ପ୍ରବଳ ଥାଏ ଏବଂ ତୁମେ ଅନୁଭବ କର ଯେ ତୁମେ ସ୍ୱୟଂ କର୍ମ କରୁଛ, ତେବେ ବି ସେହି କର୍ମ କରିବ ତାଙ୍କରି ଉଦ୍ଦେଶ୍ୟରେ ।'' ଉଦାହରଣସ୍ୱରୂପ ଆମର ଅଧ୍ୟୟନ ବା କ୍ରୀଡ଼ା — ଆମେ କ'ଣ ଭାବିବା ଉଚିତ ଏହା ଭଗବାନଙ୍କ ଉଦ୍ଦେଶ୍ୟରେ ?*

**ଶ୍ରୀମା** : ଅବଶ୍ୟ ନିଶ୍ଚୟ....

*ପ୍ରଶ୍ନ : କିପରି ?*

**ଶ୍ରୀମା** : ଏହା ଏପରିକି ଅତ୍ୟନ୍ତ କଷ୍ଟସାଧ ମଧ୍ୟ ନୁହେଁ । ପ୍ରଥମେ ଦିବ୍ୟ-ଭଗବତ୍ ଶକ୍ତିକୁ ଗ୍ରହଣ କରିବା ପାଇଁ ସମର୍ଥ ହେବା ଦିଗରେ ତୁମେ ଏହାକୁ ଏକ ପ୍ରସ୍ତୁତି ରୂପେ କରିବ, ଏବଂ ତା'ପରେ କରିବ ଏକ ସେବା ରୂପେ, ଯାହା ଫଳରେ ଆଶ୍ରମର ସମଗ୍ର ସଂଗଠନକୁ ନିର୍ମାଣ କରିବା ଦିଗରେ ତୁମେ ସାହାଯ୍ୟ କରିପାର । ନିଜର ବ୍ୟକ୍ତିଗତ କୌଣସି ଲାଭକୁ ଆଖି ଆଗରେ ରଖି ତୁମେ ଏହା କରିବ ନାହିଁ, ଭଗବତ୍ କର୍ମର ସଂପାଦନ ଦିଗରେ ନିଜକୁ ପ୍ରସ୍ତୁତ କରିବାର ଅଭିଳାଷ ରଖିହିଁ ତୁମେ ଏହା କରିବ ! ଏଠିକାର ପରିସ୍ଥିତି ବା ପରିବେଶରୁ ତୁମେ ଯଦି ପୂର୍ଣ୍ଣ ସୁଯୋଗ ଗ୍ରହଣ କରି ନିଜକୁ ସାର୍ଥକ କରିବାକୁ ଚାହଁ, ତେବେ ଏହା ଅପରିହାର୍ଯ୍ୟ । କିନ୍ତୁ ତୁମେ ଯଦି ଇତର ସାଧାରଣ ମନୋଭାବ ଓ ଦୃଷ୍ଟିକୋଣ ରଖ, ତା'ହେଲେ ତୁମେ ଏପରି ଅବସ୍ଥା ସବୁରେ ପଡ଼ିବାକୁ ଲାଗିବ, ଯାହା ସନ୍ତୋଷ-ଜନକ ନୁହେଁ ଏବଂ ଯେଉଁ ସମସ୍ତ ଶକ୍ତି ତୁମେ ଗ୍ରହଣ କରିପାରନ୍ତ, ତାହା ଗ୍ରହଣ କରିବାକୁ ଅସମର୍ଥ ହେବ ।

*ପ୍ରଶ୍ନ : ମା, ଉଦାହରଣସ୍ୱରୂପ ଜଣେ ଯଦି ଲମ୍ଫ ଡିଆଁରେ ଅଧିକରୁ ଅଧିକ ଦୂରକୁ ଡେଇଁବା ପାଇଁ ଚେଷ୍ଟା କରେ, ତା'ହେଲେ ସେ ଭଗବାନଙ୍କ କାମ କରୁଛି ବୋଲି କିପରି କୁହାଯିବ ?*

**ଶ୍ରୀମା** : ଏଃ ? କ୍ଷମା କର, ଲମ୍ଫ ଡିଆଁରୁ ମିଳୁଥିବା ଆନନ୍ଦ ପାଇଁ ନୁହେଁ, ତୁମ ଶରୀରକୁ ତା'ର କ୍ରିୟାଶୀଳତାରେ ଅଧିକ ପୂର୍ଣ୍ଣତା ଆଣିଦେବା ପାଇଁ ଏହା କରିବାକୁ ହେବ ଯାହା ଫଳରେ ଭଗବତ୍ ଶକ୍ତିକୁ ଗ୍ରହଣ କରିବା ପାଇଁ ଓ ତାହାକୁ ଅଭିବ୍ୟକ୍ତ କରିବା ପାଇଁ ଶରୀରଟି ଆହୁରି ଅଧିକ ଏକ ସମର୍ଥ ଯନ୍ତ୍ରରେ ପରିଣତ ହୋଇଉଠିବ ।

କାହିଁକି, ଏଠାରେ ସବୁକିଛି, ସବୁକିଛି ଏହି ମନୋଭାବ ନେଇହିଁ କରାଯିବା ଉଚିତ । ତା' ନ ହେଲେ ଏଠାରେ ତୁମକୁ ଯେଉଁ ସୁଯୋଗ ଦିଆଯାଇଛି, ତୁମ ପାଇଁ ଯେଉଁ ପରିସ୍ଥିତି ଓ ପରିବେଶ ସୃଷ୍ଟି କରାଯାଇଛି ତୁମେ ତହିଁରୁ କୌଣସି ଲାଭ ହାସଲ କରିପାରିବ ନାହିଁ । ମୁଁ ତୁମକୁ ଏ ବିଷୟଟି ସେଦିନ ବୁଝାଇଥିଲି, ନୁହେଁ କି ? ଅର୍ଥାତ୍ ଏଠାରେ ସେହି ଦିବ୍ୟ-ଚେତନାଟି ରହିଛି ଯାହାକି ସବୁକିଛି ଭିତରେ ପ୍ରବେଶ କରିଥାଏ ଓ ସମସ୍ତ ଗତିବୃତ୍ତିରେ ନିଜକୁ ଅଭିବ୍ୟକ୍ତ କରିବାକୁ ଚେଷ୍ଟା କରୁଥାଏ । କିନ୍ତୁ ଅନ୍ୟ ପକ୍ଷରେ ତୁମେ ଯଦି ତୁମ ତରଫରୁ ନିଜକୁ କୁହ ଯେ ତୁମେ ଯେଉଁ ପ୍ରଚେଷ୍ଟା କରୁଛ, ତୁମେ ଯେଉଁ ଅଗ୍ରଗତି କରୁଛ, ତାହା ତୁମେ କରୁଛ ସେହି ଦିବ୍ୟ-ଚେତନାକୁ ଗ୍ରହଣ କରିବା ଦିଗରେ, ତାହାକୁ ଅଭିବ୍ୟକ୍ତ କରିବା ଦିଗରେ ଅଧିକତର ସମର୍ଥ ହେବା ପାଇଁ, ତା'ହେଲେ ସ୍ୱାଭାବିକ ଭାବରେ କାମଟି ଅନେକ ଅଧିକ ଉତ୍ତମ ଓ ଅନେକ ଅଧିକ ଦ୍ରୁତ ହୋଇଉଠିବ । ଏବଂ ସତ କହିବାକୁ ଗଲେ ମୋତେ ଏହି

ବିଷୟଟି ଏପରିକି ଅତ୍ୟନ୍ତ ପ୍ରାଥମିକ ବୋଲି ମନେ ହେଉଛି । ସତ କହିବାକୁ ଗଲେ; ଏହାଛଡ଼ା ଅନ୍ୟକିଛି ହେଲେ ମୁଁ ବିସ୍ମିତ ହେବି ! କାରଣ ଏହା ଏପରି ଏକ ଆଶ୍ରମ ଯାହାକି ଏହି ଉଦ୍ଦେଶ୍ୟରେହିଁ ସଂଗଠିତ ହୋଇଛି, ସେହି ଆଶ୍ରମରେ ତୁମ ଉପସ୍ଥିତିର କୌଣସି ଅର୍ଥ ରହିବ ନାହିଁ ଯଦି ତୁମେ ଜିନିଷଟିକୁ ଏହି ଭାବରେ ଗ୍ରହଣ ନକର ! ନହେଲେ ଏହାର ଆଉ କ'ଣ ଉପଯୋଗିତା ଅଛି ? ପୃଥିବୀ ସାରା ଖୁବ୍ ଉତ୍ତମରୂପେ ସୁସଂଗଠିତ ଅସଂଖ୍ୟ ବିଶ୍ୱବିଦ୍ୟାଳୟ, ସ୍କୁଲ ଆଦି ତ ରହିଛି !

କିନ୍ତୁ ତୁମେ ଯେ ଏଠି ରହିଛ, ତାହା ଏକ ବିଶେଷ କାରଣ ଯୋଗୁଁ ! କାରଣ ଏଠାରେ ଚେତନାକୁ ଯଥାର୍ଥ ଭାବେ ଆହରଣ କରି ଅଗ୍ରଗତି କରିବାର ଏପରି ଏକ ସମ୍ଭାବନା ରହିଛି ଯାହା ଅନ୍ୟ କେଉଁଠାରେ ମିଳିବ ନାହିଁ । ଏବଂ ତୁମେ ଯଦି ତାହାକୁ ଗ୍ରହଣ କରିବା ପାଇଁ ନିଜକୁ ପ୍ରସ୍ତୁତ ନକର ତା'ହେଲେ ତୁମକୁ ଦିଆଯାଉଥିବା ସୁଯୋଗକୁ ହରାଇ ବସିବ !

କାହିଁକି, ମୁଁ ଆଗରୁ ଏ ବିଷୟରେ ଆଦୌ କିଛି କହି ନାହିଁ, କାରଣ ମୋ ପାଇଁ ଏହା ଏତେ ସୁସ୍ପଷ୍ଟ ଯେ ତା' କହିବାର ଆଦୌ କୌଣସି ଆବଶ୍ୟକତା ନଥିଲା ।

(CWM, Vol. VI, pp. 266 - 270)

ଯେଉଁମାନେ ଦିବ୍ୟଜନନୀଙ୍କ ପାଇଁ ଆନ୍ତରିକ ଭାବରେ କର୍ମ କରନ୍ତି, ସେମାନେ ଧ୍ୟାନରେ ନବସିଲେ ବା ଯୋଗର କୌଣସି ନିର୍ଦ୍ଦିଷ୍ଟ ସାଧନା ରୀତିକୁ ଅନୁସରଣ ନକଲେ ମଧ୍ୟ କର୍ମ ଦ୍ୱାରାହିଁ ସେମାନେ ଯଥାର୍ଥ ଚେତନା ପାଇଁ ପ୍ରସ୍ତୁତ ହୋଇପାରନ୍ତି । କିପରି ଧ୍ୟାନ କରାଯାଏ ସେସବୁ ତୁମକୁ କହିବାର କୌଣସି ଆବଶ୍ୟକତା ନାହିଁ । ତୁମେ ଯଦି ତୁମ କର୍ମରେ ସର୍ବଦା ଆନ୍ତରିକ ରହିଥିବ ଓ ଦିବ୍ୟଜନନୀଙ୍କ ପ୍ରତି ଉନ୍ମୀଳିତ ଥିବ, ତେବେ ତୁମର ସାଧନା ପାଇଁ ଯାହା ଆବଶ୍ୟକ, ତାହା ଆପେ ଆପେ ଆସିବ ।

ସାଧନାର ଏପରି କୌଣସି ସ୍ତର ନାହିଁ ଯେଉଁଠାରେ କର୍ମ କରିବା ଅସମ୍ଭବ ହୋଇଉଠେ । କର୍ମରୁ ସମ୍ପୂର୍ଣ୍ଣ ବିରତ ହେବା ଓ ଆତ୍ମପ୍ରତ୍ୟାହୃତ ହେବା ଆଦୌ ଉଚିତ ନୁହେଁ । ତାହା କେବଳ ଏକମୁଖୀ ସାଧନାକୁ ଓ ଏକ ସୂକ୍ଷ୍ମ ଦୃଶ୍ୟମାନ ଅବସ୍ଥାକୁ ଉତ୍ସାହିତ କରିବ । ସେପରି ସ୍ଥିତିରେ ବ୍ୟକ୍ତି ସମ୍ପୂର୍ଣ୍ଣ ଆନ୍ତର ଅନୁଭୂତିର ମଧ୍ୟବର୍ତ୍ତୀ ଜଗତରେ ବାସ କରେ – ସେତେବେଳେ ବାହ୍ୟ ଜଗତର ବାସ୍ତବତା ଉପରେ ବା ଉଚ୍ଚତମ ବାସ୍ତବତା ଉପରେ ତାହାର କର୍ତ୍ତୃତ୍ୱ ନଥାଏ; ପୁଣି ଆନ୍ତର ଅନୁଭୂତିର ଯଥାର୍ଥ ଉପଯୋଗ କରି ନ ପାରିବା ଯୋଗୁଁ ଭଗବାନଙ୍କ ସହିତ ଘନିଷ୍ଠ ଓ ଦୃଢ଼ ଯୋଗାଯୋଗ ପ୍ରତିଷ୍ଠା ହୋଇପାରେ ନାହିଁ, ଅଥବା ଉଚ୍ଚତମ ବାସ୍ତବତା ଓ ଜୀବନର ବାହ୍ୟ ଉପଲବ୍ଧି ମଧ୍ୟରେ ଏକତ୍ୱ ସ୍ଥାପନ କରାଯାଇ ପାରେ ନାହିଁ ।

*

ଶ୍ରୀମା'ଙ୍କ ଉପରେ ଯଥାର୍ଥ ଏକାଗ୍ରତା ରଖି ଯଦି ତୁମେ ତାଙ୍କରି ସକାଶେ କର୍ମ କର, ତେବେ ତାହା ଧ୍ୟାନ ଓ ଆନ୍ତର ଅନୁଭୂତିର ସାଧନାର ସମକକ୍ଷ ହୋଇ ପାରିବ ।

ଯଦି ତୁମେ କର୍ମ ଓ ଧ୍ୟାନ ଉଭୟକୁ ଶ୍ରୀମା'ଙ୍କୁ ସମର୍ପଣ କରି କରିପାରିବ ତେବେ ତାହା ହେବ ସର୍ବୋତ୍ତମ ମାର୍ଗ ।

– ଶ୍ରୀଅରବିନ୍ଦ

# କର୍ମହିଁ ଅନୁଭୂତିର ପାଠଶାଳା

## ଶ୍ରୀମା

[ମା *'Lights on Yoga'* (ଯୋଗ ପ୍ରଦୀପ) ପୁସ୍ତକଟିରୁ 'କର୍ମ' ବିଷୟରେ କିଛି ଅଂଶ ପଢ଼ିଲେ ।]

*ପ୍ରଶ୍ନ : 'ସମସ୍ତ କର୍ମ' କ'ଣ 'ଅନୁଭୂତିର ପାଠଶାଳା' ?*

ଶ୍ରୀମା : ହଁ, ନିଶ୍ଚୟ, ତୁମେ କ'ଣ ଏହା ବୁଝିପାରୁ ନାହଁ ?

*ପ୍ରଶ୍ନକର୍ତ୍ତା : ନା, ମା ମୁଁ ଏହା ବୁଝି ପାରୁ ନାହିଁ ।*

ଶ୍ରୀମା : ତୁମେ ଯଦି କୌଣସି କର୍ମ କରିବ ନାହିଁ, ତୁମର କିଛି ଅନୁଭୂତି ହେବ ନାହିଁ । ସମଗ୍ର ଜୀବନଟା ହେଉଛି ଅନୁଭୂତିର କ୍ଷେତ୍ର । ତୁମର ପ୍ରତ୍ୟେକଟି ଗତିବୃତ୍ତି, ତୁମର ପ୍ରତ୍ୟେକଟି ବିଚାର, ପ୍ରତ୍ୟେକଟି ଆଚରଣ, ପ୍ରତ୍ୟେକଟି କର୍ମ ଗୋଟିଏ ଗୋଟିଏ ଅନୁଭୂତି ହୋଇପାରେ ଏବଂ ତାହା ଏକ ଅନୁଭୂତି ହେବା ମଧ୍ୟ ଉଚିତ । ସ୍ୱାଭାବିକ ଭାବରେ ବିଶେଷତଃ କର୍ମ ହେଉଛି ଏପରି ଏକ କ୍ଷେତ୍ର ଯେଉଁଠି ତୁମେ ଆନ୍ତର କ୍ଷେତ୍ରରେ ଯେଉଁସବୁ ଅଗ୍ରଗତି କରିବାକୁ ପ୍ରୟାସ କରିଥାଅ ସେହିସବୁ ପ୍ରୟୋଗ କରିବା ଉଚିତ ।

ତୁମେ ଯଦି କୌଣସି କର୍ମ ନକରି କେବଳ ଧ୍ୟାନ ଧାରଣାରେ ବୁଡ଼ି ରହିବ ତେବେ ଜାଣି ପାରିବ ନାହିଁ ତୁମର କୌଣସି ଅଗ୍ରଗତି ହୋଇଛି କି ନାହିଁ । ତୁମେ ପୂରା ଏକ ଭ୍ରାନ୍ତି ଭିତରେ, ତୁମ ଅଗ୍ରଗତିର ଏକ ଭ୍ରାନ୍ତି ଭିତରେ ରହିପାର । କିନ୍ତୁ ଯଦି ତୁମେ କୌଣସି କର୍ମ କରିବାକୁ ଆରମ୍ଭ କର, ତୁମର କର୍ମର ସମସ୍ତ ପରିସ୍ଥିତି, ଅନ୍ୟମାନଙ୍କ ସଙ୍ଗେ ତୁମର ସମ୍ପର୍କ, କର୍ମରେ ବାସ୍ତବ ଆତ୍ମନିୟୋଗ – ଏସବୁ ତୁମ ଅନୁଭୂତିର କ୍ଷେତ୍ର ହୋଇ ଉଠିବ; ଯାହା ଫଳରେ ତୁମେ ଯେତିକିଟି ଅଗ୍ରଗତି କରିଥାଅ ଖାଲି ସେତିକି ନୁହେଁ ଅଗ୍ରଗତି କରିବାକୁ ଆଉ କେତେ ବାକି ରହିଛି ସେବିଷୟରେ ମଧ୍ୟ ସଚେତ ହୋଇଉଠିବ । ତୁମେ ଯଦି କୌଣସି କର୍ମ ନକରି କେବଳ ନିଜ ଭିତରେ ଆବଦ୍ଧ ହୋଇ ରୁହ ତା' ହେଲେ ତୁମେ କେବଳ ପୂରା ଆତ୍ମଗତ ଏକ ଭ୍ରାନ୍ତି ଭିତରେ ବାସ କରିପାର । ଯେଉଁ ମୁହୂର୍ତ୍ତରେ ତୁମେ ତୁମ କର୍ମକୁ ବାହ୍ୟରୂପ ଦିଅ, ଅନ୍ୟମାନଙ୍କ ସମ୍ପର୍କରେ ଆସ, ଜୀବନର ପରିସ୍ଥିତି ଓ ନାନା ଲକ୍ଷ୍ୟର ସମ୍ପର୍କରେ ଆସ, ତା'ହେଲେ ତୁମେ ସମ୍ପୂର୍ଣ୍ଣ ବାସ୍ତବ ଓ ବ୍ୟାବହାରିକ ଭାବରେ ବୁଝିପାରିବ ତୁମର କୌଣସି ଅଗ୍ରଗତି ହୋଇଛି କି ନାହିଁ । ତୁମେ ବୁଝିପାରିବ ତୁମେ ଅଧିକତର ଶାନ୍ତ, ସ୍ଥିର, ଅଧିକତର ଦୃଢ଼ ଓ ନିଃସ୍ୱାର୍ଥପର ହୋଇପାରିଛ କି ନାହିଁ, ତୁମ ଭିତରେ ଆଉ କୌଣସି କାମନା-ବାସନା, କୌଣସି ପସନ୍ଦ-ଅପସନ୍ଦ, କୌଣସି ଦୁର୍ବଳତା, ବିଶ୍ୱସ୍ତତାର କୌଣସି ଅଭାବ ଆଦି ରହିଛି କି ନାହିଁ । କର୍ମ କରିବା ଫଳରେହିଁ ତୁମେ ଏସବୁ ବିଷୟରେ ସଚେତ ହୋଇପାର । କିନ୍ତୁ ତୁମେ ଯଦି ଏପରି ଏକ ଧ୍ୟାନରେ ନିଜକୁ ବନ୍ଦ ଓ ଆବଦ୍ଧକରି ରଖ ଯାହାକି ପୂରା ବ୍ୟକ୍ତିଗତ, ତା'ହେଲେ ତୁମେ ପୂରା ଏପରି ଏକ ଭ୍ରାନ୍ତି ଭିତରେ ପ୍ରବେଶ କରିଯାଇପାର ଯେଉଁଥିରୁ କି କେବେହେଲେ ବାହାରି ଆସି ପାରିବ ନାହିଁ, ଏବଂ ବିଶ୍ୱାସ କରିବାକୁ ଲାଗିବ ଯେ ତୁମେ ଅସାଧାରଣ କିଛି ଉପଲବ୍ଧି କରିଛ, କିନ୍ତୁ ପ୍ରକୃତରେ ସେତେବେଳେ ତୁମର ଏପରି ଉପଲବ୍ଧି ହୋଇଛି ବୋଲି ଖାଲି ଏକ ଧାରଣା ବା ଭ୍ରାନ୍ତିକୁହିଁ ତୁମେ ପ୍ରଶ୍ରୟ ଦେଇଛ ।

ଶ୍ରୀଅରବିନ୍ଦ ଏହି ବିଷୟରେହିଁ କହିଛନ୍ତି ।

*ପ୍ରଶ୍ନ : ମା ତା'ହେଲେ ଭାରତର ସମସ୍ତ ଆଧ୍ୟାତ୍ମିକ ପରମ୍ପରା କର୍ମରୁ ମୁକ୍ତିକୁହିଁ କାହିଁକି ତାଙ୍କର ସିଦ୍ଧାନ୍ତ ରୂପେ ଗ୍ରହଣ କରିଛନ୍ତି ?*

ଶ୍ରୀମା : ହଁ, କାରଣ ଏ ସମସ୍ତ ସିଦ୍ଧାନ୍ତ ଏହି ଶିକ୍ଷା ଉପରେ ପ୍ରତିଷ୍ଠିତ ହୋଇଛି ଯେ ଜୀବନ ହେଉଛି ଏକ ଭ୍ରମ । ଏହାର ଆରମ୍ଭ ହୋଇଥିଲା ବୁଦ୍ଧଙ୍କଠାରୁ, ସେ କହିଥିଲେ ଯେ ସମସ୍ତ ଅସ୍ତିତ୍ୱ ହେଉଛି କାମନାର ଏକ ଫଳ ଏବଂ ଦୁଃଖ-ଯନ୍ତ୍ରଣା ଓ କାମନା ମଧ୍ୟରୁ ବାହାରି ଆସିବାର ଗୋଟିଏ ମାତ୍ର ରାସ୍ତା ରହିଛି; ତାହା ହେଉଛି ଅସ୍ତିତ୍ୱ ମଧ୍ୟରୁ ବାହାରି ଆସିବା ଏବଂ ଶଙ୍କର ଏହାକୁ ଚଳାଇ ରଖିଲେ ଏବଂ ତାହା ସହିତ ଯୋଡ଼ି ଦେଲେ ଯେ ଏହା କେବଳ କାମନାର ଫଳ ନୁହେଁ,

ଏହା ମଧ୍ୟ ପୂର୍ଣ୍ଣ ରୂପରେ ଏକ ଭ୍ରମ, ଏକ ମାୟା, ଏବଂ ଯେପର୍ଯ୍ୟନ୍ତ ତୁମେ ଏହି ମାୟାରେ ବାସ କରୁଥିବ ସେପର୍ଯ୍ୟନ୍ତ ତୁମର ଭଗବତ୍ ଉପଲବ୍ଧି ହୋଇପାରିବ ନାହିଁ । ଏପରିକି ମୁଁ ଭାବୁଛି ତାଙ୍କ ପାଇଁ ଭଗବାନ୍ ବୋଲି କେହି ନଥିଲେ, ଅନ୍ତତଃ ବୁଦ୍ଧଙ୍କ ପାଇଁ ତ ଭଗବାନ୍ ବୋଲି ଆଦୌ କୌଣସି ସତ୍ୟ ନ ଥିଲା ।

*ପ୍ରଶ୍ନ : ତା'ହେଲେ ସେମାନଙ୍କର ଯଥାର୍ଥ ଅନୁଭୂତି ବୋଲି କିଛି ହୋଇଥିଲା କି ?*

ଶ୍ରୀମା : ତାହା ନିର୍ଭର କରେ ତୁମେ କାହାକୁ 'ଅନୁଭୂତି' ବୋଲି କହୁଛ, ନିଶ୍ଚୟ ସେମାନଙ୍କର କୌଣସି ସତ୍ୟ ସହ ଆନ୍ତର ସଂଯୋଗ ହୋଇଥିଲା ।

ନିଶ୍ଚିତ ଭାବେ ବୁଦ୍ଧଙ୍କର ଏପରି କିଛି ସହ ଆନ୍ତର ସଂଯୋଗ ଘଟିଥିଲା ଯାହାକି ବାହ୍ୟ-ଜୀବନ ତୁଳନାରେ ଏକ ଅସ୍ତିତ୍ୱହୀନତା ଏବଂ ସ୍ୱାଭାବିକ ଭାବରେ ଏହି ଅସ୍ତିତ୍ୱହୀନତା ଭିତରେ ଅସ୍ତିତ୍ୱର ସମଗ୍ର ପରିଣାମ ତିରୋହିତ ହୋଇଯାଏ । ଏପରି ଏକ ଅବସ୍ଥା ରହିଛି ଏବଂ ଏପରିକି ଏହା କୁହାଯାଇଛି ଯେ ଯଦି ଏ ଅବସ୍ଥାରେ ଜଣେ କୋଡ଼ିଏ ଦିନ ପର୍ଯ୍ୟନ୍ତ ରହି ପାରିବ ତା'ହେଲେ ନିଶ୍ଚିତ ଭାବରେ ନିଜର ଶରୀରକୁ ହରାଇବାକୁ ପଡ଼ିବ । ଅନ୍ୟ ସବୁକୁ ବାଦ୍ ଦେଇ ଏହା ଯଦି ଏକ ସର୍ବଗ୍ରାସୀ ଅନୁଭୂତି ହୁଏ ତେବେ ଏପରି ଘଟିବ ବୋଲି ମୁଁ ଏକମତ ।

କିନ୍ତୁ ଏହା ଏପରି ଏକ ଅନୁଭୂତି ହୋଇପାରେ ଯାହା ପଶ୍ଚାତ୍‌ଭାଗରେ ରହିପାରେ । ତୁମେ ଦେଖ, ପୂରା ସର୍ବଗ୍ରାସୀ ନହୋଇ କେବଳ ଏସମ୍ପର୍କରେ ସଚେତ ହୋଇ ରହିବାର ଅନୁଭୂତି ଆସିପାରେ ଯାହା ଫଳରେ ସମ୍ପୂର୍ଣ୍ଣ ମୁକ୍ତ ଏବଂ ସ୍ୱାଧୀନ ଏକ ଚେତନାକୁ ଆଶ୍ରୟ କରିବା ସଙ୍ଗେ ସଙ୍ଗେ ଜଗତ୍ ଏବଂ ବାହ୍ୟ ଚେତନା ସହ ସଂଯୋଗ ମଧ୍ୟ ରଖାଯାଇପାରେ । ଏହା ବାସ୍ତବିକ ଏପରି ଏକ ଅବସ୍ଥା ଯେଉଁଥିରେ ତୁମେ ବାହ୍ୟତଃ ଅନେକ ଅଗ୍ରଗତି କରିପାର, କାରଣ ସେତେବେଳେ ତୁମେ ସବୁ-ବିଷୟରେ ଅନାସକ୍ତ ରହିପାର, କୌଣସି ଆସକ୍ତି, କୌଣସି ପସନ୍ଦ-ଅପସନ୍ଦ ବିନା ସେହି ଆନ୍ତର ସ୍ୱାଧୀନତା ସହ କର୍ମ କରିପାର ଯାହାକି ବାହ୍ୟ ରୂପରେ ପ୍ରକାଶ ପାଇଥାଏ ।

ଆଉ ଏହା ହେଉଛି ବାସ୍ତବ ଆବଶ୍ୟକତା : ଥରେ ଏହି ଆନ୍ତର ସ୍ୱାଧୀନତା ଲାଭ ହୋଇଗଲା ପରେ, ଶାଶ୍ୱତ ଅନନ୍ତଙ୍କ ସଙ୍ଗେ ଏକ ସଚେତ ସଂଯୋଗ ସ୍ଥାପିତ ହୋଇଗଲା ପରେ ତେଣିକି ଏହି ଚେତନାକୁ ନ ହରାଇ ଆମକୁ କର୍ମ ଭିତରକୁ ଫେରି ଆସିବାକୁ ହେବ ଏବଂ କର୍ମ ଦିଗରେ ଅଭିମୁଖୀ ହୋଇଥିବା ସମଗ୍ର ଚେତନାକୁ ଏହା ଦ୍ୱାରା ପ୍ରଭାବିତ କରାଇବାକୁ ହେବ ।

ଶ୍ରୀଅରବିନ୍ଦ ଏହାରି ସମ୍ପର୍କରେହିଁ କହିଛନ୍ତି ଊର୍ଦ୍ଧ୍ୱରୁ ଦିବ୍ୟ-ଶକ୍ତିକୁ ଅବତରଣ କରାଇ ଆଣିବା । ଏହି ଭାବରେ ପୃଥିବୀକୁ ବଦଳାଇ ଦେବା ପାଇଁ ସମର୍ଥ ହେବାର ଏକ ସୁଯୋଗ ବା ସମ୍ଭାବନା ରହିଛି । କାରଣ ତୁମେ ଏକ ନୂତନ ଦିବ୍ୟଶକ୍ତି, ଏକ ନୂତନ କ୍ଷେତ୍ର, ଏକ ନୂତନ ଚେତନାକୁ ଉତାରି ଆଣି ପାରିଛ ଓ ବାହ୍ୟ ଜଗତ୍ ସହିତ ତାହାର ସଂଯୋଗ ସ୍ଥାପନ କରାଇ ପାରିଛ । ତେଣୁ ଏହାର ଉପସ୍ଥିତି ଓ କ୍ରିୟା ଅନିବାର୍ଯ୍ୟ ଭାବରେ ପରିବର୍ତ୍ତନ ଆଣିଦେବ ଏବଂ ଆମେ ଆଶା କରିବା ଯେ ବାହ୍ୟ ଜଗତ୍ ବର୍ତ୍ତମାନ ଯେଉଁ ଅବସ୍ଥାରେ ରହିଛି ତାହାର ଏକ ସାମଗ୍ରିକ ରୂପାନ୍ତର ସମ୍ଭବ ହେବ ।

ତେଣୁ ଆମେ କହିପାରିବା ଯେ ବୁଦ୍ଧ ନିଶ୍ଚିତ ଭାବରେ ଏହି ଅନୁଭୂତିର ପ୍ରଥମ ଭାଗଟି ପ୍ରାପ୍ତ ହୋଇଥିଲେ କିନ୍ତୁ ଦ୍ୱିତୀୟ ଭାଗଟି ସମ୍ପର୍କରେ କୌଣସି ସ୍ୱପ୍ନ ମଧ୍ୟ ଦେଖିପାରି ନ ଥିଲେ । କାରଣ ତାହା ତାଙ୍କର ନିଜ ସିଦ୍ଧାନ୍ତର ବିରୁଦ୍ଧାଚରଣ କରୁଛି । ତାଙ୍କର ସିଦ୍ଧାନ୍ତ ଥିଲା ଆମକୁ ଏସବୁଥିରୁ ନିଷ୍କୃତି ଲାଭ କରି ପଳାୟନ କରିବାକୁ ହେବ । ଏହା ସତ୍ୟ ଯେ ନିଷ୍କୃତି ବା ପଳାୟନର ଏକମାତ୍ର ବାଟ ହେଉଛି ମୃତ୍ୟୁ; କିନ୍ତୁ ସେ ଏହାକୁ ଯେପରି ସୁନ୍ଦର ଭାବରେ କହିଛନ୍ତି ଯେ ତୁମେ ମରି ଯାଇପାର ତଥାପି ତୁମେ ଜୀବନ ପ୍ରତି ସମ୍ପୂର୍ଣ୍ଣ ଆସକ୍ତ ହୋଇ ରହିପାର ଏବଂ ଜନ୍ମର ଚକ୍ର ଭିତରକୁ ବାରଂବାର ଫେରି ଆସି ମୁକ୍ତି ଲାଭରୁ ବଞ୍ଚିତ ହୋଇପାର । ଏବଂ ପ୍ରକୃତରେ ସେ ମଧ୍ୟ ସ୍ୱୀକାର କରିଥିଲେ ଯେ ପୃଥିବୀରେ ଥରକୁ ଥର ଜନ୍ମଲାଭ କରି ଉତ୍ତରୋତ୍ତର ଜୀବନ-ଯାପନ କରିବା ଦ୍ୱାରା ଜଣେ ନିଜକୁ ଏପରି ବିକଶିତ କରାଇପାରେ ଯାହା ଫଳରେ ସେ ମୁକ୍ତିର ଅବସ୍ଥାରେ ପହଞ୍ଚି ଯାଇପାରିବ । କିନ୍ତୁ ତାଙ୍କ ପାଇଁ ଯାହା ଆଦର୍ଶ ଥିଲା ତାହା ହେଉଛି ଏ ସଂସାରର ଆଉ କୌଣସି ଅସ୍ତିତ୍ୱ ନ ରହିବା । ଯେପରିକି ଏହି ସୃଷ୍ଟି ରୂପକ ଏକ ଭୁଲ୍ କରିଥିବା ହେତୁ ସେ ଭଗବାନଙ୍କ ଉପରେ ଦୋଷାରୋପ କରୁଥିଲେ ଏବଂ ଦେଖୁଥିଲେ ଯେ ଗୋଟିଏ ମାତ୍ର ବାଟ ରହିଛି ଏବଂ ତାହା ହେଉଛି ସଂସାରକୁ ରଦ୍ଦ କରି ଦେଇ ସେହି ଭୁଲ୍‌କୁ ସଂଶୋଧନ କରିଦେବା । କିନ୍ତୁ ଏହା ସ୍ୱାଭାବିକ ଯେ ଯୁକ୍ତିବୁଦ୍ଧିସମ୍ମତ ଓ

ତର୍କସଙ୍ଗତ ହେବାକୁ ଯାଇ ସେ ଭଗବାନଙ୍କୁ ସ୍ୱୀକାର କରି ନ ଥିଲେ । ଏହି ସଂସାର ଯଦି ଏକ ଭୁଲ୍ ହୁଏ, ତେବେ କାହା ଦ୍ୱାରା, କିପରି ଭାବରେ ଓ କାହିଁକି ଏ ଭୁଲ୍‌ଟି ହୋଇଛି ? — ବୁଦ୍ଧ ଏହାର କୌଣସି ବ୍ୟାଖ୍ୟା ଦେଇ ନ ଥିଲେ । ସେ ଖାଲି କହିଥିଲେ ଯେ ଏହା ସୃଷ୍ଟି ହୋଇଛି ଏବଂ ଏହି ସଂସାର କାମନା ଦ୍ୱାରା ଆରମ୍ଭ ହୋଇଛି ଏବଂ କାମନା ସହିତହିଁ ଶେଷ ହେବ । ସେ ପ୍ରାୟ ଏହା କହିବାକୁ ଯାଉଥିଲେ ଯେ ଏ ସଂସାର ପୂରା ଆଶୟଗତ, ଅର୍ଥାତ୍ ଏହା ଏକ ସମଷ୍ଟିଗତ ଭ୍ରମ ଏବଂ ଯଦି ଏହି ଭ୍ରମଟିର ସମାପ୍ତି ଘଟିବ ସଂସାର ମଧ୍ୟ ସମାପ୍ତ ହୋଇଯିବ । କିନ୍ତୁ ସେ ଏତେଦୂର ପର୍ଯ୍ୟନ୍ତ ଯାଇ ନ ଥିଲେ । ଶଙ୍କରହିଁ ଏହି ତତ୍ତ୍ୱକୁ ଆହୁରି ଆଗେଇ ନେଲେ ଏବଂ ନିଜ ଶିକ୍ଷାରେ ଏହାର ଏକ ସମ୍ପୂର୍ଣ୍ଣ ରୂପ ଦେଇଦେଲେ ।

ଉଦାହରଣ ସ୍ୱରୂପ ଆମେ ଯଦି ଋଷିମାନଙ୍କ ଶିକ୍ଷାକୁ ଫେରିଯାଉ ତା'ହେଲେ ତହିଁରେ ଜଗତରୁ ପଳାୟନର କୌଣସି ବିଚାର ନାହିଁ, ସେମାନଙ୍କ ପାଇଁ ସିଦ୍ଧିଟି ଏହି ଜଗତରେହିଁ ପାଇବାକୁ ହେବ । ସେମାନେ ଆଉ ମଧ୍ୟ ଏକ ସୁବର୍ଣ୍ଣ ଯୁଗର କଳ୍ପନା କରିଥିଲେ ଯେଉଁଠି ସିଦ୍ଧିଟି ହେବ ପାର୍ଥିବ । କିନ୍ତୁ ପରେ ଏହି ଦେଶର ଆଧ୍ୟାତ୍ମିକ ଜୀବନରେ ପ୍ରାଣଶକ୍ତିର ହ୍ରାସ ଘଟିବା ଆରମ୍ଭ ହୋଇଥିଲା, ବୋଧହୁଏ ସିଦ୍ଧାନ୍ତରେ ଭିନ୍ନ ଏକ ଦିଗ୍-ବିନ୍ୟାସ ପ୍ରବେଶ କରାଯାଇଥିବା କାରଣରୁ... ନିଶ୍ଚିତ ରୂପରେ ବୁଦ୍ଧଙ୍କ ଶିକ୍ଷାରୁହିଁ ସଂସାରରୁ ପଳାୟନର ଏହି ବିଚାର ଆରମ୍ଭ ହୋଇଥିଲା, ଯାହାକି ଦେଶର ପ୍ରାଣଶକ୍ତିକୁ ଦୁର୍ବଳ କରିଦେଲା, କାରଣ ଜୀବନ ସହ ସମସ୍ତ ସମ୍ପର୍କ କାଟି ଦେବାକୁ ହେଲେ ତୁମକୁ ସେଥିପାଇଁ ପ୍ରଚେଷ୍ଟା କରିବାକୁ ତ ହେବ । ସେହି ଦୃଷ୍ଟିରୁ ବାହାରର ବାସ୍ତବତା ଏକ ଭ୍ରାନ୍ତିପୂର୍ଣ୍ଣ ମିଥ୍ୟା ଓ ମାୟା ହୋଇ ଉଠିଲା ଏବଂ ତା' ସହିତ ବ୍ୟକ୍ତିର ଆଉ କୌଣସି ସମ୍ପର୍କର ପ୍ରଶ୍ନ ଉଠିଲା ନାହିଁ । ତେଣୁ ସ୍ୱାଭାବିକ ଭାବରେ ତୁମକୁ ବିଶ୍ୱଶକ୍ତି ସହ ସମ୍ପର୍କ ଛିନ୍ନ କରିବାକୁ ହେବ । ଏବଂ ଫଳରେ ପ୍ରାଣଶକ୍ତି ହ୍ରାସ ପାଇବା ଦିଗରେହିଁ ଗତିକଲା ଏବଂ ପ୍ରାଣଶକ୍ତିର ଏହି ହ୍ରାସ ସଙ୍ଗେ ସଙ୍ଗେ ସେଦିଗରେ ସମସ୍ତ ସିଦ୍ଧିର ସମ୍ଭାବନା ମଧ୍ୟ ହ୍ରାସ ପାଇବାକୁ ଲାଗିଲା ।

କିନ୍ତୁ ଏହା ବେଶ୍ ଉଲ୍ଲେଖନୀୟ ଯେ... ମୁଁ ଏପରି ଅନେକ ଲୋକଙ୍କୁ ଦେଖିଛି ଯେଉଁମାନେ ଜୀବନରୁ ଏହି ଭାବରେ ଅନାସକ୍ତ ଓ ଅଲଗା ହୋଇଯିବା ପାଇଁ ଓ ପୂରାପୂରି ଆନ୍ତର ଜୀବନର ସତ୍ୟରେ ବାସ କରିବା ପାଇଁ ଚାହାନ୍ତି । ଏହି ଲୋକମାନଙ୍କର, ଏମାନଙ୍କ ଭିତରୁ ପ୍ରାୟ ସମସ୍ତଙ୍କର ବାହ୍ୟ ଜୀବନରେ ପୂରା ଅମାର୍ଜିତ ଅନେକ ଦୋଷ ଦୁର୍ବଳତା ଦେଖିବାକୁ ମିଳେ । ସେମାନେ ଯେତେବେଳେ ବାହ୍ୟ ଚେତନାକୁ ଫେରି ଆସନ୍ତି, ଭଦ୍ର ଓ ସଦାଚାର ସମ୍ପନ୍ନ କୌଣସି ସମ୍ଭ୍ରାନ୍ତ ବ୍ୟକ୍ତି ଅପେକ୍ଷା, ଉଦାହରଣ ସ୍ୱରୂପ ସଂସ୍କୃତି, ବୁଦ୍ଧି-ବିଚାର ଓ ନୈତିକତାରେ ଉଚ୍ଚ ବୋଧସମ୍ପନ୍ନ କୌଣସି ବ୍ୟକ୍ତି ଅପେକ୍ଷା ଏମାନଙ୍କର ସ୍ଥିତି ଓ ଆଚାର ବ୍ୟବହାର ଅନେକ ନିମ୍ନ-ସ୍ତରର ହୋଇଥାଏ । ଏହି ଲୋକମାନେ ଯେତେବେଳେ ନିଜର ଧ୍ୟାନ ଧାରଣା ଓ ନିବିଷ୍ଟ ଏକାଗ୍ରତା ଭିତରୁ ବାହାରି ଆସନ୍ତି ସେମାନଙ୍କର ସାଧାରଣ ଆଚାର ବ୍ୟବହାର ଅନେକ ଅମାର୍ଜିତ ଓ ନିକୃଷ୍ଟ ଧରଣର ହୋଇଥାଏ । ସେମାନଙ୍କର ଅନେକ ବେଶୀ ଧରଣର ଦୋଷ ଦୁର୍ବଳତା ରହିଥାଏ । ମୁଁ ଏହି ଧରଣର ଅନେକ ଲୋକଙ୍କୁ ଜାଣିଥିଲି । କିଂବା ସମ୍ଭବତଃ ସେମାନେ ଏପରି ଏକ ଅବସ୍ଥାରେ ପହଞ୍ଚି ଥାଆନ୍ତି, ଯେଉଁଠି ସେମାନଙ୍କର ବାହ୍ୟ ଜୀବନ ସେମାନଙ୍କୁ ଏକ ସ୍ୱପ୍ନ ଭଳି ପ୍ରତୀତ ହୁଏ, ଯେଉଁଠାରେ ସେମାନଙ୍କର ନିଜର ଆଦୌ କୌଣସି ଅସ୍ତିତ୍ୱ ନାହିଁ । କିନ୍ତୁ ସେମାନଙ୍କୁ ଦେଖି ମନେହୁଏ ସେମାନେ ଯେପରି ସେହି ଧରଣର ବ୍ୟକ୍ତି ଯେଉଁମାନେ କି ପୂରାପୂରି ଅପୂର୍ଣ୍ଣ, ସାମଗ୍ରିକ ଭାବରେ ଅପୂର୍ଣ୍ଣ; ଅର୍ଥାତ୍ ବାହ୍ୟ କ୍ଷେତ୍ରରେ ସେମାନେ ଆଦୌ କିଛି ପାଇ ନାହାନ୍ତି ।

(CWM, Vol. 7, page : 287-290) ✤

ଚେତନା ଯେତେ ଅଧିକ ବିକଶିତ, ବିସ୍ତାରିତ ଓ ବ୍ୟାପକ ହେବ, ତହିଁ ସଙ୍ଗେ ସଙ୍ଗେ ତୁମେ କର୍ମରେ ଅଧିକରୁ ଅଧିକ ତ୍ରୁଟିହୀନ ହେବ ।

— ଶ୍ରୀମା

# ବନ୍ଦେ ମାତରମ୍

## ଶ୍ରୀଅରବିନ୍ଦ

### ଜମାଲପୁରରେ ପ୍ରଶାସନ

ଜମାଲପୁର ଦୌରାତ୍ମ୍ୟର ଯେଉଁ ବିବରଣୀ ଏବେ ଅତି ନିକଟରେ ପ୍ରାପ୍ତ ହୋଇଛି ତାହା ଘଟଣାର ଭୟାବହତା ଓ ଆମ ନିଜ ସଂଗଠନ ମଧ୍ୟରେ ଥିବା ସେଇସବୁ ଭୁଲ୍‌ଭଟକା ଉପରେ ଜୋର୍ ଦେଇଛି ଯାହାକୁ ଦୂରକରିବା ପାଇଁ ଆମେ ଚେଷ୍ଟା କରିବା ଉଚିତ । ଦଙ୍ଗାର ସବୁଠୁ ଘୋର ଅପମାନଜନକ ବିଲକ୍ଷଣ ହେଲା ସ୍ଥାନୀୟ ବ୍ରିଟିଶ କର୍ମଚାରୀମାନଙ୍କର ଆଚରଣ ଯିଏ ମୁସଲମାନ ଗୁଣ୍ଡାମାନଙ୍କୁ ହାତକରି ହିନ୍ଦୁମାନଙ୍କୁ ପ୍ରତାରିତ କରିଛି, ସେମାନଙ୍କ ପ୍ରତି ବିଶ୍ୱାସଘାତକତାର ଖେଳ ଖେଳିଛି । ଆକ୍ରମଣର ସ୍ୱରୂପ, ଏହା ଯେମିତି ଅଚାନକ ଭାବେ ଘଟିଗଲା, ଏହାର ଯେଭଳି ଭାବେ ପରିସମାପ୍ତି ହେଲା ତାହା ପ୍ରମାଣ କରେ ଯେ ଅତି ସତର୍କତା ଅବଲମ୍ବନ ପୂର୍ବକ ଏହାର ଯୋଜନା ବହୁ ଆଗରୁ ହୋଇ ସାରିଥିଲା । ଏବଂ ଆକସ୍ମିକ ରୂପେ କୌଣସି ରକମର ଧର୍ମାନ୍ଧତା କିଂବା ଗୁଣ୍ଡାଗିରି ପ୍ରକାଶ ପାଇ ନାହିଁ । ଶାନ୍ତିରକ୍ଷାର ଦାୟିତ୍ୱରେ ଥିବା ଯୁଗ୍ମ ମାଜିଷ୍ଟ୍ରେଟ (Joint Magistrate) ଏକ ସଂଘବଦ୍ଧ ଆକ୍ରମଣର ସମ୍ଭାବନା ସମ୍ପର୍କରେ ଯେ ଅବଗତ ନଥିଲେ ଏକଥା ବିଶ୍ୱାସ କରିବା ସମ୍ପୂର୍ଣ୍ଣ ଅସମ୍ଭବ ଯାହାକି ସାଧାରଣତଃ ହିନ୍ଦୁମାନଙ୍କ ଦ୍ୱାରା ଆଶଙ୍କା କରା ଯାଉଥିଲା । ତଥାପି ପ୍ରାପ୍ତ ଖବର ଅନୁଯାୟୀ, ସ୍ଥାନୀୟ ସରକାରୀ କର୍ମଚାରୀ ଏକ ସ୍ୱତନ୍ତ୍ର ଶପଥପୂର୍ବକ ହିନ୍ଦୁମାନଙ୍କୁ ଏକ ମେଳାରେ ଉପସ୍ଥିତ ରହିବା ପାଇଁ ପ୍ରବର୍ତ୍ତାଇ ଥିଲେ ଯେ ମୁସଲମାନମାନଙ୍କ ପଟରୁ ସେମାନଙ୍କର କିଛି ଭୟ କରିବାର ନାହିଁ ଏବଂ ତତ୍‌ପରେ ତାଙ୍କ ପ୍ରତିଜ୍ଞାର ଉଲ୍ଲଙ୍ଘନ କରି ସେ ସେମାନଙ୍କୁ ସମ୍ପୂର୍ଣ୍ଣ ଅସୁରକ୍ଷିତ ଅବସ୍ଥାରେ ଛାଡ଼ି ଚାଲି ଯାଇଥିଲେ ବର୍ବରତା ଓ ଧର୍ମଗତ ବିଦ୍ୱେଷ ଭାବକୁ ଧାରଣ କରୁଥିବା ସେଇ ଗୁଣ୍ଡାମାନଙ୍କ ଯଦୃଚ୍ଛା ଆଚରଣର ଶିକାର ହେବା ପାଇଁ । ଯଦି ଏହି ଗଣ୍ଡଗୋଳର ପ୍ରସ୍ତୁତିକରଣ ଚାଲିଥିଲା ଏବଂ ଏହା ଘଟିବ ବୋଲି ସେ ଆଗୁଆ ସୂଚନା ପାଇ ସାରିଥିଲେ, ତା'ହେଲେ ଏ ସଂକ୍ରାନ୍ତରେ ସେ ଯେଉଁ କାର୍ଯ୍ୟଟି କରି ବସିଲେ ତାହା ଥିଲା ତାଙ୍କର ମାନବିକତା ବିରୋଧୀ ଏକ ବିଶ୍ୱାସଘାତକତା । ଏମିତିକି ଯଦିବା ସେ ଏତେ ନିର୍ବୁଦ୍ଧିଆ ଥିଲେ ଯେ ଯାହା ଫଳରେ ଆପଣା ଇଲାକାରେ କ'ଣ କ'ଣ ଘଟିଚାଲିଛି ସେ ସମ୍ବନ୍ଧରେ ସେ କିଛି ହେଲେ ସଜାଗ ହୋଇ ପାରିଲେ ନାହିଁ; ତା'ହେଲେ ଶପଥର ମୂଲ୍ୟ କ'ଣ ରହିଲା, କାରଣ ସମ୍ଭାବ୍ୟ ପରିସ୍ଥିତିର ବିରୋଧରେ ପ୍ରତିକାର ବିଧାନ ପାଇଁ ତାଙ୍କ ବିଫଳତା ତାଙ୍କୁ ଆଣି ଖୋଲି ଧରିଛି ସମସ୍ତଙ୍କର ତାଙ୍କ ପ୍ରତି ଏକ କଦର୍ଯ୍ୟ ଧାରଣାର ଉଦ୍ରେକ ସମ୍ମୁଖରେ । ସରକାରୀ କର୍ମଚାରୀ ହିସାବରେ ନିଜର ନୈତିକ କର୍ତ୍ତବ୍ୟ ଓ ବ୍ୟକ୍ତିଗତ ସମ୍ମାନ ପ୍ରତି ସେ ସମ୍ପୂର୍ଣ୍ଣ ଫୁଲାଫାଙ୍କିଆ ବେଖାତିର ମନୋଭାବ ପ୍ରଦର୍ଶନ କରିଗଲେ । ତାଙ୍କର ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ମଧ୍ୟ ତଦ୍ରୂପ ଅସାଧାରଣ ଥିଲା । ସମସ୍ତ ବିବରଣୀ ଭିତରୁ ସେଇ ଗୋଟିଏ ତଥ୍ୟ ପ୍ରକାଶ ପାଇଛି ଯେ ସ୍ୱଦେଶୀ ଆନ୍ଦୋଳନର ବିରୋଧୀ ଗୋଷ୍ଠୀ ସେମାନଙ୍କ ଲୁଣ୍ଠନ ଓ ହିଂସାତ୍ମକ କାର୍ଯ୍ୟକୁ ସମ୍ପନ୍ନ ନକଲା ପର୍ଯ୍ୟନ୍ତ ପୁଲିସମାନେ ନିଷ୍କ୍ରିୟ ରହିଥିଲେ ଏବଂ ଥାନା ଅଭିମୁଖେ ମୁହାଁଉଥିଲେ । ଏମିତିକି ତା'ପରେ ସେମାନେ ଆସି ଖାଲି ଲାଠିଗୁଡ଼ିକ ସେମାନଙ୍କଠାରୁ ଛଡ଼େଇ ନେବା କାର୍ଯ୍ୟଟିରେ ନିଜକୁ ସୀମିତ କରି ରଖିଥିଲେ,– ସେତେବେଳକୁ ଯାହା ଅନିଷ୍ଟ ହେବା କଥା ହୋଇସାରିଥିଲା, କୌଣସି ହିଂସାର ଆଉ ପ୍ରୟୋଜନ ନଥିଲା – ଏବଂ ପିତୃସୁଲଭ ଗେହ୍ଲାଳିଆ ଆକଟ କରି ଗଣ୍ଡଗୋଳକାରୀମାନଙ୍କୁ ସେମାନଙ୍କର ଗୃହାଭିମୁଖେ ଘଉଡ଼ାଇ ଦେଇଥିଲେ ଗିରଫ ନକରି । କେବଳ ଯେଉଁ କେତେଜଣ ଗିରଫ ହୋଇଥିଲେ ସେମାନେ ସମସ୍ତେ ହେଉଛନ୍ତି ହିନ୍ଦୁ; ଯଦିବା ତାଙ୍କର କିଛି ଦୋଷ ଥିଲା ତାହା ହେଉଛି ନିଜ ଆତ୍ମରକ୍ଷା । ଯେଉଁ ବିବରଣୀଗୁଡ଼ିକୁ ଭିତ୍ତିକରି ଆମେ ଏଇ ମନ୍ତବ୍ୟମାନ ଦେଇଛୁ ସେଗୁଡ଼ିକ ବେନାମୀ ଆକାରରେ ଆସିଥିଲା ଏବଂ ଏପର୍ଯ୍ୟନ୍ତ ତାକୁ କେହି ହେଲେ ଖଣ୍ଡନ କରି ନାହାନ୍ତି । ଆମେ କେବଳ ଶେଷରେ ଏତିକି କହିପାରୁ ଯାହା କୋମିଲାରେ ଘଟିଥିଲା ଠିକ୍ ସେମିତି ସ୍ଥାନୀୟ ସରକାରୀ କର୍ମଚାରୀମାନେ ସ୍ୱଦେଶୀଗଣଙ୍କୁ ଦମନ କରିବାକୁ ଯାଇ ଦଙ୍ଗାକାରୀମାନଙ୍କୁ ମିତ୍ରବତ୍ ଅନୁକମ୍ପାଭରା ଦୃଷ୍ଟିରେ ଦେଖୁଥିଲେ ଏବଂ ସେଇ ଅନୁସାରେ ସେମାନଙ୍କର କାମ କରି ଚାଲିଥିଲେ । ମୁସଲମାନ ଗୁଣ୍ଡାମାନେ ସ୍ୱଦେଶୀବାଦ ଉପରେ ପ୍ରଚଣ୍ଡ ଦମନଲୀଳା ଚଳେଇଥିବା ସମୟରେ ଟିକେ ପାଖରେ ନିଜେ ସେମାନେ ଆସି ଠିଆହେବା, ଯାହାକୁ ଅଧୁନା ସରକାରଙ୍କ

ନୀତିର କୃତ୍ରିମ ଉଦାରବାଦ ସେମାନଙ୍କୁ ନିଷେଧ କରିଛି; ଆତ୍ମରକ୍ଷା ରୂପକ ଅପରାଧ ପାଇଁ ସମ୍ମାନାସ୍ପଦ ହିନ୍ଦୁମାନଙ୍କୁ କାର୍ଯ୍ୟାନୁଷ୍ଠାନ ଆକାରରେ ଆଇନଗତ ଦମନ ଦ୍ୱାରା ଏହି ବେଆଇନ ଅତ୍ୟାଚାରର କୀଳକକୁ ଜୋର୍ ଦେଇ ଆଣ୍ଟିବା, ଦୁର୍ଦ୍ଦଶାଗ୍ରସ୍ତ ଓ ଅସଦ୍ ବ୍ୟବହାରର ଶିକାର ହୋଇ ପଡ଼ିଥିବା ସ୍ୱଦେଶୀମାନଙ୍କ ପାଖକୁ ବାହାରୁ ଆସୁଥିବା ସାହାଯ୍ୟକୁ ଯତ୍‌ପରୋନାସ୍ତି ଚାପ ପକେଇ ବାଧା ଦେବା ଆଉ ସର୍ବଶେଷରେ ନିଜ ଉପସ୍ଥିତିକୁ ଏଡ଼ିବାକୁ ଯାଇ ଅଳ୍ପ କେତେକ ଦଙ୍ଗାକାରୀ ମୁସଲମାନମାନଙ୍କୁ ଜେଲ ପଠେଇବା – ତାହା ଏପରି ଏକ ଦଣ୍ଡ ଯାହା ପ୍ରତି ସେମାନଙ୍କର ତିଳେ ହେଲେ ଶଙ୍କା ନାହିଁ, ଯେହେତୁ ସେମାନେ ହେଉଛନ୍ତି ଗୁଣ୍ଡାଶ୍ରେଣୀୟ ବ୍ୟକ୍ତି ଓ ଜେଲ ରୂପକ ଭାଡ଼ିର ପୁରୁଣା ଚଢ଼େଇ – ସ୍ଥାନୀୟ କର୍ମଚାରୀମାନଙ୍କର ଏଇଆ ହେଉଛି ଅପରିବର୍ତ୍ତନୀୟ ମତିଗତି । ଜମାଲପୁର ଘଟଣା ପରିପ୍ରେକ୍ଷୀରେ ଯେଉଁ ନୂତନ ପରିସ୍ଥିତି ସୃଷ୍ଟି ହୋଇଛି ତାହା ହେଲା ସ୍ଥାନୀୟ କର୍ମଚାରୀମାନେ ଦେଇଥିବା ନିର୍ଭର ଆଶ୍ୱାସନା ଯାହା ଥିଲା ମୋଟାମୋଟି ସୁରକ୍ଷାର ପ୍ରତିଶ୍ରୁତି ଏବଂ ଯାହା ଯୋଗୁଁହିଁ ଏଇ ଉତ୍ପୀଡ଼ନ ସମ୍ଭବ ହୋଇପାରିଥିଲା । ଗତ ଶହେ ବର୍ଷ ଧରି ବ୍ରିଟିଶମାନେ ବ୍ରିଟିଶ ନ୍ୟାୟବିଚାରର, ବ୍ରିଟିଶ ମର୍ଯ୍ୟାଦାର, ବ୍ରିଟିଶ ସତ୍ୟତାର କିଂବଦନ୍ତୀକୁ ଆମ କର୍ଣ୍ଣକୁହରରେ ବଡ଼ ଜୋର୍‌ରେ ଫୁଙ୍କି ଚାଲିଛନ୍ତି । ବ୍ରିଟିଶ ଜାତି କିଂବା ବ୍ରିଟିଶ ମାଜିଷ୍ଟ୍ରେଟମାନଙ୍କ ନ୍ୟାୟ ବିଚାର ପ୍ରତି ବିଶ୍ୱାସ ତୁଟି ଯାଇଛି । ଉଦାରନୀତିର ଘୋଷଣାରେ ଏହାର ସୃଷ୍ଟି ହୋଇଥିଲା, ପ୍ରତିକ୍ରିୟାଶୀଳ ପ୍ରୟୋଗ ଦ୍ୱାରା ଏହାର ଧ୍ୱଂସ ସାଧନ ହୋଇଛି । ଇଂରେଜ ଲୋକମାନଙ୍କର ବ୍ୟକ୍ତିଗତ ମର୍ଯ୍ୟାଦା ଏବଂ ସତ୍ୟତାରେ ବିଶ୍ୱାସଟା କୌଣସି ରକମ ବର୍ତ୍ତିଯାଇଛି; କିନ୍ତୁ ପୂର୍ବବଙ୍ଗଳାର ପ୍ରଶାସକମାନେ ଏହାକୁ ଯେଉଁଭଳି ଦାରୁଣ ଆଘାତମାନ ଦେଇ ଚାଲିଛନ୍ତି ତହିଁରେ ଏ ବିଶ୍ୱାସ ଆଉ ତିଷ୍ଠି ପାରିବ ନାହିଁ । ଆମେ ପୂର୍ବବଙ୍ଗଳାର ଜନସାଧାରଣଙ୍କୁ ନେହୁରା ହୋଇ ବୁଝେଇ କହିବୁ ଯେ ସରକାରୀ ସ୍ତରରେ ସେମାନଙ୍କ ସୁରକ୍ଷା ପାଇଁ ଦିଆ ଯାଉଥିବା ପ୍ରତିଶ୍ରୁତି କିଂବା ସେଇଭଳି ଆଉ କିଛି ଉକ୍ତି ଉପରେ ଆସ୍ଥା ରଖିବାର ନିର୍ବୋଧତା ଅପେକ୍ଷା କେବଳ ସେମାନଙ୍କ ନିଜର ସମ୍ମିଶ୍ରଣ, ସଂଗଠନ ଏବଂ ଶକ୍ତିଶାଳୀ ଅସ୍ତ୍ରଶସ୍ତ୍ର ଉପରେ ଭରସା କରିବା ଉଚିତ ହେବ । ସ୍ୱଦେଶୀ ଓ ସ୍ୱରାଜର ଡାକରା ଦେବା ଏବଂ ତଥାପି ଯେଉଁ ଅଧିକାରୀବର୍ଗଙ୍କର ଏକଚାଟିଆ କ୍ଷମତାକୁ ଆନ୍ଦୋଳନର ବିପଦ ଗ୍ରାସ କରି ନେଇଛି ସେମାନଙ୍କଠାରୁ କୌଣସି ସୁରକ୍ଷାର ଆଶା ରଖିବା ଯେ ମୂର୍ଖତାର ପରିଚୟ ଏକଥା କୋମିଲାର କର୍ମଚାରୀଗଣ କଷ୍ଟ ସ୍ୱୀକାରପୂର୍ବକ ନିଜର ସୁରକ୍ଷା ପାଇଁ ଆବେଦନ କରିଥିବା ଜନସାଧାରଣଙ୍କୁ କହିଥିଲେ ଆଉ ଏଇ କଥାଟିକୁ ଆମେ ଏକାଧିକ ବାର ସୂଚେଇ ଦେଇଛୁ ।

## ଇଏ କ'ଣ ତୁମର ବଙ୍ଗକେଶରୀ ?

ପୂର୍ବବଙ୍ଗରେ କ୍ରମେ ଉତ୍କଟ ରୂପ ଧାରଣ କରୁଥିବା ସଂକଟର ସମ୍ମୁଖୀନ ହେବାକୁ ଯାଇ ବଙ୍ଗଳାର ''ଜଣାଶୁଣା ନେତୃବର୍ଗ'' କିପରି ନିହାତି ଅସହାୟ ଓ ବୁଦ୍ଧିବଣା ହୋଇ ପଡ଼ିଛନ୍ତି ତାହା ଦେଖିବାଟା ଦୁଃଖଦାୟକ । ଜମାଲପୁରରେ ଘଟିଥିବା ଦୌରାତ୍ମ୍ୟ ସମ୍ପର୍କରେ 'ବେଙ୍ଗଲି' ପତ୍ରିକାର ମତାମତ ଏଇ ଯେ ''ତଥାକଥିତ ବରିଷ୍ଠନେତାମାନଙ୍କର'' ଶିଥିଳ କାପୁରୁଷତା ଓ ହୃଦୟହୀନ ମାତ୍ରାଧିକ ସତର୍କତାର ଏକ ନମୁନା କଥା ଆମେ କହିବା ପାଇଁ ବାଧ ହେଉଛୁ । 'ବେଙ୍ଗଲି' ଘୋଷଣା କରିଛି ଯେ କଲିକତାରେ ସମୁଦାୟ ହିନ୍ଦୁ ସମ୍ପ୍ରଦାୟ ଜମାଲପୁରରେ ହୋଇଥିବା ସେମାନଙ୍କ ପ୍ରତି ଅତ୍ୟାଚାରକୁ ନେଇ ଅତ୍ୟଧିକ ଉତ୍ୟକ୍ତ ହୋଇ ପଡ଼ିଛନ୍ତି । ଏହା ପରୋକ୍ଷ ସୂଚନା ଦେବା ସଙ୍ଗେ ସଙ୍ଗେ ଆକ୍ଷେପ କରି କହିଛି ଯେ ବ୍ରିଟିଶ କର୍ମଚାରୀମାନଙ୍କର ଗୋପନ ମନ୍ତ୍ରଣା ଏଇସବୁ ଦୌରାତ୍ମ୍ୟ ପାଇଁ ମୁଖ୍ୟତଃ ଦାୟୀ । କିନ୍ତୁ ତଥାପି ଏଇ ଦୁର୍ବୋଧ ଆକ୍ଷେପୋକ୍ତିଗୁଡ଼ିକୁ ସେ 'ଯଦି' ଶବ୍ଦର ଲକ୍ଷ୍ମଣ ରେଖା ଟାଣି ଘଣ୍ଟଘୋଡ଼େଇ ଦେଇଛି । ସରକାର ବିହିତ ପ୍ରତିକାର ଯଦି ନକରନ୍ତି ତା'ହେଲେ ପରିଣାମ ମନ୍ଦ ଓ ଭୟାବହ ହେବ ବୋଲି ଏହା ଧମକ ଦେଇଛି । କିନ୍ତୁ ଇତି ମଧ୍ୟରେ ଆମ ସହଯୋଗୀ ଜଣକ ଯେହେତୁ ବଙ୍ଗଳାର ସବୁଠୁ ପ୍ରସିଦ୍ଧ ରାଜନୀତିଜ୍ଞଙ୍କର ମନୋଭାବକୁ ବ୍ୟକ୍ତ କରିଛି ସେ କ'ଣ ପ୍ରସ୍ତାବ ଦେଇଛି ଏଇ ଜରୁରୀକାଳୀନ ପରିସ୍ଥିତିର ସମ୍ମୁଖୀନ ହେବା ପାଇଁ ? ପରିସ୍ଥିତିର ଅନିଷ୍ଟକାରକ ପରିଣାମକୁ ହ୍ରାସ କରିବା ପାଇଁ ଉପାୟମାନ ଖୋଜି ବାହାର କରିବାକୁ ସେ ଏକ ସାଧାରଣ ସଭାର ପ୍ରସ୍ତାବ ଦେଇଛି ଏବଂ ସଭା ଅନୁଷ୍ଠିତ ହୋଇଗଲା ପରେ ଏହା ପ୍ରସ୍ତାବ ରଖିଛି କିଛି ନକରି ଖାଲି ଅପେକ୍ଷା କରି ରହିବା ପାଇଁ । କିଂବା ଅନ୍ତତଃ ଯଦି ସେମିତି କିଛି କରିବାକୁ ଥାଏ ତା'ହେଲେ ''ନିମ୍ନତର ଆବେଗଗୁଡ଼ିକ'' ଉପରେ ଖାଲି ଆମର ଶ୍ରେଷ୍ଠ ପଣିଆର ଦମ୍ଭ ପ୍ରଦର୍ଶନ କରିବା

ଏବଂ ସରକାର ଯେ କ'ଣ କରିପାରନ୍ତି ସେଥିପାଇଁ ଧୈର୍ଯ୍ୟର ସହିତ ବସି ପ୍ରତୀକ୍ଷା କରି ରହିବା ! ଅତ୍ୟାଚାର ବିରୋଧରେ ଆକ୍ରୋଶ, ଦୌରାତ୍ମ୍ୟର ଶିକାର ହୋଇଥିବା ଆମ ସାଥି ଦେଶବାସୀଙ୍କ ପ୍ରତି ସମବେଦନା ଓ ସେମାନଙ୍କ ପ୍ରତି ହୋଇଥିବା ଅନ୍ୟାୟ ବିରୋଧରେ ପ୍ରତିଶୋଧର ଇଚ୍ଛାପରି ''ହୀନ ଆବେଗ'' ପାଖରେ ସମର୍ପଣ କରିବା ଯେ ଶ୍ରେଷ୍ଠ ତାହା ଆଉ ବିଜ୍ଞ ପତ୍ରିକାମାନଙ୍କଠାରୁ ଆଶା କରାଯାଇପାରିବନି । ନୈତିକ ନିର୍ଦ୍ଦୋଷତାର ପ୍ରତାରଣାମୂଳକ ଲୋକଦେଖାଣିଆ ମଧୁର କଥା ରୂପକ ବ୍ୟାଧିରେ ଆକ୍ରାନ୍ତ ହୋଇ ଆମେ ମରଣାପନ୍ନ ଦଶାକୁ ଚାଲିଆସିଛୁ ଯାହା ଖାଲି ଏକ କାପୁରୁଷର କୈଫିୟତ୍ । ନିରୋ (Nero) ବେହେଲା ବାଦନ କରୁଥିଲେ ଆଉ ରୋମ ନଗରୀ ଜଳୁଥିଲା । ଜମାଲପୁର ଅବରୋଧ ଅବସ୍ଥାରେ ରହିଛି, ସହରଟି ଗୁର୍ଖାମାନଙ୍କର ଅକ୍ତିଆରରେ, ବାହାରପଟୁ ଆବଶ୍ୟକୀୟ ସାହାଯ୍ୟ ଆସିବାର ନାହିଁ; ଜଣେ ବ୍ୟକ୍ତି ମୃତ ଅବସ୍ଥାରେ ପଡ଼ିରହିଛି ଏବଂ ଅନ୍ୟମାନେ କ୍ଷତବିକ୍ଷତ ଅବସ୍ଥାରେ, କୁହାଯାଉଛି କେତେକଙ୍କ ଦଶା ମଧ ମର୍ମନ୍ତୁଦ; ଦୁର୍ଗାଙ୍କର ମୂର୍ତ୍ତି ଭଗ୍ନ, ଧର୍ମର ପବିତ୍ରତା ଲାଞ୍ଛିତ, ଆମ ଆତ୍ମୀୟ-ସ୍ୱଜନଙ୍କର ଶୋଣିତ, ଆମ ସ୍ୱାର୍ଥ ଓ ଦେଶର ସମ୍ମାନ ଅପମାନରେ ଜର୍ଜରିତ,— ସଭିଙ୍କର ଆର୍ତ୍ତଚିତ୍କାର ଶୁଭୁଛି ଦୁର୍ଦ୍ଦଶା ପ୍ରପୀଡ଼ିତର ସାହାଯ୍ୟ ଓ ସମର୍ଥନ ପାଇଁ । ତଥାପି ବେଙ୍ଗଲିର ''ହୀନ ଆବେଗଗୁଡ଼ିକ'' ତୁଳନାରେ ତା'ର ଶ୍ରେଷ୍ଠତ୍ୱର ବେହେଲା ବାଦନରେ ସେ ବ୍ୟସ୍ତ । ଏଇ ହେଉଛି ପଥପ୍ରଦର୍ଶକ ବଙ୍ଗଭୂମି ତା' ଭାଗ୍ୟର ଘଡ଼ିସନ୍ଧି ମୁହୂର୍ତ୍ତରେ । ଓଃ କି ଦୟନୀୟ ଅବସ୍ଥା !

## ଗୁରୁତର ତ୍ରୁଟିର କର୍ତ୍ତା ଆଙ୍ଗ୍ଲୋଭାରତୀୟ

ଜମାଲପୁର ଗଣ୍ଡଗୋଳ ପରି ଘଟଣାଗୁଡ଼ିକର ଉପଚାର ପାଇଁ 'ଇଂଲିଶ୍‌ମ୍ୟାନ୍'ର କିଛି ସ୍ଥାୟୀ ପରାମର୍ଶ ରହିଛି । ସିଦ୍ଧାନ୍ତଟି ହେଲା ସ୍ୱଦେଶୀର ବର୍ଜନ ଆନ୍ଦୋଳନ ଯୋଗୁଁ ମୁସଲମାନମାନଙ୍କ କ୍ରୋଧର ପରିଣାମ ଦଙ୍ଗାର ରୂପ ନେଇଛି; ତେଣୁ ସ୍ୱଦେଶୀ ହେଉଛି ସମୁଦାୟ ଅଶାନ୍ତିର ମୂଳ କାରଣ; ଫଳରେ ସ୍ୱଦେଶୀକୁ କଠୋର ହସ୍ତରେ ଦମନ କର । 'ଇଂଲିଶ୍‌ମ୍ୟାନ୍'ଠାରୁ ଅଧିକ ଭଲ ରୂପେ କେହି ଜାଣନ୍ତି ନାହିଁ ଯେ ଢାକାର ନବାବଙ୍କ ସହିତ ଆଙ୍ଗ୍ଲୋଭାରତର ଅନିଷ୍ଟକାରକ ସନ୍ଧି ଦ୍ୱାରା ଉପଦ୍ରବମାନ ସୃଷ୍ଟି ହୋଇଛି ଏବଂ ତାଙ୍କର ସମର୍ଥକମାନେ ଉଚିତ ବା ଅନ୍ୟାୟ ଭାବେ ହେଉ ସ୍ୱଦେଶୀ ଆନ୍ଦୋଳନକୁ ଦମନ କରିବା ପାଇଁ ଚୁକ୍ତିବଦ୍ଧ ହୋଇଥିଲେ । ଆମ ପକ୍ଷରୁ ପ୍ରଶାସନ ଦ୍ୱାରା ଖୋଲାଖୋଲି ଅତ୍ୟାଚାରକୁ ଆମେ ସ୍ୱାଗତ କରିବା ସମୀଚୀନ ହେବ । ହିଂସା ଓ ଅମାନୁଷିକ ଉଚ୍ଛୃଙ୍ଖଳତା ପାଇଁ ସ୍ଥାନୀୟ କର୍ମଚାରୀମାନେ ଗୁପ୍ତମନ୍ତ୍ରଣା କରିବା ଅପେକ୍ଷା ଏହା ଅନ୍ତତଃ ଅଧିକ ସମ୍ମାନଜନକ କାର୍ଯ୍ୟ ହେବ ଏବଂ ଖୋଲାଖୋଲି ଓ ସିଧାସଳଖ ଶତ୍ରୁର ମୁକାବିଲା କରିବା ଆନନ୍ଦଦାୟକ ହେବ । କିନ୍ତୁ ଖୋଲାଖୋଲି କିଂବା ଗୋପନରେ ହେଉ, ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ହେଉ କୌଣସି ପଦକ୍ଷେପ ଜାତୀୟ ଜାଗରଣର ଚେତନାକୁ ପ୍ରତିହତ କରିପାରିବ ନାହିଁ । ଆମକୁ ଆଶ୍ଚର୍ଯ୍ୟ ଲାଗେ ଆତ୍ମତୃପ୍ତିରେ ବୁଡ଼ି ରହିଥିବା ଏଇ ଅଧିକାରୀ ଆଉ ଶୋଷଣକାରୀମାନଙ୍କର କ'ଣ ସତରେ କିଛି ଧାରଣା ଅଛି ଲୋକମାନଙ୍କ ଭିତରେ କ୍ରମେ ତେଜି ଉଠୁଥିବା ଚାପା ଉତ୍ତେଜନା ସମ୍ପର୍କରେ, ଯାହାକୁ ବର୍ତ୍ତମାନର ଅନୁସୃତ ନୀତି ଏକ ବାସ୍ତବ ରୂପ ଓ ମହତ୍ତ୍ୱ ପ୍ରଦାନ କରିଛି । ସମ୍ଭବତଃ, ଚିନ୍ତାଧାରାଟି ହେଉଛି ଉତ୍ତେଜନାକୁ ଚରମ ପର୍ଯ୍ୟାୟ ଆଡ଼କୁ ଠେଲି ନେଇଯିବା ଆଉ ତା'ପରେ ତା'ର ପ୍ରତ୍ୟକ୍ଷ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ତାକୁ ବଳପ୍ରୟୋଗ ପୂର୍ବକ ଦମନ କରିବା, ଠିକ୍ ଆୟର୍ଲାଣ୍ଡ କ୍ଷେତ୍ରରେ ଇଂଲଣ୍ଡ ତା'ର ଯେଉଁ ପୁରୁଣା ନୀତିକୁ ଅନୁସରଣ କରିଥିଲା । କିନ୍ତୁ ଏସବୁ ମାରାତ୍ମକ ଭୁଲ୍ କରିବାକୁ ଯାଉଥିବା ଶଠ ପ୍ରତାରକ ଆଙ୍ଗ୍ଲୋ-ସାକ୍ସନ୍ (Anglo-Saxons) କୂଟରାଜନୀତିଜ୍ଞମାନଙ୍କୁ ଆମେ ଚେତାଇ ଦେବାକୁ ଚାହୁଁଛୁ ଯେ ଭାରତ ଆୟର୍ଲାଣ୍ଡ ନୁହେଁ; ଝଡ଼କୁ ଶୃଙ୍ଖଳମୁକ୍ତ କରିବା ବେଶ୍ ସହଜ କିନ୍ତୁ କେଉଁ ଗତିପଥ ଦେଇଯିବ, ଏ ଝଡ଼ରେ କିଏ ବର୍ତ୍ତିଯିବ, କିଏ ଧ୍ୱଂସ ପାଇବ — ସେ ବିଷୟରେ ସିଦ୍ଧାନ୍ତ ଦେବା କଠିନ ।

[ବନ୍ଦେ ମାତରମ୍, ଏପ୍ରିଲ ୨୫, ୧୯୦୭]

(କ୍ରମଶଃ)

ଅନୁବାଦ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ ✤

# ଚେତନାର ଅବତରଣ

## (୩)

## ଶ୍ରୀ ନଳିନୀକାନ୍ତ ଗୁପ୍ତ

ମନୁଷ୍ୟର ଅନ୍ତର୍ହୃଦୟରେ ଅବତରଣ ହୋଇଛି, କିନ୍ତୁ କିଏ ଅବତରଣ କରିଛି, ସେ ଅବତାରୀ କିଏ ? ନିଶ୍ଚୟହିଁ ସେ ନିଜେ ହେଉଛି ଗୋଟିଏ ବ୍ୟକ୍ତିସତ୍ତା କାରଣ ତାହାରି ଅବତରଣ ଫଳରେହିଁ ମାନବର ବ୍ୟକ୍ତିସତ୍ତା । ସେ ଆଉ କେହି ନୁହେଁ, ସେ ହେଉଛି ''ଜୀବାତ୍ମା'' । ଜୀବାତ୍ମା କାହାକୁ କୁହାଯାଏ ? ଭଗବାନଙ୍କ ନିଜର ସଚ୍ଚିଦାନନ୍ଦମୟ ଆନନ୍ତ୍ୟ ମଧ୍ୟରେ ଫୁଟି ଉଠିଛି ତାଙ୍କର ସଚ୍ଚିଦାନନ୍ଦମୟ ଶାନ୍ତ ତରଙ୍ଗ ବା ଅଂଶସବୁ – ତାହା ଏପରିସବୁ କେନ୍ଦ୍ର, ଏପରିସବୁ ବିନ୍ଦୁ ଯେଉଁଠିକି ଭଗବାନ୍ ଗୋଟିଏ ଗୋଟିଏ ବିଶେଷ ବୈଶିଷ୍ଟ୍ୟସହ ସସୀମ ଓ ସୁଷମ ହୋଇ (ଆନନ୍ତ୍ୟ ସଙ୍ଗରେ ପୂର୍ଣ୍ଣ ସାକ୍ଷାତ୍ ସଂଯୋଗ ଓ ଏକତ୍ୱକୁ ଅକ୍ଷୁଣ୍ଣ ରଖି ମଧ୍ୟ) ଦେଖା ଦେଇଛନ୍ତି ଏବଂ ସମ୍ମୁଖରେ ଆସି ଦଣ୍ଡାୟମାନ ହୋଇଛନ୍ତି । ଏହିସବୁ କେନ୍ଦ୍ରବିନ୍ଦୁ ବା ଅଂଶ ହେଲା ଜୀବ ବା ଜୀବାତ୍ମା । ତେବେ ଜୀବାତ୍ମାମାନେ ସୃଷ୍ଟିଲୀଳାର ବାହାରେ – ସେମାନେ ଭଗବାନଙ୍କର ପରାପ୍ରକୃତିର ରୂପାୟନ, ସେମାନେ ସନାତନ, ଅକ୍ଷର, ଅବ୍ୟୟ । ଏହି ଜୀବ ମନୁଷ୍ୟ ମଧ୍ୟରେ ଅବତରଣ କରିଛି ହୃତ୍‌ପୁରୁଷ, ଚୈତ୍ୟପୁରୁଷ, ଅନ୍ତରାତ୍ମା ରୂପେ । ସୃଷ୍ଟିର ବିବର୍ତ୍ତନଧାରାର ବାହାରେ ଏହା ହେଉଛି ଜୀବ ଏବଂ ବିବର୍ତ୍ତନ ମଧ୍ୟରେ, ମନୁଷ୍ୟ ଭିତରେ ତାହାର ପ୍ରତିରୂପ ଓ ପ୍ରତିଚ୍ଛାୟା ହେଉଛି ହୃତ୍‌ପୁରୁଷ । ଜୀବାତ୍ମାର ଅବତରଣ ଏବଂ ହୃତ୍‌ପୁରୁଷର ଆବିର୍ଭାବ ହୁଏ ମନୁଷ୍ୟକୁ ତାହାର ନିମ୍ନତନ ପ୍ରକୃତିରୁ ଉର୍ଦ୍ଧ୍ୱତମ ଅଧ୍ୟାତ୍ମ ଚେତନାରେ ଉନ୍ନୀତ କରିବା ନିମନ୍ତେ, ତାହାର ପ୍ରକୃତିକୁ ପରିବର୍ତ୍ତିତ ଓ ରୂପାନ୍ତରିତ କରିବା ନିମିତ୍ତ । ଏହି ହୃତ୍‌ପୁରୁଷହିଁ ଅନ୍ତର୍ଯାମୀ ରୂପେ ଓ ଆନ୍ତର ଈଶ୍ୱର ରୂପେ ମନୁଷ୍ୟର ଆଧାରକୁ, ପ୍ରାକୃତ ଦେହ-ପ୍ରାଣ-ମନକୁ ଧାରଣ ପୂର୍ବକ ନିୟନ୍ତ୍ରିତ କରି ଆଧେୟ ରୂପେ ନିଜର ନିଭୃତ ଓ ନୈସର୍ଗିକ ଭାଗବତ ଜ୍ୟୋତିଃର ପ୍ରଭାବରେ ଓ ତାହାର ଚାପରେ ଆଧାରକୁ କ୍ରମେ ପରିଶୁଦ୍ଧ ଓ ପରିବର୍ତ୍ତିତ କରିଚାଲେ ।

ତା'ହେଲେ ଆମ୍ଭେମାନେ ଦେଖୁ ଯେ ଏହି ଅନ୍ତର୍ହୃଦୟ ବା ଚୈତ୍ୟପୁରୁଷ ଗୋଟିଏ ଦିଗରେ ମନୁଷ୍ୟକୁ ତାହାର ଆଦିମୂଳ ଯେଉଁ ଭାଗବତ ସଚ୍ଚିଦାନନ୍ଦମୟ ସ୍ଥିତି ସେହି ଆଡ଼କୁ ଉନ୍ମୁଖ ଓ ଉନ୍ମୁକ୍ତ ରଖିଛି ଏବଂ ଅନ୍ୟ ଦିଗରେ ସେ ମନୁଷ୍ୟର ସମଗ୍ର ପ୍ରାକୃତ ସତ୍ତାକୁ ଧାରଣ କରି ରଖିଛି, ଭରଣ କରୁଛି ଓ ଶୋଧନ କରୁଛି । ଚୈତ୍ୟପୁରୁଷର ସ୍ୱରୂପ ଏହି ଯେ ସେ ଦେହ-ପ୍ରାଣ-ମନର ଭାଗବତ ଅଧିଷ୍ଠାତା ଏବଂ ତାଙ୍କର ସ୍ୱାଭାବିକ ଧର୍ମ ଓ କର୍ମ ହେଲା ନିଜ ଚେତନାର ଦିବ୍ୟ-ତେଜରେ ମନ, ପ୍ରାଣ ଓ ଦେହକୁ ଅଜ୍ଞାନର ଧର୍ମରୁ କ୍ରମେ ମୁକ୍ତ କରି ଜ୍ଞାନର ଧର୍ମ-କର୍ମରେ ପ୍ରତିଷ୍ଠିତ କରିବା । ଏହି ଚୈତ୍ୟପୁରୁଷକୁହିଁ ଆଶ୍ରୟ କରି ହେଉଛି ମନୁଷ୍ୟର ବାସ୍ତବ ଗତିରୂପ – ବାହ୍ୟତଃ ଆମେ ଯେଉଁ ବ୍ୟକ୍ତିରୂପ ଦେଖୁ, ଯାହା ମନ-ପ୍ରାଣ-ଦେହର ଗୋଟାଏ ବିଶେଷ ଗଠନ, ତାହା ହେଉଛି ଏହି ବାସ୍ତବ ବ୍ୟକ୍ତିରୂପର ଛାୟା, ତା'ର ପ୍ରତିଧ୍ୱନି ଓ ଅନେକ ସମୟରେ ତାହାର ବିକୃତି । ଏହି ଚୈତ୍ୟପୁରୁଷର କ୍ରମବର୍ଦ୍ଧମାନ ପ୍ରକାଶ ଫଳରେ ମନୁଷ୍ୟର ବ୍ୟକ୍ତିରୂପ ମଧ୍ୟ କ୍ରମେ ପରିଶୁଦ୍ଧ ଓ ପରିସ୍ଫୁଟ ହୋଇଉଠେ ଏବଂ ପରିଶେଷରେ ଲାଭ କରେ ଭାଗବତ ବ୍ୟକ୍ତିତ୍ୱ ।

ମନୁଷ୍ୟ ମଧ୍ୟରେ ହୃତ୍‌ପୁରୁଷର ମଧ୍ୟ ଗୋଟାଏ କ୍ରମପରିଣତି ଅଛି, ପ୍ରାରମ୍ଭରୁ ସେ ତା'ର ପୂର୍ଣ୍ଣତା ନେଇ ଆବିର୍ଭୂତ ହୋଇ ନାହିଁ,– ଜୀବାତ୍ମାର କୌଣସି ପରିଣାମ ନାହିଁ, ତାହା ନିତ୍ୟ ପରିପୂର୍ଣ୍ଣ । ହୃତ୍‌ପୁରୁଷର ଲକ୍ଷ୍ୟ ହେଲା ଏଠାରେ ତା' ନିଜ ରାଜ୍ୟରେ ଜୀବାତ୍ମାର ସାରୂପ୍ୟ ଓ ସାଯୁଜ୍ୟ ଲାଭ । ହୃତ୍‌ପୁରୁଷ ଯେତେବେଳେ ବିବର୍ତ୍ତନର ପ୍ରଥମ ସ୍ତରରେ ଦେଖାଦିଏ ସେତେବେଳେ ସେ ରହେ ଯେପରି ଏକ ବୀଜମାତ୍ର ହୋଇ – ମନୁଷ୍ୟର ବାହ୍ୟରୂପ ଓ କର୍ମର ଅନେକ ପଶ୍ଚାତରେ ଥିବା ଗୋଟାଏ ବୀଜ ବା ସାମାନ୍ୟ ମାତ୍ର ଭସ୍ମାଚ୍ଛାଦିତ ସ୍ଫୁଲିଙ୍ଗ ସଦୃଶ; ପ୍ରଥମ ଅନୁଭୂତିରେ ସେ ଅନୁଭୂତ ହୁଅନ୍ତି ଅଙ୍ଗୁଷ୍ଠମାତ୍ର ପୁରୁଷାକାରରେ । ମନୁଷ୍ୟର ଜୀବନଯାତ୍ରା ଆରମ୍ଭ ହୁଏ ଏହି କ୍ଷୁଦ୍ର ଯବନିକା-ଅନ୍ତରିତ ଦୀପଶିଖାକୁ ନେଇ । ସେହି ଜୀବନଯାତ୍ରାର, ମନୁଷ୍ୟର ଜନ୍ମଜନ୍ମାନ୍ତରର ରହସ୍ୟ ହେଲା ଯେପରିକି ବୀଜଟି କ୍ରମେ ମୁଞ୍ଜରିତ, ଶାଖାୟିତ ଓ ପଲ୍ଲବିତ ହୋଇଉଠେ ଏବଂ ସ୍ଫୁଲିଙ୍ଗ କ୍ରମେ ବହ୍ନିକୁଣ୍ଡରେ ଓ ଦୀପଶିଖା କ୍ରମେ ସୌରଜ୍ୟୋତିର୍ମଣ୍ଡଳରେ ପରିଣତ ହୁଏ । ବୀଜ ବୃକ୍ଷରେ

ପରିଣତ ହେବା ନିମିତ୍ତ ପ୍ରୟୋଜନ ଜଳ, ବାୟୁ ଓ ସାର; ଅଗ୍ନି ନିମିତ୍ତ ପ୍ରୟୋଜନ ଇନ୍ଧନ । ସେହିପରି ହୃତ୍‌ପୁରୁଷର ପ୍ରକାଶର ଅଭିବ୍ୟକ୍ତି ନିମିତ୍ତ ଆବଶ୍ୟକ ହେଉଛି ପାର୍ଥିବ ଜନ୍ମର ଅଭିଜ୍ଞତାରାଜି । ନଚିକେତା ଯେଉଁ ଅଗ୍ନିଚୟନ ସାଧନାରେ ଯମକର୍ତ୍ତୃକ ଦୀକ୍ଷିତ ହୋଇଥିଲେ (ଯେଉଁ ଅଗ୍ନି ହେଲା ''ଅନନ୍ତଲୋକାପ୍ତିମଥୋ ପ୍ରତିଷ୍ଠାଂ... ନିହିତଂ ଗୁହାୟାଂ'', ଯେ ହେଲେ ଦେହ-ମନ-ପ୍ରାଣ – ଏହି ତିନିଟିର ସଙ୍ଗମ – ''ତ୍ରିଭିରେତ୍ୟସନ୍ଧିଂ'') ମନେହୁଏ ତାହା ହେଉଛି ଏହି ଅମର ଆନ୍ତର ଅଗ୍ନି, ମୃତ୍ୟୁର ଅତୀତ ଏହି ଚୈତ୍ୟପୁରୁଷ ।

ଶିଶୁ ଯେପରି ବଢ଼ିବାକୁ ଲାଗେ ଜୀବନର ଅନୁଭୂତି, ଉପଲବ୍ଧି ଓ ଅଭିଜ୍ଞତାକୁ ଲାଭ କରିବା ଦ୍ୱାରା; ସେହିପରି ବ୍ୟକ୍ତିପୁରୁଷ ମଧ୍ୟ କ୍ରମେ ପରିପୁଷ୍ଟ ହୋଇଉଠେ, ତା'ର ସାମର୍ଥ୍ୟର, ଶକ୍ତିର, ଜ୍ଞାନର ମାତ୍ରା ଓ ପରିଧି ବୃଦ୍ଧିଲାଭ କରେ, ଏବଂ ଜନ୍ମ ପରେ ଜନ୍ମ ମଧ୍ୟଦେଇ ଯେତେ ଅଭିଜ୍ଞତା ଓ ଉପଲବ୍ଧି ଆହରଣ କରେ ଓ ଆତ୍ମୀୟତ୍ତ କରିଚାଲେ । ଏବଂ ଯେତେ ସେ ପୁଷ୍ଟ ଓ ପରିପୁଷ୍ଟ ହୁଏ ସେତେହିଁ ତା'ର ଚୈତ୍ୟପୁରୁଷ ସମ୍ମୁଖରେ ଆସି ଆବିର୍ଭୂତ ହୁଏ, ଅର୍ଥାତ୍ ସାକ୍ଷାତ୍‌ଭାବେ ଦେହ-ପ୍ରାଣ-ମନର ନିୟନ୍ତା ଓ କର୍ତ୍ତା ହୋଇଉଠେ ଏବଂ ମନ-ପ୍ରାଣ-ଦେହ ଶେଷରେ ତାକୁ ଚିହ୍ନିପାରେ ଓ ତା'ର ସ୍ୱରୂପକୁ ସ୍ୱୀକାର କରିନିଏ, ସେମାନଙ୍କର 'ନିଜତ୍ୱ' ବୋଲି । ଚୈତ୍ୟପୁରୁଷ ଯେତେବେଳେ ସାକ୍ଷାତ୍‌ଭାବେ କର୍ତ୍ତା ଓ ନିୟନ୍ତା ହୋଇ ଉଠିବାର ସଂକଳ୍ପ କରିଛି ଏବଂ ଦେହ-ପ୍ରାଣ-ମନ ସେଥିରେ ଗୋଟାଏ ନିଭୃତ ଅନୁମତି ଦେଇଛି, ସେତେବେଳେହିଁ ମନୁଷ୍ୟ ପ୍ରାକୃତ ଜୀବନ ପରିତ୍ୟାଗପୂର୍ବକ ଅଧ୍ୟାତ୍ମ ଜୀବନରେ ଅଗ୍ରସର ହୁଏ – ଏହାରହିଁ ନାମ ହେଉଛି ଆଧ୍ୟାତ୍ମିକ ଦୀକ୍ଷା । ସାଧାରଣ ଲୌକିକ ପ୍ରାକୃତ ଜୀବନରେ ଚୈତ୍ୟପୁରୁଷ, ହୃତ୍‌ପୁରୁଷ ଓ ଆନ୍ତର ବ୍ୟକ୍ତିତ୍ୱ ରହେ ବହୁତ ପଶ୍ଚାତରେ ଓ ଅନ୍ତରାଳରେ, ସେତେବେଳେ ତା'ର ପ୍ରଭାବ ହୁଏ ଗୌଣ ଓ ତା'ର ଆଦେଶ ହୁଏ ପରୋକ୍ଷ ମାତ୍ର ।

ହୃତ୍‌ପୁରୁଷର ସାକ୍ଷାତ୍ ଅପରୋକ୍ଷ ଐଶିକତା ଯୋଗୁଁ ମନୁଷ୍ୟର ବ୍ୟକ୍ତି-ରୂପ ପରିବର୍ତ୍ତିତ ଓ ରୂପାନ୍ତରିତ ହୋଇ ଚାଲେ । ପ୍ରଥମେ ମନୋମୟ ବ୍ୟକ୍ତିତ୍ୱକୁ ଅତିକ୍ରମ କରି ସେ ଲାଭ କରେ ଗୋଟାଏ ମାନସୋତ୍ତର ବା ସାକ୍ଷାତ୍ ଜ୍ଞାନମୟ ବା ସଂବୋଧି-ଗଠିତ ବ୍ୟକ୍ତିତ୍ୱ, ତତ୍ପରେ ପ୍ରାପ୍ତ କରେ ଅଧିମାନସର ଜ୍ୟୋତିର୍ମୟ ବିଶାଳ ବ୍ୟକ୍ତିତ୍ୱ; ପରିଶେଷରେ ସକଳ ବ୍ୟଷ୍ଟିତ୍ୱ ଓ ବ୍ୟକ୍ତିତ୍ୱର ମୂଳ ଉତ୍ସ, ମୂଳ ପ୍ରତିଷ୍ଠା ତଥା ଆଦିସତ୍ୟ ଯେଉଁଠାରେ ଓ ଯାହା ହେଉଛି ସେହି ବିଜ୍ଞାନମୟ ବା ଅତିମାନସ ସତ୍ତାର ମାନବ-ଦେବତା ଏପରକି ଦେବତାଠାରୁ ମଧ୍ୟ ଅଧିକ କିଛି ଅର୍ଥାତ୍ ଭଗବାନଙ୍କର ସ୍ୱରୂପ ହୋଇଉଠେ, ସେତେବେଳେ ଜଡ଼ଦେହ ମଧ୍ୟରେ ଚିନ୍ମୟ ବ୍ୟକ୍ତି ଶରୀରୀ ହୋଇଉଠେ, ଜଡ଼ ସେତେବେଳେ ଜାଗ୍ରତ୍ ଭାବେ ଚିନ୍ମୟ ହୋଇଉଠେ ଏବଂ ମାନବର ବ୍ୟକ୍ତିତ୍ୱ ହୋଇଥାଏ ଗୋଟିଏ ଗୋଟିଏ ଭାଗବତ ବିଗ୍ରହ । ଏହିପରି ସୃଷ୍ଟି ଯେଉଁଠାରୁ ଆରମ୍ଭ ହୋଇଛି, ପୁଣି ସେଠାକୁ ଫେରି ଆସିଛି, ଏକ ଅଭିନବ ଅଭୂତପୂର୍ବ ସାର୍ଥକତା ନେଇ । ଅବଶ୍ୟ ଏଠାରେ ମଧ୍ୟ ସୃଷ୍ଟିଲୀଳାର ଶେଷ ହୁଏ ନାହିଁ; ଅନନ୍ତର ପ୍ରକାଶହିଁ ଅନନ୍ତ ଏବଂ ପରମା ସିଦ୍ଧିର ପରେ ବି ନବତର ସିଦ୍ଧିର ପ୍ରକାଶ-ଲୀଳା ସ୍ୱାଭାବିକ ।

ତେବେ ଆମେ ଦେଖିଲୁ ଯେ ଊର୍ଦ୍ଧ୍ୱରୁ ଚାରୋଟି ଅବତରଣ ଫଳରେ ସୃଷ୍ଟି ରୂପାୟିତ ହୋଇଛି ଓ ଗତି କରି ଚାଲିଛି – ତାହା ଚାଲିଛି ଉତ୍ତରଣ ଦିଗରେ, କିନ୍ତୁ କ୍ରମ ଲୟ ନୁହେଁ, ବରଂ କ୍ରମ ରୂପାନ୍ତରର ଦିଗରେ । ଅବତରଣର ଶେଷରେ ଆଉ ଗୋଟିଏ ଧାରା ଏପର୍ଯ୍ୟନ୍ତ ରହିଯାଇଛି – ଏହି ପଞ୍ଚମ ଅବତରଣ ହେଲା ଯେପରି ଉତ୍ତମ ଅପେକ୍ଷା ଉତ୍ତମ ରହସ୍ୟ, ଉତ୍ତମୋତ୍ତମ ବା ପରାତ୍ପର ରହସ୍ୟ । ତା'ହେଲେ ସେ ବସ୍ତୁଟା କ'ଣ ? ତା'ହେଲା ଭଗବାନଙ୍କର ଓ ସଚ୍ଚିଦାନନ୍ଦମୟ ପୁରୁଷୋତ୍ତମଙ୍କର ବ୍ୟକ୍ତି ରୂପେ ନିଜର ଅବତରଣ – ତାଙ୍କର ସାଧାରଣ ବା ବ୍ୟାପକ ସତ୍ତା ଓ ଚେତନା ହିସାବରେ ନୁହେଁ, କିଂବା ତାଙ୍କର ସୃଷ୍ଟ ବା ତାଙ୍କର ଅଂଶ ଜୀବର ଆଧାରକୁ ଆଶ୍ରୟ କରି ନୁହେଁ – ତାଙ୍କ ନିଜ ଭାଗବତ ବ୍ୟକ୍ତିତ୍ୱରହିଁ ସାକ୍ଷାତ୍ ଅବତରଣ । ଅବତାର କହିଲେ ଆମେ ସଚରାଚର ଏହି ଜିନିଷଟିକୁହିଁ ବୁଝିଥାଉ । ପୂର୍ଣ୍ଣ ଭଗବାନ୍ ଦେହଧାରୀ ବ୍ୟକ୍ତି ରୂପ ନେଇ ଅବତୀର୍ଣ୍ଣ ହୁଅନ୍ତି ଏହି ପାର୍ଥିବ ଆୟତନର ଜଡ଼ସୃଷ୍ଟି ମଧ୍ୟରେ – ବିବର୍ତ୍ତନ ଧାରାରେ ଗୋଟାଏ ବିଶେଷ ଊର୍ଦ୍ଧ୍ୱାୟନ, ଗୋଟାଏ କ୍ରମାନ୍ତର, ଗୋଟାଏ ରୂପାନ୍ତର ଓ ଧର୍ମାନ୍ତର ସାଧନ ନିମିତ୍ତ । ମାନବୀୟ ସ୍ତରରେ ସେ ମନୁଷ୍ୟ-ତନୁ ଗ୍ରହଣ କରନ୍ତି ଦୁଇଟି ଉଦ୍ଦେଶ୍ୟ ସାଧନ ନିମିତ୍ତ – ପ୍ରଥମ ଉଦ୍ଦେଶ୍ୟ ହେଲା ନିଜର ଜୀବନଧାରାର ଦୃଷ୍ଟାନ୍ତ ଦ୍ୱାରା ସେ ଦେଖାନ୍ତି ଯେ କି ଉପାୟରେ ପ୍ରକୃତିର ପରିବର୍ତ୍ତନ ସାଧିତ ହୁଏ ଏବଂ କିପରି ଭାବେ ଗୋଟାଏ ନିମ୍ନତର ଚେତନାରୁ ଊର୍ଦ୍ଧ୍ୱତର ସ୍ତରରେ ଉନ୍ନୀତ ହେବାକୁ ହୁଏ – ସେଥିଲାଗି ଭଗବାନଙ୍କର ଅନ୍ୟ ନାମ ହେଉଛି

ଯୋଗେଶ୍ୱର; କାରଣ ଯୋଗ ହେଲା ସେହି ସଜ୍ଞାନ ସାଧନା, ଯାହା ଦ୍ୱାରା ନିମ୍ନର ସତ୍ତା ଊର୍ଦ୍ଧ୍ୱସତ୍ତା ସହିତ ଊର୍ଦ୍ଧ୍ୱାୟିତ ଏବଂ ଯୁକ୍ତ ହୁଏ । ତାଙ୍କର ଦୃଷ୍ଟାନ୍ତ ହେତୁ ମନୁଷ୍ୟ ମଧ୍ୟ ତା'ର ପଥ ଅନୁସରଣ କରିପାରେ – ସେହି ପ୍ରେରଣା ଓ ସେହି ଜ୍ଞାନ ତା'ପକ୍ଷେ ସୁଲଭ ହୁଏ । ଭଗବାନଙ୍କର ଶରୀର ଗ୍ରହଣ କରିବାର ଦ୍ୱିତୀୟ ଏବଂ ଗୁହ୍ୟତର ଉଦ୍ଦେଶ୍ୟ ଓ ସାର୍ଥକତା ହେଲା ଏହି ଯେ, ଜଡ଼କୁ ଓ ଜଡ଼ାୟତନକୁ କେବଳ ଅଧ୍ୟାତ୍ମ ଚେତନା ଦ୍ୱାରା ପରିଚାଳିତ ଓ ନିୟନ୍ତ୍ରିତ କରିବା ଯଥେଷ୍ଟ ନୁହେଁ, ଅଧ୍ୟାତ୍ମ ଚେତନା ହାତରେ ଜଡ଼ଶକ୍ତି ଆୟୁଧ ରୂପେ ରହିବା ଆବଶ୍ୟକ, ଜଡ଼କୁ ଜଡ଼ ଦ୍ୱାରା ବିଜିତ ଓ ଅଭିଭୂତ କରିବା ନିମିତ୍ତ – ତେବେ ଭଗବତୀ ଦଶଭୁଜାଙ୍କ ହସ୍ତରେ ଦଶପ୍ରହରଣ ରହିଛି କାହିଁକି ? ଅବତାରଙ୍କର ଦେହଶକ୍ତିହିଁ ଯେପରି ପ୍ରକୃତିର ପ୍ରାକୃତ ଦେହ ଶକ୍ତିକୁ ପରିଶେଷରେ ବାଧ୍ୟ କରେ ଊର୍ଦ୍ଧ୍ୱାୟିତ ଓ ରୂପାନ୍ତରିତ ହେବାକୁ ।

ଭଗବାନଙ୍କର ଅବତାରୀ ବ୍ୟକ୍ତି ରୂପ କେବଳ ମାନବ ସ୍ତରରେ ମନୁଷ୍ୟ ଆକାରରେ ଆବଦ୍ଧ ନୁହନ୍ତି । ଭାରତୀୟ ଦଶାବତାର ଚିତ୍ରରୁ ଯେଉଁ ଆଦି କାଳରୁ ପ୍ରକୃତିର ବିବର୍ତ୍ତନରେ ଗୋଟାଏ କ୍ରମପାରମ୍ପାରିକ ପର୍ଯ୍ୟାୟର ଇତିହାସ ମିଳେ, ଏହି କଥାଟି ଉପରେ ଅନେକେ ଦୃଷ୍ଟି ଆକର୍ଷଣ କରିଛନ୍ତି । ପ୍ରକୃତିର ପରିବେଶ ଯେଉଁପରି, ଚେତନାର ଯେଉଁପରି ସ୍ଥିତି, ତାହାର ଅନୁସରଣ ଦ୍ୱାରା ଓ ତାହାର ପ୍ରୟୋଜନବଶତଃ ଭାଗବତୀ ତନୁରୂପ ଗ୍ରହଣ କରେ, ଏବଂ ପ୍ରକୃତିର ଓ ଚେତନାର ରୂପାନ୍ତରର ଆହ୍ୱାନ ଅନୁସାରେ ନିଜର ରୂପାନ୍ତରର ମଧ୍ୟ କ୍ରମବିକାଶ ଘଟାଏ ।

ମାନବଜାତିର ଏକ ଭବିଷ୍ୟତ୍ – ଖୁବ୍ ସମ୍ଭବ ଏକ ଆଶୁ ରୂପାନ୍ତରର କଥା କଲ୍କି ଅବତାର ରୂପକରେ ବର୍ଣ୍ଣିତ ହୋଇଛି ବୋଲି ମନେ ହୁଏ । ଦ୍ରଷ୍ଟାମାନେ କହିଛନ୍ତି କଲ୍କି ଆସୁଛନ୍ତି ଶ୍ୱେତ ଅଶ୍ୱ ଆରୋହଣ କରି । ଶ୍ୱେତ ଅଶ୍ୱର ଅର୍ଥ ହୋଇପାରେ ଶୁଭ ଚିନ୍ମୟ, ସକ୍ରିୟ, ବେଗବତୀ ଶକ୍ତି । ମନୋମୟ ମାନବ ଏଣିକି ଚିନ୍ମୟ ହୋଇ ଉଠିବ, ଏହାହିଁ ହେଉଛି ବର୍ତ୍ତମାନ ବିବର୍ତ୍ତନକ୍ରମର ଅନ୍ତର୍ନିହିତ ପ୍ରୟାସ ଓ ସାଧନା ।

ଅନୁବାଦ : ଶ୍ରୀ ହରିହର ବେହେରା ✤


Give us faith in a glorious future and the capacity to realise it.

– THE MOTHER

*With best compliments from :*

**SRI JAGANNATH RICE MILL**

**MAITAPUR, BALASORE (ODISHA)**

## ବେଦରହସ୍ୟ - (ଦ୍ୱିତୀୟଭାଗ) : ନିର୍ବାଚିତ ସୂକ୍ତାବଳୀ – ୯

# ବୃହସ୍ପତି, ଆତ୍ମାର ଶକ୍ତି

### (ଋଗ୍‌ବେଦ : ମଣ୍ଡଳ - ୪, ସୂକ୍ତ : ୫୦, ଋଷି : ବାମଦେବ)

### ଶ୍ରୀଅରବିନ୍ଦ

*(ଗତ ଫେବ୍ରୁଆରୀ ସଂଖ୍ୟା ଉତ୍ତାରୁ...)*

ବୃହସ୍ପତି 'ବାକ୍'ର ଶକ୍ତିରାଜି ଦ୍ୱାରା, ସ୍ୱର-ଛନ୍ଦ-ଲୟ ରୂପକ ଆତ୍ମଶକ୍ତିର ସେନାବାହିନୀ ଦ୍ୱାରା ସବୁକିଛିକୁ ପ୍ରକାଶକୁ ଆଣନ୍ତି ଏବଂ ଆମକୁ ଘେରି ରହିଥିବା ସମସ୍ତ ଅନ୍ଧକାରକୁ ବିଦୂରିତ କରି କରି 'ରାତ୍ରି'ର ଅନ୍ତ ଘଟାଇଥା'ନ୍ତି । ବେଦରେ ଏଇମାନେ ହେଉଛନ୍ତି 'ବ୍ରହ୍ମଗଣ' ଯେଉଁମାନେ ବାକ୍ ଅଥବା 'ବ୍ରହ୍ମନ୍' ବା 'ମନ୍ତ୍ର' ଦ୍ୱାରା ଶକ୍ତିମନ୍ତ ହୋଇଥା'ନ୍ତି; ଯଜ୍ଞରେ ଏଇମାନେ ଦିବ୍ୟ 'ଋକ୍' ଅଥବା 'ସ୍ତୁଭ୍' ବା 'ସ୍ତୋମ'କୁ ଦ୍ୟୁଲୋକ ଦିଗରେ ଉତ୍ତୋଳିତ କରିଥା'ନ୍ତି । 'ଋକ୍', 'ଅର୍କ' ଶବ୍ଦ ସହିତ ସମ୍ବନ୍ଧିତ, ଯାହାର ଅର୍ଥ ଦ୍ୟୁତି ଅଥବା ଜ୍ଞାନଜ୍ୟୋତିଃ, ଏହା ସେହି 'ବାକ୍' ଯାହାକୁ ପ୍ରଦୀପକ ଚେତନା ମଧ୍ୟରେ ଉପଲବ୍ଧିର ଶକ୍ତି ବୋଲି ବିବେଚନା କରାଯାଏ; 'ସ୍ତୁଭ୍' ଏପରି ଏକ 'ବାକ୍' ଯାହାକୁ ବସ୍ତୁଗୁଡ଼ିକର ସ୍ଥିରୀକୃତ ସ୍ୱରଲୟ ମଧ୍ୟରେ ଏକ ଶକ୍ତିରୂପେ ବିବେଚନା କରାଯାଏ ଯାହା ସ୍ତୁତି କରିବା ସହ ଦୃଢ଼ତା ଆଣିଥାଏ । ଯାହାକୁ ବ୍ୟକ୍ତ କରିବାର ଅଛି ତାହାକୁ ଚେତନା ମଧ୍ୟରେ ଉପଲବ୍ଧି କରିବାର ଅଛି, 'ବାକ୍'ର ଶକ୍ତି ଦ୍ୱାରା ତାହାକୁ ସ୍ତୁତି କରିବା ସହ ପ୍ରତିଷ୍ଠା କରିବାର ଅଛି । ''ବ୍ରହ୍ମଗଣ'' ବା ବ୍ରାହ୍ମଣ-ସୈନ୍ୟମାନେ ହେଉଛନ୍ତି 'ବାକ୍'ର ପୁରୋହିତ, ଦିବ୍ୟ ଛନ୍ଦରେ ରଚନାକାରୀଗଣ । ସେଇମାନଙ୍କ ରଣହୁଙ୍କାର ଦ୍ୱାରା ବୃହସ୍ପତି 'ବଳ'କୁ ଚୂର୍ଣ୍ଣବିଚୂର୍ଣ୍ଣ କରିଦେଇଛନ୍ତି ।

'ବୃତ୍ର' ଯେପରି ଗୋଟିଏ ଶତ୍ରୁ ବା ଦସ୍ୟୁ, ଯିଏ ସଚେତନ ସତ୍ତାରୂପକ ସପ୍ତନଦୀକୁ ରୋକି ଦେଇଥାଏ, – ବୃତ୍ରକୁ ଅଚେତନାର ରୂପ ଦିଆଯାଇଛି, ସେହିପରି 'ବଳ' ହେଉଛି ସେହି ଶତ୍ରୁ ବା ଦସ୍ୟୁ ଯିଏ ନିଜ 'ବିଳ' ବା 'ଗୁହା'ରେ ଜ୍ୟୋତିଃ ରୂପକ ଗୋଧନକୁ ରୁଦ୍ଧ କରି ରଖିଦିଏ; ସେ ହେଉଛି ଅବଚେତନାର ମୂର୍ତ୍ତରୂପ । ଅନ୍ୟପକ୍ଷରେ ତା'ର ମୂଳ ତତ୍ତ୍ୱଟି ହେଉଛି ଆଲୋକ, **ବଲଂ ଗୋମନ୍ତମ୍, ବଲଂ ଗୋବପୁଷମ୍,** କିନ୍ତୁ ସେ ନିଜ ମଧ୍ୟରେ ଆଲୋକକୁ ଅଟକାଇ ରଖିଥାଏ, ତାହାର ସଚେତନ ପ୍ରକଟନକୁ ଅସ୍ୱୀକାର କରେ । ତାହାକୁ ଭାଙ୍ଗି ଖଣ୍ଡ ଖଣ୍ଡ କରି ଦେବାକୁ ହେବ ଯଦ୍ଦ୍ୱାରା ଗୁହାରୁଦ୍ଧ ରଶ୍ମିଗଣ ମୁକ୍ତିଲାଭ କରିବେ । ସେମାନଙ୍କର ଏହି ଉଦ୍ଧାର ପାଇବାକୁ ଏହିପରି ବ୍ୟକ୍ତ କରାଯାଇଛି – ଦେହରୂପକ ପାହାଡ଼ର ନିମ୍ନ-ପ୍ରଦେଶରେ ଥିବା ଗୁହା ମଧ୍ୟରୁ 'ଊଷା'ଙ୍କ ଗୋଧନ ରୂପକ ସେହି ଜ୍ୟୋତିର୍ଗୋ-ଗଣଙ୍କ ଉଦ୍ଧାର, ଏବଂ ବୃହସ୍ପତିଙ୍କ ଦ୍ୱାରା ସେମାନଙ୍କୁ ଉଚ୍ଚକୁ ହାଙ୍କିନେବାର ତତ୍ତ୍ୱଟି ହେଲା ଆମ ସତ୍ତାର ଉଚ୍ଚ ଶିଖରଗୁଡ଼ିକୁ ଆରୋହଣ କରିବା ଯେଉଁଠାରେ ଆମେ ସେମାନଙ୍କ ସହିତ ତଥା ସେମାନଙ୍କ ଦ୍ୱାରା ଆରୋହଣ କରୁଛୁ । ଅତିଚେତନ ଜ୍ଞାନର ବାଣୀରେ ସେ ସେମାନଙ୍କୁ ଆହ୍ୱାନ କରନ୍ତି; ସଚେତନ ସଂବୋଧିର ପ୍ରତ୍ୟୁତ୍ତର ସହିତ ସେମାନେ ତାଙ୍କୁ ଅନୁସରଣ କରନ୍ତି । ସେମାନେ ନିଜର ଏହି ଯାତ୍ରାପଥରେ ଏହି ଗତିବିଧି ପ୍ରତି ନିଜର ଅନ୍ତଃସଂବେଗ ପ୍ରଦାନ କରିଥା'ନ୍ତି ଯାହା ଯଜ୍ଞର ବସ୍ତୁକୁ ଗଠନ କରିଥାଏ ଏବଂ ଦେବତାଙ୍କ ଅର୍ଥେ ଅର୍ପଣୀୟ ହବିଃଗୁଡ଼ିକୁ ରଚନା କରିଥାଏ ତଥା ଏସବୁକୁ ସେପର୍ଯ୍ୟନ୍ତ ଊର୍ଦ୍ଧ୍ୱକୁ ବହି ନିଆ ଯାଉଥାଏ ଯେପର୍ଯ୍ୟନ୍ତ ସେମାନେ ନିଜର ଦିବ୍ୟ ଲକ୍ଷ୍ୟରେ ଉପନୀତ ହୋଇ ନାହାନ୍ତି ।[୭] (ପଞ୍ଚମ ମନ୍ତ୍ର ଦ୍ରଷ୍ଟବ୍ୟ)

ସ୍ୱୟଂ-ଅଭିବ୍ୟଞ୍ଜକ ଆତ୍ମା, ବୃହସ୍ପତି ହେଉଛନ୍ତି 'ପୁରୁଷ' ସର୍ବବସ୍ତୁର ଜନକ; ସେ ବିଶ୍ୱାତ୍ମକ ଦେବତା; ସେ ହେଉଛନ୍ତି ଗୋଧନ ମଧ୍ୟରେ 'ବୃଷଭ', ବିବର୍ଦ୍ଧିତ ଅଥବା ସଂବର୍ଦ୍ଧିତ ଏହି ସକଳ ଜ୍ୟୋତିର୍ମୟ ଶକ୍ତିର ସେ ଅଧିପତି ଓ ପିତା, ସେ

୭. ସ ସୁଷ୍ଟୁଭା ସ ଋକ୍ୱତା ଗଣେନ ବଲଂ ରୁରୋଜ ଫଲିଗଂ ରବେଣ ।
ବୃହସ୍ପତିରୁସ୍ରିୟା ହବ୍ୟସୂଦଃ କନିକ୍ରଦଦ୍ ବାବଶତୀରୁଦାଜତ୍ ।

ଦିବସରେ ସକ୍ରିୟ ଅଥବା ବସ୍ତୁଗୁଡ଼ିକର ରାତ୍ରି କାଳରେ ସେ ପ୍ରଚ୍ଛନ୍ନ ଭାବେ କର୍ମରତ, ଯାହା (ଦିବସ-ରାତ୍ରି) ଏହି ସଂଭୂତି ବା ବିଶ୍ୱସତ୍ତାକୁ, **ଭୁବନମ୍**, ରଚନା କରିଛି । ଏହି ବୃହସ୍ପତିଙ୍କ ନାମ ନେଇ ଋଷି ବୋଧହୁଏ ଆମକୁ କହୁଛନ୍ତି ସେହି 'ପୁରୁଷ'ଙ୍କ ପ୍ରତି ଉଦ୍ଦିଷ୍ଟ ଯଜ୍ଞରେ, ତାହାର କ୍ରିୟାବିଧି ମଧ୍ୟରେ, ଆମ ସତ୍ତାର ସକଳ ଉପାଦାନକୁ ଯଜ୍ଞୀୟ କର୍ମ ଦ୍ୱାରା ସମର୍ପି ଦେବାକୁ ଯାହା ମଧ୍ୟରେ ପୂଜା ତଥା ସମର୍ପଣର ସହ ସମର୍ପିତ ହୋଇଥିବା ଗ୍ରହଣୀୟ ଆହୁତି ତୁଲ୍ୟ ସର୍ବାତ୍ମାଙ୍କ ପ୍ରତି ସେସବୁ ଉତ୍ସର୍ଗ କରି ଦିଆଯାଇଥାଏ । ଏହି ଦେବତାଙ୍କ କୃପାରୁ ଯଜ୍ଞ ଦ୍ୱାରା ଆମେ ଜୀବନ ସଂଗ୍ରାମର ସମ୍ମୁଖୀନ ହେବା ପାଇଁ ବୀରଶକ୍ତିରେ ପୂର୍ଣ୍ଣ ହୋଇଉଠିବୁ, ଆତ୍ମାର ସନ୍ତାନମାନଙ୍କ ଦ୍ୱାରା ସମୃଦ୍ଧ ହେବୁ, ଦିବ୍ୟଜ୍ଞାନ ତଥା ସତ୍‌କର୍ମ ମାଧ୍ୟମରେ ପ୍ରାପ୍ୟ ଦିବ୍ୟାନନ୍ଦ-ସମୃଦ୍ଧିର ଆମେ ପ୍ରଭୁ ହୋଇପାରିବୁ ।[୮] (ଷଷ୍ଠ ମନ୍ତ୍ର ଦ୍ରଷ୍ଟବ୍ୟ)

କାରଣ ଆତ୍ମବଳ ତଥା ଅତିକ୍ରମଣଶୀଳ ଶକ୍ତି ସେହି ମାନବସତ୍ତା ମଧ୍ୟରେ ପୂର୍ଣ୍ଣତା ଲାଭ କରିଥାଏ ଯିଏ ପ୍ରକୃତି ମଧ୍ୟରେ ଏକ ନେତୃଶକ୍ତି ରୂପେ ବିକଶିତ ହୋଇଥିବା ଏହି 'ଆତ୍ମ'ଶକ୍ତି (ବୃହସ୍ପତି)ଙ୍କୁ ନିଜ ମଧ୍ୟରେ ଧାରଣ କରୁଥାଏ ଏବଂ ଦୃଢ଼ ରୂପେ ବହନ କରିବାରେ ସମର୍ଥ ହୋଇଥାଏ, ଏହାରି ଦ୍ୱାରା ଯିଏ ପ୍ରାଚୀନ ଋଷିଙ୍କ କୃତ ସଦୃଶ ଆନ୍ତର ସାଧନାର ତ୍ୱରିତ ତଥା ଉଲ୍ଲାସକର ଗତିବୃତ୍ତିରେ ଉପନୀତ ହୋଇଥାଏ, ଯିଏ ନିଜ ମଧ୍ୟରେ 'ପ୍ରାଣ' ରୂପକ ଅଶ୍ୱର ସୁସଙ୍ଗତ ଉଲ୍ଲମ୍ଫନ ଓ ଉଲ୍ଲାସକର ଗତିକୁ ହାସଲ କରିଥାଏ ଏବଂ ଯିଏ ସମସ୍ତ ସାଫଲ୍ୟ ତଥା ଭୋଗର ପ୍ରଥମ ଫଳଗୁଡ଼ିକୁ ସର୍ବଦା ଏହି ଦେବଙ୍କୁ ଅର୍ପଣପୂର୍ବକ ଅର୍ଚ୍ଚନା କରିଥାଏ । ସେହି ଶକ୍ତିର ସହ ଡେଇଁ ପଡ଼ି ସେ ସେହି ସମସ୍ତ ଉପରେ ପ୍ରଭୁତ୍ୱ ହାସଲ କରିଥାଏ ଯାହାସବୁ ଜନ୍ମଗୁଡ଼ିକରୁ, ଲୋକଗୁଡ଼ିକରୁ ଏବଂ ସତ୍ତାର ବିକାଶ ମଧ୍ୟରେ ପ୍ରାପ୍ତ ତା'ର ଅଭିଜ୍ଞତା ସମ୍ମୁଖରେ ଖୋଲି ହୋଇ ଯାଇଥିବା ଚେତନାର ସ୍ତରଗୁଡ଼ିକରୁ ତା' ନିକଟକୁ ଆସିଥାଏ । ସେ ହୁଏ ଏକ ରାଜା, **ସମ୍ରାଟ୍**, ବିଶ୍ୱ-ପରିବେଶର ସେ ହୁଏ ଶାସକ ।[୯] (୭ମ ମନ୍ତ୍ର ଦ୍ରଷ୍ଟବ୍ୟ)

କାରଣ ଏପରି ଏକ ଆତ୍ମା ଦୃଢ଼ପ୍ରତିଷ୍ଠ ଜୀବନରୂପକ ସ୍ୱକୀୟ ଆବାସକୁ, ଯାହା 'ଋତଚିତ୍' ତଥା ଅନନ୍ତ ସମଗ୍ରତା ରୂପେ ଅଭିହିତ, ତାହାକୁ ପ୍ରାପ୍ତ ହୋଇଥାଏ ଏବଂ ଏହାରି ପାଇଁ 'ଇଳା' ଯିଏ ହେଉଛନ୍ତି ପରା ବାକ୍, 'ଋତଚିତ୍'ର ସର୍ବପ୍ରଥମ ଶକ୍ତି, ଯାହାଙ୍କର ରହିଛି ଜ୍ଞାନଯୁକ୍ତ ପ୍ରତ୍ୟକ୍ଷ ସତ୍ୟପ୍ରକଟନଶୀଳ ଦୃଷ୍ଟି ଏବଂ ସେହି ଜ୍ଞାନ ମଧ୍ୟରେ ସେ ହୋଇଥା'ନ୍ତି କର୍ମ, ପରିଣାମ ତଥା ଅନୁଭୂତି ଯୁକ୍ତ ବସ୍ତୁନିହିତ 'ସତ୍ୟ'ର ସ୍ୱତଃପ୍ରବୃତ୍ତ ଆତ୍ମସିଦ୍ଧି, ସେହି 'ଇଳା' ଦେହରେ ତଥା ବିଷୟସମୃଦ୍ଧିରେ ନିରନ୍ତର ବିକଶିତ ହେଉଥା'ନ୍ତି । ସକଳ ପ୍ରଜା ବୃହସ୍ପତିଙ୍କ ପ୍ରତି ଆନତ ହୋଇ ରହିଛନ୍ତି, ତାଙ୍କରି ଅନ୍ତର୍ଗତ ସତ୍ୟଠାରେ ସେମାନେ ସମର୍ପଣ କରନ୍ତି କାରଣ ସେମାନଙ୍କ ଅନ୍ତର୍ଗତ ସତ୍ୟ ଏବଂ ଏହି ସତ୍ୟ ସମାନ । ଏହା ଏଇଥି ପାଇଁ ଯେ ସଚେତନ 'ଆତ୍ମ-ଶକ୍ତି' ହେଉଛି ସ୍ରଷ୍ଟା ଓ ଉପଲବ୍ଧା, ତାହାହିଁ ଏହାଙ୍କ କ୍ରିୟାକଳାପରେ ତାଙ୍କୁ ପରିଚାଳିତ କରୁଛି । ସର୍ବପ୍ରାଣୀଙ୍କ ସହ ତାଙ୍କର ସମ୍ବନ୍ଧ-ରକ୍ଷାରେ ଏହି ସତ୍ୟହିଁ ତାଙ୍କୁ ପଥନିର୍ଦ୍ଦେଶ କରୁଥାଏ, ସେହି ହେତୁ ସେ ସେମାନଙ୍କ ଉପରେ ସର୍ବତୋଭାବେ ତଥା ସ୍ୱତଃପ୍ରବୃତ୍ତ ପ୍ରଭୁତ୍ୱର ସହ କ୍ରିୟା କରିଥା'ନ୍ତି । ଯେତେବେଳେ ଆତ୍ମଶକ୍ତି, ବୃହସ୍ପତି, ବ୍ରହ୍ମା, ଯିଏ ଆଧ୍ୟାତ୍ମିକ ଆଲୋକ ତଥା ମନ୍ତ୍ରୀ, ଜଣକୁ ନେତୃତ୍ୱ ଦେଉଥା'ନ୍ତି ତାହା ହେଉଛି ମାନବର ଏକ ଆଦର୍ଶ-ସ୍ଥିତି, ଏବଂ ନିଜକୁ 'ଇନ୍ଦ୍ର', କର୍ମର ରାଜକୀୟ ଦିବ୍ୟଚେତନା ବୋଲି ଜ୍ଞାନ କରି ନିଜକୁ ଶାସନ କରିବା ସଙ୍ଗେ ସଙ୍ଗେ ନିଜର ସମଗ୍ର ପରିବେଶକୁ ସେମାନଙ୍କର ସାଧାରଣ 'ସତ୍ୟ' ଅନୁଯାୟୀ ଶାସନ କରିବା ଉଚିତ, **ବ୍ରହ୍ମା ରାଜନି ପୂର୍ବ ଏତି** ।[୧୦] (ଅଷ୍ଟମ ମନ୍ତ୍ର ଦ୍ରଷ୍ଟବ୍ୟ)

କାରଣ, ଏହି ବ୍ରହ୍ମା, ଏହି ସ୍ରଷ୍ଟୃଆତ୍ମା, ଅଭିବ୍ୟକ୍ତି କରିବାକୁ ଚାହାନ୍ତି ଏବଂ ମାନବୀୟ ପ୍ରକୃତିର ଈଶ୍ୱରତ୍ୱ ମଧ୍ୟରେ

---

୮. ଏବା ପିତ୍ରେ ବିଶ୍ୱଦେବାୟ ବୃଷ୍ଣେ ଯଜ୍ଞୈର୍ବିଧେମ ନମସା ହବିର୍ଭିଃ ।
ବୃହସ୍ପତେ ସୁପ୍ରଜା ବୀରବନ୍ତୋ ବୟଂ ସ୍ୟାମ ପତୟୋ ରୟୀଣାମ୍ ।

୯. ସ ଇଦ୍ ରାଜା ପ୍ରତିଜନ୍ୟାନି ବିଶ୍ୱା ଶୁଷ୍ମେଣ ତସ୍ଥାବଭି ବୀର୍ୟେଣ ।
ବୃହସ୍ପତିଂ ଯଃ ସୁଭୃତଂ ବିଭର୍ତ୍ତି ବଲ୍‌ଗୂୟତି ବନ୍ଦତେ ପୂର୍ବଭାଜମ୍ ।

୧୦. ସ ଇତ୍ କ୍ଷେତି ସୁଧିତ ଓକସି ସ୍ୱେ ତସ୍ମା ଇଳା ପିନ୍ୱତେ ବିଶ୍ୱଦାନୀମ୍ ।
ତସ୍ମୈ ବିଶଃ ସ୍ୱୟମେବା ନମନ୍ତେ ଯସ୍ମିନ୍ ବ୍ରହ୍ମା ରାଜନି ପୂର୍ବ ଏତି ।

ତଥା ସେହି ମନୁଷ୍ୟ ମଧ୍ୟରେ ସ୍ୱୟଂ ବୃଦ୍ଧିଲାଭ କରିଥା'ନ୍ତି ଯିଏ ସେହି ଆଲୋକ ଓ ଶକ୍ତିର ସେହି ପ୍ରଭୁତ୍ୱକୁ ସିଦ୍ଧ କରିଥା'ନ୍ତି ଏବଂ ବ୍ରହ୍ମାଙ୍କ ନିମନ୍ତେ ନିଜ ମଧ୍ୟରେ ସେହି ପରମ ପୁଣ୍ୟକୁ ସୃଷ୍ଟି କରିଥା'ନ୍ତି, ଯିଏ ଅନୁଭବ କରନ୍ତି ଯେ ପରମ ଚରିତାର୍ଥତା ନିମନ୍ତେ କର୍ମରତ ସମସ୍ତ ଦିବ୍ୟ-ବିଶ୍ୱଶକ୍ତିଗଣଙ୍କ ଦ୍ୱାରା ସେମାନେ ନିରନ୍ତର ପାଳିତ, ପୋଷିତ ଓ ସଂବର୍ଦ୍ଧିତ ହେଉଛନ୍ତି । ଆତ୍ମଶକ୍ତିର ରାଜତ୍ୱ ନିମନ୍ତେ ପ୍ରୟୋଜନ ଆତ୍ମାର ସେହି ସକଳ ସମ୍ପଦକୁ ସେ ଜୟ କରିଥା'ନ୍ତି ଯେଉଁସବୁ ନିଜ ଚେତନା-ସ୍ତରର ଅନ୍ତର୍ଭୁକ୍ତ ଏବଂ ଚେତନାର ଅନ୍ୟ ସ୍ତରରୁ ଆସି ତାଙ୍କ ମଧ୍ୟରେ ସ୍ୱୟଂ ଉପସ୍ଥିତ ହୋଇଥା'ନ୍ତି । ତାଙ୍କର ବିଜୟଶୀଳ ପ୍ରଗତିରେ କୌଣସି କିଛି ବି ଆଘାତ ବା ବ୍ୟାହତ କରିପାରେ ନାହିଁ ।[୧୧]

(ନବମ ମନ୍ତ୍ର ଦ୍ରଷ୍ଟବ୍ୟ)

ଏହି ଭାବେ ଇନ୍ଦ୍ର ଓ ବୃହସ୍ପତି ସେହି ଦୁଇ ଦିବ୍ୟଶକ୍ତି ଯାହାଙ୍କର ଆମ ମଧ୍ୟରେ ପରିପୂର୍ଣ୍ଣତା ତଥା 'ସତ୍ୟ'ର ସଚେତନ ପ୍ରାପ୍ତିହିଁ ଆମ ପରିପୂର୍ଣ୍ଣତାର ସର୍ତ୍ତ ଦ୍ୱୟ । ଋଷି ବାମଦେବ ତାଙ୍କୁ ଏଇଥି ପାଇଁ ଆବାହନ କରୁଛନ୍ତି ଯେ ସେ ଏହି ମହାଯଜ୍ଞରେ ଅମର ଆନନ୍ଦରୂପକ ସୋମ ମଦ୍ୟକୁ ପାନ କରି, ଏହାର ଉଲ୍ଲାସକର ଆନନ୍ଦରୂପକ ମାଦକତାର ଉପଭୋଗ କରିବା ପୂର୍ବକ ଆତ୍ମାର ସଦ୍‌ବସ୍ତୁକୁ ତଥା ସମ୍ପଦରାଜିକୁ ଘନ-ବର୍ଷଣ କରନ୍ତୁ । ପରା ଚେତନାର ସେହିସବୁ ଅଭିବର୍ଷଣ ଆତ୍ମଶକ୍ତି ମଧ୍ୟରେ ପ୍ରବେଶ କରି ସମ୍ୟକ୍ ରୂପଗ୍ରହଣ କରିବା ଉଚିତ । ଏହି ଭାବେ ଏକ ଆନନ୍ଦ ରଚିତ ହେବ, ତାହା ଏକ ସୁନିୟନ୍ତ୍ରିତ ସଂଗତି, ଯାହା ସୁଗଠିତ ପ୍ରକୃତିର ସକଳ ଶକ୍ତି ଓ ସାମର୍ଥ୍ୟରେ ପରିପୂର୍ଣ୍ଣ ହୋଇଥିବ ତଥା ନିଜର ତଥା ନିଜ ଜଗତର ସ୍ୱାମୀ ହୋଇଥିବ ।[୧୨] (୧୦ମ ମନ୍ତ୍ର ଦ୍ରଷ୍ଟବ୍ୟ)

ତେଣୁ ବୃହସ୍ପତି ଓ ଇନ୍ଦ୍ର ଆମ ମଧ୍ୟରେ ବୃଦ୍ଧିଲାଭ କରନ୍ତୁ ଏବଂ ସେହି ଉଭୟେ ଆମ ସୁମତିର ଯେଉଁ ଅବସ୍ଥା ନିର୍ମାଣ କରିଥା'ନ୍ତି ତାହାରି ଅଭିବ୍ୟକ୍ତି ଘଟିବ; କାରଣ ତାହାହିଁ ପ୍ରଥମ ସର୍ତ୍ତ । ବିକାଶଲାଭ କରୁଥିବା ବିଚାରଗୁଡ଼ିକୁ ସେ ଦୁହେଁ ପରିପୁଷ୍ଟ କରନ୍ତୁ ଏବଂ ମନୋମୟ ପୁରୁଷର ସେହିସବୁ ଶକ୍ତିକୁ ପ୍ରକାଶକୁ ଆଣନ୍ତୁ ଯାହା ସମୃଦ୍ଧ ତଥା ବହୁମୁଖୀ ଧୀଷଣା ଦ୍ୱାରା ରତଚିତ୍ର ଜ୍ଞାନଦୀପ୍ତି ଓ ସତ୍ୱରତାକୁ ଧାରଣ କରିବା ନିମନ୍ତେ ସମର୍ଥ ହେବ । ଆର୍ଯ୍ୟଯୋଦ୍ଧାକୁ ଆକ୍ରମଣକାରିଣୀ ଶକ୍ତି ତା' ମଧ୍ୟରେ ମାନସିକ ଦାରିଦ୍ର୍ୟଗୁଡ଼ିକୁ ଏବଂ ଭାବାବେଗାତ୍ମକ ପ୍ରକୃତିର ଦାରିଦ୍ର୍ୟକୁ, ଯାବତୀୟ ନିରାନନ୍ଦକୁ ସୃଷ୍ଟି କରିପାରେ । ଆତ୍ମଶକ୍ତି ଓ ମନଃଶକ୍ତି ଏକ ସଙ୍ଗେ ବୃଦ୍ଧିଲାଭ କରି ସେହି ସକଳ ଦାରିଦ୍ର୍ୟ ଓ ଅକ୍ଷମତାକୁ ବିଧ୍ୱସ୍ତ କରିଦିଅନ୍ତି । ଉଭୟେ ମିଳି ମାନବକୁ ତା'ର ରାଜପଦରେ ଏବଂ ସମୃଦ୍ଧ ରାଜ୍ୟରେ ପହଞ୍ଚାଇ ଦିଅନ୍ତି ।[୧୩]

(ଏକାଦଶ ମନ୍ତ୍ର ଦ୍ରଷ୍ଟବ୍ୟ)

(*ନବମ ଅଧ୍ୟାୟ ସମାପ୍ତ*)

[ଶ୍ରୀଅରବିନ୍ଦଙ୍କ CWSA, Vol. 15, '*The Secret of the Veda*', Part - II, Chapter - IX, **"Brihaspati, Power of the Soul"**]

ଅନୁବାଦ : ମଧୁସୂଦନ ମହାପାତ୍ର

୧୧. ଅପ୍ରତୀତୋ ଜୟତି ସଂ ଧନାନି ପ୍ରତିଜନ୍ୟାନ୍ୟୁତ ଯା ସଜନ୍ୟା ।
ଅବସ୍ୟବେ ଯୋ ବରିବଃ କୃଣୋତି ବ୍ରହ୍ମଣେ ରାଜା ତମବନ୍ତି ଦେବାଃ ।

୧୨. ଇନ୍ଦ୍ରଶ୍ଚ ସୋମଂ ପିବତଂ ବୃହସ୍ପତେ ଽସ୍ମିନ୍ୟଜ୍ଞେ ମନ୍ଦସାନା ବୃଷଣ୍ୱସୂ ।
ଆ ବାଂ ବିଶନ୍ତ୍ୱିନ୍ଦବଃ ସ୍ୱାଭୁବୋଽସ୍ମେ ରୟିଂ ସର୍ବବୀରଂ ନି ଯଚ୍ଛତମ୍ ।

୧୩. ବୃହସ୍ପତ ଇନ୍ଦ୍ର ବର୍ଧତଂ ନଃ ସଚା ସା ବାଂ ସୁମତିର୍ଭୂତ୍ୱସ୍ମେ ।
ଅବିଷ୍ଟଂ ଧିୟୋ ଜିଗୃତଂ ପୁରନ୍ଧ୍ରୀର୍ ଜଜସ୍ତମର୍ଯ୍ୟୋ ବନୁଷାମରାତୀଃ । ❑

ଏହି ସାଧନାର ସ୍ରୋତ ମଧ୍ୟରେ ପ୍ରବେଶ କରିବାର ସହଜ ଓ ସର୍ବୋତ୍ତମ ଉପାୟ ହେଉଛି କର୍ମ ମାଧ୍ୟମରେ ଯୋଗ କରିବା ।
— ଶ୍ରୀଅରବିନ୍ଦ

# ଭଗବତ୍ ଯନ୍ତ୍ର ହେବାର ଉପାୟ : କର୍ମ

## ଶ୍ରୀ ରାମକୃଷ୍ଣ ଦାସ

ଭଗବାନଙ୍କ ଯନ୍ତ୍ର ହେବାର ସରଳ ଉପାୟ ହେଲା ମା ଶ୍ରୀଅରବିନ୍ଦ ଯେଉଁ ଲକ୍ଷ୍ୟ ଆମ୍ଭମାନଙ୍କ ସମ୍ମୁଖରେ ରଖିଅଛନ୍ତି ତାହାରି ପ୍ରାପ୍ତିର ସାଧନ ରୂପକ କର୍ମକୁ ନିଜର ଅହଂ ଓ ସ୍ୱାର୍ଥ ଅପେକ୍ଷା ସର୍ବୋଚ୍ଚ ସ୍ଥାନ ଦେବା । ସେହି କର୍ମ ଦୁଇ ପ୍ରକାର । ଗୋଟିଏ ହେଲା ବ୍ୟକ୍ତି ଯେଉଁ କର୍ମ ନିଜ ସକାଶେ, ପରିବାର ଓ ଦେଶ ସକାଶେ କରୁଅଛି ସେହି କର୍ମକୁ ଭଗବାନଙ୍କ ସେବା ମନୋଭାବରେ କରି ସମର୍ପଣ କରିବା । ଅନ୍ୟଟି ହେଲା ସଂସାରରେ ଅତିମାନସ ସତ୍ୟ ପ୍ରତିଷ୍ଠା କରିବା ସକାଶେ ମା ଯେଉଁ କର୍ମ କରୁଛନ୍ତି ସେଥିରେ ଅଂଶ ଗ୍ରହଣ କରିବା । ଏହି ଦୁଇ ପ୍ରକାର କର୍ମ ମଧ୍ୟରୁ ବ୍ୟକ୍ତି ନିଜ ସ୍ୱଭାବ ଅନୁସାରେ ଗୋଟିଏ ପ୍ରକାର କର୍ମ କରିପାରେ ଅଥବା ଉଭୟ ପ୍ରକାର କର୍ମ କରିପାରେ ।

ବର୍ତ୍ତମାନ ଆମ୍ଭମାନଙ୍କ ସକାଶେ ଗୋଟିଏ ମହାନ୍ ସୁଯୋଗ ଉପସ୍ଥିତ । ମା ଏହି ପୃଥିବୀରେ ଅତିମାନସ ସତ୍ୟ ଉତାରି ଆଣି ଆମ୍ଭମାନଙ୍କୁ ଲକ୍ଷ୍ୟରେ ପହଞ୍ଚାଇ ଦେବା ସକାଶେ ସ୍ୱୟଂ ସାଧନା କରୁଅଛନ୍ତି । ଛୋଟ ଶିଶୁକୁ ଅଙ୍ଗୁଳି ଧରି ଚଲାଇବା ସଦୃଶ ମା ଆମ୍ଭମାନଙ୍କୁ ସାହାଯ୍ୟ କରି ସାଧନା ମାର୍ଗରେ ଲକ୍ଷ୍ୟ ଦିଗରେ ଅଗ୍ରସର କରାଉ ଅଛନ୍ତି । ଆମ୍ଭେମାନେ ତାଙ୍କରି ଉପରେ ବିଶ୍ୱାସ ରଖି, ତାଙ୍କ ଚରଣରେ ନିଜକୁ ସମର୍ପଣ କଲେ ତଥା ତାଙ୍କରି ଆଦର୍ଶରେ କର୍ମ କଲେ ସହଜରେ ଲକ୍ଷ୍ୟପ୍ରାପ୍ତି କରିପାରିବା ।

ଯେବେ ଯେବେ ସଂସାରରେ ନୂତନ ଚେତନା ପ୍ରତିଷ୍ଠିତ ହେବାର ସମୟ ହୁଏ, ଭଗବାନ୍ ସ୍ୱୟଂ ମନୁଷ୍ୟ ଶରୀରରେ ଏହି ପୃଥିବୀରେ ଅବତାର ନେଇ ତାହା ସକାଶେ କର୍ମ ଆଚରଣ କରନ୍ତି । ସେହି ଆଚରଣ ହୁଏ ମନୁଷ୍ୟର ଆଦର୍ଶ । ତାହାକୁ ଗ୍ରହଣ କରିବା ବ୍ୟକ୍ତି ହୁଅନ୍ତି ଭଗବାନଙ୍କ ଯନ୍ତ୍ର । ସେହିମାନଙ୍କ ମଧ୍ୟରେ ପ୍ରତିଷ୍ଠିତ ହୁଏ ନୂତନ ଚେତନା ଓ ସେହିମାନଙ୍କ ଦ୍ୱାରା କାର୍ଯ୍ୟକାରୀ ହୁଏ ଭଗବାନଙ୍କ ସଂକଳ୍ପ । ସେହିମାନେ ହୁଅନ୍ତି ନୂତନ ସତ୍ୟର ଅଗ୍ରଦୂତ ।

ବର୍ତ୍ତମାନ ଯୁଗ-ପରିବର୍ତ୍ତନର ସମୟ । ମନର ବିକାଶ ଶେଷ ହୋଇଛି, ମନ ପରେ ଅତିମାନସ ବିଜ୍ଞାନ, ଆନନ୍ଦ ଚେତନା ଏହି ପୃଥିବୀରେ ପ୍ରତିଷ୍ଠିତ ହେବାର ସମୟ ଆସିଛି । ମା ଅତିମାନସ ସତ୍ୟକୁ ଏହି ପୃଥିବୀରେ ଉତାରି ଆଣି ପୃଥିବୀର ପ୍ରତିନିଧିରୂପେ ସ୍ୱୟଂ ସାଧନା କରୁଅଛନ୍ତି । ଏହି ଆଦର୍ଶ ପୃଥିବୀରେ ସ୍ଥାପନା କରିବା ସକାଶେ ମା ଆଶ୍ରମ ନିର୍ମାଣ କରି ସାଧକମାନଙ୍କର ସମସ୍ତ ଭାର ବହନ କରିଅଛନ୍ତି ଏବଂ ଆଶ୍ରମର ବାହାରେ ଥାଇ ଏହି ଆଦର୍ଶକୁ ଗ୍ରହଣ କରିଥିବା ସାଧକ, ଭକ୍ତ ତଥା ସାହାଯ୍ୟପ୍ରାର୍ଥୀ ବ୍ୟକ୍ତିଙ୍କୁ ସାହାଯ୍ୟ କରୁଅଛନ୍ତି । ଯେଉଁମାନେ ଏହି ଆଦର୍ଶକୁ ଗ୍ରହଣ କରିବେ, ସେମାନଙ୍କ ମନ-ପ୍ରାଣ-ଶରୀର ଅତିମାନସ ଶକ୍ତି ଦ୍ୱାରା ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେବ । ସେମାନେ ମୃତ୍ୟୁ, ରୋଗ, ଜରା, ଦୁଃଖକଷ୍ଟ, ଅଜ୍ଞାନ-ଅନ୍ଧକାର ଶକ୍ତିର କବଳରୁ ପୂର୍ଣ୍ଣତଃ ମୁକ୍ତ ହେବେ । ସେମାନଙ୍କ ରୂପାନ୍ତରିତ ମନ-ପ୍ରାଣ-ଶରୀର ଏକତ୍ୱ ଲାଭ କରିବ ଭଗବାନଙ୍କ ସହିତ । ଭଗବାନଙ୍କ ସଂକଳ୍ପ କାର୍ଯ୍ୟ କରିବ ସେହିମାନଙ୍କ ମଧ୍ୟରେ । ସେହିମାନେ ପରିଚାଳିତ ହେବେ ଭାଗବତୀ ଶକ୍ତି ଦ୍ୱାରା । ଏହା ଫଳରେ ସଂସାରରୁ ସମସ୍ତ ପ୍ରକାର ଦୁଃଖକଷ୍ଟ, ଦ୍ୱନ୍ଦ୍ୱ, ହିଂସା, ଅସତ୍ୟ, ଅନ୍ୟାୟ, ମିଥ୍ୟାଚାରର ନିବୃତ୍ତି ହେବ । ପୃଥିବୀ ପରିଣତ ହେବ ସ୍ୱର୍ଗରେ । ଏହି ଯୋଗରେ ଯଦ୍ୟପି ବ୍ୟକ୍ତିର ସମସ୍ତ ସତ୍ତା ରୂପାନ୍ତରିତ ହେବ, ସେ ନିବାସ କରିବ ପରମାନନ୍ଦ ପରମ ଶାନ୍ତିରେ, ତଥାପି ତାହା କେବଳ ନିଜ ସକାଶେ ହେବ ନାହିଁ, ହେବ ଭଗବାନଙ୍କ ସଂକଳ୍ପ ଅନୁସାରେ ସମସ୍ତ ପୃଥିବୀ ସକାଶେ ।

### କର୍ମ ଦ୍ୱାରା ଲକ୍ଷ୍ୟପ୍ରାପ୍ତି ସହଜ କାହିଁକି ?

ଜଡ଼ରୁ ବିକାଶ କର୍ମ ମାଧ୍ୟମରେ ଚାଲି ଆସୁଅଛି । ବୃକ୍ଷଲତା ମଧ୍ୟରେ କର୍ମର ସ୍ପଷ୍ଟ ବିକାଶ ହୋଇ ନାହିଁ, ହୋଇଛି ଜୀବନ୍ତ ପ୍ରାଣୀ, ପଶୁପକ୍ଷୀ, ସରୀସୃପ ମଧ୍ୟରେ । କିନ୍ତୁ କର୍ମର ଯଥାର୍ଥ ରୂପ ପ୍ରକାଶିତ ହୋଇଛି ମନୁଷ୍ୟ ମଧ୍ୟରେ । ପ୍ରାଣୀ ବିକାଶ ଆରମ୍ଭରୁ କର୍ମ କରିଆସୁ ଥିବାରୁ ବ୍ୟକ୍ତିର ଚେତନା କେନ୍ଦ୍ରିତ ହୋଇଛି କର୍ମରେ ତଥା ଜଡ଼ରୁ ମନୁଷ୍ୟରେ ପହଞ୍ଚିବା ପର୍ଯ୍ୟନ୍ତ ଯେତେ କର୍ମ ଏବଂ ମନୁଷ୍ୟ-ଶରୀରରେ ଯେଉଁସବୁ

କର୍ମ କରାହେଉଛି, ସେସମସ୍ତ ବୀଜରୂପେ ନିହିତ ଅଛି ମନୁଷ୍ୟର ଅବଚେତନାରେ । ଏହି କାରଣରୁ ମନୁଷ୍ୟ କର୍ମକୁ ବାଦ୍ ଦେଇ କେବଳ ଧ୍ୟାନ ଦ୍ୱାରା ଚେତନାକୁ କେନ୍ଦ୍ରିତ କରିବାକୁ ଗଲେ ଧ୍ୟାନ ସମୟରେ ଅବଚେତନାରେ ବୀଜ ରୂପେ ନିହିତ ଥିବା କର୍ମ-ସଂସ୍କାରର ସମସ୍ତ ଚିନ୍ତା ଆସି ବ୍ୟକ୍ତିର ଚେତନାକୁ ଅଭିଭୂତ କରିପକାନ୍ତି । ଏହି ଅସୁବିଧା ଯୋଗୁଁ ପୁରାତନ ଯୋଗୀମାନେ ମନ-ପ୍ରାଣ-ଶରୀର ସମ୍ବନ୍ଧ ତ୍ୟାଗ କରିବାରୁ କର୍ମର ସଂସ୍କାରରୁ ମୁକ୍ତ ହେଲେ ଏବଂ ଧ୍ୟାନ ଦ୍ୱାରା ମୁକ୍ତି, ନିର୍ବାଣ, ଭଗବତ୍‌ପ୍ରାପ୍ତି କରିପାରିଲେ । ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ ମନ-ପ୍ରାଣ-ଶରୀର ତ୍ୟାଗ ନକରି ରୂପାନ୍ତର ଏବଂ ସେଥିରେ ଭଗବତ୍ ଉପଲବ୍ଧି କରିବାକୁ ହୁଏ; ସେହି କାରଣରୁ ମନ-ପ୍ରାଣ-ଶରୀର ଦ୍ୱାରା ହେଉଥିବା କର୍ମକୁ ତ୍ୟାଗ କରିବାର ଉପାୟ ନଥାଏ । କିନ୍ତୁ ନିଜ ଅହଂ-ସ୍ୱାର୍ଥ ଯୋଗୁଁ ନିଜର ଏବଂ ନିଜ ପରିବାର, ଦେଶ, ଜାତି ପ୍ରତି ହେଉଥିବା କର୍ମର ଗତିକୁ ଅଳ୍ପ ପ୍ରୟାସରେ ଭଗବତ୍ ଅଭିମୁଖୀ କରାଯାଇପାରେ । ଏଥିରେ କର୍ମର ସ୍ୱରୂପ ବା କର୍ମର ଉପଯୋଗିତାରେ କିଛି ଅନ୍ତର ହୁଏ ନାହିଁ । କେବଳ କର୍ମସମ୍ପାଦନ ସମୟରେ ସଚେତ ହୋଇ ମା'ଙ୍କ ଉଦ୍ଦେଶ୍ୟରେ କର୍ମ କରି ସମର୍ପଣ କରିବାକୁ ହୁଏ । କର୍ମରେ ଏହିପରି ସଂକଳ୍ପ ତଥା ସ୍ମରଣ ଦ୍ୱାରା ଆସେ ଏକାଗ୍ରତା । ଯୋଗରେ ଏକାଗ୍ରତାହିଁ ଆବଶ୍ୟକ । ଏହି ଏକାଗ୍ରତା ଏବଂ ସମର୍ପଣଭାବ ମାଧ୍ୟମରେ ଭାଗବତୀ ଅତିମାନସ ଶକ୍ତି ମନୁଷ୍ୟର ମନ-ପ୍ରାଣ-ଶରୀରରେ ରୂପାନ୍ତର ସାଧନ କରି ଲକ୍ଷ୍ୟରେ ପହଞ୍ଚାଇ ଦିଏ । ସାଧାରଣ ଜୀବନରେ ଏବଂ ସାଧନାର ଏକେବାରେ ଆରମ୍ଭରେ କର୍ମ-ସମ୍ପାଦନ ହୁଏ ଅହଂ ଏବଂ ସ୍ୱାର୍ଥର ପ୍ରେରଣାରେ । ସେହି କର୍ମ ମା'ଙ୍କୁ ସମର୍ପଣ କରିବାରେ ସ୍ୱାର୍ଥ ଓ ଅହଂ ସହିତ ସଂଘର୍ଷ ହୁଏ ତଥା ସମର୍ପଣ ଅନୁପାତରେ ଭାଗବତୀ ଶକ୍ତିର ଅଧିକାର ବା ରୂପାନ୍ତର କ୍ରିୟା ଦ୍ୱାରା ବ୍ୟକ୍ତି ଆଧାରରେ ଏକାଗ୍ରତା ତଥା ସମତା ପ୍ରତିଷ୍ଠା ହୁଏ । ସମତାର ପ୍ରତିଷ୍ଠା ଏବଂ ପରୀକ୍ଷା ହୁଏ କର୍ମ ଦ୍ୱାରା । କର୍ମର ଆଧାର ମନ-ପ୍ରାଣ-ଶରୀର । ସେଗୁଡ଼ିକର ରୂପାନ୍ତର ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ ଥିବାରୁ କର୍ମସମର୍ପଣ ଅନିବାର୍ଯ୍ୟ । କିନ୍ତୁ ଗୀତାରେ ଯେଉଁ ନିଷ୍କାମ କର୍ମ କୁହାହୋଇଛି ତାହାଠାରୁ ଏହି କର୍ମସମର୍ପଣ ସମ୍ପୂର୍ଣ୍ଣ ଭିନ୍ନ । ଗୀତା ଅନୁସାରେ କେବଳ କର୍ମଫଳ ନ ଚାହିଁ କର୍ମ କରିବାକୁ ହୁଏ । କର୍ମ ସମ୍ପାଦନ କରୁଥିବା ମନ-ପ୍ରାଣ-ଶରୀରକୁ ସମର୍ପଣ କରିବାକୁ ହୁଏ ନାହିଁ କିଂବା ସେଗୁଡ଼ିକର ରୂପାନ୍ତରର ଧାରଣା ନଥାଏ । ମନ-ପ୍ରାଣ-ଶରୀରକୁ ତ୍ୟାଗ କରି ମୃତ୍ୟୁ ପରେ ମୋକ୍ଷ, ନିର୍ବାଣ ବା ଭଗବତ୍‌ପ୍ରାପ୍ତି କରାହୁଏ ।

ଶ୍ରୀଅରବିନ୍ଦଙ୍କ ଯୋଗରେ କର୍ମ ସମର୍ପଣ ଦ୍ୱାରା ବ୍ୟକ୍ତିର ମନ-ପ୍ରାଣ-ଶରୀରରେ ଭାଗବତୀ ଅତିମାନସ ଶକ୍ତି ରୂପାନ୍ତର କ୍ରିୟା କରେ, ତା'ଫଳରେ ଶରୀର-ଚେତନା ଜାଗ୍ରତ୍ ହୋଇ ମନ-ପ୍ରାଣର ସାହାଯ୍ୟ ବିନା ସ୍ୱୟଂ ରୂପାନ୍ତର ସକାଶେ ଅଭୀପ୍ସା କରେ । ତାହାରି ଭିତରେ ଅତିମାନସ ଭାଗବତୀ ଶକ୍ତି ଶରୀର-ପ୍ରାଣ-ମନକୁ ଦିବ୍ୟତତ୍ତ୍ୱରେ ରୂପାନ୍ତରିତ କରେ; ସେଥିରେ ନିରାବରଣ ରୂପେ ପ୍ରକାଶ ହୁଅନ୍ତି ଭଗବାନ୍ । ବ୍ୟକ୍ତି ପୂର୍ଣ୍ଣରୂପେ ମୁକ୍ତ ହୁଏ ମୃତ୍ୟୁ, ରୋଗ, ବୃଦ୍ଧତ୍ୱରୁ; ସମସ୍ତ ସତ୍ତାରେ ଏକତ୍ୱ ପ୍ରାପ୍ତ କରେ ଭଗବାନଙ୍କ ସହିତ, ପରିଚାଳିତ ହୁଏ ଭାଗବତୀ ଶକ୍ତି ଦ୍ୱାରା । ଆଶ୍ରମରେ ଯେଉଁ କର୍ମର ପ୍ରସାର ତାହା ସାଂସାରିକ କର୍ମ ସଦୃଶ କେବଳ କର୍ମ ନୁହେଁ, ତାହା ବ୍ୟକ୍ତି ମଧ୍ୟରେ ତଥା ସଂସାରରେ ଭଗବତ୍ ଅଭିବ୍ୟକ୍ତିର ସାଧନା । ଆଶ୍ରମର ସମସ୍ତ କର୍ମ ଯଦ୍ୟପି ସଂସାରର କର୍ମ ସଦୃଶ ତଥାପି କର୍ମର ପ୍ରଣାଳୀ, ଉଦ୍ଦେଶ୍ୟ ଏବଂ କର୍ମସମ୍ପାଦନ କରିବା ମନୋଭାବ ପୂର୍ଣ୍ଣତଃ ଭିନ୍ନ । ଅଧ୍ୟାତ୍ମ-ସାଧନା, ଧ୍ୟାନ-ଧାରଣା, ସଂଯମ ଯେପରି ବ୍ୟକ୍ତି ଆନ୍ତରିକ ଉତ୍ସାହରେ ଲକ୍ଷ୍ୟପ୍ରାପ୍ତି ସକାଶେ ସ୍ୱତଃସ୍ଫୂର୍ତ୍ତ ଭାବେ କରେ, ଠିକ୍ ସେହିପରି କର୍ମ-ସମର୍ପଣ-ସାଧନା ଶ୍ରୀଅରବିନ୍ଦଙ୍କ ଯୋଗରେ ସାଧକକୁ କରିବାକୁ ହୁଏ । ଆମ୍ଭେମାନେ ଏହି ରହସ୍ୟ ଠିକ୍ ଠିକ୍ ହୃଦୟଙ୍ଗମ ନକରି ସ୍ୱାଭାବିକ ସଂସ୍କାରବଶତଃ ଏହି ସାଧନା-କର୍ମକୁ ଜାଗତିକ କର୍ମ ସଦୃଶ ବିଧିବଦ୍ଧ ପ୍ରଣାଳୀରେ ଆଶାକରୁ ଏବଂ ସେଥିରୁ ସ୍ୱାର୍ଥ ଅହଂକୁ ତୁଷ୍ଟ କରିବାକୁ ଚାହୁଁ ତା' ଫଳରେ ଜାତ ହୁଏ ଦ୍ୱନ୍ଦ୍ୱ ଏବଂ ଅଶାନ୍ତି । ଏହାହିଁ ଲକ୍ଷ୍ୟପ୍ରାପ୍ତିର ଶତ୍ରୁ ।

## ବ୍ୟକ୍ତିଗତ ସିଦ୍ଧିରେ ସଂସାର ସହିତ ସମ୍ବନ୍ଧ କ'ଣ ?

ଶ୍ରୀଅରବିନ୍ଦଙ୍କ ଯୋଗର ମୂଳ ନୀତି ହେଲା ବ୍ୟକ୍ତିଗତ ରୂପାନ୍ତର ସହିତ ସଂସାରରେ ସ୍ୱର୍ଗରାଜ୍ୟ ପ୍ରତିଷ୍ଠା । କାରଣ ବ୍ୟକ୍ତିର ମନ-ପ୍ରାଣ-ଶରୀର ତତ୍ତ୍ୱ ବିଶ୍ୱ ମନ-ପ୍ରାଣ-ଶରୀର ତତ୍ତ୍ୱ ସହିତ ଏକ । ବିଶ୍ୱର ମନ-ପ୍ରାଣ-ଶରୀର ତତ୍ତ୍ୱ ରୂପାନ୍ତରିତ ନହେଲେ ବ୍ୟକ୍ତିର ମନ-ପ୍ରାଣ-ଶରୀର ରୂପାନ୍ତରିତ ହେବା ଏକେବାରେ ସମ୍ଭବ ନୁହେଁ । ସେହି କାରଣରୁ ମା ମନୁଷ୍ୟଜାତିର ପ୍ରତିନିଧି ରୂପେ ନିଜ ଶରୀର ରୂପାନ୍ତର ସହିତ ବିଶ୍ୱତତ୍ତ୍ୱର

ରୂପାନ୍ତର ସାଧନ କରୁଅଛନ୍ତି । ଏହିସବୁ ତତ୍ତ୍ୱ ଯେତେ ମାତ୍ରାରେ ରୂପାନ୍ତରିତ ହେବ ସେହି ଅନୁସାରେ ସଂସାରରୁ ଦୁଃଖ, ଦ୍ୱନ୍ଦ୍ୱ, ଅନ୍ୟାୟ, ଅସତ୍ୟ ଦୂର ହେବ; କେତେକ ସାଧକଙ୍କ ସହିତ ମା'ଙ୍କ ଶରୀର ପୂର୍ଣ୍ଣ ରୂପାନ୍ତରିତ ହେଲେ ସଂସାରରୁ ପୂର୍ଣ୍ଣରୂପେ ଅସତ୍ୟ, ଅନ୍ୟାୟ ଦୂର ହେବ, ସଂସାର ସ୍ୱର୍ଗରେ ପରିଣତ ହେବ । ଏହି କାରଣରୁ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ ସାଧକର ସାଧନା ବ୍ୟକ୍ତିଗତ ନୁହେଁ; ସମସ୍ତ ସଂସାର ସକାଶେ ଏବଂ ଆଶ୍ରମ କେତେକ ସାଧକଙ୍କୁ ନେଇ ଗୋଟିଏ ବ୍ୟକ୍ତିଗତ ସାଧନା କେନ୍ଦ୍ର ନୁହେଁ; ଏହା ସମସ୍ତ ସଂସାର ନିମିତ୍ତ ଏକ ଆଦର୍ଶ । ସମସ୍ତ ସଂସାରରେ ଭିନ୍ନ ଭିନ୍ନ ସ୍ଥାନରେ ଆଶ୍ରମ ଅନୁରୂପ କେନ୍ଦ୍ର ପ୍ରତିଷ୍ଠା ହେବ ଏବଂ ଆଶ୍ରମର ସାଧକ ସଦୃଶ ଭିନ୍ନ ଭିନ୍ନ କେନ୍ଦ୍ରରେ ସାଧକମାନେ ସାଧନା କରିବେ । ଏହାର ଆରମ୍ଭିକ ରୂପ ହେଉଛି ଶ୍ରୀଅରବିନ୍ଦ ପାଠଚକ୍ର, ଛାତ୍ର-ସଙ୍ଘ ଏବଂ ଯୁବ-ସଙ୍ଘ । ଏଠାରେ ପ୍ରଶ୍ନ ହେବ ଯଦି ବ୍ୟକ୍ତିର ମନ-ପ୍ରାଣ-ଶରୀର ଯାହାକି ବିଶ୍ୱର ମନ-ପ୍ରାଣ ସହିତ ଏକ, ବ୍ୟକ୍ତିର ମନ-ପ୍ରାଣ-ଶରୀର ରୂପାନ୍ତର ହେବାରେ ବିଶ୍ୱର ମନ-ପ୍ରାଣ-ଶରୀର ତତ୍ତ୍ୱ ରୂପାନ୍ତରିତ ହେବ, ତେବେ ସଂସାରରେ ଭିନ୍ନ ଭିନ୍ନ ସ୍ଥାନରେ ଆଶ୍ରମ ଅନୁରୂପ ଭିନ୍ନ ଭିନ୍ନ ଆଶ୍ରମ ବା ପାଠଚକ୍ର ସ୍ଥାପନା ହେବ କାହିଁକି ? ଅନ୍ୟ ବ୍ୟକ୍ତିଙ୍କର ସାଧନାର ଆବଶ୍ୟକତା କ'ଣ ? ଏକା ମା'ଙ୍କ ମନ-ପ୍ରାଣ-ଶରୀର ରୂପାନ୍ତରିତ ହେଲେ ସମସ୍ତ ସଂସାରୀ ବ୍ୟକ୍ତିଙ୍କ ରୂପାନ୍ତର ହେବା ଉଚିତ ।

ଏହି ପ୍ରଶ୍ନଟି ସ୍ଥୂଳ ଶରୀରାଶ୍ରିତ ଆଳସ୍ୟପରାୟଣ ମନର । ସେ କିଛି ନକରି ତମସ୍‌ରେ ବୁଡି ରହି ମାଗଣାରେ ସବୁ ପାଇବାକୁ ଚାହେଁ । ଜଣେ ବ୍ୟକ୍ତିର ମନ-ପ୍ରାଣ ଓ ସ୍ଥୂଳ ଶରୀର ରୂପାନ୍ତରିତ ହେଲେ ବିଶ୍ୱତତ୍ତ୍ୱର ରୂପାନ୍ତର ହୁଏ, କିନ୍ତୁ ସଂସାରୀ ବ୍ୟକ୍ତିମାନଙ୍କର ସ୍ଥୂଳ ଶରୀର ଅର୍ଥାତ୍ ଯେଉଁ ଶରୀର ବ୍ୟକ୍ତି ଧାରଣ କରିଛନ୍ତି ଅଥବା ଯେଉଁ ସ୍ଥୂଳ ଶରୀର ଧାରଣ କରିବେ, ତାହା ରୂପାନ୍ତରିତ ହେବ ନାହିଁ; କିଂବା ମୃତ୍ୟୁ, ରୋଗ, ବୃଦ୍ଧତ୍ୱରୁ ମୁକ୍ତ ହେବ ନାହିଁ । କେବଳ ଯେଉଁ ଅଜ୍ଞାନ-ଅନ୍ଧକାର ଶକ୍ତିର ପ୍ରେରଣାରେ ବ୍ୟକ୍ତି ଅନ୍ୟାୟ, ଅସତ୍ୟ ଆଚରଣ କରେ, ସେହି ଶକ୍ତିର ରୂପାନ୍ତର ହେବ । ତାହା ଫଳରେ ସଂସାରରୁ ଅନ୍ୟାୟ, ଅସତ୍ୟ ଦୂର ହେବ । କିନ୍ତୁ ବ୍ୟକ୍ତିର ସ୍ଥୂଳ ଶରୀର ରୂପାନ୍ତର ସକାଶେ ବ୍ୟକ୍ତିଗତ ସାଧନା ଆବଶ୍ୟକ ।

ଅନ୍ୟ ପ୍ରଶ୍ନ ହେବ : ''ଯେଉଁମାନେ ସ୍ଥୂଳ ଶରୀରର ରୂପାନ୍ତର ଚାହାନ୍ତି ସେମାନେ ସାଧନା କରିପାରନ୍ତି, ଯେଉଁମାନେ ଦୁଃଖକଷ୍ଟ-ଦ୍ୱନ୍ଦ୍ୱରୁ ମୁକ୍ତ ହେବା ନିମନ୍ତେ ଇଚ୍ଛା ରଖନ୍ତି ସେମାନଙ୍କ ସକାଶେ ସାଧନା ଏବଂ ପାଠଚକ୍ରର ଆବଶ୍ୟକତା ନାହିଁ, ଅନ୍ୟ ଲୋକଙ୍କ ସାଧନା ଦ୍ୱାରା ସେମାନେ ବିନା ପରିଶ୍ରମରେ ଦୁଃଖ-ଦ୍ୱନ୍ଦ୍ୱରୁ ମୁକ୍ତ ହେବେ ।''

ବ୍ୟକ୍ତି ସ୍ୱୟଂ ପରିଶ୍ରମ ନକରି ପ୍ରମାଦବଶ ହୋଇ ଅନ୍ୟର ସାଧନା ଉପରେ ନିଜ ସୁଖ-ଶାନ୍ତି ନିମିତ୍ତ ନିର୍ଭର କଲେ ବର୍ତ୍ତମାନର ଦୁଃଖକଷ୍ଟରୁ ମୁକ୍ତ ହୋଇ ପାରିବ ନାହିଁ ବରଂ ଦୁଃଖକଷ୍ଟ ବଢ଼ିବ । କାରଣ ବର୍ତ୍ତମାନ ରୂପାନ୍ତର କାର୍ଯ୍ୟ ଆରମ୍ଭ ହୋଇଥିବାରୁ ଅନ୍ଧକାର ଶକ୍ତିସମୂହ ତାହା ବ୍ୟର୍ଥ କରିବା ସକାଶେ ସାମନାକୁ ଆସିଅଛନ୍ତି । ଯେଉଁମାନେ ଏହି ରୂପାନ୍ତରକାରୀ ସତ୍ୟର ଆଶ୍ରୟ ନନେଇ ଅନ୍ଧକାର ଶକ୍ତି ପ୍ରତି ଉନ୍ମୁକ୍ତ ହୋଇଅଛନ୍ତି ସେହିମାନଙ୍କୁ ତାହା ଯନ୍ତ୍ର କରି ପୃଥିବୀରେ ମହାନ୍ ବିଶୃଙ୍ଖଳା ଏବଂ ଦୁଃଖକଷ୍ଟ ସୃଷ୍ଟି କରୁଅଛି । ଯେତେ ଅଧିକ ସଂଖ୍ୟାରେ ବ୍ୟକ୍ତି ଏହି ସତ୍ୟକୁ ଗ୍ରହଣ କରିବା ଉଦ୍ଦେଶ୍ୟରେ ସାଧନା କରିବେ, କିଂବା ଏହି ରୂପାନ୍ତର କାର୍ଯ୍ୟରେ ସହଯୋଗ କରିବେ, ଅଥବା ସମର୍ଥନ କରିବେ, ସେମାନେ କ୍ରମଶଃ ସେହି ମାତ୍ରାରେ ସତ୍ୟରେ ନିବାସ କରିବେ, ସେମାନଙ୍କ ବ୍ୟକ୍ତିଗତ ଦୁଃଖକଷ୍ଟର କ୍ରମଶଃ ନିବୃତ୍ତି ସହିତ ରୂପାନ୍ତର ଅଗ୍ରସର ହେଉଥିବ ଏବଂ ଏହି ରୂପାନ୍ତର ଅଗ୍ରସର ହେବା ଅନୁପାତରେ ସଂସାରରୁ ଦୁଃଖକଷ୍ଟ, ବିଶୃଙ୍ଖଳା କ୍ରମଶଃ କମ୍ ହେବାକୁ ଲାଗିବ ତଥା ସଂସାରରେ ସୁଖ, ଶାନ୍ତି, ଶୃଙ୍ଖଳା ସେହି ଅନୁପାତରେ ପ୍ରତିଷ୍ଠା ହେଉଥିବ । ସାଧକମାନଙ୍କର ମନ-ପ୍ରାଣ-ଶରୀରର ପୂର୍ଣ୍ଣ ରୂପାନ୍ତର ହେଲେ ସଂସାରରୁ ପୂର୍ଣ୍ଣତଃ ଦୁଃଖ, କଷ୍ଟ, ଦ୍ୱନ୍ଦ୍ୱ, ଯୁଦ୍ଧ, ହିଂସା ଦୂର ହେବ ଏବଂ ପୃଥିବୀରେ ସ୍ୱର୍ଗରାଜ୍ୟ ପ୍ରତିଷ୍ଠା ହେବ ।

ଯେବେ ଯେବେ ଭଗବାନ୍ ନୂତନ ସତ୍ୟ ପ୍ରତିଷ୍ଠା କରିବାକୁ ସଂସାରକୁ ଆସନ୍ତି, ସେତେବେଳେ ମନୁଷ୍ୟଜାତିକୁ ଗୋଟିଏ ମହାନ୍ ସୁଯୋଗ ଦିଅନ୍ତି । ବର୍ତ୍ତମାନ ସେହି ମହାନ୍ ସୁଯୋଗ ଆସିଛି । ସ୍ୱୟଂ ମା ଅତିମାନସ ଶକ୍ତିକୁ ଏହି ପୃଥିବୀରେ ଉତାରି ଆଣି ଆମ୍ଭମାନଙ୍କ ସଙ୍ଗେ ରହି ଆମ୍ଭମାନଙ୍କ ସାଧନାରେ ପୂର୍ଣ୍ଣରୂପେ ସାହାଯ୍ୟ କରୁଅଛନ୍ତି ଅଥବା ଆମ୍ଭମାନଙ୍କ ମଧ୍ୟରେ ସାଧନା କରୁଅଛନ୍ତି । ଆମ୍ଭେମାନେ କେବଳ ନିଷ୍କପଟଭାବେ ତାଙ୍କରି ଆଶ୍ରୟ ଗ୍ରହଣ କଲେ ଖୁବ୍ ସହଜରେ ଦୁଃଖ-ଦ୍ୱନ୍ଦ୍ୱରୁ ମୁକ୍ତ ହୋଇ ପରମ ସୁଖ, ପରମ ଶାନ୍ତି ପ୍ରାପ୍ତ ହୋଇପାରିବା । ଏହାର ଉତ୍ତମ ପ୍ରଭାବ ପଡ଼ିବ ସନ୍ତାନ, ପରିବାର, ଗ୍ରାମ ତଥା

ଦେଶରେ । ଏହାହିଁ ହେବ ଭଗବାନଙ୍କର ତଥା ଦେଶର ଯଥାର୍ଥ ଏବଂ ଉତ୍ତମ ସେବା । ଏଥିରେ ହେବ ନିଜ ସହିତ ଜଗତର କଲ୍ୟାଣ । ଏହାହିଁ ମନୁଷ୍ୟଜନ୍ମର ସାର୍ଥକତା । ଏହି ବ୍ୟକ୍ତିଗତ ପ୍ରଯତ୍ନରେ ଅଧିକ ସାହାଯ୍ୟ କରେ ପାଠଚକ୍ର, ଛାତ୍ର-ସଂଘ, ଯୁବ-ସଂଘ । ଏହି ବିଷୟ ଠିକ୍ ଠିକ୍ ବୁଝି ନପାରି ଯଦି ଏହି କାର୍ଯ୍ୟରେ ଅଂଶ ଗ୍ରହଣ ନକରୁ ଏବଂ ସୁଖ-ଶାନ୍ତି ସକାଶେ ପୃଥିବୀରେ ଅତିମାନବଜାତି ପ୍ରତିଷ୍ଠାକୁ ଅପେକ୍ଷା କରୁ, ତେବେ ଆମ୍ଭେମାନେ ଏହି ମହାନ୍ ସୁଯୋଗକୁ ହରାଇବା ଏବଂ ଭଗବତ୍ ସେବା ବା ତାଙ୍କ ଯନ୍ତ୍ର ହେବାରୁ ବଞ୍ଚିତ ରହିବା । ଯେଉଁ ଉଦ୍ଦେଶ୍ୟରେ ଆମ୍ଭେମାନେ ଏହି ପୃଥିବୀକୁ ଆସିଛୁ, ତାହା ସିଦ୍ଧ କରି ପାରିବା ନାହିଁ । ଏହିସବୁ ବିଷୟ ଗଭୀରଭାବେ ବିଚାର କଲେ ସ୍ପଷ୍ଟଭାବେ ବୁଝି ପାରିବା ।

ଶ୍ରୀଅରବିନ୍ଦଙ୍କ ଯୋଗ ବ୍ୟକ୍ତିଗତ ଏବଂ ବିଶ୍ୱଗତ । ଏହା ପ୍ରତ୍ୟେକ ବ୍ୟକ୍ତିର ଆବଶ୍ୟକ । କାରଣ ବ୍ୟକ୍ତି ସ୍ୱୟଂ ସାଧନା ନ କଲେ ତା'ର ମନ, ପ୍ରାଣ, ଶରୀର ରୂପାନ୍ତରିତ ହୋଇପାରେ ନାହିଁ କିଂବା ସଂସାରରେ ନୂତନ ଯୁଗର ପ୍ରତିଷ୍ଠା ଆରମ୍ଭ ହେବା ପୂର୍ବରୁ ସେ ଦୁଃଖ-ଦ୍ୱନ୍ଦ୍ୱରୁ ମୁକ୍ତ ହୋଇପାରେ ନାହିଁ । ଏହି ଆବଶ୍ୟକତା ପ୍ରତ୍ୟେକ ବ୍ୟକ୍ତି ବୁଝିପାରି ନଥିବାରୁ ଏହାକୁ କେତେକ ବ୍ୟକ୍ତି ବାଦ୍ ଦେଇପାରନ୍ତି କିନ୍ତୁ ବର୍ତ୍ତମାନ ଅବସ୍ଥାରେ ପ୍ରତ୍ୟେକ ବ୍ୟକ୍ତିର ଯେଉଁ ଦୁଃଖ-କଷ୍ଟ ଓ ଦ୍ୱନ୍ଦ୍ୱ ଅଛି, ସେଥିରୁ ମୁକ୍ତ ନ ହେବାକୁ କୌଣସି ଗୋଟିଏ ବ୍ୟକ୍ତି ବି ଚାହାନ୍ତି ନାହିଁ । ଦୁଃଖ-କଷ୍ଟ ଓ ଦ୍ୱନ୍ଦ୍ୱରୁ ମୁକ୍ତ ହେବା ନିମିତ୍ତ ଶ୍ରୀଅରବିନ୍ଦଙ୍କ ରୂପାନ୍ତର ଯୋଗ ଗ୍ରହଣ ଛଡ଼ା ଅନ୍ୟ କୌଣସି ଉପାୟ ନାହିଁ ।...

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ*, ପ୍ରଥମ ଖଣ୍ଡ, ପୃଷ୍ଠା : *୬୭୭-୬୮୧*) ✤

କାମ କରିବା ଏତେ ସହଜ କଥା ନୁହେଁ । ଭାବ ନାହିଁ ଯେ ଯେନତେନ-ପ୍ରକାରେଣ ବାହ୍ୟତଃ କର୍ମଟିକୁ ଶେଷ କରିଦେବା ହେଉଛି କର୍ମର ଯଥାର୍ଥ ଆଚରଣ । ସାଧାରଣଭାବେ 'ସାଧନା' କହିଲେ ଯାହା ବୁଝାଯାଏ, ତା' ଅପେକ୍ଷା କର୍ମ କରିବା ଅନେକ ଅଧିକ କଷ୍ଟସାଧ । ଧ୍ୟାନରେ ତୁମର ଚେତନା ଉଚ୍ଚକୁ ଉଠିଯାଏ ଏବଂ ସେଠାରେ ଏକ ଆଲୋକ ଓ ଶାନ୍ତିର ଅବସ୍ଥା ଭିତରେ ରହେ । କିନ୍ତୁ ଯଥାର୍ଥ କର୍ମରେ ତୁମକୁ ତାହା ମଧ୍ୟ କରିବାକୁ ହେବ ଏବଂ ତହିଁ ସଙ୍ଗେ ସଙ୍ଗେ ତା' ଅପେକ୍ଷା ଅନେକ ଅଧିକ କିଛି କରିବାକୁ ହେବ । ଜଣେ ଯୋଗୀକୁ ଯାହା କରିବାକୁ ହୁଏ ତୁମକୁ ସେସବୁ କରିବାକୁ ହେବ, ତୁମକୁ ସର୍ବୋଚ୍ଚ ଶିଖରରେ ପହଞ୍ଚିବାକୁ ହେବ ଏବଂ ସେହି ଚେତନା, ଆଲୋକ ଓ ଶାନ୍ତିକୁ ଓହ୍ଲାଇ ଆଣି ସେଗୁଡ଼ିକୁ ତୁମର ଦୈନନ୍ଦିନ କର୍ମରେ ଅଭିବ୍ୟକ୍ତ କରିବାକୁ ହେବ । ତୁମ ପାଇଁ କୌଣସି କର୍ମ ତାତ୍ପର୍ଯ୍ୟହୀନ ବା ନଗଣ୍ୟ ନୁହେଁ ।

*

ତୁମ କର୍ମରେ ଶୃଙ୍ଖଳା ଓ ସୁସଂଗତି ରହିବା ଉଚିତ । ଯଦି ତୁମ କର୍ମରେ ଏପରିକି ସାମାନ୍ୟତମ ଅସଂଗତି, ବିଶୃଙ୍ଖଳା ଏବଂ ବିଭ୍ରାନ୍ତି ଦେଖାଦିଏ, ତାହା ହେଲେ ମହାସରସ୍ୱତୀ ତୁମ କାର୍ଯ୍ୟରେ ଆଦୌ ସନ୍ତୁଷ୍ଟ ହୋଇପାରିବେ ନାହିଁ । ଏପରିକି ଆପାତତଃ ଯାହା ନଗଣ୍ୟ ଜିନିଷ ବୋଲି ମନେ ହୁଏ, ତାହାକୁ ତ୍ରୁଟିହୀନ ପୂର୍ଣ୍ଣତା ସହ ପରିଚ୍ଛନ୍ନତା, ସୌନ୍ଦର୍ଯ୍ୟ, ସଂଗତି ଓ ଶୃଙ୍ଖଳାର ବୋଧ ନେଇ ସମ୍ପନ୍ନ କରିବାକୁ ହେବ । ଉଦାହରଣ ସ୍ୱରୂପ ଏପରିକି ଯେତେବେଳେ ଘରଟିଏ ଓଳାଉ ଥାଅ ତୁମେ ତାହାକୁ ପ୍ରଥମ ଶ୍ରେଣୀର ଅସ୍ତ୍ରପୋଚାର ଗୃହ ପରି ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ଚେଷ୍ଟା କରିବା ଉଚିତ ।

(ପୂର୍ଣ୍ଣଯୋଗ : ବାସ୍ତବ ଦିଗ୍‌ଦର୍ଶନ, ପୃଷ୍ଠା ୧୬୭ - ୬୮) — ଶ୍ରୀମା

# କେତୋଟି ପ୍ରଶ୍ନ ଓ ଉତ୍ତର

## (ଶ୍ରୀ ମନୋଜ ଦାସଙ୍କ ସହ)

- ଏକାନ୍ତ ବ୍ୟକ୍ତିଗତ ଓ ଗୋପନୀୟ ଯେଉଁ ଆଦାନ-ପ୍ରଦାନ ।
- ରାଧା ବାସ୍ତବ ନା କଳ୍ପନା ?
- ପୂର୍ବଜନ୍ମ ବୃତ୍ତାନ୍ତ ସ୍ମରଣକ୍ଷମ ବ୍ୟକ୍ତିବର୍ଗ ଜାତିସ୍ମର କି ?
- ପ୍ରତିଭା ଅସାଧାରଣ କିନ୍ତୁ ଚରିତ୍ର ନିହାତି ସାଧାରଣ !

*ପ୍ରଶ୍ନ-୧ : ଭଗବାନ୍ ଏବଂ ଭକ୍ତ ଭିତରର ସମ୍ପର୍କ ଆଉ କେହି ଜାଣିବା ଅନାବଶ୍ୟକ, ଏହି ମର୍ମରେ କଥାଟିଏ ଆପଣ ଥରେ ପ୍ରସଙ୍ଗକ୍ରମେ ଲେଖିଥିଲେ । ମୁଖ୍ୟ ପ୍ରସଙ୍ଗଟି ଭିନ୍ନ ଥିବା ସତ୍ତ୍ୱେ ଏ କଥାଟି ମୋତେ କାହିଁକି ନୂଆ ଲାଗିଥିଲା ଓ ମନରେ ରେଖାପାତ କରିଥିଲା । ଭାବିଥିଲି ଆପଣଙ୍କୁ ବ୍ୟକ୍ତିଗତ ଭାବରେ କଥାଟିକୁ ବିଶଦ ଭାବରେ ବୁଝାଇବାକୁ ଅନୁରୋଧ କରିବି । କିନ୍ତୁ ଜଣେ ମାତ୍ର ପାଠକର କୌତୂହଳ ଚରିତାର୍ଥ କରିବା ନିମନ୍ତେ ଆପଣ ସମୟ ଦେବା ଅନୁଚିତ ହେବ । ଅନ୍ୟମାନେ ବି ଉପକୃତ ହେବେ, ଏହି ବିଶ୍ୱାସରେ ଅବଶେଷରେ ''ସମାଜ''ର ସୌଜନ୍ୟକୁ ମାଧ୍ୟମ କଲି । ...*

**ଉତ୍ତର :** ଜୀବନରେ ସବୁଠାରୁ ସୂକ୍ଷ୍ମ ଅନୁଭୂତିମାନ ନିରବରେ ଏବଂ ଅଘୋଷିତ ଭାବରେ ଆସିଥା'ନ୍ତି । ଆମ ପରିପାର୍ଶ୍ୱରେ ସବୁଠାରୁ କମନୀୟ ଏବଂ ରହସ୍ୟମୟ ପଦାର୍ଥ ଯେଉଁ ଫୁଲ, ତାହା ନିଃଶବ୍ଦରେ ପ୍ରସ୍ଫୁଟିତ ହୁଏ । ଭଗବାନ୍-ଭକ୍ତ ସମ୍ପର୍କ ମଧ୍ୟ ସେମିତି ନିଃଶବ୍ଦରେ ଉନ୍ମୀଳିତ ହୁଏ । ସମବେତ ଧ୍ୟାନ, ପ୍ରାର୍ଥନା, ପୂଜା ଇତ୍ୟାଦିର ଏକ ସାମୂହିକ ପ୍ରଭାବ ଥାଏ; କିନ୍ତୁ ଆଧ୍ୟାତ୍ମିକ ବିକାଶ ସର୍ବଦା ବ୍ୟକ୍ତିଗତ – ଯେହେତୁ ସମସ୍ତଙ୍କର ଚେତନାଗତ ଗଠନ ସମାନ ନୁହେଁ; ସମସ୍ତଙ୍କର ବୋଧଶକ୍ତିର ବିକାଶ ସମାନ ନୁହେଁ; ଦୃଷ୍ଟିକୋଣ ସମାନ ନୁହେଁ; କିଏ ଭଗବାନଙ୍କୁ ନିଜର ଗୁରୁ ଭାବରେ ତ କିଏ ଦେଖେ ସଖା ଭାବରେ; କିଏ ଜନନୀ ଭାବରେ ତ କିଏ ଏକାଧାରରେ ନିଜର ସର୍ବସ୍ୱ ଭାବରେ ଦେଖେ । ତେଣୁ ପ୍ରତ୍ୟେକଙ୍କର ଅନୁଭବରେ ସ୍ୱାତନ୍ତ୍ର୍ୟ ଥିବା ଅନିବାର୍ଯ୍ୟ ।

ଭଗବାନ୍-ଭକ୍ତ ସମ୍ପର୍କ ଆଧ୍ୟାତ୍ମିକ ବ୍ୟାପାର । ଆପଣଙ୍କ ଆଧ୍ୟାତ୍ମିକ ଅନୁଭବ ଆପଣ କାହାକୁ କହିବା ମାତ୍ରେ ଶ୍ରୋତା ଯଦି ତା'କୁ ଅବିଶ୍ୱାସ କରେ କିଂବା ତା'ର ଭୁଲ୍ ବ୍ୟାଖ୍ୟା କରେ ଅଥବା ଆପଣଙ୍କ ପ୍ରତି ଈର୍ଷାନ୍ୱିତ ହୁଏ, ସେସବୁର ସୂକ୍ଷ୍ମ ସ୍ପନ୍ଦନ ଆପଣଙ୍କ ସକାଶେ ଶୁଭଙ୍କର ହେବ ନାହିଁ; ଆଧ୍ୟାତ୍ମିକ ଅନୁଭବର ବ୍ୟାପକ ପରିସର ଓ ସମ୍ଭାବନା ସମ୍ପର୍କରେ ଯଦି ଶ୍ରୋତାର ଧାରଣା ନଥିବ ଏବଂ ତା' ନିଜ ଅନୁଭବ ଯଦି ଭିନ୍ନ ହୋଇଥିବ, ସେ ଆପଣଙ୍କ ଅନୁଭବକୁ ଭୁଲ୍ ବୋଲି କହି ଭୁଲ୍ ପରାମର୍ଶ ଯୋଗେ ଆପଣଙ୍କୁ ସନ୍ଦେହାକ୍ରାନ୍ତ କରିବ । ଏହା ବ୍ୟତୀତ ଅନ୍ୟାନ୍ୟ କାରଣ ମଧ୍ୟ ରହିଛି ।

କାଳକ୍ରମେ ଅବଶ୍ୟ କେହି କେହି ଭକ୍ତ ବା ସାଧକଙ୍କର ବ୍ୟକ୍ତିଗତ ଅଭିଜ୍ଞତା ପ୍ରକଟିତ ହୋଇଯାଏ । ସେସବୁ ଏହି ତତ୍ତ୍ୱର ଦୃଷ୍ଟାନ୍ତ ରୂପେ ପରିବେଷିତ ହୁଏ । ଏକ ସୁପ୍ରାଚୀନ କିଂବଦନ୍ତି ବିବୃତ କରୁଛି :

ମହାଭାରତ ଯୁଦ୍ଧର ଅବସାନ ଅନ୍ତେ ଶ୍ରୀକୃଷ୍ଣ ଦ୍ୱାରକା ପ୍ରତ୍ୟାବର୍ତ୍ତନ କରି ଶାନ୍ତିରେ ରାଜ୍ୟ ଶାସନ କରୁଛନ୍ତି । ଆଇନ-ଶୃଙ୍ଖଳା ସମସ୍ୟା ଶୂନ । ଅତଏବ ଜ୍ଞାନ ବିଜ୍ଞାନ ଆଲୋଚନା ଓ ଗୁଣୀଜନଙ୍କୁ ସମ୍ବର୍ଦ୍ଧନା ଦେବାରେହିଁ ପ୍ରାୟ ରାଜସଭାର କାର୍ଯ୍ୟକ୍ରମ ସୀମିତ ଥାଏ । ସଭା ଭିତରକୁ ଆବାଳବୃଦ୍ଧ-ବନିତା ବା ଯେକୌଣସି ବ୍ୟକ୍ତିର ପ୍ରବେଶ ଉପରେ କଟକଣା ନଥାଏ ।

ଦିନେ ହଠାତ୍ ସଭା ଭିତରକୁ ଝପଟି ପଶି ଆସିଲା ଗୋଟାଏ ଏଗାର ବାର ବର୍ଷର ବାଳକ । କାନ୍ଦ କାନ୍ଦ ମୁହଁ । ଯାଇ ଠିଆ ହେଲା ଶ୍ରୀକୃଷ୍ଣଙ୍କ ସିଂହାସନ ସାମନାରେ । ''ଦେଖନ୍ତୁ, ମହାରାଜ'', କହି ସେ ତା' ଗୋଟାଏ ପାଖ କପୋଳ ଆଡ଼େ ମହାରାଜାଙ୍କ ଦୃଷ୍ଟି ଆକର୍ଷଣ କଲା । ''ମୋ

ସହିତ ଖେଳୁଁ ଖେଳୁଁ ରାଗିଯାଇ ଗୋଟାଏ ଦୁଷ୍ଟ ପିଲା ମୋତେ କେଡ଼େ ଶକ୍ତ ଚାପୁଡ଼ା ଦେଲା ଦେଖନ୍ତୁ !''

ଅଭିଯୋଗକାରୀ ପିଲାଟିର ଦୁଃସାହସ ଦେଖି ସଭାସଦ୍‌ମାନଙ୍କ ଭିତରୁ ଅନେକେ ଭୀଷଣ ବିରକ୍ତ ହେଲେ ଏବଂ କେହି କେହି ଆସନରୁ ଉଠିପଡ଼ି ତା'କୁ ବାହାରକୁ ଟାଣିନେଇଯିବାକୁ ଉଦ୍ୟତ ହେଉଥିଲେ । କିନ୍ତୁ ଦେଖାଗଲା, ''ସତେ ? କିଏ ସେ ଦୁଷ୍ଟ ବାଳକ ?'' ପ୍ରଶ୍ନ କରି ଶ୍ରୀକୃଷ୍ଣ ସ୍ୱୟଂ ସିଂହାସନ ଛାଡ଼ି ଉଠିପଡ଼ିଲେ । ସେତିକି ନୁହେଁ, ''ଚାଲ, ମୋତେ ସେ ଦୁଷ୍ଟକୁ ଦେଖାଇ ଦିଅ !'' କହି ସେ ଦ୍ୱାରଦେଶ ଆଡ଼େ ଅଗ୍ରସର ହେବାକୁ ଲାଗିଲେ । ମନେହେଲା ସେ ଖୁବ୍ ଉତ୍ୟକ୍ତ ।

ସଭିଏଁ ଆଚମ୍ବିତ । ସାମାନ୍ୟ ପିଲାଖେଳରେ ଦୁଇ ବାଳକଙ୍କ ଭିତରେ ଝଗଡ଼ା; ଜଣେ ଉଦ୍ଧତ ଅପରିଣାମଦର୍ଶୀ ବାଳକର ନିରର୍ଥକ ଅଭିଯୋଗ । ପ୍ରଚଣ୍ଡ ମହାଭାରତ ଯୁଦ୍ଧରେ ସମତା ରକ୍ଷାକରି ନିଜ ଭୂମିକା ତୁଲାଇଥିବା ଶ୍ରୀକୃଷ୍ଣ ଏମିତି ଏକ ବ୍ୟାପାରରେ ଉତ୍ତେଜିତ ହେବେ, ପୁଣି ତଥାକଥିତ ଅପରାଧୀକୁ ଠାବ କରିବା ନିମନ୍ତେ ସ୍ୱୟଂ ରାଜପଥକୁ ବାହାରିପଡ଼ିବେ, ଏହା ଏଡ଼େ ଅପ୍ରତ୍ୟାଶିତ ଥିଲା ଯେ ପାତ୍ର ମିତ୍ର ସଭିଏଁ କିଂକର୍ତ୍ତବ୍ୟବିମୂଢ଼ ଭାବେ ତା'ଙ୍କୁ ଅନୁସରଣ କଲେ ।

ସେତେବେଳକୁ ଅଭିଯୋଗକାରୀ ମଧ ଶଙ୍କି ଗଲାଣି । ପିଲାଙ୍କର ସେଇ ଝଗଡ଼ାର ଦୈବାତ୍ ସାକ୍ଷୀ ଥିବା ଜଣେ ନାଗରିକ ଜଣାଇଲେ କି ଅପରାଧୀ ବାଳକ ଜଣକ ତା' ବୃଦ୍ଧ ଜେଜେବାପା ସହିତ ସହର ସୀମାନ୍ତରେ ଶିବ ମନ୍ଦିର ସନ୍ନିକଟ ଏକ କୁଡ଼ିଆରେ ରହେ । ମନ୍ଦିରରୁ ମିଳୁଥିବା ପ୍ରସାଦ ଏବଂ ରାଜାଙ୍କ ଦାତବ୍ୟ ଭଣ୍ଡାରରୁ ସାହାଯ୍ୟହିଁ ଦୁହିଁଙ୍କ ଜୀବନଧାରଣର ମାଧ୍ୟମ ।

''ଭେଟିବି ସେ ବୃଦ୍ଧକୁ !'' ଗମ୍ଭୀର କଣ୍ଠରେ କହି ଶ୍ରୀକୃଷ୍ଣ ଶିବ ମନ୍ଦିର ଆଡ଼େ ମୁହାଁଇଲେ । ଜଣେ ଅମାତ୍ୟ ସାହସ କରି ପ୍ରସ୍ତାବ ଦେଲେ, ''ଆଜ୍ଞା, ଆମେ ସେ ବୃଦ୍ଧ ଓ ତା' ଦୁଷ୍ଟ ନାତିକୁ ଏହିକ୍ଷଣି ଆପଣଙ୍କ ସମୀପକୁ ଧରି ଆଣିବା !'' କିନ୍ତୁ ବାକ୍ୟବ୍ୟୟ ନକରି ଅଗ୍ରସର ହେଲେ ଶ୍ରୀକୃଷ୍ଣ । ଅଗତ୍ୟା ସଭିଏଁ ତା'ଙ୍କୁ ଅନୁସରଣ କଲେ ନିର୍ବାକ୍ ଭାବରେ ।

କେହି ଜଣେ ଦୌଡ଼ିଯାଇ ସେ ବୃଦ୍ଧକୁ ଏ ବିଷମ ଖବର ଦେବା ସଙ୍ଗେ ସଙ୍ଗେ ଦରଦୀ କଣ୍ଠରେ ଚେତାବନୀ ଦେଇପକାଇଲା : ''ହତଭାଗା ! ମରିବା ପାଇଁ ପ୍ରସ୍ତୁତ ରୁହ ତୁ ଓ ତୋ ନାତି !''

ବିଶେଷ କିଛି ବୁଝିବାକୁ ଅକ୍ଷମ ବୃଦ୍ଧ ଟଳ ଟଳ ପାଦରେ କୁଡ଼ିଆରୁ ବାହାରି ଆସି କରଯୋଡ଼ି ଅପେକ୍ଷା କରିଥାଏ । ଅବିଳମ୍ବେ ତହିଁ ସଦଳବଳ ଉପନୀତ ହେଲେ ଶ୍ରୀକୃଷ୍ଣ । ବାତାବରଣ ନିସ୍ତବ୍ଧ । କି ଦଣ୍ଡ ଉଚ୍ଚାରିତ ହେବ ଏ ବିଚିତ୍ର ରାଜାଙ୍କ ମୁହଁରୁ ? ସଭିଏଁ କୌତୂହଳୀ, ଉତ୍କଣ୍ଠିତ । କମ୍ପିତକଳେବର ବୃଦ୍ଧଟି ଉପରେ ଶ୍ରୀକୃଷ୍ଣ ନିବଦ୍ଧ କଲେ ଦୃଷ୍ଟି । ଅଭିଯୋଗକାରୀ ବାଳକଟିର ବାହୁ ଧରି ତା'କୁ ଆଗକୁ ଆଣି ବୃଦ୍ଧ ଉଦ୍ଦେଶ୍ୟରେ ସେ କହିଲେ, ''ଦେଖ, ଦେଖ ତୁମ ନାତି ଏ ପିଲାଟିର କ'ଣ କରିଛି । ଦେଖ !''

ବାସ୍, ରାଜକୀୟ ଅଭିଯାନ ସମାପ୍ତ । ଶ୍ରୀକୃଷ୍ଣ ବୁଲିପଡ଼ି ପ୍ରାସାଦକୁ ପ୍ରତ୍ୟାବର୍ତ୍ତନ କଲେ । ସ୍ତବ୍ଧ, ଆମୋଦିତ, ହତଭମ୍ବ ସଭାସଦବର୍ଗଙ୍କର ପରସ୍ପର ଦୃଷ୍ଟି ବିନିମୟ ବ୍ୟତିରେକେ ଆଉ କିଛି କରିବାର ନଥିଲା । ବହ୍ୱାଡ଼ମ୍ବରେ ଲଘୁକ୍ରିୟା ଏଡ଼େ ମାତ୍ରାରେ ବି ସମ୍ଭବ ? ଏହି ମାମୁଲି କଥା ପଦେ ଶୁଣାଇବା ନିମନ୍ତେ ଦ୍ୱାରକାଧୀଶ ଏତେ ବାଟ ଚାଲିଆସିଥିଲେ ?

କେହି ଜାଣିଲେ ନାହିଁ ସେ ମାମୁଲି କଥାପଦକର ପ୍ରତିକ୍ରିୟା; ସେ ଅଜ୍ଞାତକୁଳଶୀଳ ବୃଦ୍ଧ ଓ ଶ୍ରୀକୃଷ୍ଣଙ୍କ ଭିତରେ ବ୍ୟକ୍ତିଗତ ସ୍ତରରେ ଘଟିଗଲା ଯାହା – ତାହା ହେଲା ବୃଦ୍ଧ ଜଣେ ଏକାନ୍ତ ଭକ୍ତ; ଶ୍ରୀକୃଷ୍ଣଙ୍କୁ ଭଗବାନ୍ ବୋଲି ଯେଉଁ ଅଳ୍ପସଂଖ୍ୟକ ଲୋକ ଜାଣିଥିଲେ, ତନ୍ମଧ୍ୟରେ ସେ ଜଣେ । କିନ୍ତୁ ସେ ଥିଲା ଅନ୍ଧ । ଦ୍ୱାରକା ଉପକଣ୍ଠବର୍ତ୍ତୀ ଶିବ ମନ୍ଦିର ସନ୍ନିକଟରେ ସେ ଆଶ୍ରୟ ନେବାର କାରଣ, କେବେ କେମିତି ଶ୍ରୀକୃଷ୍ଣ ସେଠାକୁ ଆସିଲେ ତାଙ୍କୁ ଦର୍ଶନ କରି ନପାରିଲେ ମଧ ତାଙ୍କ ରଥର ଶବ୍ଦ ସେ ଶୁଣିପାରିବ, ହୁଏତ ତା'ଙ୍କ କଣ୍ଠସ୍ୱର ବି ଶୁଣିପାରିବ ସେହି ଆଶାରେ ସେ ନାତିଟି ସହାୟତାରେ ସେଠାରେ ପଡ଼ି ରହିଥାଏ । ଯେଉଁ ମୁହୂର୍ତ୍ତରେ ଶ୍ରୀକୃଷ୍ଣ କହିଲେ, ''ଦେଖ !'' ସେହି ମୁହୂର୍ତ୍ତରେ କେବଳ ମାତ୍ର ତା'ର ସ୍ଥୂଳ ଦୃଷ୍ଟି ନୁହେଁ, ତା'ର ସୂକ୍ଷ୍ମ ଦୃଷ୍ଟି ମଧ ଖୋଲିଗଲା ।

ଭଗବାନ୍ ଓ ଭକ୍ତ ଭିତରେ ଏ ଆଦାନପ୍ରଦାନର ରହସ୍ୟ ସମବେତ ସୁଧୀଜନେ ଜାଣିବାର ପ୍ରୟୋଜନ ନଥିଲା । ଶ୍ରୀକୃଷ୍ଣଙ୍କ ଆଚରଣର ସେମାନେ କିଭଳି ବ୍ୟାଖ୍ୟା କରିବେ, ସେଥିରେ ଶ୍ରୀକୃଷ୍ଣଙ୍କର କିଛି ଲାଭ କ୍ଷତି ନଥିଲା ।

ବାସ୍ତବ କ୍ଷେତ୍ରରେ ଏହା ହୋଇଥାଇ ପାରେ, ନହୋଇ ଥାଇପାରେ, କିନ୍ତୁ କିଂବଦନ୍ତିଟିର ଅନ୍ତର୍ନିହିତ ବାର୍ତ୍ତା ନିର୍ଭୁଲ ।

*ପ୍ରଶ୍ନ-୨ : ରାଧାତତ୍ତ୍ୱର ଗୁରୁତ୍ୱ ଅପରିସୀମ । କିନ୍ତୁ ମହାନ୍ ବ୍ୟାସଦେବ ତାଙ୍କ ଭାଗବତ ମହାପୁରାଣରେ ତାଙ୍କ କଥା ଅନୁଲ୍ଲେଖ ରଖିଲେ କାହିଁକି ?*

**ଉତ୍ତର :** ବୃନ୍ଦାବନରେ ସ୍ୱାମୀ ହରିଦାସଙ୍କ ଆଶ୍ରମର ପଣ୍ଡିତପ୍ରବର ଉତ୍ତରାଧିକାରୀଙ୍କୁ ଲେଖକ ଏ ପ୍ରଶ୍ନ କରନ୍ତେ ସେ କହିଥିଲେ, ବ୍ୟାସଦେବ ରାଧାଙ୍କୁ ସ୍ମରଣ କରିବା ମାତ୍ରେହିଁ ଧ୍ୟାନ-ସମାଧିସ୍ଥ ହୋଇ ଯାଉଥିଲେ; ରଚନା ଓ ଲେଖନ ଶକ୍ତି ଅସାଡ଼ ହୋଇ ଯାଉଥିଲା । ଦିବ୍ୟ ପ୍ରେମର ରାଧା-ରୂପକ ମହାଶକ୍ତିର ରୂପାୟନ ନିମନ୍ତେ ଭାଷା ମଧ୍ୟ ସେ ପାଉ ନଥିଲେ ।

ସେ ଯାହା ହେଉ, ଭାଗବତରେ ରାଧାଙ୍କ ଅସ୍ତିତ୍ୱର ସାଙ୍କେତିକ ଉଲ୍ଲେଖ ରହିଛି ବୋଲି ବୈଷ୍ଣବ ଗବେଷକମାନେ କହନ୍ତି । ମୋର ସୀମିତ ଅଧ୍ୟୟନ ଭିତରେ ମୁଁ ସେ ସୂତ୍ର ସନ୍ଧାନରେ ବ୍ରତୀ ହୋଇ ନାହିଁ । ଦେବୀ ଭାଗବତ, ବ୍ରହ୍ମବୈବର୍ତ୍ତ ପୁରାଣ ଏବଂ ଦେବୀ ପୁରାଣରେ ରାଧାଙ୍କ ଶାଶ୍ୱତ ଅସ୍ତିତ୍ୱ ସମ୍ପର୍କରେ ତଥ୍ୟମାନ ରହିଛି ବୋଲି ଜଣା; ଅଧ୍ୟୟନ କରିପାରି ନାହିଁ । ମୋର ବିଶ୍ୱାସ, ରାଧା ସ୍ଥୂଳ-ଶରୀରରେ ଆବିର୍ଭୂତା ହୋଇ ନଥିଲେ । ଭକ୍ତ ସାଧକମାନେ ସେ ଅବର୍ଣ୍ଣନୀୟ ମହାଶକ୍ତିକୁ ସୂକ୍ଷ୍ମ ସ୍ତରରେ ଅନୁଭବ କରିଛନ୍ତି, କିନ୍ତୁ ଯେତେବେଳେ ତାକୁ ସ୍ଥୂଳ ସ୍ତରକୁ ନେଇ ଆସିଛନ୍ତି, ସେ ପ୍ରସଙ୍ଗ କିମ୍ଭୂତକିମାକାର ରୂପମାନ ଗ୍ରହଣ କରିଛି, କେତେବେଳେ ରୋମାଣ୍ଟିକ୍ ନାଟକ ବା କବିତା ରୂପରେ ତ କେତେବେଳେ ଦୟନୀୟ ପ୍ରହସନ ପର୍ଯ୍ୟାୟରେ । ଅତିଭୌତିକ ସ୍ତରର ଏକ ବାସ୍ତବତାକୁ ପାର୍ଥିବ ସ୍ତରରେ କଳ୍ପନା କଲେ ତାହାର ଅବସ୍ଥା ପ୍ରାୟ ବିକଳ ବା ବିକୃତ ହୋଇଥାଏ । ଧରନ୍ତୁ ଗୋପୀମାନଙ୍କ କଥା । ସେମାନେ ସଭିଏଁ ମୋକ୍ଷ ପ୍ରାପ୍ତ ଋଷି-ଆତ୍ମା । ପାର୍ଥିବ ପରିସ୍ଥିତିରେ ଦିବ୍ୟ ସାନ୍ନିଧ୍ୟର ଅଭିନବ ରସାସ୍ୱାଦନ ସକାଶେ ସେମାନେ ଜନ୍ମଗ୍ରହଣ କରିଥିଲେ । ପ୍ରତ୍ୟେକ ଗୋପୀ ସହ ଜଣେ ଜଣେ କୃଷ୍ଣଙ୍କ ନୃତ୍ୟର ତାତ୍ପର୍ଯ୍ୟ, ଭଗବାନ୍ ଅସୀମ ଓ ଅଖଣ୍ଡ ହେଲେ ମଧ୍ୟ ପ୍ରତ୍ୟେକ ଅଭୀପ୍ସୁର ସେ ଏକାନ୍ତ ନିଜସ୍ୱ ।

ଗୋଟାଏ କଥା ସ୍ପଷ୍ଟ କରିଦେବା ଉଚିତ । ସମଗ୍ର ବାସ୍ତବତାର ଏକ କ୍ଷୁଦ୍ର ଅଂଶ ମାତ୍ର ଆମର ଏ ସ୍ଥୂଳ ଜଗତ୍; ବହୁ ସ୍ତର, ବହୁ ବୈଚିତ୍ର୍ୟ-ବିଶିଷ୍ଟ ସୂକ୍ଷ୍ମ ଜଗତ୍ ଏହା ତୁଳନାରେ ଅବିଶ୍ୱାସ୍ୟ ମାତ୍ରାରେ ବ୍ୟାପକ । ସେ ଜଗତରେ ଉପଲବ୍ଧ ଶ୍ରୀରାଧା ସ୍ଥୂଳ ଅସ୍ତିତ୍ୱବନ୍ତ ନରନାରୀ ତୁଳନାରେ ଅଧିକ ବାସ୍ତବ । ଶ୍ରୀରାଧା ସ୍ଥୂଳ ନୁହନ୍ତି କି କଳ୍ପନା ନୁହନ୍ତି, ସେ ଅତି-ବାସ୍ତବ ସୂକ୍ଷ୍ମ । ଏହା ପ୍ରହେଳିକାମୟ ମନେ ହେଲେ ମଧ୍ୟ ସତ୍ୟ । ଆରାଧ୍ୟ ପାଖରେ ଦିବ୍ୟ-ପ୍ରେମ ଉତ୍ସାରିତ ପରିପୂର୍ଣ୍ଣ ସମର୍ପଣର ଦୃଷ୍ଟାନ୍ତ ହେଲେ ରାଧା । (ଶ୍ରୀମାଙ୍କ 'ରାଧାଙ୍କ ପ୍ରାର୍ଥନା' ଦ୍ରଷ୍ଟବ୍ୟ)

*ପ୍ରଶ୍ନ-୩ : ବିରଳ ଘଟଣାକ୍ରମେ ''ଜାତିସ୍ମର''ମାନେ ଜନ୍ମ ହୋଇ ନିଜ ନିଜ ପୂର୍ବଜନ୍ମ ବୃତ୍ତାନ୍ତ ଶୁଣାଇଥା'ନ୍ତି, ଯାହା କି ସତ୍ୟ ବୋଲି ପ୍ରମାଣିତ ହେବାର ଖବର ଆମେ ପତ୍ରପତ୍ରିକାରେ ପଢ଼ିବାକୁ ପାଉ । ଏହା ବିଶ୍ୱାସଯୋଗ୍ୟ କି ?*

**ଉତ୍ତର :** ଜଣେ ନିଜ ପୂର୍ବଜନ୍ମ ସମ୍ପର୍କରେ ସଚେତନ ରହିଥିବା ତତ୍ତ୍ୱ ଦୃଷ୍ଟିରୁ ଅବାସ୍ତବ ନୁହେଁ । କିନ୍ତୁ ଜଣେ ନିଜ ପୂର୍ବଜନ୍ମର ଏକ ନିର୍ଦ୍ଦିଷ୍ଟ ପର୍ଯ୍ୟାୟର କେତେକ ଘଟଣା ସ୍ମରଣ କରିବା ଏବଂ ସେସବୁ ବାସ୍ତବରେ ଘଟିଥିବା ପ୍ରମାଣିତ ହେବାର ଯେଉଁସବୁ ଚମକପ୍ରଦ ଘଟଣା ଆମେ ପତ୍ରପତ୍ରିକାରେ ପଢ଼ୁ, ସେସବୁ ପଛରେ ଥିବା ବାସ୍ତବତା ଭିନ୍ନ । ସେ ସମ୍ପର୍କରେ ଆପଣ ଯେତେ ବିବରଣୀ ପତ୍ରପତ୍ରିକାରେ ପଢ଼ିଥିବେ, ମନେ ପକାଇଲେ ଦେଖିବେ ସେସବୁ ଘଟଣାର ନାୟକ-ନାୟିକା ବାଳକ-ବାଳିକାମାନେ । ହଠାତ୍ ଜଣେ ବାଳକ ଦୂର ଗାଁରୁ ଆଗନ୍ତୁକ ସମ୍ପୂର୍ଣ୍ଣ ଅପରିଚିତ ଜଣେ ବ୍ୟକ୍ତିଙ୍କୁ ଦେଖି ପକାଇ ତାଙ୍କ ପାଖକୁ ଦୌଡ଼ି ଯିବ ଏବଂ ଦ୍ୱିଧା ଓ ଅଭିମାନ ମିଶା ଦୃଷ୍ଟିରେ ତାଙ୍କୁ ଆପାଦମସ୍ତକ ନିରୀକ୍ଷଣ କରି ହୁଏତ ତାଙ୍କୁ କୁଣ୍ଢାଇ ପକାଇବ ଏବଂ କାନ୍ଦି ପକାଇ ଅଭିଯୋଗ କରିବ, ''ତୁମେ କୁଆଡ଼େ ଥିଲ ? ବୋଉ କୁଆଡ଼େ ଗଲା ? ମୋତେ ତା' ପାଖକୁ ଏହି କ୍ଷଣି ନେଇଚାଲ !''

ଦୂରାନ୍ତରାଗତ ଅପରିଚିତ ଜଣକ କାବା ହୋଇଯିବେ । ବାଳକ ଗୋଟାଏ କୁନି ଝିଅର ନାମ କହି ସେ କାହିଁ ବୋଲି ପ୍ରଶ୍ନ କରିବ । ଏଥର ଭଦ୍ରଲୋକ ଚମକି ପଡ଼ିବେ, କାରଣ ସେ ଶୁଣିବେ ତାଙ୍କରି ଝିଅର ନାମ । ସେ ଯଦି ପିଲାଟିକୁ ତା' ନାମ ପଚାରିବେ, ଉତ୍ତର ତାଙ୍କୁ ହତଭମ୍ବ ବନାଇଦେବ । କାରଣ ସେହି ନାମ ଥିବା ତାଙ୍କ ପୁଅ କିଛି ବର୍ଷ ତଳେ ଇହଧାମରୁ ବିଦାୟ ନେଇଛି ।

ପିଲାଟି ନିଜ ଘର ଛାଡ଼ି ସେ ଭଦ୍ରଲୋକଙ୍କ ସହିତ ଯିବାକୁ ଜିଗର କରିବ; ଅଗତ୍ୟା ତାକୁ ଧରି ତା' ଜନ୍ମିତ

ପରିବାରର ଅବାକ୍ ଅଭିଭାବକ ଦୁଇ ଚାରି ଜଣ ଗ୍ରାମବାସୀଙ୍କ ସହ ଦୂରାନ୍ତରେ ସେ ଅପରିଚିତ ଭଦ୍ରଲୋକଙ୍କ ଗାଁରେ ପ୍ରବେଶ କରିବେ । ତତ୍କ୍ଷଣାତ୍ ପିଲାଟି ଯେଉଁ ବରଗଛ ତଳେ ଖେଳୁଥିଲା, ଯେଉଁ ଚାହାଳିରେ ପଢୁଥିଲା, ସେସବୁ ଦେଖି ସେ ସାଥୀମାନଙ୍କୁ ଖୋଜିବ । କହିବା ବାହୁଲ୍ୟ, ପରବର୍ତ୍ତୀ କିଛିଦିନ ଉଭୟ ପରିବାର ସକାଶେ ହେବ ହର୍ଷ, ବିଷାଦ ଓ କିଂକର୍ତ୍ତବ୍ୟବିମୂଢ଼ତାର ସମୟ । ପିଲାଟି ଯେ ତା' ପୂର୍ବଜନ୍ମରେ ସେ ଭଦ୍ରଲୋକଙ୍କ ଅକାଳରେ ମୃତ୍ୟୁବରଣ କରିଥିବା ପୁତ୍ରହିଁ ଥିଲା, ଏଥିରେ ସନ୍ଦେହର ଅବକାଶ ରହିବ ନାହିଁ । କିଛିଦିନ ପର୍ଯ୍ୟନ୍ତ ପିଲାଟି ଭଦ୍ରଲୋକଙ୍କ ଘରେହିଁ ରହିବ; ପରେ ଜନ୍ମିତ ପରିବାର ଏବଂ ପୂର୍ବଜନ୍ମର ପରିବାର ଭିତରେ ଯିବା ଆସିବା କରିବ ଏବଂ ଦିନେ ଜନ୍ମିତ ପରିବାରକୁ ଯାଇ ଆଉ ଲେଉଟିବ ନାହିଁ; ଏପରିକି ସେ ଯାହାସବୁ କହୁଥିଲା, ସେସବୁ ତା' ନିଜକୁ ବି ସ୍ୱପ୍ନ ଭଳି ମନେ ହେବ ।

ଏହି ଅତିଭୌତିକ ନାଟକର ଊଣା ଅଧିକ ଏକା ପ୍ରକାର ବହୁ ସଂସ୍କରଣ ରହିଛି । ସେସବୁରେ କୃତ୍ରିମତା କିଛି ନାହିଁ; କାହାରି କଳ-କୌଶଳ ନାହିଁ । ରହସ୍ୟ ହେଲା, କେବେ କେବେ — ସର୍ବଦା ନୁହେଁ — ଅକାଳରେ ମୃତ ଏକ ବାଳକ ବା ବାଳିକାର ପ୍ରାଣସତ୍ତା (ଆତ୍ମା ନୁହେଁ) ବାତାବରଣରେ ରହିଥାଏ ଏବଂ ସମବୟସୀ ତଥା ପ୍ରାଣ ସ୍ତରରେ ସୂକ୍ଷ୍ମ ସାମଞ୍ଜସ୍ୟ ଥିବା ଜଣେ ବାଳକ ବା ବାଳିକାର ବହିର୍ବ୍ୟକ୍ତିତ୍ୱକୁ ଆୟତ୍ତ କରିନିଏ । ପୂର୍ବଜନ୍ମର ସ୍ମୃତିରେ କିଛି ଦିନ ମଜ୍ଜି ରହିବା ପରେ ସେ କ୍ରମେ କ୍ରମେ ସେ ରୋମାଞ୍ଚରୁ ମୁକ୍ତ ହୋଇଯାଏ, ଅର୍ଥାତ୍ ମୃତର ପ୍ରାଣସତ୍ତା ପ୍ରାଣ ଜଗତରେ ବିଲୀନ ହୋଇଯାଏ । ସେ ସତ୍ତାର ଆୟତ୍ତାଧୀନ ହୋଇ ପଡ଼ିଥିବା ପିଲାଟି ପୁଣି ସ୍ୱାଭାବିକ ଆଚରଣ କରେ । କହିବା ବାହୁଲ୍ୟ, ଏମାନେ ''ଜାତିସ୍ମର''ର ଦୃଷ୍ଟାନ୍ତ ନୁହନ୍ତି ।

ଜାତିସ୍ମର ଜଡ଼ ଭରତ ସମ୍ପର୍କୀୟ ପୌରାଣିକ କିଂବଦନ୍ତି ଅନେକଙ୍କୁ ଜଣା । ତପସ୍ୟାରତ ଋଷି ଜଣକ ନଦୀରେ ସ୍ନାନ କରୁଥିବା ବେଳେ ଦେଖିଲେ, ସିଂହ ଭୟରେ ନଈକୁ ଡେଇଁ ପଡ଼ିଥିବା ଗୋଟିଏ ଗର୍ଭିଣୀ ମୃଗୀ କୂଳକୁ ଉଠିବା ପ୍ରୟାସ ଭିତରେ ଶାବକଟିଏ ଜନ୍ମ ଦେଇ ମରିଗଲା ଓ ଭାସିଗଲା । ଶାବକ ଗୋଟିକୁ ଋଷି କୋଳ କରି ନିଜ କୁଟୀର ଭିତରକୁ ଆଣି କ୍ରମେ ତା' ପ୍ରତି ଏମିତି ଆସକ୍ତ ହୋଇ ପଡ଼ିଲେ ଯେ ତାହାରି ଶୁଶ୍ରୂଷାରେ ବ୍ୟସ୍ତ ରହି ନିଜ ସାଧନା ଭୁଲିଗଲେ । ନିଜ ଅନ୍ତିମ ମୁହୂର୍ତ୍ତ ଉପନୀତ ହେବା ବେଳେ ସେ ତାହାରି ଉପରେ ଦୃଷ୍ଟି ନିବଦ୍ଧ ରଖି ପ୍ରାଣତ୍ୟାଗ କଲେ ।

ଫଳରେ ଋଷି ଏକ ମୃଗ ରୂପେ ଜନ୍ମଗ୍ରହଣ କରି ଅଳ୍ପକାଳ ବିତାଇବା ଅନ୍ତେ ପୁନର୍ବାର ମାନବ ଜନ୍ମ ଗ୍ରହଣ କଲେ ଏବଂ ପୂର୍ବାର୍ଜିତ ତପଃଶକ୍ତିର ପ୍ରତିକ୍ରିୟାରେ ଜାତିସ୍ମର ହୋଇଥିବାରୁ ନିଜ ବିଚ୍ୟୁତି ସ୍ମରଣ କରି ସର୍ବଦା ସବୁଥିରୁ ଉଦାସୀନ ରହିବା ଫଳରେ ତାଙ୍କ ନାମ ଭରତ ସହିତ ''ଜଡ଼'' ବିଶେଷଣ ଯୋଗ କରି, ମୁଠିଏ ଖାଇବାକୁ ଦେଇ ଚତୁର ବ୍ୟକ୍ତିବର୍ଗ ତାଙ୍କୁ ନିର୍ମମ ଭାବରେ ଖଟାଉଥା'ନ୍ତି । ତେବେ ସେ ନିୟତ ଆତ୍ମସ୍ଥ ରହି ଯଥା ସମୟରେ ମୋକ୍ଷପ୍ରାପ୍ତ ହେଲେ । ତତ୍ତ୍ୱତଃ ଏଭଳି ଘଟଣା ସମ୍ଭବପର । ତେବେ ମାନବାତ୍ମା ପଶୁ ଭାବରେ ଜନ୍ମ ନିଏ ନାହିଁ । ଋଷିଙ୍କ ପ୍ରାଣସତ୍ତା କିଛି ବର୍ଷ ଗୋଟିଏ ମୃଗ ଚେତନାରେ ସାମିଲ ରହିଥିଲା ।

ଆମ ସମସ୍ତଙ୍କ ଚେତନା ଗହନରେ ପୂର୍ବଜନ୍ମ ସମୂହର ଅଭିଜ୍ଞତାର ନିର୍ଯାସ ନିହିତ; ଘଟଣାର ବିବରଣୀ ନୁହେଁ; ନିର୍ଯାସ । ଜଣେ ଜଣେ ମହାନ୍ ଯୋଗୀ ପ୍ରୟାସ କଲେ ଆପଣା ପୂର୍ବଜନ୍ମର ବା ଅନ୍ୟ କାହାରି ପୂର୍ବଜନ୍ମର କୌଣସି ଏକ ବୃତ୍ତାନ୍ତ ଅବଶ୍ୟ ଜାଣିପାରିବେ; କିନ୍ତୁ ତାହା ଏକାନ୍ତ ବିରଳ ସ୍ତରର ବିଭୂତି । ସାଧାରଣତଃ ଅବଚେତନରୁ ବା କଳ୍ପନାରୁ ଆହରିତ କିଛି କିଛି କଥାକୁ କେହି କେହି ପୂର୍ବଜନ୍ମର ବୃତ୍ତାନ୍ତ ଭାବରେ ବର୍ଣ୍ଣନା କରନ୍ତି । ତାହା ଭ୍ରାନ୍ତି । ନିକଟ ଅତୀତରେ ପାଶ୍ଚାତ୍ୟରେ କେତେକ ଧୁରନ୍ଧର ମନୋଚିକିତ୍ସକ ନାନାଦି ମାନସିକ ବିକଳତା ଦୂର କରିବା ନିମନ୍ତେ ସେମାନଙ୍କ ଚିକିତ୍ସାଧୀନ ବ୍ୟକ୍ତିମାନଙ୍କୁ ସମ୍ମୋହିତ (hypnotise) କରି ସେମାନଙ୍କ ଭିତରେ ପୂର୍ବଜନ୍ମର ସ୍ମୃତି ଉଜ୍ଜୀବିତ କରି ସେମାନଙ୍କ ସମସ୍ୟାର ଉତ୍ସ ଠାବ କରୁଥିବାର ଏବଂ ସେମାନଙ୍କୁ ନିରାମୟ କରୁଥିବା ବ୍ୟାପାର ପ୍ରଚାରିତ ହେଉଛି । କିନ୍ତୁ ସେ ସ୍ମୃତିଚାରଣ ଅବଚେତନର ଖେଳ । ନିରାମୟ ହେବା ପଶ୍ଚାତରେ ଅନ୍ୟାନ୍ୟ ହେତୁ (ବିଶ୍ୱାସାରୋପଣ ବା Suggestion ସମେତ) କାର୍ଯ୍ୟ କରୁଥାଇପାରେ । କିନ୍ତୁ ପୂର୍ବଜନ୍ମସମୂହର ଅଭିଜ୍ଞତା ଆମର ଯେଉଁ ଚୈତ୍ୟସତ୍ତାରେ ସଞ୍ଚିତ, ତା'ର ସୀମାନ୍ତ ମଧ୍ୟ ଛୁଇଁ ପାରିବ ନାହିଁ କୌଣସି ମନୋଚିକିତ୍ସକର ସନ୍ଧାନୀ ପ୍ରକ୍ରିୟା ।

*ପ୍ରଶ୍ନ-୪ : ଖୋଲାଖୋଲି ଗୋଟିଏ ପ୍ରଶ୍ନ ପଚାରିବି । କିଛି ମନେ କରିବେ ନାହିଁ । ଜଣେ ଜଣେ ବିଖ୍ୟାତ*

*ସାହିତ୍ୟିକ, ଶିଳ୍ପୀ ବା ସଂଗୀତଜ୍ଞ ସେମାନଙ୍କ ପ୍ରତିଭା ଦ୍ୱାରା ଆମକୁ ମୁଗ୍ଧ କରନ୍ତି । ମୁଁ ଆଶା କରୁଥାଏଁ ଯେ ସେମାନେ ସତ୍ୟବାଦୀ, ଉଦାର ଏବଂ ମହତ୍ ହୋଇଥିବେ । କିନ୍ତୁ ଦଶ ବର୍ଷ କାଳ ବଡ଼ ବଡ଼ ସହରରେ ଜୀବନ ବିତାଇବା ଭିତରେ ସେଭଳି କୋଡ଼ିଏ ସରିକି ବିଖ୍ୟାତ ଗୁଣୀ ବ୍ୟକ୍ତିଙ୍କ ବ୍ୟକ୍ତିଗତ ସମ୍ପର୍କରେ ଆସି ହତାଶ ହୋଇଛି । ସେମାନେ ନିହାତି ମାମୁଲି ମଣିଷ । ଏହା କିପରି ସମ୍ଭବ ?*

**ଉତ୍ତର :** ଆପଣ ଯେମିତି ପ୍ରତିଭାବନ୍ତ ସାହିତ୍ୟିକ, ଶିଳ୍ପୀ ଓ ସଂଗୀତଜ୍ଞମାନଙ୍କ ସମ୍ପର୍କରେ ଆସିଛନ୍ତି, ସେମିତି କେହି କେହି ସତ୍ୟବାଦୀ, ଉଦାର ଏବଂ ମହତ୍ ବ୍ୟକ୍ତିଙ୍କ ସମ୍ପର୍କରେ ମଧ୍ୟ ଆସିଥିବେ । ସେ ମହତ୍ ବ୍ୟକ୍ତିବର୍ଗ ସାହିତ୍ୟିକ, ଶିଳ୍ପୀ ଓ ସଙ୍ଗୀତଜ୍ଞ ହୋଇ ନଥିବାରୁ ଆପଣ ହତାଶ ହୋଇଛନ୍ତି କି ? ତେବେ ?

ଏତକ ପଚାରି ଆପଣଙ୍କୁ ଗୋଟାଏ ବାସ୍ତବତା ସୂଚାଇ ଦେବା ସଙ୍ଗେ ସଙ୍ଗେ ମୁଁ କିନ୍ତୁ ସ୍ୱୀକାର କରୁଛି ଯେ ଆପଣଙ୍କ ପ୍ରତ୍ୟାଶାରେ ଯାଥାର୍ଥ୍ୟ ରହିଥିଲା । ସାହିତ୍ୟ, ଶିଳ୍ପକଳା, ସଙ୍ଗୀତ – ଏସବୁ ମହତ୍ ଗୁଣ । ଯାହାଠାରେ ଏସବୁ ଗୁଣ ଥିବ, ସେ ମହତ୍ ହୋଇଥିବ – ଆପଣଙ୍କର ଏଭଳି ଧାରଣା ଅସ୍ୱାଭାବିକ ନୁହେଁ । କିନ୍ତୁ ପ୍ରକୃତିର ବୈଚିତ୍ର୍ୟ ଦେଖନ୍ତୁ : ପଙ୍କରୁ ବି ପଦ୍ମ ବିକଶିତ ହୋଇପାରେ । ରୁକ୍ଷ ଶିଳାରନ୍ଧ୍ରରୁ ଫୁଟି ବାହାରିଥାଏ କୋମଳ ଗୁଳ୍ମ । ବାସ୍ତବିକ, ସୃଜନ ଲୀଳାରେ ମାନସିକ ଯୁକ୍ତିର ସ୍ଥାନ ସାମାନ୍ୟ । ଜଣେ ଦୁରାଚାରୀ ଘରେ ଜଣେ ଭାବୀ ସନ୍ଥ ଜନ୍ମ ଗ୍ରହଣ କରିପାରନ୍ତି; ଜଣେ ସନ୍ଥଙ୍କ ସନ୍ତାନ ଦୁରାଚାରୀ ହୋଇପାରେ । କଥା ହେଲା, ଅସାଧାରଣ ସୃଜନୀ ପ୍ରେରଣା କୌଣସି ଅଜ୍ଞାତ କାରଣରୁ ଜଣେ ଜଣେ ସାଧାରଣ ବ୍ୟକ୍ତିର ଚେତନା ଭିତରକୁ ଏକ ଧାରା ଭଳି ବହମାନ ହୋଇଆସେ । ଯେଉଁ ସମୟରେ ଜଣେ ସଂଗୀତଜ୍ଞ ଗୋଟାଏ ଶାସ୍ତ୍ରୀୟ ରାଗର ପ୍ରେରଣା-ନିଃସୃତ ସଙ୍ଗୀତ ରଚନା କରିବାରେ ନିମଜ୍ଜିତ ଥିବ, ସେତେବେଳେ ସେ ଅସାଧାରଣ । ସେ ସମୟତକ ବିତିଯିବା ପରେ ସେ କିନ୍ତୁ ଜଣେ ସାଧାରଣ ମଣିଷ । ସେ ଜଣେ ଉତ୍ତମ ମଣିଷ ହୋଇଥାଇପାରେ – ପୃଥିବୀରେ ଅନେକ ଉତ୍ତମ ମଣିଷ ଅଛନ୍ତି – କିନ୍ତୁ ସେ ଜଣେ କଳାକାର ବୋଲି ଉତ୍ତମ ମଣିଷ ହେବ, ଏହା ଆମେ ଆଶା କରିପାରିବା ନାହିଁ । ସେ ଜଣେ ମାମୁଲି ମଣିଷ ଭାବରେହିଁ ରହିପାରେ ଏବଂ ଦୁଇଟି ବିପଦ ମଧ୍ୟ ବରଣ କରିପାରେ । ପ୍ରଥମତଃ ତା' ଚେତନାର ଏକ ବାତାୟନ ପ୍ରେରଣାର ଅବତରଣ ନିମନ୍ତେ ଉନ୍ମୋଚିତ ଥାଏ । ପ୍ରେରଣା ସର୍ବଦା ଆସେ ନାହିଁ । ସେହି ଉନ୍ମୋଚିତ ବାତାୟନ ଦେଇ ଅନ୍ୟ ବେଳେ ଅବାଞ୍ଛିତ ଶକ୍ତି ପଶିଆସି ତା' ଜୀବନ ଶୈଳୀର ଭାରସାମ୍ୟରେ ବିଭ୍ରାଟ ସୃଜି ପାରନ୍ତି । ଦ୍ୱିତୀୟ ବିପଦ, ତା' ସୁନ୍ଦର କଳାର ପ୍ରଶଂସାକୁ ତା'ର ଅସୁନ୍ଦର ଅହଂସତ୍ତା ଆତ୍ମସାତ୍ କରିନେଇପାରେ । ଅହଂକାର ଓ ମୂଢ଼ତା ଯାଆଁଳା ଭାଇ ।

ତେବେ ଏ ଲେଖକ ମନରେ ଗୋଟାଏ ସନ୍ଦେହ ରହିଯାଉଛି (ଏହା ମୋଚନ କରିବା ଦିଗରେ ଚେଷ୍ଟା କରିବାରୁ ଆପଣଙ୍କୁ ଛୁଟି ଦେଉଛି); ଆପଣ ମାତ୍ର ଦଶ ବର୍ଷ ଭିତରେ କୋଡ଼ିଏ ଜଣ ସରିକି ବିଖ୍ୟାତ ଗୁଣୀ ବ୍ୟକ୍ତିଙ୍କୁ ଭେଟିଛନ୍ତି । ଏ ସଂଖ୍ୟା କମ୍ ନୁହେଁ । କିନ୍ତୁ ସେମାନେ ସଭିଏଁ ପ୍ରକୃତରେ ସୃଜନୀ-ପ୍ରେରଣା-ଚାଳିତ ଗୁଣୀ ନା ସେ ତାଲିକାରୁ ଅନେକେ ଖାଲି ବିଖ୍ୟାତ ମାତ୍ର ? ସେ ଯାହା ହେଉ, କୋଡ଼ିଏ ଜଣ ଆପଣଙ୍କୁ ହତାଶ କରିଥିଲେ ବି ଏକବିଂଶ ବା ଦ୍ୱାବିଂଶ ଜଣକ ଆପଣଙ୍କୁ ହତାଶ ନକରି ପାରନ୍ତି । ତେବେ ହତାଶ ନ ହେବାର ନିରାପଦ ଉପାୟ ହେଲା ପ୍ରତିଭାବାନର ଅବଦାନ ସ୍ୱୀକାର କରି ସେଥିରେ ସନ୍ତୁଷ୍ଟ ରହିବା, ତା'ଠାରୁ ଅନ୍ୟ କିଛି ଆଦର୍ଶ ଆଶା କରିବାରୁ ବିରତ ରହିବା ।

(ସୌଜନ୍ୟ : ''ଜିଜ୍ଞାସାର ଦିଗ୍‌ଦିଗନ୍ତ'' 'ସମାଜ')

ଠିକ୍ ବାଟଟି ହେଉଛି ଏହା ଅନୁଭବ କରିବା ଯେ କାମଟି ମା'ଙ୍କର – କେବଳ ତୁମ କାମ ନୁହେଁ; ଅନ୍ୟମାନଙ୍କର କାମ ମଧ୍ୟ – ଏବଂ ତାହାକୁ ଏପରି ଏକ ଭାବ ବା ଉତ୍ସାହ ନେଇକରି ଚାଳିବ ଯାହା ଏକ ସାର୍ବିକ ସୁସଂଗତି ଓ ସୁସମଞ୍ଜସତା ଆଣିଦେବ ।

– ଶ୍ରୀଅରବିନ୍ଦ

# ଶ୍ରୀଅରବିନ୍ଦ ଓ ଦିଲୀପକୁମାର

## (୧୦)

[ବିଖ୍ୟାତ ସଂଗୀତଜ୍ଞ, ଶ୍ରୀଅରବିନ୍ଦଙ୍କର ଅତ୍ୟନ୍ତ ପ୍ରିୟ ଶିଷ୍ୟ ଶ୍ରୀ ଦିଲୀପକୁମାର ରାୟଙ୍କର ଶ୍ରୀଅରବିନ୍ଦଙ୍କ ସହିତ କଥୋପକଥନ ଓ ସେହି ସମୟର ଅଭିଜ୍ଞତା]

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

''କିନ୍ତୁ ଐକ୍ୟର ଅର୍ଥ ତ ଏକାକାର ନୁହେଁ । 'ଏକ' ଚାହିଁଥିଲେ ସେ ବହୁ ହୋଇଯିବେ । 'ଏକୋଽହଂ ବହୁସ୍ୟାମ୍ – ପ୍ରଜାୟେ ଯେତି ।' ପ୍ରକୃତରେ ସେହି 'ଏକ'ଙ୍କୁ ସ୍ୱୀକାର କରିବାକୁ ହେଲେ ତୁମକୁ 'ବହୁ'କୁ ମଧ୍ୟ ସ୍ୱୀକାର କରିବାକୁ ହେବ । ପ୍ରକାଶର ବହୁମୁଖୀତାକୁ ମାନିବାକୁ ହେବ, ପ୍ରକାଶିତର ଐକ୍ୟ ସହିତ । ବୁଝିଲ ?'' ଶ୍ରୀଅରବିନ୍ଦ ପଚାରିଲେ ।

''ଏହା ମୁଁ ବୁଝିଛି । ମୁଁ ଖୁସି ହୋଇ କହିଲି, ବୈଚିତ୍ର୍ୟ ମଧ୍ୟରେ ଏକତା, ଆପଣହିଁ କେଉଁଠି କହିଛନ୍ତି । କିନ୍ତୁ କଥା କ'ଣ ଜାଣନ୍ତି ? ମୁଁ ଆପଣଙ୍କୁ ଏତେ ଭକ୍ତି କରେ ଯେ କିଛି ତୁଚ୍ଛ କଥା ନେଇ ଆପଣଙ୍କ ସହିତ ମତଭେଦ ହେଲେ ବି ମୋତେ ବାଧେ । ଶ୍ରୀରାମକୃଷ୍ଣ କହୁଥିଲେ, 'ବିଶ୍ୱାସ କରିବା ଭଲ ।' ଆପଣ ବିଶ୍ୱାସ କରନ୍ତୁ, ମୁଁ ଚାହେଁ ବିଶ୍ୱାସୀଙ୍କ ଭଳି ବିଶ୍ୱାସ କରିବା ପାଇଁ, ମାନିନେବା ପାଇଁ । ଧରନ୍ତୁ, ଏଇ ଧାତୁ ମୂର୍ତ୍ତିଟି । ମୁଁ ଯଦି ଜାଣେ ଯେ ଆପଣଙ୍କୁ ଏ ମୂର୍ତ୍ତିଟି ସୁନ୍ଦର ଦେଖାଯାଉଛି, ତେବେ ମୋତେ ଭଲ ନଲାଗିଲେ ବି ମୁଁ ସେକଥା ମୁହଁ ଫିଟାଇ କହିବା ପାଇଁ ସଙ୍କୋଚ ଅନୁଭବ କରିବି । ଏହି ଧରଣର ନାନାପ୍ରକାର ଅସ୍ୱସ୍ତି ହେତୁ ମୁଁ ଠିକ୍ ବୁଝିପାରେ ନାହିଁ ମୁଁ ଯୋଗର ଅଧିକାରୀ କି ନା । ବୁଝିପାରୁଛନ୍ତି, ଏହା ଫଳରେ ମୋ ମନରେ କି ରକମ ଦୁଶ୍ଚିନ୍ତାର ଘୂର୍ଣ୍ଣି ଜାଗି ଉଠେ ? ମୋ ତରଫରୁ ତ ମୁଁ ଚାହେଁ ବିଶ୍ୱାସ କରିବାକୁ, ଅନ୍ତତଃ ମୋ ମନର ସଂସ୍କାରସବୁକୁ ଜୟ କରି ନେବାକୁ । ଗୋଟିଏ କଥାରେ ମୁଁ ଚାହେଁ ମନ ତା'ର ସିଂହାସନ ଛାଡ଼ି ଦେଉ । କିନ୍ତୁ ଛାଡ଼ିଲେ ବି କ'ଣ ହେବ ? ସେ ଶୂନ୍ୟ ସିଂହାସନରେ କାହାକୁ ବସାଇବି ? କେଉଁ ନୂଆ ଆଲୋକକୁ ଡାକ ଦେବି ମନର ସ୍ଫୁଲିଙ୍ଗ ରାଜ୍ୟର ସ୍ଥାନ ଅଧିକାର କରିବାକୁ ?''

ଗୁରୁଦେବ ମୋ ଆଡ଼କୁ ଟିକିଏ ଚାହିଁ ରହି କହିଲେ, ''ମନ ପକ୍ଷରେ ସେହି ନୂତନ ଆଲୋକ ରାଜ୍ୟକୁ ପାଇବା କମ୍ କଷ୍ଟକର ହୁଅନ୍ତା, ଯଦି ମନ ଚିତ୍କାର କରି କହନ୍ତା ନାହିଁ ଯେ ତା'ର ବର୍ତ୍ତମାନର ଦଣ୍ଡଧର ଯୁକ୍ତିରାଜ ପୂରାପୂରି ଶକ୍ତ ଓ ସମର୍ଥ । କାରଣ ଏ ଦାବି ହେଉଛି ସେହି ଦାବିର ନାମାନ୍ତର ଯାହା ଘୋଷଣା କରେ ଯେ ମନ ହେଉଛି ସବୁ ଅଭିଜ୍ଞତା ଓ ଉପଲବ୍ଧିର ଶେଷ ଦରବାର । କିନ୍ତୁ ଆଧ୍ୟାତ୍ମିକ ଉପଲବ୍ଧି କହେ ମନ କୌଣସି କଥା ଯଥାର୍ଥ ଭାବରେ ବୁଝିପାରେ ନାହିଁ । କୌଣସି କଥାର ମୂଳରେ ପହଞ୍ଚି ପାରେ ନାହିଁ । ମନର ଗଢ଼ଣ ଏପରି ଯେ ଭାଗବତ ସତ୍ୟର ବା କ୍ରିୟାର ସାମାନ୍ୟ ଭଗ୍ନାଂଶଠାରୁ ଅଧିକ କିଛି ସେ ଧାରଣ କରି ପାରେ ନାହିଁ । ଯେମିତି ଧର ଗୁହ୍ୟ ତତ୍ତ୍ୱ । ତୁମର ମନ ଦ୍ୱାରା ତୁମେ ଏସବୁର ସ୍ୱରୂପ ଆଦୌ ଧରିପାରିବ ନାହିଁ । ପ୍ରକୃତରେ ଏସବୁ ତଥ୍ୟକୁ ଜାଲ, ଜୁଆଚୋରି ବୋଲି କହି ପ୍ରତ୍ୟାଖ୍ୟାନ ନକରି, ଯେତେଦିନ ଯାଏଁ ତୁମେ ଠିକ୍ ବୁଝି ନାହଁ, ସେତେଦିନ ଯାଏଁ ଯଦି ତୁମେ ତୁମର ବିଚାରଶକ୍ତିକୁ ନୀରବ ରଖନ୍ତ ତେବେ ଖୁବ୍ ଭଲ ହୁଅନ୍ତା । କାରଣ ଏହି ଗଭୀରତର ବିଚାରଶକ୍ତି ଆସେ ଏକ ଉଚ୍ଚତର ଚେତନାରୁ । କେବଳ ସେହି ଆଲୁଅରେହିଁ ଏହିସବୁ ପାର୍ଥିବ ବା ଗୁହ୍ୟ ଶକ୍ତିର ଛଦ୍ମବେଶର ଅନ୍ତରାଳରେ ହିଁ ପ୍ରଚ୍ଛନ୍ନ ଭାଗବତ କ୍ରିୟାକୁ ଦେଖି ହୁଏ ।'' ଶ୍ରୀଅରବିନ୍ଦ କହିଲେ ।

ତେବେ ବି ମନକୁ ଖଟ୍‌କା ଲାଗୁଥାଏ । କହିଲି, ''ତେବେ, ମାନେ, କଥା କ'ଣ କି ବ୍ୟାଖ୍ୟା ଶୁଣିବାକୁ ତ ଭଲ ଲାଗୁଛି, କିନ୍ତୁ ଯେତେବେଳେ ସାମନାସାମନି ହେବାକୁ ହୁଏ, ଏଇ ଧରନ୍ତୁ, ବିଜୟକୃଷ୍ଣ ଗୋସ୍ୱାମୀଙ୍କ ସମ୍ବନ୍ଧରେ ଯେଉଁସବୁ ଜନଶ୍ରୁତି ରହିଛି । କୁଳଦାନନ୍ଦ ଲେଖିଛନ୍ତି ଗୋସାଇଁଜିଙ୍କର ଗୁରୁ ତାଙ୍କ ପତ୍ନୀଙ୍କୁ ଆକାଶ ପଥରେ ଉଡ଼ାଇ ଦେଇଥିଲେ । ଆପଣ କ'ଣ କହିବେ, ଏହା ସତରେ ଘଟିଥିଲା ?''

ଗୁରୁଦେବ କହିଲେ, ''ତାଙ୍କର ପତ୍ନୀଙ୍କୁ ସତରେ ଉଡ଼ାଇ ଦେଇଥିଲେ କି ନାହିଁ, କହିପାରିବି ନାହିଁ । କିନ୍ତୁ ଜଡ଼ ପଦାର୍ଥକୁ ଶୂନ୍ୟରେ ଉଡ଼ିବାର ଦେଖାଯାଇଛି । ଏହା ଅକାଟ୍ୟ ବୋଲି ଯଦି ଯୋଗୀମାନେ ପରୀକ୍ଷା କରି ଦେଖିଛନ୍ତି, ଏହାକୁ ହଠାତ୍

ଅସମ୍ଭବ ବୋଲି ଅଗ୍ରାହ୍ୟ କରିଦେବା କିପରି ? ହଜାର ହଜାର ଅଭିଜ୍ଞତା, ଉପଲବ୍ଧି ଆମର ହୋଇଥାଏ, ଆମର ମନ ସେସବୁର ରହସ୍ୟକୁ ଛୁଇଁ ପାରିବ ନାହିଁ । ଏକଥା ମାନିବାକୁ ହେବ ଯେ କୌଣସି କଥା ସତ କି ନୁହେଁ, ଜାଣିବାର କଷଟିପଥର ହେଉଛି ଅଭିଜ୍ଞତା, ଆଉ ଅଭିଜ୍ଞତାରୁ ଜଣାଯାଏ ଶୂନ୍ୟକୁ ଉଠିଯିବା, ଚାଲିବା, କେଉଁଠି କିଛି କାରଣ ନଥାଇ ବସ୍ତୁଟିଏ ଗଢ଼ି ଉଠିବା – ଏସବୁ ଘଟିପାରେ ।''

ମୁଁ ରହିପାରିଲି ନାହିଁ, କହିଲି, ''ଏଇ ତ ମୋ ମୁହଁରୁ କଥାଟା ଛଡ଼ାଇ ନେଲେ ଆପଣ । ମୁଁ ବର୍ତ୍ତମାନ ଭୌତିକ ପଦାର୍ଥର ଆବିର୍ଭାବ ବିଷୟରେ ପ୍ରଶ୍ନ କରିବାକୁ ଯାଉଥିଲି । ଏ ସମ୍ବନ୍ଧରେ ଏଣୁ ତେଣୁ କିଏ ବା ନ ଶୁଣିଛି ? କିନ୍ତୁ ଏପର୍ଯ୍ୟନ୍ତ ମୁଁ ଜଣକଠାରୁ ବି ଶୁଣି ନାହିଁ ଯେ ସେ ସ୍ୱଚକ୍ଷୁରେ ଶୂନ୍ୟରୁ ବସ୍ତୁର ଆବିର୍ଭାବ ହେବାର ଦେଖିଛି ! କେବଳ ଜନଶ୍ରୁତି ତ ଏମିତି କିଛି ସାକ୍ଷୀ ନୁହେଁ ଯାହା ଉପରେ ନିର୍ଭର କରାଯାଇ ପାରିବ ?''

ଗୁରୁଦେବ ମୃଦୁ ହସି କହିଲେ, ''ଆଚ୍ଛା, ତା'ହେଲେ ମୁଁ ଯାହା ସ୍ୱଚକ୍ଷୁରେ ଦେଖିଛି ଶୁଣ । ଫଳରେ ଜନଶ୍ରୁତି ବିରୋଧରେ ତୁମର ଆପତ୍ତିର ନିରାକରଣ ହେବ । ଆଉ ଏ ଘଟଣାଟିରେ ମୋ ଛଡ଼ା ଆହୁରି ଛଅ, ସାତଜଣ ସାକ୍ଷୀ ଥିଲେ, ଯେଉଁମାନେ ସେତେବେଳେ ମୋ ସହିତ ଥିଲେ ।'' ଗୁରୁଦେବ ସେଇ ଭୂତ ବ୍ୟାପାରଟି କହିବାକୁ ଆରମ୍ଭ କଲେ । ମୁଁ ପରଦିନ ତାଙ୍କୁ ଅନୁରୋଧ କରିଥିଲି ଏହାର ଗୋଟିଏ ବିବୃତି ଲେଖି ମୋତେ ଦେବାକୁ । ଉତ୍ତରରେ ସେ ଯାହା ଲେଖିଥିଲେ, ନିମ୍ନରେ ଦିଆଗଲା ।

''ମୁଁ ତୁମକୁ ନେପଥ୍ୟ ଶକ୍ତିର କାର୍ଯ୍ୟକଳାପ ସମ୍ବନ୍ଧରେ ଜଣାଇବା ପାଇଁ ଦୃଷ୍ଟାନ୍ତଟି ଦେଇଥିଲି । ଏହି ଦୃଷ୍ଟାନ୍ତରୁ ତୁମେ ପ୍ରମାଣ ପାଇବ ଯେ ଏସବୁ କଳ୍ପନା ନୁହେଁ, ମନର ଭ୍ରମ ବା ଜାଲ ଜୁଆଚୋରି ନୁହେଁ । ବୁଝିପାରିବ ଯେ ଏସବୁ ବାସ୍ତବ ହୋଇପାରେ ।''

ଶ୍ରୀଅରବିନ୍ଦ ଲେଖିଥିଲେ, ''ଆମର ଅତିଥିଶାଳାର ରୋଷେଇ ଘରେ ପ୍ରଥମେ ବଡ଼ ନିରୀହ ଭାବରେ ଟେକାଗୁଡ଼ାଏ ପଡ଼ିବା ଆରମ୍ଭ ହେଲା, ଯେମିତି ସାମ୍ନା ଛାତରୁ କେହି ଟେକା ପକାଉଛି । କିନ୍ତୁ ସେ ଛାତରେ କେହି ନଥା'ନ୍ତି । ପ୍ରଥମେ ସନ୍ଧ୍ୟାବେଳଠାରୁ ଘଣ୍ଟାଏ ଧରି ଏ ଉତ୍ପାତ ଚାଲେ । କିନ୍ତୁ ଦିନକୁ ଦିନ ଟେକାଗୁଡ଼ିକର ଆୟତନ ବଢ଼ିଲା ଓ ଉତ୍ପାତ ପ୍ରବଳ ହେଲା । କ୍ରମଶଃ ଅଧିକରୁ ଅଧିକ ସମୟ ପର୍ଯ୍ୟନ୍ତ ଏଭଳି ହୋଇ ଚାଲିଲା । ଶେଷରେ, ରାତିର ଦ୍ୱିତୀୟ ପ୍ରହର ଆଗରୁ ଏମିତି ହେଲା, ଯାହାକୁ ବୋମ୍ବାର୍ଡ଼ମେଣ୍ଟ ବୋଲି କୁହାଯାଇପାରେ । ଦିନକୁ ଦିନ ଟେକାଗୁଡ଼ିକର ଆୟତନ ବଢ଼ିଲା । ନୂଆ କଥା ହେଲା ଯେ କେବଳ ରନ୍ଧା ଘରେ ନୁହେଁ, ଅନ୍ୟତ୍ର ମଧ୍ୟ ଟେକା ପଡ଼ିବାକୁ ଲାଗିଲା । ପ୍ରଥମେ ଏହା କୌଣସି ଦୁଷ୍ଟ ଲୋକର କୀର୍ତ୍ତି ବୋଲି ମନେ କରି ପୋଲିସକୁ ଖବର ଦେଲୁ । ପୋଲିସର ତଦନ୍ତ ଆରମ୍ଭ ହେଉ ନହେଉଣୁ ଜଣେ ପୋଲିସଙ୍କର ଦୁଇପାଦ ମଝିରେ ଟେକାଟିଏ ପଡ଼ିଗଲା । ପୋଲିସ ଊର୍ଦ୍ଧ୍ୱଶ୍ୱାସ ହୋଇ ପଳାଇଗଲା । ତେଣୁ ଆମେ ନିଜେ ତଦନ୍ତ କରିବାକୁ ସ୍ଥିର କଲୁ । ଟେକାସବୁ ଯେଉଁଠାରୁ ଆସୁଥିଲା, ସେଠାରେ ମଣିଷର ଚିହ୍ନବର୍ଣ୍ଣ ନଥିଲା । ଶେଷରେ ଆମ ପ୍ରତି ଅଧିକ ଦୟା ପ୍ରଦର୍ଶନ କରି ଟେକାଗୁଡ଼ିକ ଘର ଭିତରେ ପଡ଼ିବା ଆରମ୍ଭ କଲେ; ଯେଉଁଠାରେ ଝରକା, କବାଟ ବନ୍ଦ । ସେସବୁ ଟେକା ଭିତରୁ ଗୋଟିଏ ପ୍ରକାଣ୍ଡ ଥିଲା । ପଡ଼ିବା ମାତ୍ରେ ମୁଁ ତାକୁ ଦେଖିବାକୁ ଗଲି । ତାହା ସେତେବେଳକୁ ଗୋଟିଏ ବଡ଼ ବେତ ଟେବୁଲ ଉପରେ ଆସୀନ । ଏପରି ଉତ୍ପାତ ଚାଲିଥାଏ । ଶେଷରେ ତାହା ସାଂଘାତିକ ହୋଇ ଉଠିଲା । ଏତେଦିନ ଯାଏଁ କେବଳ ବିଜୟର ଘର ଦ୍ୱାର ସମ୍ମୁଖରେ ପଡ଼ିବା ଛଡ଼ା ଟେକାଗୁଡ଼ିକ କିଛି କ୍ଷତି କରି ନଥିଲେ । କାହାକୁ ଆଘାତ କରି ନଥିଲେ । ଶେଷ କେତେଦିନ ଭିତରୁ, ଦିନେ ଯେଉଁଦିନ ଉତ୍ପାତ ବନ୍ଦ ହେଲା, ତା'ର ପୂର୍ବ ରାତିରେ ମୁଁ ମନ ଦେଇ ଏ କାଣ୍ଡଟିକୁ ଦେଖୁଥିଲି । ଟେକାଗୁଡ଼ିକ ମାଟିଠାରୁ କେତେ ଫୁଟ ଉଚ୍ଚରେ ହଠାତ୍ ରୂପ ନେଉଛନ୍ତି, ବେଶୀ ଦୂରରୁ ଆସୁ ନାହାନ୍ତି, ହଠାତ୍ ଆବିର୍ଭୂତ ହେଉଛନ୍ତି, ଅଥଚ ସେମାନଙ୍କର ଗତିପଥ ଦେଖି ମନେ ହେଉଛି ଯେମିତି ସେସବୁକୁ କିଏ ଅତିଥିଶାଳାରୁ ଫିଙ୍ଗୁଛି । ଆଲୁଅରେ କିନ୍ତୁ ପରିଷ୍କାର ଦେଖା ଯାଉଥାଏ ସେ ଜାଗାଟି, ସେଠାରେ କେହି ଲୁଚି ରହିପାରିବେ ନାହିଁ । ଶେଷରେ ଟେକାଗୁଡ଼ିକ ଭୟଙ୍କର ଭାବରେ ଆଘାତ କରିବାକୁ ଆରମ୍ଭ କଲେ ଆମ ନିକଟରେ କାମ କରୁଥିବା ଗୋଟିଏ ଅର୍ଦ୍ଧପାଗଳ ପିଲାଟିକୁ । ତାହାକୁ ହିଁ ଲକ୍ଷ୍ୟ କରି ଢେଲା ଫିଙ୍ଗା ଯାଉଥିଲା । ପିଲାଟିକୁ ବିଜୟର ଘରେ ରଖା ଯାଇଥିଲା ବିଜୟର ଆଶ୍ରୟରେ । ତଥାପି ବନ୍ଦ ଘରେ ଟେକାର ଉତ୍ପାତରେ ସେ ରକ୍ତାକ୍ତ ଓ ଆହତ ହେଲା । ଶେଷରେ ଯେଉଁ ଟେକାଟି ତାକୁ ଆଘାତ କଲା, ମୁଁ ତାକୁ ଦେଖିଥିଲି, ବିଜୟ ମୋତେ ଡାକ ପକାଇଲା ବୋଲି । ଟେକା ପକାଉଛି କିଏ, ଯଦି ଓ୍ୱେଲ୍ସଙ୍କର ଅଦୃଶ୍ୟ ମାନବ ହୋଇ ନଥାଏ !

ଏପର୍ଯ୍ୟନ୍ତ ମୁଁ ପରିଦର୍ଶକ ବା ଚୌକିଦାର ପରି ଥିଲି । ବ୍ୟାପାରଟି ଯେତେବେଳେ ସଙ୍ଗିନ୍ ହୋଇ ଉଠିଲା, ଭାବିଲି ଅନ୍ତତଃ କିଛି ଗୋଟାଏ ନ କଲେ ହେବ ନାହିଁ । ସେତେବେଳେ ଶ୍ରୀମା, ଯେକି ଏହି ଗୁହ୍ୟ ଜଗତର ଲୀଳାଖେଳାର ଖବର ରଖନ୍ତି, ସାବ୍ୟସ୍ତ କଲେ ଯେ ଅତିଥିଶାଳା ସହିତ ଏହି ଅର୍ଦ୍ଧପାଗଳ ପିଲାଟିରହିଁ ଯୋଗସୂତ୍ର ରହିଯାଇଛି, ଯଦି ଯୋଗସୂତ୍ରଟି ଛିନ୍ନ କରିଦେଇ ହୁଏ –''

''ପିଲାଟିକୁ ଅତିଥିଶାଳାରୁ ହୃଷୀକେଶ ପାଖକୁ ପଠାଇ ଦେଲୁ । ତା'ପରେ ସବୁ ଶାନ୍ତ । ଆଉ ଗୋଟିଏ ବି ଟେକା ପଡ଼ି ନାହିଁ । ଓଁ ଶାନ୍ତି ।''

ଶ୍ରୀଅରବିନ୍ଦ ଶେଷରେ ଲେଖିଛନ୍ତି, ''ଏସବୁ ଅଲୌକିକ ଭୌତିକ କାଣ୍ଡ ପ୍ରତ୍ୟକ୍ଷ ଓ ବାସ୍ତବ । ବୈଜ୍ଞାନିକ କ୍ରିୟାକଳାପ ପରି ଏସବୁ କାଣ୍ଡ ଘଟାଇବାର ଧରାବନ୍ଧା ପଦ୍ଧତି ରହିଛି ଏବଂ ଏହି ପଦ୍ଧତିର ଜ୍ଞାନ ଅର୍ଜନ କଲେ, ତାକୁ କାମରେ ଲଗାଯାଇ ପାରେ, ବନ୍ଦ କରି ଦିଆଯାଇପାରେ ମଧ୍ୟ ।''

(କ୍ରମଶଃ)

(ଦିଲୀପକୁମାର ରାୟଙ୍କ ବଙ୍ଗଳାରେ ଲିଖିତ 'ତୀର୍ଥଙ୍କର' ପୁସ୍ତକରୁ ଅନୂଦିତ ।)

ଅନୁବାଦ : ମମତା ଦାଶ

## ଯୋଗ ପଥରେ ଭୟର ସ୍ଥାନ ନାହିଁ

... ଭୟ ଏକ ଅଶୁଦ୍ଧି, ଏକ ମସ୍ତବଡ଼ ଅଶୁଦ୍ଧି, ଏହା ସେହିସବୁ ଅଶୁଦ୍ଧି ଭିତରୁ ଅନ୍ୟତମ ଯାହାକି ପୂରା ସିଧାସଳଖ ଭାବେ ସେହି ଭଗବତ୍ ବିରୋଧୀ ଶକ୍ତିମାନଙ୍କଠାରୁ ଆସେ ଯେଉଁମାନେ ପୃଥିବୀପୃଷ୍ଠରେ ଚାଲୁଥିବା ଭଗବତ୍ କର୍ମକୁ ଧ୍ୱଂସ କରି ଦେବାକୁ ଚାହାନ୍ତି । ଯେଉଁମାନେ ପ୍ରକୃତରେ ଯୋଗ କରିବାକୁ ଚାହାନ୍ତି ସେମାନଙ୍କର ପ୍ରଥମ କର୍ତ୍ତବ୍ୟ ହେଲା ସେମାନଙ୍କ ସର୍ବାଧିକ ସାମର୍ଥ୍ୟ ଖଟାଇ, ନିଜର ସମସ୍ତ ଶକ୍ତି, ସମସ୍ତ ଆନ୍ତରିକତା ଓ ସମସ୍ତ ସହନ କ୍ଷମତାକୁ ପ୍ରୟୋଗ କରି ନିଜ ଚେତନା ଭିତରୁ ସମସ୍ତ ପ୍ରକାର ଭୟ, ଏପରିକି ଭୟର ଛାୟାକୁ ମଧ୍ୟ ସମ୍ପୂର୍ଣ୍ଣ ଦୂରୀଭୂତ ଓ ଉଚ୍ଛେଦ କରିଦେବା । ଯୋଗ ପଥରେ ଚାଲିବାକୁ ହେଲେ ତୁମକୁ ସମ୍ପୂର୍ଣ୍ଣ ନିର୍ଭୀକ ହେବାକୁ ହେବ ଏବଂ କେବେହେଲେ ଭୟ ନାମକ ସେହି ସଂକୀର୍ଣ୍ଣ, ହୀନ, କ୍ଷୁଦ୍ର ଓ ଦୁର୍ବଳ ଜିନିଷଟିକୁ ପ୍ରଶ୍ରୟ ଦେବ ନାହିଁ, ସଂକୁଚିତ ହୋଇ କେବେହେଲେ ନିଜ ଆଡ଼କୁ ଫେରିଆସିବ ନାହିଁ, ଯାହାର ଅନ୍ୟ ନାମ ହେଉଛି ଭୟ ।

ଏକ ଅଦମ୍ୟ ସାହସ, ଏକ ପୂର୍ଣ୍ଣ ଆନ୍ତରିକତା, ଏକ ଐକାନ୍ତିକ ଆତ୍ମନିବେଦନକୁ ଏପରି ଧରିରଖିବ ଯେ ଯାହାଫଳରେ ତୁମର ଆଉ କୌଣସି ଲାଭକ୍ଷତିର ହିସାବକିତାପ ବା ଦର କଷାକଷିର ମନୋଭାବ ରହିବ ନାହିଁ, ନିଜକୁ ଦେଇ ଦେବା ବେଳେ ତା' ବଦଳରେ କିଛି ପାଇବାର କାମନା ରହିବ ନାହିଁ, ଭରସା କରିବା ବେଳେ ତା' ବଦଳରେ ସୁରକ୍ଷିତ ହେବାର ଆଶା ରହିବ ନାହିଁ ଓ ସେଇଧରଣର ବିଶ୍ୱାସ ରଖିବାକୁ ଚାହିଁବ ନାହିଁ ଯାହା ପ୍ରମାଣର ଅପେକ୍ଷା ରଖେ । ଯୋଗ ପଥରେ ଚାଲିବାକୁ ହେଲେ ଏହି ମନୋଭାବ ରଖିବା ସମ୍ପୂର୍ଣ୍ଣ ଅପରିହାର୍ଯ୍ୟ ଏବଂ କେବଳ ଏହି ଭାବଟିହିଁ ତୁମକୁ ଯଥାର୍ଥରେ ସମସ୍ତ ବିପଦରୁ ରକ୍ଷାକରି ନିର୍ଭୟ ଆଶ୍ରୟ ଦେଇପାରିବ ।

ଭଗବତ୍ ଉପସ୍ଥିତିର ଏକ ନିରନ୍ତର ଚେତନା ନେଇ, ଭଗବାନଙ୍କ ପ୍ରତି ଏକ ସମ୍ପୂର୍ଣ୍ଣ ଆତ୍ମ-ନିବେଦନ ନେଇ, ଏବଂ ସେହି ସଂକଳ୍ପରେ ସମଗ୍ର ସତ୍ତାକୁ ସମ୍ପୂର୍ଣ୍ଣ ଏକୀଭୂତ କରି ସବୁକିଛିର ସମ୍ମୁଖୀନ ହୁଅ; ତା'ହେଲେ ତୁମେ ଜୀବନରେ ଯଥାର୍ଥ ଆଗେଇ ପାରିବ, ଯାହାକିଛି ଆସୁ ନା କାହିଁକି ତୁମେ ତା'ର ସମ୍ମୁଖୀନ ହୋଇ ପାରିବ ।

ଯେକୌଣସି କ୍ଷେତ୍ର, ଯେକୌଣସି ପରିବେଶ ହେଉ ପଛକେ ଯେତେବଡ଼ ବିପଦ ଆସୁ ପଛକେ, ସବୁବେଳେ ଏହି ମନୋଭାବଟିକୁ ସମାନ ଭାବରେ ବଜାୟ ରଖିବ – ଅବିଚଳ ସ୍ଥିରତା ଓ ନିଶ୍ଚିତ ନିର୍ଭରତା ।

**– ଶ୍ରୀମା**

# ୪ ଏପ୍ରିଲ ୧୯୧୦
# ସ୍ମୃତି ଓ ପ୍ରତିଶ୍ରୁତି
## ଶ୍ରୀ ବିମଳ ପ୍ରସନ୍ନ ଦାସ

ବିଂଶ ଶତାବ୍ଦୀର ପ୍ରଥମ ଦଶକର ସ୍ମୃତି । ୧୯୦୮ ମସିହାରେ 'ବନ୍ଦେ ମାତରମ୍' ଆନ୍ଦୋଳନରେ ଭାରତୀୟ ଜନମାନସ ଉଦ୍‌ବେଳିତ ହୋଇ ଉଠିଥାଏ । ଭାରତୀୟ ମୁକ୍ତି ସଂଗ୍ରାମର ତୀବ୍ର ଉନ୍ମାଦନାରେ ଗଗନ ପବନ ପ୍ରକମ୍ପିତ । ବ୍ରିଟିଶ ସରକାର ଜାଣିବାକୁ ପାଇଲେ ଏ ଦାବାନଳର ଉତ୍ସ ଶ୍ରୀଅରବିନ୍ଦ ଯିଏ ଏହି ଦେଶର ମୁକ୍ତି ସଂଗ୍ରାମରେ ନିଜକୁ ସମ୍ପୂର୍ଣ୍ଣ ଉତ୍ସର୍ଗ କରି ଦେଇଛନ୍ତି ଓ ଯାହାଙ୍କ ଦୃଷ୍ଟିରେ ଭାରତ ଏକ ଭୌଗୋଳିକ ଭୂଖଣ୍ଡ ମାତ୍ର ନୁହେଁ, ବରଂ ତା'ର ଆତ୍ମା ସ୍ୱୟଂ ମା ଭବାନୀ । ଶ୍ରୀଅରବିନ୍ଦଙ୍କ ବିରୋଧରେ ମିଥ୍ୟା ହତ୍ୟା ଅଭିଯୋଗ ଆଗତ କରି ତାଙ୍କୁ ମେ ମାସ ୨ ତାରିଖର ପ୍ରଭାତରେ ଗିରଫ କରାଯାଇ ପ୍ରଥମେ ଲାଲବଜାର ହାଜତ ଓ ପରେ ପରେ ଆଲିପୁର କାରାଗାରରେ ଗୋଟିଏ ନଅ ଫୁଟ ଦୈର୍ଘ୍ୟ ଓ ପାଞ୍ଚ ଫୁଟ ପ୍ରସ୍ଥ ବିଶିଷ୍ଟ କ୍ଷୁଦ୍ର କକ୍ଷ ମଧ୍ୟରେ ଆବଦ୍ଧ କରି ରଖାଗଲା । ସେସମୟରେ କିଛି କ୍ଷଣ ପାଇଁ ତାଙ୍କର ଭଗବାନଙ୍କ ଉପରେ ଥିବା ବିଶ୍ୱାସ ଟହଲି ଗଲା ଓ ସେ ସମୟରେ ସେ ଭଗବାନଙ୍କୁ ବ୍ୟାକୁଳ ଭାବେ ନିବେଦନ କଲେ । ତାଙ୍କରି ଭାଷାରେ, ''ଅନ୍ତରରେ କାନ୍ଦି କାନ୍ଦି କହିଲି ଏପରି ମୋର କ'ଣ ହେଲା ? ମୁଁ ବିଶ୍ୱାସ କରିଥିଲି ଯେ ଦେଶବାସୀଙ୍କ ପାଇଁ କାର୍ଯ୍ୟ କରିବା ମୋର ଲକ୍ଷ୍ୟ ଥିଲା ଏବଂ ସେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ତୁମେ ମୋତେ ରକ୍ଷା କରିବ । ତାହାହେଲେ ମୁଁ ଏଠାରେ କାହିଁକି ? ମୋ ବିରୁଦ୍ଧରେ ଏପରି ଅଭିଯୋଗ କାହିଁକି ?'' ଏହି ଆକୁଳ ନିବେଦନର ତୃତୀୟ ଦିନରେ ସେ ଅନ୍ତରରୁ ଏକ ବାଣୀ ଶୁଣିବାକୁ ପାଇଲେ, ''ଧୈର୍ଯ୍ୟ ଧର ଏବଂ ଦେଖ'' । ସେ ଶାନ୍ତ ହୋଇ ପ୍ରତୀକ୍ଷା କଲେ । ତାଙ୍କର ପ୍ରଶ୍ନର ଉତ୍ତରରେ ସେ ପୁନର୍ବାର ଅନ୍ତର୍ବାଣୀ ଶୁଣିଲେ : ''ଯେଉଁ ବନ୍ଧନ ଭାଙ୍ଗିବା ପାଇଁ ତୋର ନିଜର ଶକ୍ତି ନଥିଲା, ସେ ବନ୍ଧନ ମୁଁ ତୋ ପାଇଁ ଭାଙ୍ଗି ଦେଇଛି । ମୋର ଇଚ୍ଛା ନୁହେଁ କି କେବେ ବି ମୋର ଉଦ୍ଦେଶ୍ୟ ନଥିଲା ଯେ ତୁ ଏଠାରେ ବନ୍ଦୀ ହୋଇ ଚିରଦିନ ରହିଥିବୁ । ତୋ ସକାଶେ ଆଉ ଏକ କାର୍ଯ୍ୟ ରହିଛି ଏବଂ ସେହି କାରଣରୁ ତୋତେ ଏଠାକୁ ଅଣା ଯାଇଛି । ଯାହା ତୁ ନିଜେ ଶିଖି ପାରି ନଥିଲୁ ତାହା ମୁଁ ତୋତେ ଶିଖାଇବି ଏବଂ ମୋ କାର୍ଯ୍ୟ କରିବା ନିମିତ୍ତ ମୁହିଁ ତୋତେ ତାଲିମ ଦେବି ।'' ତତ୍‌ପରେ ଭଗବାନ୍ ତାଙ୍କ ହାତରେ ଗୀତା ଗ୍ରନ୍ଥ ଦେଲେ । ଭାଗବତୀ ଶକ୍ତିର ସାନ୍ନିଧ ଲାଭ କରି ସେ ତୀବ୍ର ସାଧନା କରିବାକୁ ସମର୍ଥ ହେଲେ । ତାଙ୍କର ପ୍ରତ୍ୟକ୍ଷ ଅନୁଭୂତି ହେଲା ଶ୍ରୀକୃଷ୍ଣ ଅର୍ଜୁନଙ୍କଠାରୁ କ'ଣ ଚାହିଁଥିଲେ ଆଉ ଯେଉଁମାନେ ତାଙ୍କର କାର୍ଯ୍ୟ କରିବାକୁ ଆକାଂକ୍ଷିତ, ସେମାନଙ୍କଠାରୁ ସେ କ'ଣ ଚାହାନ୍ତି । ପୁନର୍ବାର ସେ ଭଗବତ୍ ଉକ୍ତି ଶୁଣିବାକୁ ପାଇଲେ, ''ଏହି ମୋକଦ୍ଦମା ମୋ ବୃହତ୍ତର କାର୍ଯ୍ୟ ପାଇଁ ଏକ ଉପାୟ ମାତ୍ର । ସବୁ ମୁଁ ପରିଚାଳନା କରୁଛି, ତୁ ଭୟ କରନା । ସ୍ମରଣ ରଖ, ମୁଁ ସବୁକିଛି କରୁଛି, ତୁ ନୁହେଁ, ଆଉ କେହି ମଧ୍ୟ ନୁହେଁ । ମୋ କାର୍ଯ୍ୟ କରିବାକୁ ମୁଁ ତୋତେ ଡାକୁଛି । ଆଦେଶ ଦେଉଛି, ଯାଅ ମୋ କାର୍ଯ୍ୟ କର ।''

ବର୍ଷକ ପରେ ମେ ୬ ତାରିଖ ୧୯୦୯ ମସିହାରେ ଶ୍ରୀଅରବିନ୍ଦ କାରାଜୀବନରୁ ମୁକ୍ତି ଲାଭ କଲେ । କାରାଗାର ମଧ୍ୟରେ ତାଙ୍କର ଉପଲବ୍ଧିକୁ ଉପରୋକ୍ତ ଉକ୍ତିରେ ସେ ୧୯୦୯ ମସିହା, ମେ ମାସ ୩୦ ତାରିଖରେ ଉତ୍ତରପଡ଼ାରେ ଏକ ବିପୁଳ ସମାବେଶରେ ଅଭିବ୍ୟକ୍ତ କରିଥିଲେ । ଏହି 'ଉତ୍ତରପଡ଼ା ଅଭିଭାଷଣ'ରେ ଶ୍ରୀଅରବିନ୍ଦ ନିଜର କାରାବାସ ସମୟରେ ସର୍ବଭୂତରେ ଅଧିଷ୍ଠିତ ବାସୁଦେବଙ୍କୁ ସେ କିପରି ସାକ୍ଷାତ୍ କରିଥିଲେ ତାହା ବର୍ଣ୍ଣନା କରିଥିଲେ । ତାଙ୍କର ଏହି ଗୁରୁତ୍ୱପୂର୍ଣ୍ଣ ଅଭିଭାଷଣ ସନାତନ ଧର୍ମର ମହିମମୟ ସ୍ୱାତନ୍ତ୍ର୍ୟ ସମ୍ପର୍କରେ ଏକ ସ୍ୱଷ୍ଟୀକରଣ । ସନାତନ ଧର୍ମର ପୁନରୁତ୍‌ଥାନ ଓ ମାନବଜାତିକୁ ଉଠାଇବାରେ କର୍ମ କରିବାହିଁ ଥିଲା ତାଙ୍କ ପ୍ରତି ଭଗବତ୍ ଆଦେଶ । ଏହି ଲକ୍ଷ୍ୟ ଦିଗରେ ଶ୍ରୀଅରବିନ୍ଦ ଇଂରାଜୀରେ ''କର୍ମଯୋଗିନ୍'' ଓ ବଙ୍ଗଳାରେ ''ଧର୍ମ'' ନାମରେ ଦୁଇଟି ସାପ୍ତାହିକ ପତ୍ରିକା ଯଥାକ୍ରମେ ୧୯୦୯ରେ ଜୁନ୍ ୧୯ ଓ ଅଗଷ୍ଟ ୨୩ରେ ପ୍ରକାଶ କଲେ ।

'କର୍ମଯୋଗିନ୍'ରେ ଜାତୀୟ ଧର୍ମ, ସାହିତ୍ୟ, ବିଜ୍ଞାନ ଓ ଦର୍ଶନ ସହ ବିଭିନ୍ନ ସାମାଜିକ ସମସ୍ୟା ଆଲୋଚିତ ହେଉଥିଲା । ମାତ୍ର ବ୍ରିଟିଶ ସରକାର ସେଥିରେ ପ୍ରକାଶିତ ଲେଖାକୁ ରାଜଦ୍ରୋହ ଭାବରେ ବିବେଚନା କରୁଥିଲେ । କାରଣ ଇଂରେଜ ସରକାର ଶ୍ରୀଅରବିନ୍ଦଙ୍କ ଉଦ୍ଦେଶ୍ୟ ସମ୍ପର୍କରେ ଆଦୌ ନିଶ୍ଚିତ ହୋଇପାରୁ ନଥିଲେ । ସେ ହୁଏତ ଗୋପନରେ ଏକ ଭୀଷଣ ବିପ୍ଳବ ବା ବିଦ୍ରୋହ ଯୋଜନା କରୁଥିବେ – ଏହାହିଁ ଥିଲା ସରକାରୀ କର୍ମକର୍ତ୍ତାଙ୍କର ଆଶଙ୍କା । ବ୍ରିଟିଶ ସରକାର ନିଶ୍ଚିତ ଥିଲେ ଯେ 'ସମଗ୍ର ଭାରତ ବର୍ଷରେ ଶ୍ରୀଅରବିନ୍ଦ ହେଉଛନ୍ତି ସବୁଠାରୁ ବିପଜ୍ଜନକ ମଣିଷ' – ଉଭୟ ବଙ୍ଗଳାର ଗଭର୍ଣ୍ଣର ଏବଂ ଭାରତର ଗଭର୍ଣ୍ଣର ଜେନେରାଲ୍ ଏ ବିଷୟରେ ଏକମତ ଥିଲେ । କୌଣସି ଏକ ଆଳରେ ସରକାର ତାଙ୍କୁ ପୁନର୍ବାର କାରାରୁଦ୍ଧ କରିବାକୁ, ଏପରିକି ସମ୍ଭବ ହେଲେ ଦ୍ୱୀପାନ୍ତର ଦଣ୍ଡ ଦେବାକୁ ଚିନ୍ତା କରୁଥିବାର ଭଗିନୀ ନିବେଦିତା ଶ୍ରୀଅରବିନ୍ଦଙ୍କୁ ଜଣାଇବା ସହିତ ଆତ୍ମ-ଗୋପନ କରିବାକୁ ପରାମର୍ଶ ଦେଇଥିଲେ । କିନ୍ତୁ ସେତେବେଳକୁ ଶ୍ରୀଅରବିନ୍ଦ ନିଜ ବୁଦ୍ଧି ଓ ବିଚାରର ଆଶ୍ରୟ ନେଇ କିଛି କରୁ ନଥିଲେ । ପ୍ରତ୍ୟେକ କର୍ମ ପାଇଁ ଅନ୍ତରର ପ୍ରେରଣା ଅଥବା ଭଗବତ୍ ଆଦେଶ ଉପରେ ନିର୍ଭର କରୁଥିଲେ ।

ଘଟଣାକ୍ରମେ ଦିନେ ଏକ ସଙ୍ଗୀନ ମୁହୂର୍ତ୍ତରେ କର୍ମଯୋଗୀନ୍ ଅଫିସରେ ଥିବାବେଳେ ସେ ଶୁଣିଲେ ସେହି ଦିବ୍ୟ-ଆଦେଶ, 'ଚନ୍ଦନ ନଗର ଚାଲିଯାଅ' । ମାତ୍ର ୧୫ ମିନିଟ ମଧ୍ୟରେ ପ୍ରସ୍ତୁତ ହୋଇ ଶ୍ରୀଅରବିନ୍ଦ ଦୁଇଜଣ ଅନୁଗାମୀଙ୍କ ସହିତ ଗଙ୍ଗାକୂଳରେ ପହଞ୍ଚିଲେ ଓ ନୌକାରେ ଚନ୍ଦନ ନଗର ଯାତ୍ରା କଲେ । ତାଙ୍କ ଘର ଉପରେ କଡ଼ା ନଜର ରଖିଥିବା ବ୍ରିଟିଶ ସରକାର କିଛି ଜାଣି ପାରିଲେ ନାହିଁ । ଏହାହିଁ ବିସ୍ମୟ । ଅଳ୍ପ କେତୋଟି ଦିନ ପରେ ପୁଣି ଆଦେଶ ପାଇଲେ, 'ପଣ୍ଡିଚେରୀ ଯାଅ' । କଲିକତାର ଚାନ୍ଦବାଲି ବନ୍ଦରରୁ ଏସ୍. ଏସ୍. ଡ୍ୟୁପ୍ଲେ ଜାହାଜ ଯୋଗେ ଶ୍ରୀଅରବିନ୍ଦ ତତ୍କାଳୀନ ଫରାସୀ ଉପନିବେଶ ପଣ୍ଡିଚେରୀ ଉଦ୍ଦେଶ୍ୟରେ ଯାତ୍ରା କଲେ ଅପ୍ରେଲ ପହିଲା ୧୯୧୦ ମସିହାର ପ୍ରଭାତରେ । ଏଇଠି ଉଦ୍‌ଯାପିତ ହେଲା ତାଙ୍କର ରାଜନୀତିକ ଜୀବନର ଏକ ବୈପ୍ଳବିକ ପର୍ଯ୍ୟାୟ ।

୪ ଏପ୍ରିଲ ୧୯୧୦ ମସିହାର ଅପରାହ୍ଣ ପ୍ରାୟ ସାଢ଼େ ୪ଟା ବେଳେ ଶ୍ରୀଅରବିନ୍ଦ ଏକଦା ଋଷି ଅଗସ୍ତ୍ୟଙ୍କର ପବିତ୍ର ତପୋଭୂମି ଭାବରେ ସ୍ମୃତି ଓ ସ୍ୱୀକୃତି ବହନ କରିଥିବା ପଣ୍ଡିଚେରୀରେ ପ୍ରଥମେ ପଦାର୍ପଣ କଲେ ଏବଂ ଆରମ୍ଭ ହେଲା ବିଧିନିର୍ଦ୍ଦିଷ୍ଟ ମଣିଷଜାତିର ପୁନରୁତ୍ଥାନ ତଥା ପୃଥିବୀକୁ ସନାତନ ଧର୍ମର ମହାର୍ଘ ଅବଦାନକୁ ବିଶ୍ୱ ଦରବାରରେ ପ୍ରମାଣିତ ଓ ପ୍ରତିଷ୍ଠିତ କରିବା ଉଦ୍ଦେଶ୍ୟରେ ମହାଯୋଗୀ ଶ୍ରୀଅରବିନ୍ଦଙ୍କର ଦୀର୍ଘ ୪୦ ବର୍ଷର କଠୋର ତପସ୍ୟା –୧୯୫୦ ମସିହା ଡିସେମ୍ବର ୫ ତାରିଖରେ ତାଙ୍କର ମହାପ୍ରୟାଣ ପର୍ଯ୍ୟନ୍ତ ।

ପଣ୍ଡିଚେରୀର ଆଉ ଏକ ଅବିସ୍ମରଣୀୟ ଅପରାହ୍ଣ ଯେଉଁ ଦିନ ପ୍ରେମ-କରୁଣାର ମୂର୍ତ୍ତିମୟୀ ବିଗ୍ରହ ଦିବ୍ୟଜନନୀ ଶ୍ରୀମା ୧୯୧୪ ମସିହା ମାର୍ଚ୍ଚ ୨୯ ତାରିଖରେ ଏଠାରେ ପଦାର୍ପଣ କଲେ । ଶ୍ରୀଅରବିନ୍ଦଙ୍କ ସହିତ ପ୍ରଥମ ଦର୍ଶନ ପରେ ସେ ୩୦ ମାର୍ଚ୍ଚ ୧୯୧୪ ମସିହାରେ ତାଙ୍କର ଦିନଲିପି 'ଧ୍ୟାନ ଓ ପ୍ରାର୍ଥନା'ରେ ଲିପିବଦ୍ଧ କରିଛନ୍ତି, ''ଶତ ଶତ ଜୀବ ଯଦି ଗାଢ଼ତମ ଅଜ୍ଞାନ ମଧ୍ୟରେ ଡୁବି ରହିଥାଆନ୍ତି, ସେଥିରେ କିଛି ଯାଏ ଆସେ ନାହିଁ । କାଲି ମୁଁ ଯାହାଙ୍କୁ ଦେଖିଲି ସେ ପୃଥିବୀ ଉପରେ ବିଦ୍ୟମାନ । ତାଙ୍କର ଉପସ୍ଥିତିହିଁ ଯଥେଷ୍ଟ ପ୍ରମାଣ ଯେ ଏପରି ଏକ ଦିନ ଆସିବ ଯେତେବେଳେ ଅନ୍ଧକାର ଆଲୋକରେ ରୂପାନ୍ତରିତ ହେବ, ତୁମର ରାଜତ୍ୱ ଯଥାର୍ଥରେ ପୃଥିବୀ ଉପରେ ପ୍ରତିଷ୍ଠିତ ହେବ ।''

ପ୍ରଥମ ବିଶ୍ୱଯୁଦ୍ଧ ସକାଶେ ଶ୍ରୀମା ଫେବ୍ରୁଆରୀ ୨୨ ତାରିଖ ୧୯୧୫ରେ ପଣ୍ଡିଚେରୀ ଛାଡ଼ି ଫ୍ରାନ୍ସ ଫେରିଗଲେ ଓ ୧୯୨୦ ଏପ୍ରିଲ ୨୪ ତାରିଖରେ ସବୁଦିନ ପାଇଁ ପଣ୍ଡିଚେରୀ ଚାଲି ଆସିଲେ । ତା'ପରେ ଉଭୟଙ୍କ ତପସ୍ୟା ବିଧିନିର୍ଦ୍ଦିଷ୍ଟ ଗୋଟିଏ ଲକ୍ଷ୍ୟରେହିଁ ଅଗ୍ରସର ହେଲା । ଏହାର ଫଳଶ୍ରୁତି ସ୍ୱରୂପ ସୃଷ୍ଟି ହେଲା ରାଶି ରାଶି ଗ୍ରନ୍ଥ ଯାହା ଆଜିର ଅମାନୁଷିକତାରୁ ମରଣମୁଖୀ ଜୀବନ ଓ ଜଗତକୁ ଅତିମାନସିକତାରେ ଅଭିମନ୍ତ୍ରିତ କରୁଛି – ଅମରତ୍ୱର ପ୍ରତିଶ୍ରୁତି ଦେଉଛି ।

ଶ୍ରୀଅରବିନ୍ଦ ଆଶ୍ରମ ପଣ୍ଡିଚେରୀ ଏକ ନୂତନ ବିଶ୍ୱର କ୍ଷୁଦ୍ର ସଂସ୍କରଣ । ଅନ୍ତଃହୀନ ଶିକ୍ଷା, ନିରବଚ୍ଛିନ୍ନ ସାଧନା ଓ କାଳଜୟୀ ତାରୁଣ୍ୟର ତପୋଭୂମି । ଜୀବନ ଓ ପ୍ରକୃତିକୁ ରୂପାନ୍ତରିତ କରି ଦିବ୍ୟଜୀବନର ଅଧିକାରୀ ହେବାର ବାର୍ତ୍ତାରେ ଏହାର ପରିବେଶ ମୂର୍ଚ୍ଛିତ । ଜୀବନ ଓ ଜଗତର ଭବିଷ୍ୟତ୍ ପାଇଁ ବିପୁଳ ସମ୍ଭାବନା, ମହାନ୍ ଭରସା ଓ ପରମ ଆଶ୍ୱାସନା ନେଇ ଏ ଆଶ୍ରମ ଓ ଉଷା ନଗରୀ ଅରୋଭିଲର 'ମାତୃ ମନ୍ଦିର' ଏକ ମହାନ୍ ତୀର୍ଥକ୍ଷେତ୍ର । ଏହାହିଁ ଏପ୍ରିଲ ୪ ତାରିଖ ୧୯୧୦ର ପ୍ରତିଶ୍ରୁତି । ❖

ସାଧନା-ପରମ୍ପରା :

# ଅଷ୍ଟାବକ୍ର ସଂହିତା

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

## ଅଷ୍ଟଦଶ-ପ୍ରକରଣ (ଶାନ୍ତି ଶତକ)

ଜଡ଼-ଭାବାପନ୍ନ ବ୍ୟକ୍ତିମାନେ ଅଭ୍ୟାସ ପରାୟଣ ହେଲେ ମଧ ଶୁଦ୍ଧ, ବୁଦ୍ଧ, ପ୍ରିୟ, ପୂର୍ଣ୍ଣ, ନିଷ୍ପ୍ରପଞ୍ଚ, ନିରାମୟ ଆତ୍ମାକୁ ଜାଣି ପାରନ୍ତି ନାହିଁ ।୩୫। ବିମୂଢ଼ ଲୋକମାନେ ଅଭ୍ୟାସରୂପୀ କର୍ମ ଦ୍ୱାରା ମୋକ୍ଷ ଲାଭ କରିପାରନ୍ତି ନାହିଁ, କିନ୍ତୁ ବିଜ୍ଞ ବ୍ୟକ୍ତିମାନେ ତତ୍ତ୍ୱଜ୍ଞାନ ବଳରେ ମୁକ୍ତିରେହିଁ ଅବସ୍ଥାନ କରନ୍ତି ।୩୬। ମୂଢ଼ ବ୍ୟକ୍ତିମାନେ ବ୍ରହ୍ମୋପଲବ୍ଧି ପାଇଁ ଯେତେ ଇଚ୍ଛା କଲେ ମଧ ବ୍ରହ୍ମଲାଭ କରି ପାରନ୍ତି ନାହିଁ, କିନ୍ତୁ ଧୀର ବ୍ୟକ୍ତି କୌଣସି କିଛି ପାଇଁ ଇଚ୍ଛା ନ କରି, ନିଃସ୍ପୃହ ରହି ପରମବ୍ରହ୍ମର ସ୍ୱରୂପ ଲାଭ କରନ୍ତି ।୩୭। ମୂଢ଼ ଲୋକମାନେ ମୁକ୍ତିଲାଭ ପାଇଁ ଅତ୍ୟଧିକ ଆଗ୍ରହୀ ଓ ବ୍ୟଗ୍ର ହୋଇ ପଡ଼ି ସଂସାର-ପୋଷକ ରୂପେ ବାରଂବାର ସଂସାରକୁ ଫେରିଆସନ୍ତି କିନ୍ତୁ ଜ୍ଞାନୀ ଲୋକମାନେ ସଂସାର ରୂପକ ଅନର୍ଥ ମୂଳରେ ଥିବା ଅଜ୍ଞାନର ମୂଳଚ୍ଛେଦ କରି ଦିଅନ୍ତି ।୩୮। ଶାନ୍ତି ପାଇଁ ଯେତେ ଇଚ୍ଛା କଲେ ମଧ ମୂଢ଼ ଲୋକମାନେ ଶାନ୍ତିଲାଭ କରି ପାରନ୍ତି ନାହିଁ, କିନ୍ତୁ ଧୀର ବ୍ୟକ୍ତି ତତ୍ତ୍ୱ ବିଷୟରେ ନିଶ୍ଚୟ ହୋଇ ସର୍ବଦା ଶାନ୍ତିରେହିଁ ଅବସ୍ଥାନ କରନ୍ତି ।୩୯। ଯେଉଁ ବ୍ୟକ୍ତି ବାହ୍ୟ ଦୃଷ୍ଟ ବସ୍ତୁକୁ ନିଜର ଅବଲମ୍ବନ କରିଥାଏ, ତାହାର ଆତ୍ମଦର୍ଶନ ହେବ କିପରି ? ଧୀର ବ୍ୟକ୍ତିମାନେ ବାହ୍ୟ ଦୃଷ୍ଟ ବସ୍ତୁକୁ ନ ଦେଖି ଅଦ୍ୱୈୟ ଆତ୍ମାକୁହିଁ ଦର୍ଶନ କରି ଥାଆନ୍ତି ।୪୦।

ଯେଉଁ ବ୍ୟକ୍ତି ନିରୋଧ ଲାଭ କରିବା ପାଇଁ ନିର୍ବନ୍ଧ ପ୍ରକାଶ କରିଥାଆନ୍ତି ସେହି ବିମୂଢ଼ ବ୍ୟକ୍ତିର ନିରୋଧ ଲାଭ ହେବ କିପରି ? କିନ୍ତୁ ଆତ୍ମାରାମ ଧୀର ବ୍ୟକ୍ତିଙ୍କର ସର୍ବଦା ଅକୃତ୍ରିମ ଭାବରେ ସ୍ୱତଃ ନିରୋଧ ଲାଭ ହୋଇଥାଏ ।୪୧। କେତେକ ଭାବ ଅସ୍ତିତ୍ୱକୁ ସ୍ୱୀକାର କରେ, ଅନ୍ୟ କେତେକ ଭାବ ତାହାକୁ ସ୍ୱୀକାର କରେ ନାହିଁ, କିନ୍ତୁ ଆତ୍ମଜ୍ଞାନୀ ଉଭୟବିଧ ଭାବଶୂନ୍ୟ ହୋଇ ନିରାକୁଳ ଭାବରେ ଅବସ୍ଥାନ କରନ୍ତି ।୪୨। କୁବୁଦ୍ଧି ସମ୍ପନ୍ନ ବ୍ୟକ୍ତିମାନେ ଶୁଦ୍ଧ ଅଦ୍ୱୈୟ ଆତ୍ମାର ଭାବନା କରନ୍ତି ସତ କିନ୍ତୁ ମୋହଗ୍ରସ୍ତ ହୋଇ ତାହା ଜାଣିବାକୁ ସମର୍ଥ ହୁଅନ୍ତି ନାହିଁ ଓ ସାରା ଜୀବନ ଅଶାନ୍ତି ଭୋଗ କରନ୍ତି ।୪୩। ଯେଉଁ ବ୍ୟକ୍ତି ମୁକ୍ତି କାମନା କରେ ତାହାର ବୁଦ୍ଧି ଅବଲମ୍ବନ ବିନା ରହିପାରେ ନାହିଁ, କିନ୍ତୁ ଯେ ମୁକ୍ତ, ସେ ନିଷ୍କାମ ଓ ତା'ର ବୁଦ୍ଧି ନିରାଲମ୍ବ ।୪୪। ବିଷୟ ରୂପ ବ୍ୟାଘ୍ର ଦର୍ଶନରେ ଭୟଭୀତ ହୋଇ ଶରଣାର୍ଥୀମାନେ ନିରୋଧ ଓ ଏକାଗ୍ରତାର ସିଦ୍ଧି ପାଇଁ ଗିରିଗୁହାର ଆଶ୍ରୟ ନିଅନ୍ତି ।୪୫। କିନ୍ତୁ ବିଷୟ ରୂପ ହସ୍ତିଗଣ ନିଷ୍କାମ, ବାସନାଶୂନ୍ୟ ପୁରୁଷ ସିଂହକୁ ଦର୍ଶନ କରି ମୌନ ଭାବରେ ପଳାୟନ କରନ୍ତି, ଯଦି ପଳାୟନ କରିବା ପାଇଁ ଅସମର୍ଥ ହୁଅନ୍ତି ତା'ହେଲେ ଚାଟୁକାର ରୂପେ ସେହି ପୁରୁଷ ସିଂହର ସେବାରେ ନିୟୋଜିତ ହୁଅନ୍ତି ।୪୬।

ମୁକ୍ତ ଚିତ୍ତ ନିଃଶଙ୍କ ବ୍ୟକ୍ତି ମୁକ୍ତିକାରକ ବିଶେଷ କୌଣସି କାର୍ଯ୍ୟକୁ ଅବଲମ୍ବନ ରୂପେ ଧରନ୍ତି ନାହିଁ; ସେ ଯଥା ସୁଖରେ ରହି ଦର୍ଶନ, ଶ୍ରବଣ, ସ୍ପର୍ଶ, ଆଘ୍ରାଣ ଓ ଭୋଜନ ଆଦି କର୍ମ କରି ଯାଆନ୍ତି ।୪୭। ଯେଉଁ ବ୍ୟକ୍ତି ତତ୍ତ୍ୱର ଶ୍ରବଣ ମାତ୍ରେହିଁ ଶୁଦ୍ଧ ବୁଦ୍ଧି ଓ ନିରାକୁଳ ହୁଅନ୍ତି ସେ ଆଚାର, ଅନାଚାର, ଉଦାସୀନତା ଆଦି ପ୍ରତି ଦୃଷ୍ଟିପାତ କରନ୍ତି ନାହିଁ ।୪୮। ଯେତେବେଳେ ଯେଉଁ କର୍ମ ଉପସ୍ଥିତ ହୁଏ, ସେହି ସରଳ ଜ୍ଞାନୀ ବ୍ୟକ୍ତି ତାହା ସମ୍ପାଦନ କରନ୍ତି, କ'ଣ ଶୁଭ ଓ କ'ଣ ଅଶୁଭ, ସେବିଷୟରେ ସେ କିଛି ବିବେଚନା କରନ୍ତି ନାହିଁ । ତାଙ୍କର ସମସ୍ତ କାର୍ଯ୍ୟ ଓ ଚେଷ୍ଟା ବାଳକଙ୍କ ପରି ହୋଇଥାଏ ।୪୯। ସ୍ୱାତନ୍ତ୍ର୍ୟରୁହିଁ ସୁଖଲାଭ ହୋଇଥାଏ, ସ୍ୱାତନ୍ତ୍ର୍ୟରୁହିଁ ପରମ ଶାନ୍ତିଲାଭ ଓ ନିବୃତ୍ତି ମିଳିଥାଏ ଓ ସ୍ୱାତନ୍ତ୍ର୍ୟରୁହିଁ ପରମପଦ ଲାଭ ହୋଇଥାଏ ।୫୦।

ଯେତେବେଳେ ଆତ୍ମାର ଅକର୍ତ୍ତୃତ୍ୱ ଓ ଅଭୋକ୍ତୃତ୍ୱ ଜ୍ଞାନ ଜନ୍ମ ନିଏ, ଅର୍ଥାତ୍ ଏହି ଜ୍ଞାନ ଆସେ ଯେ ଆତ୍ମା କିଛି ବି କରେ ନାହିଁ ବା କିଛି ବି ଭୋଗ କରେ ନାହିଁ ସେତେବେଳେ ସମସ୍ତ ସଂସାର ବୁଦ୍ଧି ଓ ଚିତ୍ତବୃତ୍ତି କ୍ଷୀଣ ହୋଇଯାଏ ।୫୧। ଧୀର ଜ୍ଞାନୀ ବ୍ୟକ୍ତିର ସ୍ଥିତି ଉଚ୍ଛୃଙ୍ଖଳ ହେଲେ ମଧ ତାହା ଅକୃତ୍ରିମ ରୂପେ ଶୋଭାପାଏ, କିନ୍ତୁ ସକାମ ମୂଢ଼ ବ୍ୟକ୍ତିର ଶାନ୍ତି କୃତ୍ରିମ ।୫୨। ଯେଉଁ ସମସ୍ତ ବ୍ୟକ୍ତି ନିଷ୍କାମ, କଳ୍ପନା-ନିରସ୍ତ, ଧୀର, ବନ୍ଧନହୀନ ଓ ମୁକ୍ତଚିତ୍ତ ସେମାନେ ମହାଭୋଗ ସହ ବିଳାସ କରି ପାରନ୍ତି, ପୁଣି ଗିରି ଗୁହାରେ ଆଶ୍ରୟ ନେଇ ମଧ ଶାନ୍ତି ଲାଭ କରି ପାରନ୍ତି ।୫୩। ଧୀର ବ୍ୟକ୍ତିମାନେ ବେଦଜ୍ଞ ବ୍ୟକ୍ତିଙ୍କୁ ଓ ଦେବତା,

ତୀର୍ଥ, କାମିନୀ, ରାଜା ବା ପ୍ରିୟ ବ୍ୟକ୍ତିମାନଙ୍କୁ ଦେଖିଲେ ସମ୍ମାନ ଜଣାନ୍ତି ସତ, କିନ୍ତୁ ସେମାନଙ୍କ ହୃଦୟରେ କୌଣସି ବାସନା ନ ଥାଏ ।୫୪। ଭୃତ୍ୟ, ପୁତ୍ର, କଳତ୍ର, ଦୌହିତ୍ର ବା ଜ୍ଞାତିମାନଙ୍କ ଦ୍ୱାରା ଉପହସିତ ବା ଧିକ୍କୃତ ହେଲେ ମଧ୍ୟ ଯୋଗୀର ହୃଦୟରେ ବିନ୍ଦୁମାତ୍ର ବିକାର ଦେଖାଦିଏ ନାହିଁ ।୫୫।

ଯୋଗୀ ସନ୍ତୁଷ୍ଟ ହେଲେ ମଧ୍ୟ ସନ୍ତୋଷ ପ୍ରକାଶ କରେ ନାହିଁ, କ୍ଷୁଣ୍ଣ ହେଲେ ମଧ୍ୟ ଖେଦ ପ୍ରକାଶ କରେ ନାହିଁ, ତାହାର ଏହି ଆଶ୍ଚର୍ଯ୍ୟଜନକ ଅବସ୍ଥା କେବଳ ସେହିଁ ଜାଣିପାରେ ।୫୬। କର୍ତ୍ତବ୍ୟହିଁ ସଂସାର, କିନ୍ତୁ ଜ୍ଞାନିଗଣ ସେଥିପ୍ରତି ଦୃଷ୍ଟି ଦିଅନ୍ତି ନାହିଁ, ସେମାନେ ଶୂନ୍ୟାକାର, ନିରାକାର, ନିର୍ବିକାର ଓ ନିରାମୟ ହୋଇ ଅବସ୍ଥାନ କରନ୍ତି ।୫୭। ମୂଢ଼ ବୁଦ୍ଧି ବ୍ୟକ୍ତି କୌଣସି କାର୍ଯ୍ୟ ନ କରି ମଧ୍ୟ ସଂକ୍ଷୋଭ ହେତୁ ସର୍ବତ୍ର ବ୍ୟଗ୍ର ହୋଇପଡ଼େ, କିନ୍ତୁ କୁଶଳୀ ବ୍ୟକ୍ତି କାର୍ଯ୍ୟ କରି ମଧ୍ୟ ନିରାକୁଳ ଭାବେ ଅବସ୍ଥାନ କରିଥାଏ ।୫୮। ଶାନ୍ତ ଚିତ୍ତ ବ୍ୟକ୍ତି ସୁଖରେ ରହିଥାଏ, ସୁଖରେ ଶୟନ କରେ, ସୁଖରେ ଗମନାଗମନ କରେ, ସୁଖରେ କଥାବାର୍ତ୍ତା କରେ, ସୁଖରେ ଭୋଜନ କରେ ଓ ତା'ର ସମସ୍ତ ବ୍ୟବହାର ସୁଖମୟହିଁ ହୋଇଥାଏ ।୫୯। ଯେଉଁ ବ୍ୟକ୍ତି ସଂସାରୀ ଲୋକ ପରି ବ୍ୟବହାର କରି ମଧ୍ୟ ତହିଁରେ କୌଣସି ଆସକ୍ତି ବା ଆର୍ତ୍ତଭାବ ପ୍ରଦର୍ଶନ କରେ ନାହିଁ, ସେ ଏକ ମହାହ୍ରଦ ପରି ଅବିକ୍ଷୁବ୍ଧ ଓ କ୍ଲେଶ ବିହୀନ ହୋଇ ଶୋଭାପାଏ ।୬୦।

ମୂଢ଼ ବ୍ୟକ୍ତିର ନିବୃତ୍ତି ମଧ୍ୟ ପ୍ରବୃତ୍ତି ସ୍ୱରୂପ ହୋଇଥାଏ, କିନ୍ତୁ ଧୀର ବ୍ୟକ୍ତିର ପ୍ରବୃତ୍ତି ମଧ୍ୟ ନିବୃତ୍ତିର ଫଳପ୍ରଦାନ କରିଥାଏ ।୬୧। ଗ୍ରହଣୀୟ ବିଷୟରେ ମୂଢ଼ ଲୋକର ବୈରାଗ୍ୟ ଦେଖାଯାଏ, କିନ୍ତୁ ଯେଉଁ ଜ୍ଞାନୀ ବ୍ୟକ୍ତିର ଦେହ ସମ୍ପର୍କରେ ସମସ୍ତ ଆଶା ବିଗଳିତ ହୋଇ ଯାଇଥାଏ, ତାହାର ଅନୁରାଗ ବା କେଉଁଠି ଅବା ବିରାଗ ବା କେଉଁଠି ? ।୬୨। ମୂଢ଼ ବ୍ୟକ୍ତିର ଦୃଷ୍ଟି ସର୍ବଦା ଭାବନା ଓ ଅଭାବନାରେ ଆସକ୍ତ ରହିଥାଏ, କିନ୍ତୁ ଜ୍ଞାନୀ ବ୍ୟକ୍ତିର ଦୃଷ୍ଟି ଭାବନାଯୁକ୍ତ ହେଲେ ମଧ୍ୟ ତାହାର ସେହି ଦୃଷ୍ଟିକୁ ଅଦୃଷ୍ଟି ସ୍ୱରୂପ ବୋଲି କୁହାଯିବ ।୬୩। ଯେଉଁ ଯୋଗୀ ସମସ୍ତ କାର୍ଯ୍ୟରେ ନିଷ୍କାମ ହୋଇ ବାଳକ ପରି ଆଚରଣ କରନ୍ତି, ସେହି ଶୁଦ୍ଧ ଚେତା ବ୍ୟକ୍ତି କାର୍ଯ୍ୟ କଲେ ମଧ୍ୟ କୌଣସି କିଛିରେ ଲିପ୍ତ ହୁଅନ୍ତି ନାହିଁ ।୬୪। ଯେଉଁ ବ୍ୟକ୍ତି ଦର୍ଶନ, ଶ୍ରବଣ, ସ୍ପର୍ଶ, ଆଘ୍ରାଣ, ଭୋଜନ ପ୍ରଭୃତି କରି ମଧ୍ୟ ଅନାସକ୍ତ ଚିତ୍ତ ହୋଇ ରହିଥାଆନ୍ତି, ସର୍ବ ଭାବରେ ସମଦର୍ଶୀ ସେହି ଆତ୍ମଜ୍ଞ ବ୍ୟକ୍ତି ହିଁ ଧନ୍ୟ ।୬୫।।

ଆକାଶ ପରି ସର୍ବଦା ଧୀର ଓ ନିର୍ବିକଳ୍ପ ବ୍ୟକ୍ତିର ସଂସାର ବା କେଉଁଠି, ସଂସାରର ଆଭାସ ବି କେଉଁଠି, ତାଙ୍କ ପାଇଁ ସାଧ୍ୟ ବା କେଉଁଠି, ସାଧନା ବା କେଉଁଠି ? ।୬୬। ଯେଉଁ ସନ୍ନ୍ୟାସୀ ପୂର୍ଣ୍ଣ ଆତ୍ମାନନ୍ଦମୟ ରସ-ମୂର୍ତ୍ତି ସ୍ୱରୂପ ଏବଂ ସମସ୍ତ ବିଷୟରେ ଅନବଚ୍ଛିନ୍ନ ଭାବରେ ଯାହାଙ୍କର ଅକୃତ୍ରିମ ସମାଧି ବିଦ୍ୟମାନ, ସେହିଁ ଯଥାର୍ଥରେ ଜୟଲାଭ କରିଛନ୍ତି ।୬୭। ଅଧିକ କ'ଣ କହିବା, ଭୋଗ ବା ମୋକ୍ଷରେ ଯାହାଙ୍କର କୌଣସି ଆକାଂକ୍ଷା ନାହିଁ, ଯେ ସର୍ବଦା ସର୍ବତ୍ର ନିଃସ୍ପୃହ, ସେହି ମହାଶୟହିଁ ତତ୍ତ୍ୱଜ୍ଞ ।୬୮। ମହତ୍ତତ୍ତ୍ୱଠାରୁ ଜଗତ୍ ପର୍ଯ୍ୟନ୍ତ ସମସ୍ତ ଦ୍ୱୈତ ବସ୍ତୁହିଁ ନାମ ମାତ୍ର ଓ ଅଳୀକ । ଯେଉଁ ଜ୍ଞାନୀ ବ୍ୟକ୍ତି ଏସମସ୍ତକୁ ପରିତ୍ୟାଗ କରି ଶୁଦ୍ଧ ବୋଧରେ ଅବସ୍ଥାନ କରନ୍ତି, ତାଙ୍କ ପାଇଁ ଆଉ କରିବାର କ'ଣ ରହିପାରେ ? ।୬୯। ଦୃଶ୍ୟମାନ ସମସ୍ତ ପଦାର୍ଥହିଁ ଭ୍ରମପୂର୍ଣ୍ଣ, ସେଗୁଡ଼ିକର କୌଣସି ଅସ୍ତିତ୍ୱ ନାହିଁ, ଅର୍ଥାତ୍ ସେ ସମସ୍ତହିଁ ମିଥ୍ୟା; ଯେଉଁ ବ୍ୟକ୍ତି ଏହା ନିଶ୍ଚୟ କରିଛନ୍ତି, ସେହି ଅଲକ୍ଷ୍ୟ ସ୍ଫୁରଣ, ଶୁଦ୍ଧଚେତା ବ୍ୟକ୍ତି ସ୍ୱଭାବତଃ ହିଁ ଶାନ୍ତିଲାଭ କରନ୍ତି ।୭୦।

ଯେ ଶୁଦ୍ଧ ଆତ୍ମସ୍ଫୂର୍ତ୍ତିରେ ବାସ କରନ୍ତି, ଦୃଶ୍ୟଭାବ ନେଇ କୌଣସି କିଛିକୁ ଦେଖନ୍ତି ନାହିଁ, ସେପରି ବ୍ୟକ୍ତିଙ୍କ ପାଇଁ ବିଧି କେଉଁଠି, ବୈରାଗ୍ୟ ବା କେଉଁଠି, ତ୍ୟାଗ କେଉଁଠି, ଶାନ୍ତି ବା କେଉଁଠି ? ।୭୧। ଯେ ଅନନ୍ତ ରୂପରେ ସ୍ଫୂର୍ତ୍ତିଲାଭ କରିଛନ୍ତି, ପ୍ରକୃତିର ରୂପକୁ ଦେଖନ୍ତି ନାହିଁ, ତାଙ୍କ ପାଇଁ ବନ୍ଧନ ବା କେଉଁଠି, ମୋକ୍ଷ ବା କେଉଁଠି, ହର୍ଷ ବା କେଉଁଠି, ବିଷାଦ ବା କେଉଁଠି ? ।୭୨। ବୁଦ୍ଧି ପର୍ଯ୍ୟନ୍ତ ଏହି ସଂସାରର ସୀମା, ଏହି ସଂସାର କେବଳ ମାୟାରେ ବିବର୍ତ୍ତିତ ହେଉଛି, ଏହି ଜ୍ଞାନ ଲାଭ କରି ଧୀର, ବିଜ୍ଞ ବ୍ୟକ୍ତିମାନେ ମମତାହୀନ, ନିରହଂକାର ଓ ନିଷ୍କାମ ହୋଇ ଶୋଭା ପାଆନ୍ତି ।୭୩। ଯେଉଁ ଯୋଗୀ ଆତ୍ମାକୁ ଅକ୍ଷୟ ଓ ସନ୍ତାପ-ଶୂନ୍ୟ ରୂପରେ ଦର୍ଶନ କରନ୍ତି, ତାଙ୍କ ନିକଟରେ ବିଦ୍ୟା ବା କେଉଁଠି, ବିଶ୍ୱ ବା କେଉଁଠି, ଦେହ ବା କେଉଁଠି, ମମ ଭାବ ବା କେଉଁଠି ? ।୭୪। ଜଡ଼ ବୁଦ୍ଧି-ସମ୍ପନ୍ନ ଲୋକ ନିରୋଧ ଆଦି କର୍ମ ପରିତ୍ୟାଗ କରିବା ମାତ୍ରକେ ମନୋଭିଳାଷ ପୂରଣ ପାଇଁ ପ୍ରଳାପ ସଦୃଶ୍ୟ କର୍ମରେ କର୍ତ୍ତୃଭାବ ନେଇ ପ୍ରବୃତ୍ତ ହୁଅନ୍ତି ।୭୫।

ମନ୍ଦବୁଦ୍ଧି ସମ୍ପନ୍ନ ବ୍ୟକ୍ତି ତତ୍ତ୍ୱବସ୍ତୁର ବିଷୟ ଶ୍ରବଣ କରି ମଧ୍ୟ ବିମୂଢ଼ତା ପରିତ୍ୟାଗ କରି ପାରନ୍ତି ନାହିଁ । ଯତ୍ନ ଆଦି ଦ୍ୱାରା ବାହ୍ୟ ଭାବରେ ନିର୍ବିକଳ୍ପ ହେଲେ ତାଙ୍କ ଅନ୍ତରରେ ବିଷୟ ଲାଳସା ରହିଥାଏ ।୭୬। ଜ୍ଞାନ ବଳରେ ଯେ ସମସ୍ତ କର୍ମକୁ ବିନଷ୍ଟ କରି ଦେଇଛନ୍ତି, ଲୋକ ଦୃଷ୍ଟିରେ ସେ କର୍ମ କଲେ ମଧ୍ୟ

ପ୍ରକୃତରେ କିଛି କରିବା ପାଇଁ ବା କିଛି କହିବା ପାଇଁ ସେ ଅବସର ପାଆନ୍ତି ନାହିଁ ।୭୭। ଯେଉଁ ବ୍ୟକ୍ତି ସର୍ବଦା ନିର୍ବିକାର, ଧୀର ଓ ନିରାତଙ୍କ, ତାଙ୍କର ଜଡ଼ତା ବା କେଉଁଠି, ପ୍ରକାଶ ବା କେଉଁଠି, ହାନି ବା କେଉଁଠି ? ତାଙ୍କର ଏସବୁ ଆଦୌ କିଛି ନାହିଁ ।୭୮। ଯେଉଁ ଯୋଗୀ ଅନିର୍ବଚନୀୟ ସ୍ୱଭାବ ସମ୍ପନ୍ନ ଓ ନିଃସ୍ୱଭାବ ସମ୍ପନ୍ନ, ତାଙ୍କର ଧୈର୍ଯ୍ୟ ବା କେଉଁଠି, ବିବେକିତା ବା କେଉଁଠି ଓ ନିରାତଙ୍କତା ବା କେଉଁଠି ? ।୭୯। ଅଧିକ କ'ଣ କହିବା, ଯେ ଯୋଗଦୃଷ୍ଟି ଲାଭ କରିଛନ୍ତି, ତାଙ୍କର ସ୍ୱର୍ଗ ନାହିଁ କି ନରକ ନାହିଁ, ଜୀବନ୍ମୁକ୍ତି ବି ନାହିଁ ।୮୦।

ଧୀର ବ୍ୟକ୍ତିଙ୍କର ଚିତ୍ତ ଶୀତଳ ଓ ଅମୃତରେ ପରିପୂର୍ଣ୍ଣ । ସେ ଲାଭର ପ୍ରାର୍ଥନା କରନ୍ତି ନାହିଁ କି ଅଲାଭରେ ଅନୁଶୋଚନା କରନ୍ତି ନାହିଁ ।୮୧। ନିଷ୍କାମ ବ୍ୟକ୍ତି ଶାନ୍ତ ବ୍ୟକ୍ତିର ସ୍ତୁତି ବା ଦୁଷ୍ଟ ଲୋକର ନିନ୍ଦା କରନ୍ତି ନାହିଁ; ସେ ଉଭୟ ଦୁଃଖ ଓ ସୁଖରେ ସମଭାବ ଅବଲମ୍ବନ କରି ତୃପ୍ତ ରୁହନ୍ତି; ତାଙ୍କର କିଛି କରିବାର ଅଛି କି ନାହିଁ ସେଥିପ୍ରତି ଦୃଷ୍ଟି ଦିଅନ୍ତି ନାହିଁ ।୮୨। ଧୀର ବ୍ୟକ୍ତି ସଂସାର ପ୍ରତି ଦ୍ୱେଷ ପ୍ରଦର୍ଶନ କରନ୍ତି ନାହିଁ, ଆତ୍ମା ପ୍ରତି ମଧ୍ୟ ତାଙ୍କର ଦୃଷ୍ଟି ନ ଥାଏ; ସେ ହର୍ଷ ଓ ବିମର୍ଷ ଭାବରୁ ମୁକ୍ତ ରହି ଅବସ୍ଥାନ କରନ୍ତି, ସେ ମୃତ ନୁହନ୍ତି କି ଜୀବିତ ନୁହନ୍ତି ।୮୩। ସେହି ଜ୍ଞାନୀ ବ୍ୟକ୍ତି ସ୍ତ୍ରୀ, ପୁତ୍ର ଆଦିଙ୍କ ପ୍ରତି ନିଃସ୍ନେହ, ବିଷୟ ଆଦି ପ୍ରତି ନିଷ୍କାମ; ନିଜ ଶରୀର ସମ୍ପର୍କରେ ମଧ୍ୟ ଚିନ୍ତାହୀନ ଓ ଆଶାହୀନ ହୋଇ ଶୋଭା ପାଆନ୍ତି ।୮୪। ଯେଉଁଠି, ଯେତେବେଳେ ଉପସ୍ଥିତ ହୁଅନ୍ତୁ ନା କାହିଁକି ଧୀର ବ୍ୟକ୍ତି ସର୍ବତ୍ର ସନ୍ତୁଷ୍ଟ ହୋଇ ରହିଥାଆନ୍ତି; ସେ ସ୍ୱଚ୍ଛନ୍ଦରେ ସକଳ ସ୍ଥାନରେ ବିଚରଣ କରନ୍ତି, ଯେଉଁଠି ସୂର୍ଯ୍ୟ ଅସ୍ତଗତ ହୁଅନ୍ତି, ସେହିଠାରେହିଁ ଶୟନ କରନ୍ତି ।୮୫।

ଦେହର ପତନ ହେଉ ବା ଉତ୍ଥାନ ହେଉ, ଏହି ଭଳି ମହାତ୍ମାଙ୍କର ସେ ବିଷୟରେ କୌଣସି ଚିନ୍ତା ନଥାଏ, ସେ ନିଜର ସ୍ୱଭାବ ଭୂମିରେ ବିଶ୍ରାମ ନେଇ ସମଗ୍ର ସଂସାରକୁ ଭୁଲି ଯାଆନ୍ତି ।୮୬। ସେହି ଜ୍ଞାନୀ ବ୍ୟକ୍ତି ନିଜକୁ ଅକିଞ୍ଚନ ମନେ କରନ୍ତି, ଭେଦ ବୁଦ୍ଧି ତ୍ୟାଗ କରନ୍ତି; ତାଙ୍କର କୌଣସି ବିଷୟରେ ସନ୍ଦେହ ବା ଦ୍ୱନ୍ଦ୍ୱ ନଥାଏ, ସମସ୍ତ ବିଷୟରେ ଅନାସକ୍ତ ହୋଇ ସେ କେବଳ ଆନନ୍ଦରେ କ୍ରୀଡ଼ା କରୁଥାଆନ୍ତି ।୮୭। ଲୋଷ୍ଟ୍ର, ପ୍ରସ୍ତର ଓ କାଞ୍ଚନରେ ତାଙ୍କର ସମଜ୍ଞାନ, ସେ ହୃଦୟ ଗ୍ରନ୍ଥି ଭେଦ କରିଛନ୍ତି, ତାଙ୍କର ରଜୋଗୁଣ ଓ ତମୋଗୁଣ ବିଧୌତ ହୋଇ ଯାଇଛି, ସେ ସମଭାବ ଶୂନ୍ୟ ହୋଇ ଶୋଭା ପାଆନ୍ତି ।୮୮। ସମସ୍ତ ବିଷୟରେହିଁ ସେ ଅନବଧାନ, ତାଙ୍କ ହୃଦୟରେ କୌଣସି ବାସନା ନାହିଁ, ଏହିଭଳି ମୁକ୍ତାତ୍ମା, ତୃଷ୍ଣାହୀନ ବ୍ୟକ୍ତିଙ୍କୁ କାହା ସହିତ ବା ତୁଳନା କରାଯାଇପାରେ ।୮୯। ଏହି ଭଳି ବାସନାହୀନ ବ୍ୟକ୍ତିଙ୍କ ବ୍ୟତୀତ ଆଉ ଏପରି କେହି ଅଛି ଯେ ଜାଣି ମଧ୍ୟ ଜାଣନ୍ତି ନାହିଁ, ଦେଖି ମଧ୍ୟ ଦେଖନ୍ତି ନାହିଁ, କହି ମଧ୍ୟ କୁହନ୍ତି ନାହିଁ ? ।୯୦।

ଯାହାଙ୍କର ଶୋଭନ ଓ ଅଶୋଭନ ଆଦିର ଭାବ ଦୂର ହୋଇଯାଇଛି, ସେହି ନିଷ୍କାମ ବ୍ୟକ୍ତି ଭିକ୍ଷୁ ହୁଅନ୍ତୁ ବା ରାଜା ହୁଅନ୍ତୁ, ସେ ସର୍ବତ୍ର ଶୋଭା ପାଇ ଥାଆନ୍ତି ।୯୧। ଯେଉଁ ଯୋଗୀ ସ୍ୱଭାବତଃ ସରଳ ଚିତ୍ତ ଓ କୃତକୃତ୍ୟ, ତାଙ୍କର ସ୍ୱାଚ୍ଛନ୍ଦ୍ୟ ବା କ'ଣ, ସଂକୋଚ ବା କେଉଁଠି ବା ତତ୍ତ୍ୱ ନିଶ୍ଚୟତା ବା କେଉଁଠି ? ।୯୨। ଯେ ଆତ୍ମାରେ ବିଶ୍ରାନ୍ତି ଲାଭ କରି ତୃପ୍ତ ହୋଇଛନ୍ତି, ଯାହାଙ୍କର କୌଣସି ଆଶା ନାହିଁ, ଯାହାଙ୍କର କୌଣସି ଆର୍ତ୍ତି ନାହିଁ ଓ ଯେ ଗତକ୍ଳେଶ, ସେହିଭଳି ଯୋଗୀ, ଅନ୍ତରରେ ଯେଉଁ ଆନନ୍ଦ ଅନୁଭବ କରନ୍ତି, ତାହାର ବର୍ଣ୍ଣନା କିପରି ଓ କାହା ପାଖରେ କରାଯାଇ ପାରିବ ? ।୯୩। ଧୀର ବ୍ୟକ୍ତି ସୁଷୁପ୍ତି ଅବସ୍ଥାରେ ମଧ୍ୟ ସୁପ୍ତ ନୁହନ୍ତି, ସ୍ୱପ୍ନାବସ୍ଥାରେ ମଧ୍ୟ ଶାୟିତ ନୁହନ୍ତି, ଜାଗ୍ରତ୍ ଅବସ୍ଥାରେ ମଧ୍ୟ ଜାଗରିତ ନୁହନ୍ତି, ସେ ପଦେ ପଦେ ପୂର୍ଣ୍ଣ ତୃପ୍ତିରେହିଁ ରହି ଥାଆନ୍ତି ।୯୪। ଜ୍ଞାନୀ ବ୍ୟକ୍ତି ସଚିନ୍ତ ହୋଇ ମଧ୍ୟ ନିଶ୍ଚିନ୍ତ, ଇନ୍ଦ୍ରିୟବାନ୍ ହୋଇ ମଧ୍ୟ ନିରିନ୍ଦ୍ରିୟ, ସୁବୁଦ୍ଧି ହୋଇ ମଧ୍ୟ ନିର୍ବୁଦ୍ଧି, ଅହଙ୍କାରବାନ୍ ହୋଇ ମଧ୍ୟ ନିରହଂକାରୀ ।୯୫।

ସେହିଭଳି ଯୋଗୀ ସୁଖୀ ନୁହନ୍ତି କି ଦୁଃଖୀ ନୁହନ୍ତି, ବିରାଗୀ ନୁହନ୍ତି କି ଅନୁରାଗୀ ନୁହନ୍ତି, ମୁମୁକ୍ଷୁ ନୁହନ୍ତି କି ମୁକ୍ତ ନୁହନ୍ତି, ସେ କିଛି ବି ନୁହନ୍ତି, ତାଙ୍କର କିଛି ବି ନାହିଁ ।୯୬। ବିକ୍ଷେପରେ ରହିଥିଲେ ମଧ୍ୟ ସେ ବିକ୍ଷିପ୍ତ ନୁହନ୍ତି; ସମାଧିରେ ରହିଥିଲେ ମଧ୍ୟ ସେ ସମାଧିବାନ୍ ନୁହନ୍ତି, ଜଡ଼ତା ଭିତରେ ରହିଥିଲେ ମଧ୍ୟ ଜଡ଼ ନୁହନ୍ତି, ପାଣ୍ଡିତ୍ୟରେ ଅଧିଷ୍ଠିତ ହୋଇଥିଲେ ମଧ୍ୟ ପଣ୍ଡିତ ନୁହନ୍ତି, ସେହିଭଳି ବ୍ୟକ୍ତିହିଁ ଧନ୍ୟ ।୯୭। ଯେଉଁ ସ୍ଥିତିରେ ରହିଥିଲେ ମଧ୍ୟ ମୁକ୍ତ ବ୍ୟକ୍ତି ସଦା ସୁସ୍ଥ, ସମସ୍ତ କର୍ତ୍ତବ୍ୟ କରିବାରୁ ନିବୃତ୍ତ, ବିତୃଷ୍ଣା ହେତୁ ସର୍ବତ୍ର ସମଭାବ ସମ୍ପନ୍ନ, କ'ଣ କରା ହୋଇଛି ବା କ'ଣ କରିବାକୁ ଅଛି, ତାହା ସେ ସ୍ମରଣ କରନ୍ତି ନାହିଁ ।୯୮। କେହି ତାହାଙ୍କୁ ବନ୍ଦନା କରିଲେ ସେ ତହିଁରେ ପ୍ରୀତ ହୁଅନ୍ତି ନାହିଁ, ବା କେହି ତାଙ୍କର ନିନ୍ଦା କରିଲେ ସେ ତହିଁରେ କ୍ରୁଦ୍ଧ ହୁଅନ୍ତି ନାହିଁ, ମୃତ୍ୟୁର ଆଶଙ୍କାରେ ତାଙ୍କର

କୌଣସି ଉଦ୍‌ବେଗ ନଥାଏ କି ଜୀବନ ସମ୍ପର୍କରେ କୌଣସି ଆନନ୍ଦ ବା ଅଭିନନ୍ଦନର ଭାବ ନଥାଏ ।୯୯। ଯାହାଙ୍କର ବୁଦ୍ଧି ପ୍ରଶାନ୍ତ ହୋଇଛି, ଯେ ଶାନ୍ତଧୀଃ, ସେ ଜନାକୀର୍ଣ୍ଣ ସ୍ଥାନ ବା ଅରଣ୍ୟ ଅଭିମୁଖରେ ଧାବମାନ ହୁଅନ୍ତି ନାହିଁ, ସେ ଯେଉଁଠି ସେଇଠି ସମଭାବରେ ଅବସ୍ଥାନ କରନ୍ତି ।୧୦୦।।

## ଊନବିଂଶ ପ୍ରକରଣ (ଆତ୍ମ ବିଶ୍ରାନ୍ତ୍ୟଷ୍ଟକ)

ମୁଁ ତତ୍ତ୍ୱ ବିଜ୍ଞାନ ରୂପକ ସନ୍ଦଂଶ ଗ୍ରହଣ ପୂର୍ବକ ହୃଦୟ ଗହ୍ୱରରୁ ନାନାବିଧ ପରାମର୍ଶ ରୂପ ଶଲ୍ୟ ଉଦ୍ଧାର କରିଛି ।୧। ମୁଁ ନିଜ ମହିମାରେ ଅଧିଷ୍ଠିତ; ମୋର ଧର୍ମ ବା କେଉଁଠି, କାମ ବା କେଉଁଠି, ଅର୍ଥ ବା କେଉଁଠି, ବିବେକିତା କେଉଁଠି, ଦ୍ୱୈତ ବା କେଉଁଠି, ଅଦ୍ୱୈତ ବା କେଉଁଠି ? ।୨। ମୁଁ ନିଜ ମହିମାରେ ଅଧିଷ୍ଠିତ; ମୋର ଅତୀତ ବା କେଉଁଠି, ଭବିଷ୍ୟତ୍ ବା କେଉଁଠି, ବର୍ତ୍ତମାନ ବା କେଉଁଠି, ଦେଶ ବା କେଉଁଠି ଏବଂ ଚିରସ୍ଥାୟିତ୍ୱ ବା କେଉଁଠି ? ।୩। ମୁଁ ନିଜ ମହିମାରେ ଅଧିଷ୍ଠିତ; ମୋର ଆତ୍ମା ବା କେଉଁଠି, ଅନାତ୍ମା ବା କେଉଁଠି, ଶୁଭ ବା କେଉଁଠି, ଅଶୁଭ ବା କେଉଁଠି, ଚିନ୍ତା ବା କେଉଁଠି, ଅଚିନ୍ତା ବା କେଉଁଠି ? ।୪। ମୁଁ ନିଜ ମହିମାରେ ଅଧିଷ୍ଠିତ; ମୋର ସ୍ୱପ୍ନ ବା କେଉଁଠି, ସୁଷୁପ୍ତି ବା କେଉଁଠି, ଜାଗରଣ ବା କେଉଁଠି, ତୁରୀୟ ବା କେଉଁଠି, ଭୟ ବା କେଉଁଠି ? ।୫।

ମୁଁ ନିଜ ମହିମାରେ ଅଧିଷ୍ଠିତ, ମୋର ଦୂର ବା କ'ଣ, ନିକଟ ବା କ'ଣ, ବାହ୍ୟ ବା କ'ଣ, ଅଭ୍ୟନ୍ତର ବା କ'ଣ, ସ୍ଥୂଳ ବା କ'ଣ, ସୂକ୍ଷ୍ମ ବା କ'ଣ ? ।୬। ମୁଁ ନିଜ ମହିମାରେ ଅଧିଷ୍ଠିତ; ମୋ ପାଇଁ ମୃତ୍ୟୁ ବା କ'ଣ, ଜୀବିତ ବା କ'ଣ, ଲୋକ ସକଳ ବି କ'ଣ, ଲୌକିକ ବି କ'ଣ, ଲୟ ବା କ'ଣ, ସମାଧି ବା କ'ଣ ? ।୭। ମୁଁ ଆତ୍ମାରେ ବିଶ୍ରାମ ଗ୍ରହଣ କରିଛି, ମୋର ତ୍ରିବର୍ଗ କଥାରେ ପ୍ରୟୋଜନ କ'ଣ, ଯୋଗର କଥାରେ ପ୍ରୟୋଜନ କ'ଣ, ବିଜ୍ଞାନ କଥାରେ ବି ଆବଶ୍ୟକତା କ'ଣ ? ।୮।

## ବିଂଶ ପ୍ରକରଣ (ଜୀବନ୍ମୁକ୍ତି ଚତୁର୍ଦ୍ଦଶକ)

ମତ୍ ସ୍ୱରୂପ ନିରଞ୍ଜନରେ ଭୂତ ଗ୍ରାମ ବା କେଉଁଠି, ଦେହ ବା କେଉଁଠି, ଇନ୍ଦ୍ରିୟ ସମୂହ ବା କେଉଁଠି, ମନ ବା କେଉଁଠି, ଶୂନ୍ୟ ବା କେଉଁଠି, ନୈରାଶ୍ୟ ବା କେଉଁଠି ? ।୧। ମୁଁ ସର୍ବଦା ନିର୍ଦ୍ୱନ୍ଦ୍ୱ, ମୋର ଶାସ୍ତ୍ର ବା କେଉଁଠି, ଆତ୍ମ-ବିଜ୍ଞାନ ବା କେଉଁଠି, ବିଷୟାନୁରାଗ ଶୂନ୍ୟ ମନ ବା କେଉଁଠି, ତୃପ୍ତି ବା କେଉଁଠି, ବିତୃଷ୍ଣା ବା କେଉଁଠି ? ।୨। ମୋର ବିଦ୍ୟା ବା କେଉଁଠି, ଅବିଦ୍ୟା ବା କେଉଁଠି, ଏହି ବିଶ୍ୱ-ପ୍ରପଞ୍ଚ ବା କେଉଁଠି, ବନ୍ଧନ ବା କେଉଁଠି, ମୋକ୍ଷ ବା କେଉଁଠି ? ମୁଁ ଆତ୍ମ-ସ୍ୱରୂପ, ତେଣୁ ମୋର ରୂପ ବା କେଉଁଠି ? ।୩।

ମୁଁ ସର୍ବଦା ନିର୍ବିଶେଷ; ମୋର ପ୍ରାରବ୍ଧ କର୍ମ ବା କେଉଁଠି, ଜୀବନ୍ମୁକ୍ତି ବା କେଉଁଠି; ବିଦେହ କୈବଲ୍ୟ ବା କେଉଁଠି ? ।୪। ମୁଁ ସର୍ବଦା ନିଃସ୍ୱଭାବ ବିଶିଷ୍ଟ; ମୋର କର୍ତ୍ତା ଭାବ ବା କେଉଁଠି, ଭୋକ୍ତା ଭାବ ବା କେଉଁଠି, ନିଷ୍କ୍ରିୟ ସ୍ଫୁରଣ ଭାବ ବା କେଉଁଠି, ଅପରୋକ୍ଷ ଫଳ ବା କେଉଁଠି ? ।୫।

ମୁଁ ସ୍ୱ-ସ୍ୱରୂପ ଅଦ୍ୱୟ ଆତ୍ମା; ମୋ ପାଇଁ ଲୋକ ବା କେଉଁଠି, ମୁମୁକ୍ଷୁ ବା କେଉଁଠି, ଯୋଗୀ ବା କେଉଁଠି, ଜ୍ଞାନବାନ୍ ବା କେଉଁଠି, ବଦ୍ଧ ବା କେଉଁଠି, ମୁକ୍ତ ବା କେଉଁଠି ? ।୬। ମୁଁ ସ୍ୱ-ସ୍ୱରୂପ ଅଦ୍ୱୟ ଆତ୍ମା, ମୋ ପାଇଁ ସୃଷ୍ଟି ବା କେଉଁଠି, ସଂହାର ବା କେଉଁଠି, ସାଧନା ବା କେଉଁଠି, ସିଦ୍ଧି ବା କେଉଁଠି ? ।୭। ମୁଁ ସର୍ବଦା ବିମଳ, ମୋ ନିକଟରେ ପ୍ରମାଣକର୍ତ୍ତା ବା କେଉଁଠି, ପ୍ରମାଣ ବା କେଉଁଠି, ପ୍ରମାଣର ଉପଯୁକ୍ତ ବିଷୟ ବା କେଉଁଠି, ପ୍ରମାଣର କାର୍ଯ୍ୟ ବା କେଉଁଠି ? ।୮। ମୁଁ ସର୍ବଦା ନିଷ୍କ୍ରିୟ, ମୋର ଚାଞ୍ଚଲ୍ୟ ବା କେଉଁଠି, ଏକାଗ୍ରତା ବା କେଉଁଠି, ନିରୋଧ ବା କେଉଁଠି, ମୂଢ଼ତା ବା କେଉଁଠି, ହର୍ଷ ବା କେଉଁଠି, ବିଷାଦ ବା କେଉଁଠି ? ।୯। ମୁଁ ସର୍ବଦା ନିର୍ବିଶେଷ, ମୋର ବ୍ୟବହାର ବା କେଉଁଠି, ପରମାର୍ଥତା ବା କେଉଁଠି, ସୁଖ ବା କେଉଁଠି, ଦୁଃଖ ବା କେଉଁଠି ? ।୧୦।

ମୁଁ ସର୍ବଦା ବିମଳ; ମୋର ମାୟା ବା କେଉଁଠି, ସଂସାର ବା କେଉଁଠି, ପ୍ରୀତି ବା କେଉଁଠି, ନିୟତି ବା କେଉଁଠି, ଜୀବ ବା କେଉଁଠି, ସେହି ବ୍ରହ୍ମ ବା କେଉଁଠି ? ।୧୧। ମୁଁ କୂଟସ୍ଥ, ବିଭାଗ ରହିତ ଓ ଆତ୍ମାରେହିଁ ସର୍ବଦା ସ୍ଥିତ; ମୋର ପ୍ରବୃତ୍ତି ବା କେଉଁଠି, ନିବୃତ୍ତି ବା କେଉଁଠି, ମୁକ୍ତି ବା କେଉଁଠି, ବନ୍ଧନ ବା କେଉଁଠି ? ।୧୨। ମୁଁ ଉପାଧି ଶୂନ୍ୟ, ମଙ୍ଗଳମୟ ଶିବ, ମୋର ଉପଦେଶ ବା କେଉଁଠି, ଶାସ୍ତ୍ର ବା କେଉଁଠି, ଶିଷ୍ୟ ବା କେଉଁଠି, ଗୁରୁ ବା କେଉଁଠି, ପୁରୁଷାର୍ଥ ବା କେଉଁଠି ? ।୧୩। ଏବିଷୟରେ ଅଧିକ କ'ଣ କହିବା, ଅସ୍ତି ବା କେଉଁଠି, ନାସ୍ତି ବା କେଉଁଠି, ଅଦ୍ୱୈତ ବା କେଉଁଠି, ଦ୍ୱୈତ ବା କେଉଁଠି, ଏ ସମସ୍ତ କଥା ମୋ ଚିତ୍ତରେ ଆଦୌ ସମୁଦିତ ମଧ୍ୟ ହୁଏ ନାହିଁ ।୧୪।

(ସମାପ୍ତ) ✥

ଅନ୍ତରାଳ ଜଗତ୍ :

# ଯାଦୁବିଦ୍ୟା

## ଶ୍ରୀମା

*ପ୍ରଶ୍ନ : ମାଆ, ଶ୍ୱେତ ଯାଦୁବିଦ୍ୟା (white magic) କହିଲେ କ'ଣ ବୁଝାଏ ?*

ଆମେ ଯାହାକୁ ''ଶ୍ୱେତ ଯାଦୁବିଦ୍ୟା''(white magic) ବୋଲି କହୁ, ସେଇଟି ହେଉଛି ଆମର କୌଣସି ଉପକାର କରୁଥିବା ଯାଦୁବିଦ୍ୟା ଏବଂ ''କୃଷ୍ଣ ଯାଦୁବିଦ୍ୟା'' (black magic) ହେଉଛି ଆମର କୌଣସି ଅନିଷ୍ଟ ବା କ୍ଷତି କରୁଥିବା ଯାଦୁବିଦ୍ୟା । ମାତ୍ର ବସ୍ତୁତଃ ଏଗୁଡ଼ାକ ହେଉଛନ୍ତି କେବଳ ଗୋଟାଏ ଗୋଟାଏ ଶବ୍ଦ, ସେସବୁର କୌଣସି ଅର୍ଥ ନାହିଁ ।

ଯାଦୁବିଦ୍ୟା ?... ଶୁଦ୍ଧ ଭାବରେ କେତୋଟି ସ୍ଥୂଳ ସୂତ୍ର ମଧ୍ୟକୁ ନିରୂପିତ କରି ଦିଆଯାଇଥିବା ଏକ ଜ୍ଞାନକୁ ଯାଦୁବିଦ୍ୟା ବୋଲି କୁହାଯିବ । ସେଥିରେ କୌଣସି ଏକ ପ୍ରକାରର କେତୋଟି ଶବ୍ଦ ଓ ସଂଖ୍ୟା ଥାଏ ଅଥବା ଶବ୍ଦ ଓ ସଂଖ୍ୟାଗୁଡ଼ିକୁ ଏକାଠି ମିଶାଇ କରି ରଖା ହୋଇଥାଏ; ଏବଂ ସେଗୁଡ଼ିକୁ କେବଳ ଉଚ୍ଚାରଣ କଲେ କିଂବା ଲେଖିଦେଇ ପାରିଲେ, ଏପରିକି ଅନ୍ତର୍ଗତ କୌଣସି ଶକ୍ତି ନଥିବା ଜଣେ ବ୍ୟକ୍ତି ସେଗୁଡ଼ିକୁ ଉଚ୍ଚାରଣ କଲେ କିଂବା ଲେଖିଦେଲେ, ସେଗୁଡ଼ିକ ଅବଶ୍ୟ କାର୍ଯ୍ୟ କରିବାକୁ ଆରମ୍ଭ କରନ୍ତି । ଗୁପ୍ତବିଦ୍ୟାର କ୍ଷେତ୍ରରେ ଏଗୁଡ଼ିକୁ ଆମେ ବିଜ୍ଞାନର ରାସାୟନିକ ସୂତ୍ରଗୁଡ଼ିକ ସହିତ ସମତୁଲ କରି ବିଚାର କରିପାରିବା । ତୁମେ ଜାଣିଥିବ, ବିଜ୍ଞାନରେ ରସାୟନଶାସ୍ତ୍ରର ଏପରି ସୂତ୍ରମାନ ରହିଛି, ଯାହା ଦ୍ୱାରା କି କେତେକ ନିର୍ଦ୍ଦିଷ୍ଟ ଉପାଦାନକୁ ଏକାଠି କରାଯାଇଥାଏ ଓ ସେହିପରି ଭାବରେ ସେଥିରୁ ଅନ୍ୟ ଉପାଦାନଗୁଡ଼ିକର ସୃଷ୍ଟି କରା ଯାଇଥାଏ । ତୁମ ଭିତରେ ମନୋଗତ, ପ୍ରାଣିକ ଓ ଏପରିକି ଭୌତିକ କୌଣସି ଶକ୍ତି ନଥିଲେ ମଧ୍ୟ, ତୁମେ ଯଦି କେବଳ ଆକ୍ଷରିକ ଭାବରେ ତୁମ ପାଖରେ ରହିଥିବା ସୂତ୍ରଟିର ଅନୁସରଣ କରିବ, ତେବେ ତୁମକୁ ଆବଶ୍ୟକ ଫଳଟି ନିଶ୍ଚୟ ମିଳିଯାଇ ପାରିବ – ଏଥିଲାଗି ତୁମର କେବଳ ଯଥେଷ୍ଟ ସ୍ମରଣଶକ୍ତି ରହିଥିଲେ ହେଲା । ଏବଂ, ଗୁପ୍ତବିଦ୍ୟାରେ ମଧ୍ୟ ଠିକ୍ ସେହି କଥାଟି ପରୀକ୍ଷା କରି ଦେଖାଯାଇଛି; ସେଥିରେ ନାନା ଧ୍ୱନି, ଅକ୍ଷର, ସଂଖ୍ୟା ଏବଂ ଶବ୍ଦକୁ ଅନ୍ତର୍ନିହିତ ସାମର୍ଥ୍ୟଗୁଡ଼ିକ ବଳରେ ଏକ ନିର୍ଦ୍ଦିଷ୍ଟ ପରିଣାମ ଲାଭ କରିବାକୁ ବି ସମର୍ଥ ହୋଇ ପାରୁଛନ୍ତି । ଏହିପରି ଭାବରେ, ଜଣେ ଯେଡ଼େ ନିର୍ବୋଧ ହୋଇଥିଲେ ମଧ୍ୟ, ଯଦି ସେ ଏଇଟିକୁ ଶିକ୍ଷା କରିପାରିବ ଏବଂ ତାକୁ ଯେପରି କରିବାକୁ କୁହାଯାଇଛି, ଠିକ୍ ସେହିପରି କରିବ, ସିଏ ମଧ୍ୟ ତା'ର ଇପ୍ସିତ ଫଳଟିକୁ ପାଇପାରିବ ବା ସେହି ଫଳଟିକୁ ସେ ନିଶ୍ଚୟ ଲାଭ କରିବ ବୋଲି ବିଶ୍ୱାସ କରିପାରିବ । ମାତ୍ର... ଉଦାହରଣ ସ୍ୱରୂପ, ଆମେ ଏଠାରେ ଏକ ପ୍ରକାର ଗୁପ୍ତବିଦ୍ୟା ପରି କାର୍ଯ୍ୟ କରୁଥିବା ମନ୍ତ୍ର ବିଷୟରେ ବିଚାର କରିବା,– ଯଦି ଗୁରୁ ସେହି ମନ୍ତ୍ରଟିକୁ ଦେଇ ନଥା'ନ୍ତି ଓ ମନ୍ତ୍ରଟି ସହିତ ଯଦି ସେ ତୁମ ଭିତରକୁ ତାଙ୍କର ଗୁପ୍ତବିଦ୍ୟାଗତ ବା ଆଧ୍ୟାତ୍ମିକ ଶକ୍ତିଟିକୁ ସଞ୍ଚାରିତ କରି ଆଣି ନଥା'ନ୍ତି, ତେବେ ହୁଏତ ତୁମେ ସହସ୍ରବାର ମନ୍ତ୍ରଟିକୁ ଆବୃତ୍ତି କରୁଥିବ ପଛକେ, ମାତ୍ର ତାହାର ଆଦୌ କୌଣସି ଫଳ ଫଳିବ ନାହିଁ ।

ଅର୍ଥାତ୍, **ଯଥାର୍ଥ** ଗୁପ୍ତବିଦ୍ୟାରେ, କୌଣସି କିଛିର ବ୍ୟବହାର କରି ପାରିବା ସକାଶେ ଆମ ଭିତରେ ସେହି ଗୁଣ, ସେହି ସାମର୍ଥ୍ୟ ଓ ସେହି ଅନ୍ତର୍ଗତ ଯୋଗ୍ୟତାଟି ଅବଶ୍ୟ ରହିଥିବା ଉଚିତ; ଏବଂ ତାହାହିଁ ଏ କ୍ଷେତ୍ରରେ ଏକ ସୁରକ୍ଷା ପରି କାର୍ଯ୍ୟ କରେ । ଯେକୌଣସି ନିର୍ବୋଧ ବ୍ୟକ୍ତି କଦାପି ଯଥାର୍ଥ ବିଦ୍ୟାର ଅନୁଶୀଳନ କରିପାରିବ ନାହିଁ । ଏବଂ ଗୁପ୍ତବିଦ୍ୟାକୁ ଆମେ ଆଉ ଯାଦୁବିଦ୍ୟା ବୋଲି କହି ପାରିବା ନାହିଁ – ଶ୍ୱେତ, କୃଷ୍ଣ ଅଥବା ସୁନେଲି କୌଣସି ପ୍ରକାରର ଯାଦୁବିଦ୍ୟା ବୋଲି କହି ପାରିବା ନାହିଁ – ଏହା ମୋଟେ ଏକ ଯାଦୁବିଦ୍ୟା ନୁହେଁ, ଏହା ହେଉଛି ଏକ ଆଧ୍ୟାତ୍ମିକ ଶକ୍ତି ଏବଂ ଦୀର୍ଘ ସାଧନା ଦ୍ୱାରା ସେହି ଶକ୍ତିଟିକୁ ଅର୍ଜନ କରିବାକୁ ପଡ଼ିବ । ଏବଂ ପରିଶେଷରେ ଏକଥା ମଧ୍ୟ କୁହାଯିବ ଯେ କେବଳ କୌଣସି ଦିବ୍ୟକରୁଣା ବଳରେହିଁ ତାହା ତୁମକୁ ପ୍ରଦତ୍ତ ହୋଇ ପାରିବ ।

ଏହାର ଅର୍ଥ ହେଉଛି ତୁମେ ଯେତିକି ପରମ ସତ୍ୟର ନିକଟବର୍ତ୍ତୀ ହୋଇ ଆସୁଥିବ, ଯାବତୀୟ ଶଠତା, ଛଳନା ଓ ମିଥ୍ୟାଠାରୁ ତୁମେ ସେତିକି ଅଧିକ ପରିମାଣରେ ନିରାପଦ ହୋଇ ରହୁଥିବ । ଏହି କଥାଟିର ମୁଁ କେତେ କେତେ ପ୍ରମାଣ

ପାଇଛି, ଏକାନ୍ତ ମୀମାଂସାତ୍ମକ ନାନା ପ୍ରମାଣ ପାଇଛି । ତେଣୁ ଯେଉଁ ବ୍ୟକ୍ତିଠାରେ ଯଥାର୍ଥ ଗୁପ୍ତବିଦ୍ୟାଗତ ଶକ୍ତି ମହଜୁଦ ରହିଛି, ସେହି ଅନ୍ତର୍ଗତ ସତ୍ୟଟିର ଶକ୍ତି ବଳରେହିଁ ତା'ଭିତରେ ଯୁଗପତ୍ ଭାବରେ ଶ୍ୱେତ, କୃଷ୍ଣ ଅଥବା ଅନ୍ୟ ଯେକୌଣସି ବର୍ଣ୍ଣର ଯାଦୁବିଦ୍ୟାକୁ ନିଷ୍ଫଳ କରିଦେବାର ଶକ୍ତିଟି ମଧ୍ୟ ଅବଶ୍ୟ ମହଜୁଦ ରହିଛି । ସେହି ସତ୍ୟଟିର ମାତ୍ର ଗୋଟିଏ ବିନ୍ଦୁକୁ ପ୍ରୟୋଗ କରି ତାହାକୁ ନିଷ୍ଫଳ କରିଦେବାର ଶକ୍ତି ତା'ଠାରେ ରହିଛି । କୌଣସି ବସ୍ତୁହିଁ ସେହି ଶକ୍ତିଟିର ଆଦୌ କୌଣସି ପ୍ରତିରୋଧ କରି ପାରିବ ନାହିଁ । ଏବଂ ଯେଉଁ ବ୍ୟକ୍ତିମାନେ ଯାଦୁବିଦ୍ୟାର ପ୍ରୟୋଗ କରୁଥା'ନ୍ତି, ସେମାନେ ଏହି କଥାଟିକୁ ବେଶ୍ ଭଲ ଭାବରେ ଜାଣିଥା'ନ୍ତି, କାରଣ, ସକଳ ଦେଶରେ ଓ ବିଶେଷତଃ ଭାରତବର୍ଷରେ, ଯୋଗୀ ବା ସନ୍ଥମାନଙ୍କ ବିରୋଧରେ ସେମାନଙ୍କର ଆଦୌ କୌଣସି ସୂତ୍ରର ପ୍ରୟୋଗ କେବେହେଲେ ନକରିବାକୁ ହିଁ ସେମାନେ ସବୁବେଳେ ଭାରି ସତର୍କ ହୋଇ ରହିଥା'ନ୍ତି । କାରଣ, ସେମାନେ ଭଲ କରି ଜାଣିଥା'ନ୍ତି ଯେ, ଆପଣାର ଏହି ଯନ୍ତ୍ରବତ୍ ଓ ପଲ୍ଲବଗ୍ରାହୀ ସ୍ୱପ୍ନଶକ୍ତିକୁ କାର୍ଯ୍ୟରେ ଲଗାଇ ସେମାନେ ଯେଉଁସବୁ ସୂତ୍ରକୁ ବାହାରକୁ ପ୍ରେରଣ କରିଥା'ନ୍ତି, ତାହା ଯାଇ ଠିକ୍ କୌଣସି କାନ୍ଥରେ ବଲ୍‌ଟିଏ ଯାଇ ବାଜିଲା ପରି ଏକ ଆଧ୍ୟାତ୍ମିକ ଜୀବନ-ଯାପନ କରୁଥିବା ଜଣେ ବ୍ୟକ୍ତିକୁ ସୁରକ୍ଷିତ କରି ରଖିଥିବା ଯଥାର୍ଥ ଶକ୍ତିଟି ଉପରେ ଯାଇ ବାଜିବ ଏବଂ ଅତ୍ୟନ୍ତ ସ୍ୱାଭାବିକ ଭାବରେ ସେମାନଙ୍କର ସେହି ସୂତ୍ରଟି ସେଠାରୁ ଲେଉଟି ଆସିବ ଏବଂ ସେମାନଙ୍କ ନିଜ ଭିତରେ ହିଁ ଆସି ବାଜିବ ।

ମାତ୍ର ସେଥିଲାଗି ସେହି ଯୋଗୀ ଅଥବା ସନ୍ଥଙ୍କୁ ଆଦୌ କିଛି ହେଲେ କରିବାକୁ ପଡ଼ିବ ନାହିଁ, ଏପରିକି ତାଙ୍କୁ ସୁରକ୍ଷିତ ହୋଇ ରହିବା ଲାଗି କୌଣସି ଇଚ୍ଛା କରିବାକୁ ବି ପଡ଼ିବ ନାହିଁ । ଯାହା ଘଟିବ, ତାହା ଆପଣା ଛାଏଁ ଘଟିବ । ସିଏ ଏପରି ଏକ ଚେତନା ଏବଂ ଅନ୍ତର୍ଗତ ଶକ୍ତିର ସ୍ଥିତିରେ ରହିଥିବେ, ଯାହାକି ନିମ୍ନତର ସ୍ତରର ଯାବତୀୟ ସବୁକିଛିଠାରୁ ତାଙ୍କୁ ସ୍ୱତଃ ରକ୍ଷା କରିବାରେ ଲାଗିଥିବ । ତେଣୁ ଅତ୍ୟନ୍ତ ସ୍ୱାଭାବିକ ଭାବରେ ସିଏ ଆପଣାର ଶକ୍ତିଟିକୁ ସ୍ୱେଚ୍ଛାରେ ଅନ୍ୟମାନଙ୍କର ସୁରକ୍ଷା ଲାଗି ବ୍ୟବହାର କରି ପାରୁଥିବେ । ଯାବତୀୟ ଅନିଷ୍ଟ-ଇଚ୍ଛାକାରୀ ବିରଚନା ତାଙ୍କର ବାତାବରଣଟି ଉପରେ ଆଘାତ ପାଇ ଲେଉଟି ଯାଉଥିବାରୁ ହିଁ ସେ ସୁରକ୍ଷିତ ହୋଇ ରହିଥିବେ । ମାତ୍ର, ସେହି ଅନିଷ୍ଟ-ଇଚ୍ଛାକାରୀ ବିରଚନାଟିକୁ ଯଦି ସିଏ ରକ୍ଷା କରୁଥିବା କୌଣସି ଅନ୍ୟ ଜଣେ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ପ୍ରୟୋଗ କରାଯାଉଥିବ ଅଥବା ତାଙ୍କର ସାହାଯ୍ୟ ଲୋଡ଼ୁଥିବା ଆଉ କାହା ବିରୋଧରେ ପ୍ରେରଣ କରା ଯାଉଥିବ, ତେବେ ସେ ଆପଣାର ବାତାବରଣରେ ଏକ ସଞ୍ଚାଳନ ଘଟାଇ ବା ଆପଣାର ପ୍ରଭା-ମଣ୍ଡଳଟିକୁ ଟିକିଏ ଘୁଞ୍ଚାଇ ଦେଇ ଯାଦୁବିଦ୍ୟାର କୁପ୍ରଭାବଗୁଡ଼ିକ ଲାଗି ଉନ୍ମୁକ୍ତ ହୋଇ ରହିଥିବା ସେହି ବ୍ୟକ୍ତିଙ୍କର ଚତୁର୍ଦ୍ଦିଗଟିକୁ ଘେରାଇ ରଖିଦେଇ ପାରିବେ, ଏବଂ ଆଘାତଟି ଲେଉଟି ଯିବାର ପ୍ରକ୍ରିୟାଟି ଏଠାରେ ମଧ୍ୟ ଠିକ୍ ସେହି ପୂର୍ବପରିହିଁ କାର୍ଯ୍ୟ କରିବ । ତାହା ଫଳରେ ଅନିଷ୍ଟ ଇଚ୍ଛା କରି ପ୍ରୟୋଗ କରାଯାଇଥିବା ସେହି ରଚନାଟି ସ୍ୱଭାବତଃ ତାହାକୁ ପ୍ରୟୋଗ କରିଥିବା ବ୍ୟକ୍ତିଟି ଉପରେ ଯାଇ ପଡ଼ିବ । ମାତ୍ର ଏହି କ୍ଷେତ୍ରରେ ସେହି ଯୋଗୀ, ସନ୍ଥ ଅଥବା ଋଷିଙ୍କର ସଚେତନ ଇଚ୍ଛାଟିର ଅବଶ୍ୟ ଆବଶ୍ୟକତା ରହିଥିବ । ଯାହାକିଛି ଘଟିଛି ସେକଥାଟି ତାଙ୍କୁ ଯାଇ କହିବାକୁ ପଡ଼ିବ ଏବଂ ସେଥିରେ ହସ୍ତକ୍ଷେପ କରିବା ଲାଗି ତାଙ୍କୁ ଏକ ନିଷ୍ପତ୍ତି ମଧ୍ୟ ଗ୍ରହଣ କରିବାକୁ ପଡ଼ିବ ।

ଯଥାର୍ଥ ଜ୍ଞାନ ଓ ଯାଦୁବିଦ୍ୟା ମଧ୍ୟରେ ଏହାହିଁ ହେଉଛି ପାର୍ଥକ୍ୟ ।...

(MCW, Vol. 9 : pp. 391-393)

ଯେତେବେଳେ ତୁମେ ଦେଖ ଯେ ତୁମର କାର୍ଯ୍ୟରେ ବାହାରର କିଛି ତୁମ ପାଇଁ ଅସୁବିଧା ସୃଷ୍ଟି କରୁଛି, ସେତେବେଳେ ନିଜ ଭିତରକୁ ନିରୀକ୍ଷଣ କର ଏବଂ ତୁମେ ଦେଖିବ ତୁମ ଭିତରେହିଁ ସେହି ବାଧାବିଘ୍ନର ଅନୁରୂପଟି ରହିଛି । ନିଜକୁ ବଦଳାଇ ଦିଅ ଏବଂ ପରିସ୍ଥିତିଟି ବଦଳି ଯିବ ।

— ଶ୍ରୀମା

ଶେଷ ପୃଷ୍ଠା :

# ହୃଦୟ ଗୁହା

## ଶ୍ରୀ ବିଶ୍ୱମ୍ଭର ସାମନ୍ତ

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

### (୩)

ଆଶ୍ରମର ଜଣେ ସାଧିକା ମା'ଙ୍କ ପାଖକୁ ନିଜର ଅନୁଭୂତି ଜଣାଇ ଏକ ପତ୍ରରେ ଲେଖିଥିଲେ, ''ସମୟ ସମୟରେ ମୋ ହୃଦୟରେ – ସ୍ଥୂଳ ଦୈହିକ ହୃଦୟ ନୁହେଁ; ସୂକ୍ଷ୍ମ ହୃଦୟରେ ହଠାତ୍ ଏକ ପ୍ରକାର ଅପୂର୍ବ ମଧୁମୟ ଓ ଆନନ୍ଦପ୍ରଦ ଉଷ୍ମ ସ୍ପନ୍ଦନ କିଛିର ଅନୁଭବ ପାଉଛି । ଆଉ କେତେକ ସମୟରେ ହଠାତ୍ ଏକ ଥଣ୍ଡା ଶୀତଳତାର ଅନୁଭବ ମିଳୁଛି ଯାହାକି ହୃଦୟରେ ଏକ ପ୍ରକାର ସୁଖପ୍ରଦ ମୃଦୁ ସମୀର ରୂପେ ଅନୁଭୂତ ହୋଇଥାଏ । ଏହି ଉଭୟ ଅନୁଭୂତିକୁ ଶବ୍ଦରେ ପ୍ରକାଶ କରି ହେବ ନାହିଁ । ମା ଏହା ଉପରେ ଆଲୋକପାତ କରନ୍ତୁ ।''

ଉତ୍ତରରେ ମା ଲେଖିଥିଲେ, ''It must be the warmth of love and coolness of peace.'' ''ଏହା ହେଉଛି ପ୍ରେମର ଉଷ୍ମତା ଓ ଶାନ୍ତିର ଶୀତଳତା ।'' ସାଧିକାଙ୍କର ଏହି ପ୍ରଶ୍ନ ଓ ମା'ଙ୍କର ଏହି ଉତ୍ତର ପଢ଼ି ଆମର ବୁଝିବା କଥା ଯେ ଆମ ହୃଦୟ-କେନ୍ଦ୍ରରେ ମା'ଙ୍କର ଦିବ୍ୟକୃପା ଓ ଶକ୍ତି କିପରି କ୍ରିୟା କରି ଆମ ଭିତରେ ନାନା ଅପୂର୍ବ ଚୈତ୍ୟ ଓ ଆଧ୍ୟାତ୍ମିକ ଅନୁଭୂତି ଆଣି ଦେଇଥାଏ । ଆମେ ସେତେବେଳେ ଧ୍ୟାନ ବା ଏକାଗ୍ରତାର ଅବସ୍ଥାରେ ଥାଇପାରୁ ବା ନ ଥାଇପାରୁ; ହୁଏତ ନାନା କର୍ମ ଭିତରେ ବ୍ୟସ୍ତ ରହିଥାଇପାରୁ, ଯେଉଁ ଅବସ୍ଥାରେ ଥାଉ ନା କାହିଁକି ଆମର ହୃଦୟ-କେନ୍ଦ୍ରଟି ମା'ଙ୍କ ଶକ୍ତି ପ୍ରତି ଖୋଲା ରହିଥିଲେ ଆମ ଭିତରେ ଏହିପରି ଅନେକ ସୂକ୍ଷ୍ମ ଅନୁଭୂତି ଆସିଥାଏ; ଏପରିକି ନିଦ୍ରା ଅବସ୍ଥାରେ ମଧ୍ୟ କେତେକ ସମୟରେ ଆମେ ସେଗୁଡ଼ିକ ସମ୍ପର୍କରେ ସଚେତ ହୋଇଥାଉ ବା ଅନ୍ୟ କେତେକ ସମୟରେ ସେଗୁଡ଼ିକ ସମ୍ପର୍କରେ ଆମର ସ୍ପଷ୍ଟ ଅନୁଭବ ନଥାଏ । ତେବେ ଏହି ଅନୁଭୂତିଗୁଡ଼ିକ ସମ୍ପର୍କରେ ଆମେ ସଚେତ ରହିବାକୁ ଚେଷ୍ଟା ଓ ଅଭୀପ୍ସା କରିବା ନିଶ୍ଚୟ ବାଞ୍ଛନୀୟ ।

ମା'ଙ୍କ ଶକ୍ତିର କ୍ରିୟା ଫଳରେ ହୃଦୟର ଗଭୀରରୁ ଏହି ଅନୁଭୂତିଗୁଡ଼ିକ ଆସିଥାଏ । ହୃଦୟର ଗଭୀରରେ ଥିବା ଆମ ଚୈତ୍ୟ-ଚେତନାରେ ପ୍ରେମ, ଆନନ୍ଦ, ଜ୍ଞାନ ଓ ଶାନ୍ତିଆଦିର ଏହି ଅନୁଭୂତିଗୁଡ଼ିକ ସ୍ପଷ୍ଟ ଧରା ପଡ଼ିଥାଏ । କାରଣ ଦିବ୍ୟ-ଚେତନାର ଏକ ଅଂଶ ରୂପେ ଆମର ଚୈତ୍ୟଚେତନା ଏଗୁଡ଼ିକ ପ୍ରତି ସଦାଉନ୍ମୁକ୍ତ, ଏଥିପାଇଁ ସଦାଅଭୀପ୍ସୁ ଓ ଉନ୍ମୁଖ । କିନ୍ତୁ ଆମେ ନିଜର ଚୈତ୍ୟସତ୍ତା ସମ୍ପର୍କରେ ସଚେତ ନଥିବାରୁ ଅନୁଭୂତିଗୁଡ଼ିକ ମିଳିଲେ ମଧ୍ୟ ଜାଣି ପାରୁନା । ତା' ଛଡ଼ା ଆମ ପ୍ରାଣସତ୍ତାର ନାନା କ୍ରିୟାକଳାପର କେନ୍ଦ୍ର ହେଉଛି ମଧ୍ୟ ଏହି ହୃଦୟ । ଆମେ ବେଶୀ ଭାଗରେହିଁ ଏହି ବାହ୍ୟ ପ୍ରାଣସତ୍ତାର କ୍ରିୟାରେ ବୁଡ଼ି ରହିଥିବାରୁ ଆମ ପ୍ରାଣ ସତ୍ତା ବାହ୍ୟ କୋଳାହଳଗୁଡ଼ିକ ଶୁଣିବାରେହିଁ ବେଶୀ ଅଭ୍ୟସ୍ତ । ଏହି କୋଳାହଳଗୁଡ଼ିକୁ ଶାନ୍ତ ଓ ନୀରବ କରି ନଦେଲେ ଆମେ ଚୈତ୍ୟ-ଚେତନାରେ ମିଳୁଥିବା ଦିବ୍ୟ-ଅନୁଭୂତିଗୁଡ଼ିକ ସମ୍ପର୍କରେ ସଚେତ ହେବୁ କିପରି ? କିନ୍ତୁ ଯୁଗ ଯୁଗ ଧରି, ଏପରିକି ଜନ୍ମ ଜନ୍ମ ଧରି ଚାଲୁଥିବା ପ୍ରାଣସତ୍ତାର କୋଳାହଳକୁ ଶାନ୍ତ ଓ ନୀରବ କରିବା କ'ଣ ଆମର ସାଧ୍ୟ ଓ ଆୟତ୍ତ ଭିତରେ ? ଆମ ପ୍ରାଣସତ୍ତାର କେତେବେଳେ ଉଗ୍ର ଓ ପ୍ରଚଣ୍ଡ ରୂପ ବା ପୁଣି କେତେବେଳେ ବିକଳ, ଦୈନ୍ୟ ଓ ଅସହାୟ ରୂପ ଦେଖି ଆମେ ହୁଏତ ଭୟ ପାଇଯିବୁ ସିନା, କିନ୍ତୁ ତା' ଉପରେ କର୍ତ୍ତୃତ୍ୱ ବିସ୍ତାର କରିବାର କ୍ଷମତା ଆମର କେତେଦୂର ଅଛି ? ଏଇଠି ମନକୁ ଆସୁଛି ମା'ଙ୍କର ସେହି ଆଶ୍ୱାସଭରା କଥାଗୁଡ଼ିକ ଯାହା ଆମେ ଗତ ସଂଖ୍ୟାରେ ଉଦ୍ଧୃତ କରିଥିଲୁ, ''If you are not satisfied with what you are, take the advantage of the Divine's help and change yourself.''

(CWM, Vol. 14, p. 222) – The Mother

''ଯଦି ତୁମେ ନିଜେ ଯାହା, ତହିଁରେ ସନ୍ତୁଷ୍ଟ ନୁହଁ, ତେବେ ଭଗବାନଙ୍କ ସହାୟତାର ସୁଯୋଗ ନିଅ ଓ ନିଜକୁ ପରିବର୍ତ୍ତିତ କର ।''

ଭଗବାନଙ୍କର ଏହି ସହାୟତା କୃପା ରୂପରେ ଓ ଆମକୁ ତାଙ୍କରି ସ୍ୱରୂପରେ ଗଢ଼ି ଦେବା ଲାଗି ତାଙ୍କରିହିଁ ଏକ ସଂକଳ୍ପ ରୂପରେ ବରାବର ରହିଛି । ଜଣେ ସାଧକଙ୍କୁ ଶ୍ରୀଅରବିନ୍ଦ ଏକ ପତ୍ରରେ ଯେପରି ଲେଖିଥିଲେ ''... the Grace and Will

are there, you have to keep open to it in faith and quietude.''

''ଦିବ୍ୟକୃପା ଓ ସଂକଳ୍ପ ବରାବର ରହିଛି, ତୁମକୁ ବିଶ୍ୱାସ ଓ ନୀରବତାର ସହିତ ସେଥିପ୍ରତି ନିଜକୁ ଖୋଲି ଧରିବାକୁ ହେବ ।''

ପ୍ରକୃତରେ ସମସ୍ତ ଯୋଗୀ, ଭକ୍ତ, ଜ୍ଞାନୀ ଓ ସିଦ୍ଧ ମହାପୁରୁଷମାନେ ନିଜ ପ୍ରତ୍ୟକ୍ଷ ଅନୁଭବରୁ କହିଛନ୍ତି ଯେ ଭଗବାନଙ୍କର ଦିବ୍ୟ-ଉପସ୍ଥିତି ତାଙ୍କ କୃପାର ଅନନ୍ତ ଭଣ୍ଡାର ନେଇ ଆମର ଭିତରେ, ବାହାରେ, ଉର୍ଦ୍ଧ୍ୱରେ, ଅଧଃରେ ଆମକୁ ଚତୁର୍ଦ୍ଦିଗରୁ ଘେରି ରହିଛି । ତାଙ୍କ ଛଡ଼ା ଆମର ପୃଥକ୍ ଅସ୍ତିତ୍ୱ କିଛି ନାହିଁ । ଜଡ଼ଠାରୁ ଆରମ୍ଭ କରି ଅତିମାନସ ପର୍ଯ୍ୟନ୍ତ ଚେତନାର ନାନା ସ୍ତର-ବିନ୍ୟାସ ଭିତର ଦେଇ ସ୍ୱୟଂ ଭଗବାନହିଁ ନିଜକୁ ପ୍ରକାଶ ଓ ଅଭିବ୍ୟକ୍ତ କରି ଚାଲିଛନ୍ତି । ଅଜ୍ଞାନର ବାହ୍ୟ ଆବରଣ ପିନ୍ଧି ଥିଲେ ମଧ୍ୟ ଆମେ ମଣିଷମାନେ ଆମ ନିଜର ଯଥାର୍ଥ ଓ ଗୋପନ ସ୍ୱରୂପରେ ସ୍ୱୟଂ ଭଗବାନଙ୍କର ଗୋଟିଏ ଗୋଟିଏ ରୂପ ଓ ପ୍ରକାଶ । ଶ୍ରୀଅରବିନ୍ଦଙ୍କ କଥାରେ, ''... we are already That in our secret nature.''

(CWM, Vol. 8, p. 94)

''ଆମ ଗୋପନ ପ୍ରକୃତିରେ ଆମେ ଦିବ୍ୟ ହୋଇହିଁ ରହିଛୁ ।''

ତା'ହେଲେ ଆମେ କାହିଁକି ଆମର ସମଗ୍ର ପ୍ରୟାସ, ଯତ୍ନ ଓ ଉଦ୍ୟମକୁ ଆମ ନିଜର ସେହି ଭଗବତ୍ ସ୍ୱରୂପରେ ଉତ୍ତୀର୍ଣ୍ଣ ହେବା ଦିଗରେ ନିଷ୍ଠା ଓ ବିଶ୍ୱାସର ସହ ଚାଳିତ କରିବା ନାହିଁ ? ନିଜର ଅନୁଭୂତି ଦେଇ ଆମେ ଜାଣିଛୁ ଯେ ଅହଂର ସମସ୍ତ ପରିପୁଷ୍ଟି, ଫୁଲେଇ ଫମ୍ପେଇ ତାହାକୁ ଯେତେ ବିରାଟ ଆକାର ଦେଲେ ମଧ୍ୟ ତାହା କ୍ଷଣସ୍ଥାୟୀ, ଭୋଗରୁ ଓ କାମନା-ବାସନା ପୂରଣରୁ ମିଳୁଥିବା ସମସ୍ତ ସୁଖ ଅସ୍ଥାୟୀ ଓ ଅନିତ୍ୟ । ବରଂ ତା' ପଛେ ପଛେ ତା'ର ସ୍ଥାନ ପୂରଣ ପାଇଁ ନାନା ବ୍ୟର୍ଥତା, ହତାଶା, ବିଷାଦ ଓ ଦୁଃଖଭୋଗ ଧାଡ଼ିବାନ୍ଧି ସଜାଇ ହୋଇ ରହିଛନ୍ତି । ସବୁ ଜାଣି ମଧ୍ୟ ତଥାପି ଆମେ କାହିଁକି ଏହି ମୋହଗ୍ରସ୍ତ ଜୀବନ ବିତାଇ ଚାଲିଛୁ, ଜୀବନ ଓ ସଂସାରର ନାନା ଅନର୍ଥକୁ ଆଦରି ନେଇ ।

ଏହାର କାରଣସ୍ୱରୂପ କୁହାଯାଇଥାଏ ଯେ ଗତାନୁଗତିକ ଜୀବନର ଧରାବନ୍ଧା ରୀତିନୀତି ଭିତରୁ ବାହାରି ଆସିବା ପାଇଁ ଆମର କୁଣ୍ଠା ବା ଏକ ନୂତନ ପଥ ବାଛି ନେବା ପାଇଁ ସାହସର ଅଭାବ କିଂବା ବାଛି ନେଲେ ମଧ୍ୟ ସେଥିରେ ଚାଲିବା ପାଇଁ ଦେହ, ମନ ଓ ପ୍ରାଣର ଆଳସ୍ୟ ବା ଭଗବତ୍ ବିରୋଧୀ ଶକ୍ତିର ମାୟାଜାଲ ବିସ୍ତାର ଇତ୍ୟାଦି । କିନ୍ତୁ କାରଣ ଯାହା ବି ହେଉ ନା କାହିଁକି ବାସ୍ତବତାଟି ହେଲା ଆମର ବାହ୍ୟ ଜୀବନ ଓ ବାହ୍ୟଚେତନା ସହ ଆମେ ନିଜକୁ ଏକ ବୋଲି ଭାବି ତହିଁରେ ଯେତେ ସ୍ୱାଚ୍ଛନ୍ଦ୍ୟ ଅନୁଭବ କରୁ ସେହି ତୁଳନାରେ ଆମର ହୃଦୟର ଗଭୀରରେ ଭଗବତ୍ ଉପସ୍ଥିତିକୁ ଧାରଣ କରି ରହିଥିବା ଚୈତ୍ୟସତ୍ତା ଓ ଚେତନା ସହ ନିଜକୁ ଏକ ବୋଲି ଭାବୁ ନାହିଁ ବା ତାହାକୁ ଆବିଷ୍କାର କରିବା ପାଇଁ ନିଜର ଅଭୀପ୍ସା, ସଂକଳ୍ପ ଓ ନିଷ୍ଠାକୁ ବଜାୟ ରଖିପାରୁ ନାହିଁ ।

କିନ୍ତୁ ହୃଦୟର ସେହି ଗୁହାରେ, ତା'ର ଗଭୀରରୁ ଆହୁରି ଗଭୀରରେହିଁ ରହିଛି ଆମର ଚୈତ୍ୟସତ୍ତା; ଆମର ଚୈତ୍ୟପୁରୁଷ ଯାହା ଅଭ୍ରାନ୍ତଭାବେ ଜାଣିଥାଏ ଆମ ଜୀବନ ଓ ବିଶ୍ୱଜୀବନର ମୂଳ ରହସ୍ୟଟିକୁ ଓ ଭଗବାନଙ୍କ ଦିବ୍ୟ-ଯୋଜନାରେ ଆମର କର୍ମ ଓ ଜୀବନର ମହତ୍ତ୍ୱ ତଥା ଭୂମିକାଟିକୁ । ତାହାକୁହିଁ ଖୋଜି ଆବିଷ୍କାର କରିବା ଓ ତା' ସହ ଏକ ହୋଇଯିବାହିଁ ପ୍ରତ୍ୟେକ ସାର୍ଥକ ଜୀବନର ପ୍ରଥମ ଓ ପ୍ରଧାନ ଲକ୍ଷ୍ୟ ହେବା ଉଚିତ । ଶ୍ରୀଅରବିନ୍ଦଙ୍କ ଅନୂଦିତ କଠୋପନିଷଦ୍‌ର ସେହି ବିଖ୍ୟାତ ଶ୍ଳୋକ ''... ଅଙ୍ଗୁଷ୍ଠ ମାତ୍ରଃ ପୁରୁଷୋ ...'' କଥା ମନକୁ ଆସୁଛି ।

''The Purusha that is within us is no longer than the finger of a man. He is like a blazing fire that is without smoke. He is lord of His past and His future. He alone is to-day and He alone shall be tomorrow. This is that thou seekest.''

(CWSA : Vol. 18, part - I, *Kena and Other Upanishads*, p. 119)

''ଆମ ଭିତରେ ସେହି ପୁରୁଷ ବିରାଜିତ, ଯାହାଙ୍କର ଆକୃତି ମନୁଷ୍ୟର ଅଙ୍ଗୁଷ୍ଠିଠାରୁ ଅଧିକ ନୁହେଁ । ସେ ଏକ ପ୍ରଜ୍ୱଳିତ ଧୂମହୀନ ଅଗ୍ନିଶିଖା ପରି । ସେ ତାଙ୍କର ଅତୀତ ଓ ଭବିଷ୍ୟତର ପ୍ରଭୁ । ସେହିଁ କେବଳ ଆଜି ବିରାଜମାନ ରହିଛନ୍ତି ଓ ଆଗାମୀ କାଲି ମଧ୍ୟ ସେହିଁ କେବଳ ବିରାଜମାନ ରହିଥିବେ । ତାହାଙ୍କୁହିଁ ତୁମେ ଅନ୍ୱେଷଣ କରୁଛ ।''

## (୪)

ହୃଦୟ-କେନ୍ଦ୍ରର ପଶ୍ଚାତ୍‌ରେ, ଗଭୀର ଭିତରେ ଆମର

ଚୈତ୍ୟସତ୍ତା ରହିଛି ବୋଲି ଶ୍ରୀଅରବିନ୍ଦ କହିଛନ୍ତି ଓ ଶ୍ରୀମା'ଙ୍କ କହିବାନୁସାରେ ସେହି ସୁଡ଼ଙ୍ଗର ଶେଷରେହିଁ ଦିବ୍ୟ-ଆଲୋକ ଓ ଦିବ୍ୟ-କୃପା ସହ ଆମର ପ୍ରତ୍ୟକ୍ଷ ସାକ୍ଷାତ୍ ହେବ । ଏ ବିଷୟ ଆମେ ଆଗରୁ ଉଲ୍ଲେଖ କରିଛୁ । ବର୍ତ୍ତମାନ ଦେଖିବା ପାଇଁ ଚେଷ୍ଟା କରିବା ଆମ ନିଜ ଭିତରେ ଏହି ସମସ୍ତ ଦିବ୍ୟ-ଚେତନା ସଦାସର୍ବଦା ଉପସ୍ଥିତ ରହିଥିଲେ ମଧ ଆମେ କାହିଁକି ସେ ସମ୍ପର୍କରେ ସଚେତ ହୋଇ ପାରୁନା । ତା'ର ପ୍ରଧାନ କାରଣ ହେଉଛି ଆମର ଦୃଷ୍ଟି, ଆମ ଚେତନାର ଗତିବୃତ୍ତି ମୁଖ୍ୟତଃ ବାହାର ଆଡ଼କୁ ପ୍ରସାରିତ, ଭିତର ଆଡ଼କୁ ନୁହେଁ । କିନ୍ତୁ ସମସ୍ତ ଯୋଗ-ସାଧନାର ପ୍ରଥମ କଥା ହେଉଛି ଏହି ଦୃଷ୍ଟିକୁ, ଚେତନାର ଏହି ଗତିକୁ ବାହାର ଆଡୁ ଗୋଟାଇ ଆଣି ଭିତର ଆଡ଼କୁ ଫେରାଇ ଆମ ନିଜ ଭିତରକୁ, ଆହୁରି ଗଭୀର ଭିତରକୁ ବୁଡ଼ିଯିବା, ବାହ୍ୟ ଚେତନା ଓ ବାହ୍ୟ ଦୃଷ୍ଟି ବଦଳରେ ଏକ ଅନ୍ତର୍ଦୃଷ୍ଟି ଓ ଅନ୍ତର୍ଚେତନା ଲାଭ କରିବା । ଅବଶ୍ୟ ପୂର୍ଣ୍ଣଯୋଗ ଯେଉଁ ଲକ୍ଷ୍ୟ ଗ୍ରହଣ କରିଛି ତହିଁରେ ବାହାର ଓ ଭିତର, ବାହ୍ୟ ଜୀବନ ଓ ଅନ୍ତର୍ଜୀବନ ଉଭୟହିଁ ଅନ୍ତର୍ଗତ । ଅନ୍ତରସ୍ଥ ଚୈତ୍ୟ ଚେତନାର ନେତୃତ୍ୱରେହିଁ ବାହ୍ୟ ଚେତନା ଓ ଜୀବନକୁ ଗଢ଼ିବାକୁ ହେବ କିନ୍ତୁ ଏଥିପାଇଁ ପ୍ରଥମେ ଯେଉଁ କାମଟି କରିବାକୁ ହେବ ତା' ହେଲା ପ୍ରଥମେ ଭିତରେ ପ୍ରବେଶ କରି ଆମ ଆନ୍ତର-ଚେତନା କିପରି ଚୈତ୍ୟ-ଚେତନା ସହ ଗଭୀର ଭିତରେ ମିଳିତ ଓ ଯୁକ୍ତ ହୋଇ ରହିଛି ତାହା ଉପଲବ୍ଧି କରିବା ।

ଆମକୁ ବୁଝିବାକୁ ହେବ ଆମର ଅହଂଗତ ଜୀବନକୁ ନେଇ କାମନା-ବାସନାର ଚରିତାର୍ଥପୂର୍ବକ ଆମେ ଯେଉଁ କୃତିତ୍ୱ ଓ ସାଫଲ୍ୟସବୁ ଖୋଜୁ, ସେଗୁଡ଼ିକର ଆଧାର ବାହ୍ୟ ଜଗତରେ, ବାହ୍ୟ ଜୀବନରେହିଁ ରହିଥାଏ, ଯଦିଓ ତହିଁରୁ ଯେଉଁ ତୃପ୍ତି ଓ ସନ୍ତୋଷ ଲାଭ କରୁ ତାହା ଆମ ନିଜ ଭିତରୁହିଁ ମିଳିଥାଏ, ଗଭୀର ହେଉ ବା ଅଗଭୀର ହେଉ, ସମସ୍ତ ତୃପ୍ତି ଓ ସନ୍ତୋଷର ସ୍ଥାନ ଆମ ନିଜ ଭିତରେ । କିନ୍ତୁ ସେହି ତୃପ୍ତି ଅନପେକ୍ଷ ବା ସ୍ୱୟଂସମ୍ପୂର୍ଣ୍ଣ ନୁହେଁ, ତାହା ଅପେକ୍ଷା ଓ ନିର୍ଭର କରିଥାଏ ବାହ୍ୟ ଜୀବନର ନାନା କାର୍ଯ୍ୟସିଦ୍ଧି ଓ ପ୍ରାପ୍ତି ଆଦି ଉପରେ । ତେଣୁ ତାହା ସ୍ଥାୟୀ ହୁଏ ନାହିଁ, କାମନାର ନୂଆ ନୂଆ ପ୍ରବେଗ ଆସି ଆମର ସମସ୍ତ ଶାନ୍ତି, ସନ୍ତୋଷକୁ ପୁଣି ଦୋହଲାଇ ଦିଏ । ତେଣୁ ପ୍ରଥମେ ଆମକୁ ନିଜ ଭିତରେ ଏପରି ଏକ ଶାନ୍ତି, ସନ୍ତୋଷ, ତୃପ୍ତି ଓ ଆନନ୍ଦ ଖୋଜିବାକୁ ହେବ ଯାହା ବାହାରର କୌଣସି କିଛି ଉପରେ ନିର୍ଭରଶୀଳ ନୁହେଁ । ତାହା ସ୍ୱୟଂସ୍ଥିତ, ସ୍ୱୟଂସିଦ୍ଧ ଓ ସ୍ୱୟଂସମ୍ପୂର୍ଣ୍ଣ ହୋଇ ରହିଛି ଆମ ହୃଦୟର ଗଭୀର ଭିତରେ । ସେହି ଦିବ୍ୟ-ଚେତନାରେ ଉତ୍ତୀର୍ଣ୍ଣ ହେବାହିଁ ଆମ ଜୀବନର ପ୍ରଧାନ ଓ ପରମ ଲକ୍ଷ୍ୟ । ଏପରିକି ଶ୍ରୀଅରବିନ୍ଦ କହିଛନ୍ତି ଆମକୁ ଜୀବନଟି ଦିଆଯାଇଛି ସେଇଥିପାଇଁ । କିନ୍ତୁ ଆମେ ସେଇ ଲକ୍ଷ୍ୟକୁ ଭୁଲିଯାଇ ଲିପ୍ତ ରହିଥାଉ ବାହ୍ୟ ଜୀବନର ନାନା କର୍ମ ଓ ଆସକ୍ତି ଭିତରେ, ଯାହାର ପ୍ରଧାନ ଲକ୍ଷ୍ୟ ହେଉଛି ସ୍ଥୂଳ ବା ସୂକ୍ଷ୍ମ ନାନା ଇନ୍ଦ୍ରିୟାନୁଭୂତିର ଉପଭୋଗ ଓ ତହିଁରୁ ମିଳୁଥିବା କ୍ଷଣସ୍ଥାୟୀ ଆନନ୍ଦ ।

କିନ୍ତୁ ଏପରି ହୋଇଥାଏ କାହିଁକି ? କାରଣ ହେଉଛି ଆମର ବାହ୍ୟସତ୍ତାରେ ଇନ୍ଦ୍ରିୟଗୁଡ଼ିକ ବହିର୍ମୁଖୀ ହୋଇ ରହିଥାଆନ୍ତି ଓ ତାହାର ପ୍ରଭାବରେ ଆମର ମନ ଓ ପ୍ରାଣ ମଧ ସେହିପରି ବହିର୍ମୁଖୀ ହୋଇ ରହିଥାଏ । ବିଶ୍ୱଜଗତର ବିଭିନ୍ନ ବସ୍ତୁକୁ ଆମେ ନିଜଠାରୁ ପୃଥକ୍ କରି ଆମ ବାହାରର ବସ୍ତୁ ରୂପେହିଁ ଦେଖୁ ଓ ସେହି ଧରଣର ଦେଖିବା, ଆମର ସେହି ଦୃଷ୍ଟି ବା ପ୍ରତ୍ୟକ୍ଷହିଁ କାମନା-ବାସନାର ରୂପ ନେଇ ଆମକୁ ଭଲ ଲାଗୁଥିବା ଅଥଚ ଆମ ବାହାରର ବସ୍ତୁରୂପେ ମନେ ହେଉଥିବା ସେଗୁଡ଼ିକ ପଛରେ ପ୍ରଲୁବ୍ଧ ହୋଇ ଧାଇଁ ବୁଲିବାରେ ଲାଗିଥାଏ । ଆମେ ଭୁଲିଯାଉ ଯେ ସେହି ଏକ ଓ ଅଦ୍ୱୈତ ପରମ ସତ୍ୟହିଁ ଭିନ୍ନ ଭିନ୍ନ ରୂପ ନେଇ ଆମ ଆଗରେ ପ୍ରତୀୟମାନ ହେଉଛି, 'ରୂପଂ ରୂପଂ ପ୍ରତିରୂପଂ ବଭୁବ' । ଆମର ସମଗ୍ରସତ୍ତା ନେଇ ଆମେ ସ୍ୱୟଂ ସେହି ଦିବ୍ୟ-ସତ୍ୟରହିଁ ଏକ ରୂପାୟନ ଏବଂ ଆମର କାମ୍ୟ ବୋଲି ମନେ ହେଉଥିବା ସେହି ବସ୍ତୁସବୁ ଆମଠାରୁ ଭିନ୍ନ ବା ପୃଥକ୍ ନୁହନ୍ତି, ଆମର ବାହାରେ ରହି ନାହାନ୍ତି । ଆମ ନିଜ ଭିତରେ ଯଦି ସେହି ଏକ ଓ ଅଦ୍ୱୈତ ସତ୍ୟର ଉପଲବ୍ଧି ହୁଏ ତେବେ ତହିଁରୁ ଯେଉଁ ଅକ୍ଷୟ, ଅବିନାଶୀ ତୃପ୍ତି, ସନ୍ତୋଷ ଓ ଆନନ୍ଦ ଲାଭ କରିବୁ, ତହିଁରେ ଅନ୍ତର୍ଗତ ହୋଇ ରହିଛି ସେହିସବୁ ତଥାକଥିତ କାମ୍ୟ ବସ୍ତୁକୁ ଲାଭ କରିବାର ଓ ଭୋଗ କରିବାର ସମସ୍ତ ଆନନ୍ଦ ।

ତଥାପି ଆମେ ସେହି ସ୍ୱୟଂସମ୍ପୂର୍ଣ୍ଣ ଆନନ୍ଦ ପାଇବାକୁ ଚେଷ୍ଟା ନକରି ଆମର ସମଗ୍ର ଜୀବନଟିକୁ ବ୍ୟୟ କରି ଚାଲିଥାଉ ତୁଚ୍ଛ କାମନାବାସନା ପରିପୂରଣର ଭ୍ରାନ୍ତିରେ । କଠୋପନିଷଦ୍‌ର ସେଇ କଥାଗୁଡ଼ିକ ମନକୁ ଆସୁଛି "...ସୁତରାଂ ଜୀବ ବହିର୍ବିଷୟ-ସମୂହକୁହିଁ ଦର୍ଶନ କରେ, ଅନ୍ତରାତ୍ମାକୁ ନୁହେଁ । କେହି କେହି ବିବେକୀ ବ୍ୟକ୍ତି ଅମୃତତ୍ୱର ଅଭିଳାଷୀ ହୋଇ ଇନ୍ଦ୍ରିୟ-ସଂଯମପୂର୍ବକ ଆତ୍ମାକୁ ଦର୍ଶନ କରନ୍ତି । ଅଳ୍ପ ବୁଦ୍ଧି-ସଂପନ୍ନ

ବ୍ୟକ୍ତିମାନେ ବାହ୍ୟ ଭୋଗ ବିଷୟଗୁଡ଼ିକର ଅନୁଗମନ କରନ୍ତି । ତାହା ଫଳରେ ସେମାନେ ସର୍ବତୋବ୍ୟାପ୍ତ ଅବିଦ୍ୟା-କାମ-କର୍ମାଦିରେ ଲିପ୍ତ ହୋଇ ମୃତ୍ୟୁ ପାଶରେ ଆବଦ୍ଧ ହୁଅନ୍ତି । କିନ୍ତୁ ଧୀର ଓ ବିଜ୍ଞ ବ୍ୟକ୍ତିଗଣ ଅମୃତତ୍ୱର ଜ୍ଞାନ ଲାଭ କରି, ଜଗତର ଅନିତ୍ୟ ବସ୍ତୁଗୁଡ଼ିକ ମଧ୍ୟରୁ କୌଣସି କିଛିର କାମନା କରନ୍ତି ନାହିଁ ।'' ଯେ ପ୍ରକୃତ ଜ୍ଞାନୀ, ସେ ଜାଣେ ଯେ ଆମେ, ଆମର ସମସ୍ତ କାମନାର ବସ୍ତୁ, ତାହାର ଭୋଗ-ବାସନା ଓ ତହିଁରୁ ମିଳୁଥିବା ସମସ୍ତ ଆନନ୍ଦ ଆଦି ସବୁକିଛି ସେହି ସଦା ବିରାଜମାନ ପରମ ଏକ ଓ ଅଦ୍ୱୈତ ସତ୍ୟର ଭିନ୍ନ ଭିନ୍ନ ସ୍ପନ୍ଦନ ମାତ୍ର । ତେଣୁ ସେହି ସମସ୍ତ ସ୍ପନ୍ଦନର ମୂଳଉସ୍ ହୋଇ ରହିଥିବା ସଚ୍ଚିଦାନନ୍ଦଙ୍କୁହିଁ ସେହି ଜ୍ଞାନୀ ନିଜ ଭିତରେ ଅନ୍ୱେଷଣ କରେ; ଆମ ନିଜ ଭିତରେ ଶକ୍ତି ଓ ଜ୍ଞାନର ଯେଉଁ ଅକଳନ ଭଣ୍ଡାର ରହିଛି, ପ୍ରେମ ଓ ଆନନ୍ଦର ଯେଉଁ ଅକ୍ଷୟ ସମ୍ପଦ ରହିଛି ସେ ତାହାକୁହିଁ ଖୋଜି ଚାଲିଥାଏ । ଆମକୁ ମଧ୍ୟ ସେହିପରି ଖୋଜି ଚାଲିବାକୁ ହେବ ଯଦି ଆମେ ଭାବୁଥାଉ ଭଗବାନଙ୍କୁ ପାଇବା ପାଇଁ ଆମେ ଯୋଗ ଓ ସାଧନାର ପଥ ଗ୍ରହଣ କରିଛୁ । ଏବଂ ସେହି ଖୋଜିବାକୁ ଆମ ଜୀବନରେ ସାର୍ଥକ କରିବାକୁ ହେଲେ ଆମର ପ୍ରଥମ କାମ ହେବ ବସ୍ତୁସବୁର ଯେଉଁ ବାହ୍ୟ ସ୍ୱରୂପ ଦିଗରେ ଆମର ଚେତନା ସଦାସର୍ବଦା ପ୍ରବାହିତ ହୋଇ ଚାଲିଛି, ଆମ ଚେତନାର ସେହି ବହିର୍ମୁଖୀ ପ୍ରବାହକୁ ସେସବୁରୁ ପ୍ରତ୍ୟାହାର କରି ଆଣି, ଓଲଟାଇ ଦେଇ ଅନ୍ତର୍ମୁଖୀ କରାଇବା ଓ ନିଜର ହୃଦୟ-ଗୁହା ଭିତରେ ତାହାକୁ ପ୍ରବିଷ୍ଟ ଓ ଅନ୍ତର୍ଲୀନ କରାଇବା । ତା'ହେଲେ କେବଳ ଆମର ସମଗ୍ର ଚେତନା ସର୍ବତୋଭାବେ ଏକ ଅନ୍ତର୍ଚେତନାର ରୂପ ଗ୍ରହଣ କରିବ ଓ ହୃଦୟ ଗୁହାର ଆହୁରି ଭିତରକୁ ଭିତରକୁ ପ୍ରବେଶ କରି, ସେହି ସୁଡ଼ଙ୍ଗର ଶେଷରେ ଦର୍ଶନ କରିବ ଆମ ହୃଦୟ-ସିଂହାସନରେ ନିତ୍ୟ ଆସୀନା ଭଗବତୀ ଜନନୀଙ୍କୁ ଏବଂ ତାଙ୍କର ଶକ୍ତି ଓ କୃପାର ଦିବ୍ୟ-ଆଲୋକପ୍ରାପ୍ତ ହୋଇ, ଚୈତ୍ୟ ଚେତନା ସହ ଯୁକ୍ତ ଓ ମିଳିତ ହୋଇ ଆମର ସେହି ଚେତନା ନିଜକୁ ରୂପାନ୍ତରିତ କରିବ ଏକ ଦିବ୍ୟ-ଚେତନାରେ । ✤

Your soul blossoms to the Light as a flower opens to the sun.
(CWM Vol. 14, p. 330) – The Mother

*With best compliments from :*

**AUM SWASTIK FOODS**

**MAITAPUR, BALASORE, ODISHA**

Statement about ownership and other particulars about the newspaper (NAVAJYOTI) to be published in the first issue of every year after the last day of February.

## Form – IV

(See Rule 8)

| | | | |
|---|---|---|---|
| 1. | Place of Publication | ··· | Sri Aurobindo Ashram, Pondicherry - 605 002 |
| 2. | Periodicity of its Publication | ··· | Quarterly |
| 3. | Printer's Name | ··· | Swadhin Chatterjee |
| | Nationality | ··· | Indian |
| | Address | ··· | Sri Aurobindo Ashram Press, Pondicherry - 605 002 |
| 4. | Publisher's Name | ··· | Manoj Das Gupta |
| | Nationality | ··· | Indian |
| | Address | ··· | Sri Aurobindo Ashram, Pondicherry - 605 002 |
| 5. | Editor's Name | ··· | Biswambhara Samanta |
| | Nationality | ··· | Indian |
| | Address | ··· | Sri Aurobindo Ashram, Pondicherry - 605 002 |
| 6. | Name and Address of individuals who own the newspaper and partners or shareholders holding more than one percent of the total capital. | ··· | Sri Aurobindo Ashram Trust, Pondicherry - 605 002 |

I, Sri Manoj Das Gupta, hereby declare that the particulars given above are true to the best of my knowledge and belief.

(Sd/) Manoj Das Gupta
*Date : 25.04.2019* *Signature of Publisher*

Vol. LXII, No. 2, NAVAJYOTI – 24 April 2019, R. N. 8889/63

ନବଜ୍ୟୋତି ପ୍ରକାଶନ ବିଭାଗ ଦ୍ୱାରା ପ୍ରକାଶିତ ପୁସ୍ତକମାନ ତଥା ନବପ୍ରକାଶ, ନବଜ୍ୟୋତି ପତ୍ରିକା ପାଇବା ନିମନ୍ତେ Draft ପଠାଇଲେ **Navajyoti Publication** ନାମରେ Draft କରିବାକୁ ଅନୁରୋଧ ।


**ବିଶେଷ ସୂଚନା :**

ଶ୍ରୀଅରବିନ୍ଦଙ୍କ

## ସାବିତ୍ରୀ

**ଏକ ଆଖ୍ୟାନ ଏବଂ ପ୍ରତୀକ**

(ଓଡ଼ିଆ ପଦ୍ୟାନୁବାଦ)




**ଶ୍ରୀ ନିମାଇଁ ଚରଣ ମହାପାତ୍ର**ଙ୍କ ଦ୍ୱାରା ଅନୂଦିତ ଶ୍ରୀଅରବିନ୍ଦଙ୍କ ମହାକାବ୍ୟ ସାବିତ୍ରୀର ଓଡ଼ିଆ ପଦ୍ୟାନୁବାଦର ଦ୍ୱିତୀୟ ସଂକଳନ ପ୍ରକାଶ ପାଇଲା । ବହୁ ପ୍ରତୀକ୍ଷିତ ଏହି ପୁସ୍ତକଟି ଶ୍ରୀମାଶ୍ରୀଅରବିନ୍ଦଙ୍କ ଯୋଗ ଓ ଦର୍ଶନରେ ଅନୁପ୍ରାଣିତ ଭକ୍ତମାନଙ୍କ ପାଖରେ ବିଶେଷ ଆଦୃତ ହେବ ବୋଲି ଆଶା ।

୫୮୧ ପୃଷ୍ଠା ସମ୍ବଳିତ ପୁସ୍ତକଟିର ମୂଲ୍ୟ : **ଟ. ୨୬୫/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry - 2 and Printed by Swadhin Chatterjee at Sri Aurobindo Ashram Press, Pondicherry - 2, India.

Editor : Biswambhara Samanta

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

**Single Copy : Rs. 20.00, Annual Subscription : Rs. 80.00, Life Member (20 years) : Rs. 800.00**